# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୧୧/୨୦୨୪ (୨୦ ପୃଷ୍ଠା) Bhubaneswar, Thursday, January 11/2024 Page 20 ₹ 7.00

୫୦ଶ ଭାଗ ୪୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 49 ମୂଲ୍ୟ₹୭/-





## ଲାକ୍ଷାଦ୍ୱୀପ ବିବାଦର ପାର୍ଶ୍ୱ ପ୍ରତିକ୍ରିୟା

# ମାଳଦ୍ୱୀପ-ଚାଇନା ୨୦ ଚୁକ୍ତି

ବେଜିଂ/ମାଲେ/ନୂଆଦିଲ୍ଲୀ,୧୦।୧

ଲାକ୍ଷାଦ୍ୱୀପକୁ ନେଇ ଭାରତ ସହ ମାଳଦ୍ୱୀପର କୂଟନୈତିକ ସମ୍ପର୍କରେ ତିକ୍ତତା ବଢ଼ିବାରେ ଲାଗିଛି। ଏଭଳି ସମୟରେ ୫ ଦିନିଆ ବେଜିଂ ଗସ୍ତରେ ଥିବା ମାଳଦ୍ୱୀପ ରାଷ୍ଟ୍ରପତି ଡ. ମୋହମ୍ମଦ ମୁଇଜ୍ଜୁ ବୁଧବାର ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗଙ୍କୁ ଭେଟିଛନ୍ତି। ଏହି ଅବସରରେ ୨ ଦେଶ ମଧ୍ୟରେ ପର୍ଯ୍ୟଟନରେ ସହଯୋଗ ବୃଦ୍ଧି ସମେତ ୨୦ଟି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହାକୁ ଲାକ୍ଷାଦ୍ୱୀପ-ମାଳଦ୍ୱୀପ ବିବାଦର 'ସାଇଡ୍ ଇଫେକ୍ଟ'ବୋଲି କୁହାଯାଉଛି।

ଚାଇନା ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ଓ ମାଳଦ୍ୱୀପ ରାଷ୍ଟ୍ରପତି ମୁଇଜ୍ଜୁ ପରସ୍ପର ସହ ଆଲୋଚନାବେଳେ ଦ୍ୱିପାକ୍ଷିକ ସମ୍ପର୍କକୁ ବିସ୍ତୃତ ରଣନୈତିକ ସହଯୋଗ ସହଭାଗିତା ପର୍ଯ୍ୟନ୍ତ ନେବାକୁ ଘୋଷଣା କରିଛନ୍ତି। ପର୍ଯ୍ୟଟନ ସହଯୋଗିତା, ବିପର୍ଯ୍ୟୟ ପରିଚାଳନା, ନୀଳ ଅର୍ଥନୀତି ସମେତ ଡିଜିଟାଲ ଇକୋନୋମି ଏବଂ ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍ (ବିଆର୍‌ଆଇ) ପ୍ରକଳ୍ପରେ ନିବେଶ ବୃଦ୍ଧି ପାଇଁ ମଧ୍ୟ ଦୁଇଦେଶ ମଧ୍ୟରେ ସହମତି ପ୍ରକାଶ ପାଇଛି। ମାଳଦ୍ୱୀପକୁ ଚାଇନା ଆର୍ଥିକ ସହାୟତା ପ୍ରଦାନ ପାଇଁ ମଧ୍ୟ ରାଜି ହୋଇଛି। କିନ୍ତୁ ତାହା କେତେ ପରିମାଣର, ଘୋଷଣା କରାଯାଇ ନାହିଁ। ଗ୍ରେଟ୍ ହଲ୍ ଅଫ୍ ପିପୁଲରେ ମୁଇଜ୍ଜୁ ଓ ତାଙ୍କ ସ୍ତ୍ରୀ ଜାଜିଦା ମୋହମ୍ମଦଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ଓ ତାଙ୍କ ସ୍ତ୍ରୀ ପେଙ୍ଗ୍ ଲିୟୁଆନ୍ ମୁଇଜ୍ଜୁ ଦମ୍ପତିଙ୍କୁ ସ୍ୱତନ୍ତ୍ର ଭାବେ ଆପ୍ୟାୟିତ କରିଥିଲେ। ମୁଇଜ୍ଜୁ ଏଭଳି ସମୟରେ ଚାଇନା ଗସ୍ତ କରିଛନ୍ତି, ଯେତେବେଳେ କି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ଲାକ୍ଷାଦ୍ୱୀପ ଫଟୋ'କୁ ନେଇ ମାଳଦ୍ୱୀପ ସହ ସମ୍ପର୍କ ଖରାପ ହୋଇଛି। ମୋଦି ଲାକ୍ଷାଦ୍ୱୀପର ଫଟୋ ଓ ଭିଡିଓଗୁଡ଼ିକୁ ଛାଡ଼ିବା ପରେ ଭାରତୀୟ ସେଲିବ୍ରିଟିମାନେ ପ୍ରତିକ୍ରିୟାଶୀଳ ହୋଇ ଉଠିଛନ୍ତି। ଲାକ୍ଷାଦ୍ୱୀପ ଥାଉ ଥାଉ ମାଳଦ୍ୱୀପ ଯିବା ଅନାବଶ୍ୟକ ବୋଲି ଅନେକେ ମତ ଦେଉଛନ୍ତି। ଏପରି କି ସେଠାକୁ ଯିବାକୁ ଥିବା ପର୍ଯ୍ୟଟକମାନେ ମଧ୍ୟ ନିଜ ଗସ୍ତକୁ ବାତିଲ କରୁଥିବା ସୋସିଆଲ ମିଡିଆରେ ପ୍ରକାଶ ପାଉଛି। ସେପଟେ ମୋଦିଙ୍କ ଉପରେ ଆପତ୍ତିଜନକ ମନ୍ତବ୍ୟ ଦେଇ ବିବାଦୀୟ ହୋଇଥିବା ମାଳଦ୍ୱୀପର ୩ ଉପମନ୍ତ୍ରୀଙ୍କୁ ସେମାନଙ୍କ ପଦରୁ ନିଲମ୍ବନ କରାଯାଇଛି। ଅନ୍ୟପକ୍ଷେ ଭାରତ ସହ ବିବାଦକୁ ନେଇ ମାଳଦ୍ୱୀପର ବିରୋଧୀ ଦଳ ନେତା ତଥା ମାଳଦ୍ୱୀପ ଗଣତାନ୍ତ୍ରିକ ଦଳ ଅଧ୍ୟକ୍ଷ ଫୟାଜ୍ ଇସ୍‌ମାଇଲ୍ ନିଜ ଦେଶର ସରକାରଙ୍କ ଉପରେ ବର୍ଷିଛନ୍ତି। ଭାରତ ଓ ମୋଦିଙ୍କ ବିରୋଧରେ ଦିଆଯାଇଥିବା ମନ୍ତବ୍ୟ ଗ୍ରହଣୀୟ ନୁହେଁ। ସରକାର ଭାରତ ସହ ସମ୍ପର୍କରେ ସୁଧାର ଆଣନ୍ତୁ ବୋଲି ସେ ଦାବି କରିଛନ୍ତି। ରାଷ୍ଟ୍ରପତି ମୁଇଜ୍ଜୁ ଜାନୁୟାରୀ ୧୨ରେ ମାଲେ ଫେରିବେ। ସେତେବେଳ ପର୍ଯ୍ୟନ୍ତ ଏହି ଦୁଇ ପଡ଼ୋଶୀ ରାଷ୍ଟ୍ରର ସମ୍ପର୍କରେ କେମେଷ୍ଟ୍ରି ନୂଆଦିଲ୍ଲୀ ପାଇଁ ଅନୁଧ୍ୟାନଯୋଗ୍ୟ ବିଷୟ।



ବେଜିଂସ୍ଥିତ ଗ୍ରେଟ୍ ହଲ୍ ଅଫ୍ ପିପୁଲରେ ମାଳଦ୍ୱୀପ ରାଷ୍ଟ୍ରପତି ମୋହମ୍ମଦ ମୁଇଜ୍ଜୁଙ୍କ ସହ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗ୍ । ମୁଇଜଙ୍କ ସ୍ତ୍ରୀ ଜାଜିଦା ମୋହମ୍ମଦ (ବାମ) ଏବଂ ଜିନ୍‌ପିଙ୍ଗଙ୍କ ସ୍ତ୍ରୀ ପେଙ୍ଗ୍ ଲିୟୁଆନ (ଡାହାଣ) ଉପସ୍ଥିତ।

## ଅଧିକ ପିଲା ଜନ୍ମ କର, ମୋଦି କରିଦେବେ ଘର

### ରାଜସ୍ଥାନ ମନ୍ତ୍ରୀଙ୍କ ହାସ୍ୟାସ୍ପଦ ମନ୍ତବ୍ୟ

ଜୟପୁର,୧୦।୧

ରାଜସ୍ଥାନ ସରକାରର କ୍ୟାବିନେଟ୍ ମନ୍ତ୍ରୀ ବାବୁଲାଲ ଖରାଡ଼ି ରାଜ୍ୟବାସୀଙ୍କୁ ଅଧିକ ସଂଖ୍ୟକ ପିଲା ଜନ୍ମ କରିବାକୁ ପରାମର୍ଶ ଦେଇଛନ୍ତି। ସେ କହିଛନ୍ତି, ଆପଣମାନେ ପିଲାଙ୍କୁ ଜନ୍ମଦେଇ ଚାଲନ୍ତୁ। ସେମାନଙ୍କ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘର ତିଆରି କରିଦେବେ।

ଆଦିବାସୀ ଅଞ୍ଚଳ ବିକାଶ ମନ୍ତ୍ରୀ ଖରାଡ଼ି କହିଥିଲେ, କେହି ଭୋକିଲା ଶୋଇବେ ନାହିଁ ଏବଂ ମୁଣ୍ଡ ଉପରେ ଛାତ ନ ଥାଇ ରହିବେ ନାହିଁ। ଏହା ହେଉଛି ପ୍ରଧାନମନ୍ତ୍ରୀ ମୋଦିଙ୍କ ସ୍ୱପ୍ନ। ତେଣୁ ଆପଣମାନେ ପର୍ଯ୍ୟାପ୍ତ ପରିମାଣର ପିଲା ଜନ୍ମ କରନ୍ତୁ। ପ୍ରଧାନମନ୍ତ୍ରୀ ସେମାନଙ୍କ ପାଇଁ ଘର କରିଦେବେ। ଅସୁବିଧା କ'ଣ ବୋଲି ମଙ୍ଗଳବାର ଉଦୟପୁରରେ ଏକ ସଭାକୁ ସମ୍ବୋଧିତ କରି ଖରାଡ଼ି ପ୍ରଶ୍ନ କରିଥିଲେ। ଝାଡୋଲ ନିର୍ବାଚନମଣ୍ଡଳୀରୁ ବିଧାନସଭାରେ ଚତୁର୍ଥ ଥର ପ୍ରତିନିଧିତ୍ୱ କରୁଥିବା ଖରାଡ଼ିଙ୍କ ୮ ପିଲାଛୁଆ ଅଛନ୍ତି। ଦୁଇଜଣ ସ୍ତ୍ରୀଙ୍କଠାରୁ ୪ ପୁଅ ଓ ୪ ଝିଅ। ପରା ପରିବାର ଉଦୟପୁର ତହସିଲ କୋଟ୍‌ଡାଠାରୁ ୩ କି.ମି. ଦୂର ନିଚଲା ଥାଲା ଗ୍ରାମରେ ବସବାସ କରନ୍ତି। ଉଦୟପୁରର ନାଇ ଗ୍ରାମରେ ଆୟୋଜିତ 'ବିକଶିତ ଭାରତ ସଂକଳ୍ପ ଯାତ୍ରା'ରେ ଖରାଡ଼ି ଏପରି ଭାଷଣ ଦେବାବେଳେ ମଞ୍ଚରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ମଧ୍ୟ ଉପସ୍ଥିତ ଥିଲେ। ଖରାଡ଼ିଙ୍କ ମନ୍ତବ୍ୟ ଶୁଣି ଉପସ୍ଥିତ ଜନତା ଠୋ ଠୋ ହସିବାରେ ଲାଗିଲେ। ଜନପ୍ରତିନିଧିମାନେ ମଧ୍ୟ ହସି ହସି ପରସ୍ପର ମୁହଁକୁ ଅନେଇଥିଲେ। ୨୦୨୨ରେ ରାଜସ୍ଥାନର ପଞ୍ଚଦଶ ବିଧାନସଭାରେ ଖରାଡ଼ିଙ୍କୁ ସର୍ବୋତ୍ତମ ବିଧାୟକ ମାନ୍ୟତା ପ୍ରଦାନ କରାଯାଇଥିଲା।



ବାବୁଲାଲ ଖରାଡ଼ି

## '୩୭୦'ରାୟ ସମୀକ୍ଷା ପାଇଁ ସୁପ୍ରିମକୋର୍ଟରେ ଆବେଦନ

ନୂଆଦିଲ୍ଲୀ,୧୦।୧

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ସମ୍ପର୍କିତ ରାୟର ସମୀକ୍ଷା ପାଇଁ ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ ହୋଇଛି। ୨୦୧୯ରେ କେନ୍ଦ୍ର ସରକାର ଅନୁଚ୍ଛେଦ ୩୭୦କୁ ଉଚ୍ଛେଦ କରିଥିଲେ। ଏହି ପଦକ୍ଷେପର ସାମ୍ବିଧାନିକ ବୈଧତାକୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରାଯାଇଥିଲା। ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ଗତମାସରେ ଅନୁଚ୍ଛେଦ ୩୭୦କୁ ଏକ ଅସ୍ଥାୟୀ ବ୍ୟବସ୍ଥା କହି କେନ୍ଦ୍ରର ନିଷ୍ପତ୍ତିକୁ ବଳବତ୍ତର ରଖିବା ସହ ଆବେଦନଗୁଡ଼ିକୁ ଖାରଜ କରିଦେଇଥିଲେ। ଏହି ରାୟର ପୁନର୍ବିଚାର ପାଇଁ ଜେଆଣ୍ଡକେ ପିପୁଲ୍ସ ମୁଭ୍‌ମେଣ୍ଟ ଅଧ୍ୟକ୍ଷ ଡକ୍ଟର ହୁସେନ ଏବଂ ଆୱାମୀ ନ୍ୟାଶନାଲ କନ୍‌ଫରେନ୍ସ ସଭାପତି ମୁଜାଫର ଶାହ ସୁପ୍ରିମକୋର୍ଟରେ ରିଭ୍ୟୁ ପିଟିଶନ ଦାଖଲ କରିଛନ୍ତି। ଅନୁଚ୍ଛେଦ ୩୭୦କୁ ହତ୍ୟା କରାଯାଇପାରିବ ନାହିଁ ବୋଲି ସେମାନେ ନିଜ ଆବେଦନରେ ଉଲ୍ଲେଖ କରିଛନ୍ତି। ସିପିଆଇଏମ୍ ନେତା ମହମ୍ମଦ ୟୁସୁଫ ତାରିଗାମୀ, ନ୍ୟାଶନାଲ କନ୍‌ଫରେନ୍ସର ମୁଜାଫର ଇକ୍‌ବାଲ ଏବଂ ମେହବୁବା ମୁଫ୍‌ତିଙ୍କ ପିପୁଲ ଡେମୋକ୍ରାଟିକ୍ ପାର୍ଟି ମଧ୍ୟ ଏନେଇ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି।

## '୫,୦୦୦ଙ୍କ ସହ ହାତ ମିଳାଇ ରାଜୀବଙ୍କ ପାପୁଲିରୁ ରକ୍ତ ବାହାରିଥିଲା'

ନୂଆଦିଲ୍ଲୀ,୧୦।୧

ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ଲୋକଙ୍କୁ ଭେଟିବାକୁ ବହୁତ ଭଲ ପାଉଥିଲେ। ଏପରି କି ସେ ପ୍ରଧାନମନ୍ତ୍ରୀ ହେବା ପରେ ମଧ୍ୟ ଏହାକୁ ବଜାୟ ରଖିଥିଲେ। ଥରେ ୫,୦୦୦ ଜଣଙ୍କ ସହ ହାତ ମିଳାଇଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଶ୍ରମିକ ଶ୍ରେଣୀର। ସେମାନଙ୍କ ରୁକ୍ଷ ତ୍ୱଚା ହୋଇଥିବାରୁ କରମର୍ଦ୍ଦନ ପରେ ରାଜୀବଙ୍କ ପାପୁଲିରୁ ରକ୍ତ ବାହାରିପଡ଼ିଥିଲା ବୋଲି ଇଣ୍ଡିଆନ୍ ଓଭରସିଜ୍ କଂଗ୍ରେସ ଅଧ୍ୟକ୍ଷ ସାମ୍ ପିତ୍ରୋଡା କହିଛନ୍ତି।

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ 'ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା' ଆସନ୍ତା ୧୪ରେ ଆରମ୍ଭ ହେବାକୁ ଥିବାବେଳେ ଏହା ପୂର୍ବରୁ ପିତ୍ରୋଡା ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଏହି ମନ୍ତବ୍ୟ ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇଛି। ଭାଜପା ନେତାମାନେ ଏହାକୁ ନେଇ ଗାନ୍ଧୀ ପରିବାରକୁ ଉପହାସ କରିବାରେ ଲାଗିଛନ୍ତି।

ଏକ ୟୁଟ୍ୟୁବ୍ ଚ୍ୟାନେଲକୁ ସାକ୍ଷାତ୍‌କାର ଦେଇ ପିତ୍ରୋଡା କହିଥିଲେ, ରାହୁଲଙ୍କ ଭଳି ତାଙ୍କ ବାପା ରାଜୀବ ମଧ୍ୟ ଲୋକଙ୍କ ସହ ମିଳାମିଶା କରିବାକୁ ଭଲ ପାଉଥିଲେ। ଥରେ ମୁଁ ଓ ମୋ ସ୍ତ୍ରୀ ରାଜୀବଙ୍କୁ ଭେଟିବାକୁ ଯାଇଥିଲୁ। ତାଙ୍କ ହାତରୁ ରକ୍ତ ବାହାରୁଥିଲା। ରକ୍ତସ୍ରାବର କାରଣ ପଚାରିବାରୁ ରାଜୀବ କହିଥିଲେ, ସେ ଅନ୍ୟୂନ ୫,୦୦୦ ଲୋକଙ୍କ ସହ ହାତ ମିଳାଇଛନ୍ତି। ଯେଉଁଆଡ଼େ ଗଲେ ହାତ ମିଳାଇବାକୁ ପଡୁଛି। ସେମାନେ ସମସ୍ତେ ଗାଉଁଲି ଲୋକ। ସେମାନେ କଠିନ ପରିଶ୍ରମ କରୁଥିବାରୁ ସେମାନଙ୍କ ତ୍ୱଚା ରୁକ୍ଷ ହୋଇଯାଇଛି।



ସାମ୍ ପିତ୍ରୋଡା

### ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ଭାଜପା ବାଧକ

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆସନ୍ତା ୧୪ରେ ଆରମ୍ଭ କରିବାକୁ ଥିବା ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ଭାଜପା ପ୍ରତିବନ୍ଧକ ସାଜିଥିବା ବୁଧବାର ବିରୋଧୀ ଦଳ ଅଭିଯୋଗ ଆଣିଛି। ଏଆଇସିସି ମୁଖ୍ୟାଳୟରେ କଂଗ୍ରେସ ନେତା ଜୟରାମ ରମେଶ ଏବଂ କେ.ସି. ବେଣୁଗୋପାଳ ମଣିପୁର-ଟୁ-ମହାରାଷ୍ଟ୍ର ଯାତ୍ରା ଉପରେ ଏକ ୱେବ୍‌ସାଇଟ୍ ଲଞ୍ଚ କରି ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି। ଏହି ଅବସରରେ ଦୁଇନେତା କହିଛନ୍ତି, ମଣିପୁରର ଭାଜପା ସରକାର ଇମ୍ଫାଲସ୍ଥିତ ପ୍ୟାଲେସ୍ ଗ୍ରାଉଣ୍ଡରୁ ନ୍ୟାୟ ଯାତ୍ରାର ଶୁଭାରମ୍ଭ କରିବାକୁ ଦେଉନାହିଁ। ଅନ୍ୟପକ୍ଷେ ରାଜ୍ୟର ଏନ୍. ବୀରେନ୍ ସିଂ ସରକାର ଇମ୍ଫାଲ ଇଷ୍ଟ ଜିଲାର ହପ୍ତା କାଙ୍ଗ୍‌ଜେଇବଙ୍ଗ୍ ପଡ଼ିଆରୁ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାର ଶୁଭାରମ୍ଭ ପାଇଁ ଅନୁମତି ଦେଇଥିବା ଜଣାପଡ଼ିଛି। ତେବେ ସୀମିତ ସଂଖ୍ୟାରେ ଏହା କରିବାକୁ ଅନୁମତି ଦିଆଯାଇଥିବା ଜିଲାପାଳଙ୍କ ଅଫିସ ସୂତ୍ରରୁ ପ୍ରକାଶ।



ଧରିତ୍ରୀ
DHARITRI
ଧରିତ୍ରୀ 50 Years

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୧୧/୨୦୨୪
Bhubaneswar, Thursday, January 11/2024

DSPL-531

5 | ମୋ ସ୍କୁଲ | ଓଡ଼ିଶା ସରକାର

ଆମ ଓଡ଼ିଶା
ନବୀନ ଓଡ଼ିଶା

5

# ୪ର୍ଥ ପର୍ଯ୍ୟାୟରେ ୫ଟି ଜିଲ୍ଲାର

# ୩୮୯ ରୂପାନ୍ତରିତ ହାଇସ୍କୁଲ



ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**

ଦ୍ୱାରା

**ଲୋକାର୍ପଣ**

୧୧ ଜାନୁଆରୀ ୨୦୨୪



ଗଞ୍ଜାମ
୧୪୯ ହାଇସ୍କୁଲ



ଝାରସୁଗୁଡ଼ା
୧୧ ହାଇସ୍କୁଲ



ଜଗତସିଂହପୁର
୫୭ ହାଇସ୍କୁଲ



କେନ୍ଦ୍ରାପଡ଼ା
୧୧୨ ହାଇସ୍କୁଲ



ବରଗଡ଼
୬୦ ହାଇସ୍କୁଲ

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

OIPR-27045/13/0036/2324

**ଆଜିର ମନ୍ତବ୍ୟ**

ଭାଜପାର ମିଥ୍ୟାକୁ ଧରାପକାଇ ଦେବା ପାଇଁ କଂଗ୍ରେସ କର୍ମୀମାନେ ଦଳୀୟ ବିଚାରଧାରା ଓ କାର୍ଯ୍ୟସୂଚୀ ସମ୍ପର୍କରେ ସୋସିଆଲ ମିଡିଆରେ ପ୍ରସାର କରନ୍ତୁ।
–ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧୂଆଁକୁ ଡରଇ ମଶା,**
**ଶିଶିରକୁ ଗୋରୁ**
**ପାପୀ ଡରଇ ଦଣ୍ଡାକୁ**
**ବତାସକୁ ତରୁ ।**

ଧୂଆଁ ଦେଲେ ମଶା ଚାଲିଯାଇଥାଏ, ଗୋରୁ ଶିଶିରକୁ ଡରିଥାଏ। ଠିକ ସେହିଭଳି ପାପୀ ବା ଦୋଷୀ ବ୍ୟକ୍ତି ଶାସ୍ତି ବା ଦଣ୍ଡକୁ ଭୟକରୁଥିବା ବେଳେ ଉଚ୍ଚ ବୃକ୍ଷ ବତାସକୁ ଡରୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଧୃତରାଷ୍ଟ୍ରଙ୍କୁ କନ୍ୟା ନାହିଁ**
**କି ଗାନ୍ଧାରୀଙ୍କୁ ବର ନାହିଁ।**

ପୁରାଣ ବର୍ଣ୍ଣନା ଅନୁସାରେ ଧୃତରାଷ୍ଟ୍ର ଓ ଗାନ୍ଧାରୀ ଉଆଁସ ତିଥିରେ ଜନ୍ମଲାଭ କରିଥିଲେ। ତେଣୁ ଏ ଦୁହେଁ ବହିର୍ମତରେ ପରସ୍ପର ପ୍ରତି ସମର୍ପିତ ଥିଲେ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ବୁଧବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଜାମିନ୍‌ରେ ମୁକୁଳିଥିବା ମାଓବାଦୀଙ୍କୁ ହତ୍ୟା

ରାଉରକେଲା,୧୦।୧ (ସଙ୍ଗୀତା ଜେନା)

ରାଉରକେଲା ସ୍ୱତନ୍ତ୍ର ଜେଲ୍‌ରେ ଏକ ମାସ ଜେଲ୍‌ଦଣ୍ଡ ଭୋଗି ଜାମିନ୍ ପାଇଥିବା ଜଣେ ମାଓବାଦୀଙ୍କୁ ଓଡ଼ିଶା ସୀମାନ୍ତ ଜରେଇକେଲା ଅଞ୍ଚଳରେ ମଙ୍ଗଳବାର ମାଓବାଦୀମାନେ ଗୁଳିକରି ହତ୍ୟା କରିଛନ୍ତି। ମୃତ ମାଓବାଦୀ ହେଲେ ନେଲ୍‌ସନ ଭେଙ୍ଗରା। ବୁଧବାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ହସ୍ପିଟାଲରେ ରଖିଥିବା ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମ ଜିଲା ଚାଇଁବାସା ଜିଲା ଏସ୍‌ପି ଆଶୁତୋଷ ଶେଖର ସୂଚନା ଦେଇଛନ୍ତି।

ସୂଚନା ଅନୁସାରେ, ନେଲସନ ୨୦୨୩ ମେ ମାସରେ ରାଉରକେଲା ପୋଲିସ ଜିଲା ବିଶ୍ରା ଥାନା ଅଞ୍ଚଳରେ ରାସ୍ତା ନିର୍ମାଣ କରୁଥିବା ଜଣେ ଠିକାଦାରଙ୍କୁ ଦାଦାବଟି ମାଗିଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୬୭/୨୩) ରୁଜୁ କରି ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ରାଉରକେଲା ସ୍ୱତନ୍ତ୍ର ଜେଲ୍‌କୁ ପଠାଯାଇଥିଲା। ତେବେ ୨୦୨୩ ଜୁନ୍ ୫ରେ ନେଲସନଙ୍କୁ ଜାମିନ୍ ମିଳିବା ପରେ ସେ ଝାଡ଼ଖଣ୍ଡର ଜରେଇକେଲା ଥାନା ଅନ୍ତର୍ଗତ ସମଥା ଗ୍ରାମରେ ରହୁଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ୧୦/୧୫ଜଣ ମାଓବାଦୀ ଉକ୍ତ ଗ୍ରାମକୁ ଆସି ନେଲସନଙ୍କୁ ଗୁଳିକରି ପଳାଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା।

# ମହିଳା ମାଓବାଦୀଙ୍କ ଆତ୍ମ ସମର୍ପଣ

ମାଲକାନଗିରି,୧୦।୧(ଦୁର୍ଯ୍ୟୋଧନ ପାତ୍ର)



ଉଙ୍ଗି ମାଡବି

୧ ଲକ୍ଷ ପୁରସ୍କାର ଘୋଷିତ ମହିଳା ମାଓବାଦୀ ବୁଧବାର ମାଲକାନଗିରି ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏହି ମହିଳା ମାଓବାଦୀ ଜଣକ ସୀମାନ୍ତ ଛତିଶଗଡ଼ ଦାନ୍ତେୱାଡା ଜିଲା କଟକଲ୍ୟାଣ ଥାନା ପିତାଦାବ ଗ୍ରାମ ନିବାସୀ ଉଙ୍ଗି ମାଡବି ଓରଫ ରୋସନି। ସେ ୨୦୧୬ରେ ମାଲକାନଗିରି ଜିଲା ସିପିଆଇ ମାଓବାଦୀ ସଂଗଠନରେ ଯୋଗଦେଇଥିଲେ। ପରବର୍ତ୍ତୀ ସମୟରେ ସେ ଛତିଶଗଡ଼ ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟି ପାର୍ଟି ସଦସ୍ୟ ଭାବେ ଯୋଗଦେଇଥିଲେ। ଅନ୍ୟପକ୍ଷରେ ସଂଗଠନର ବରିଷ୍ଠ ମାଓବାଦୀଙ୍କ ଆଦର୍ଶ ବର୍ତ୍ତମାନ ନାହିଁ। ଫଳରେ ବହୁ ମାଓବାଦୀ ଆତ୍ମସମର୍ପଣ କରି ସାରିଲେଣି। ତେଣୁ ସମାଜର ମୁଖ୍ୟସ୍ରୋତରେ ସାମିଲ ସହ ସାଧାରଣ ଜୀବନ ଯାପନ ବିତାଇବା ପାଇଁ ସେ ଆତ୍ମସମର୍ପଣ କରିଥିବା ସୂଚନା ଦେଇଛନ୍ତି। ବର୍ତ୍ତମାନ ଜିଲା ସୀମାନ୍ତ ମାଥିଲି ଥାନା ଅନ୍ତର୍ଗତ ତୁଳସୀ ପାହାଡ଼ ନିକଟସ୍ଥ ମହୁପଦର, ଟେମୁରୁପାଲ୍ଲୀ, କର୍ତ୍ତନପାଲ୍ଲୀ ଓ ତୁଳସୀଠାରେ ବିଏସ୍‌ଏଫ୍ କ୍ୟାମ୍ପ ହେବା ପରେ ବହୁ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି।

# ଗୁଣିଗାରେଡ଼ିରୁ ଜଣଙ୍କୁ ହତ୍ୟା

ମାଲକାନଗିରି, ୧୦।୧(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ପୁଣି ଗୁଣିଗାରେଡ଼ିକୁ ନେଇ ଜଣେ ବ୍ୟକ୍ତିଙ୍କୁ ଗଳାକାଟି ହତ୍ୟା କରାଯାଇଛି। ମୃତକ ହେଲେ ମାଲକାନଗିରି ଆଦର୍ଶ ଥାନା ଅନ୍ତର୍ଗତ ତଣ୍ଡାପାଲ୍ଲୀ ଗ୍ରାମର ଲକ୍ଷ୍ମା କବାସୀ (୫୫)। ଗୁଣିଗାରେଡ଼ି ସନ୍ଦେହ କରି କେତେକ ବ୍ୟକ୍ତି ମଙ୍ଗଳବାର ତାଙ୍କୁ ଡାକିନେଇ ବେକକୁ ଧାରୁଆ ଅସ୍ତ୍ରରେ କାଟି ମୃତଦେହ ଗ୍ରାମ ନିକଟ ସାବେରୀ ନଦୀରେ ଫିଙ୍ଗି ଦେଇଥିଲେ। ରାତିରେ ଲକ୍ଷ୍ମା ଘରକୁ ଫେରି ନ ଥିବା ବେଳେ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ବୁଧବାର ସାବେରୀ ନଦୀରେ ଗୋଟିଏ ମୃତଦେହ ଭାସୁଥିବା ଦେଖି ଆଦର୍ଶ ଥାନାକୁ ଖବର ଦେଇଥିଲେ। ପୋଲିସ ଲକ୍ଷ୍ମାଙ୍କ ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ପରିବାରବର୍ଗଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ରିଗାନ କିଣ୍ଡୋ କହିଛନ୍ତି। ଏହା ଗୁଣିଗାରେଡ଼ି ଯୋଗୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ବ୍ୟବଚ୍ଛେଦ ପରେ ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।




## କେନ୍ଦ୍ରମନ୍ତ୍ରୀଙ୍କୁ ପାଣ୍ଡିଆନଙ୍କ ଜବାବ

# ନିର୍ବାଚନ ଇସ୍ତାହାରରେ ବିଏସ୍‌କେୱାଇ ବନ୍ଦ କରିବେ ବୋଲି ଲେଖନ୍ତୁ

ଭୁବନେଶ୍ୱର,୧୦।୧(ଅନିଲ ଦାସ)

ରାଜ୍ୟର ସବୁଠୁ ବଡ଼ ଯୋଜନା ବିଏସ୍‌କେୱାଇକୁ ନେଇ ସମ୍ବଲପୁରରେ କେନ୍ଦ୍ରମନ୍ତ୍ରୀ ଉଠାଇଥିବା ପ୍ରଶ୍ନର ଜବାବ ଦେଇଛନ୍ତି ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ନୟାଗଡ଼ ଜିଲାର ରଣପୁରଠାରେ ବୁଧବାର ଆୟୋଜିତ ସଭାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ୫-ଟି ଅଧ୍ୟକ୍ଷ ବଡ଼ ଆହ୍ୱାନ ମଧ୍ୟ ଦେଇଛନ୍ତି। ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବରାବର ନିନ୍ଦା ଓ ସମାଲୋଚନା କରିଆସୁଛନ୍ତି। ସମ୍ବଲପୁରରେ ଏକ ସଭାରେ କେନ୍ଦ୍ରମନ୍ତ୍ରୀ ବିଏସ୍‌କେୱାଇ ସମ୍ପର୍କରେ ଦେଇଥିବା ମନ୍ତବ୍ୟକୁ ୫-ଟି ଅଧ୍ୟକ୍ଷ ଉଦ୍ଧାର କରିଥିଲେ। ବିଏସ୍‌କେୱାଇ ଏକ ପ୍ରହସନ। ବିଏସ୍‌କେୱାଇ କାର୍ଡ କିଛି କାମରେ ଆସୁନାହିଁ, ଏହାକୁ ନେଇ ଲୋକେ ହଇରାଣ ହେଉଛନ୍ତି। ଏଭଳି ଯୋଜନା ଓଡ଼ିଶାବାସୀଙ୍କ ପାଇଁ ଦରକାର ନାହିଁ ବୋଲି ଧର୍ମେନ୍ଦ୍ର ସଭାରେ କହିଛନ୍ତି। ଧର୍ମେନ୍ଦ୍ରଙ୍କ ଏହି ବକ୍ତବ୍ୟକୁ ନେଇ ପାଣ୍ଡିଆନ ଉତ୍ତର ରଖିବା ସହ ନମ୍ରତାର ସହ ଏକ ଚାଲେଞ୍ଜ ମଧ୍ୟ କରିଛନ୍ତି। ଯଦି ଏହି ଯୋଜନା ଏତେ ଖରାପ ତେବେ କେନ୍ଦ୍ରମନ୍ତ୍ରୀ, ତାଙ୍କ ଦଳ ଆଗାମୀ ନିର୍ବାଚନ ପୂର୍ବରୁ ପ୍ରକାଶ ହେବାକୁ ଥିବା ଦଳୀୟ ନିର୍ବାଚନୀ ଇସ୍ତାହାରରେ ବିଏସ୍‌କେୱାଇକୁ ବନ୍ଦ କରିବା ଲାଗି ଘୋଷଣା କରନ୍ତୁ। ବିଏସ୍‌କେୱାଇ ମାଧ୍ୟମରେ ଗରିବ ଲୋକଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସୁରକ୍ଷା ଦେଇଛନ୍ତି। ଏହି ଯୋଜନା ଦ୍ୱାରା ବଡ଼ ବଡ଼ ହସ୍ପିଟାଲରେ ଗରିବ ଲୋକଙ୍କୁ ଚିକିତ୍ସା ସୁବିଧା ମିଳୁଛି। ଏହା କାହିଁକି ଆପଣଙ୍କ ଦେହରେ ଯାଉନି ଓ ଆପଣ କାହିଁକି ଏତେ ରାଗୁଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀଙ୍କୁ ପାଣ୍ଡିଆନ କହିଛନ୍ତି। ଧର୍ମେନ୍ଦ୍ରଙ୍କ ଆଡ଼କୁ ଇଙ୍ଗିତ କରି ସେ କହିଛନ୍ତି ଯେ, ପ୍ରକୃତ ନିଦରେ ଶୋଇଥିବା ଲୋକଙ୍କୁ ଉଠାଇ ହେବ। ନିଦରେ ଶୋଇଥିବା ଭଳି ଅଭିନୟ କରୁଥିବା ଲୋକଙ୍କୁ ଉଠାଇ ହେବନାହିଁ। ତେବେ ଜନତା ଜୋରରେ କହିଲେ ସେମାନେ ଉଠିବେ। ଲୋକେ ବିଏସ୍‌କେୱାଇକୁ ନେଇ ଖୁସିରେ ଅଛନ୍ତି। ଏହି ନିନ୍ଦାର ଜବାବ ଓଡ଼ିଶାବାସୀ ଦେବେ ବୋଲି ମଧ୍ୟ ପାଣ୍ଡିଆନ କହିଛନ୍ତି।

ରଣପୁର ବିକାଶର ହିସାବ ଦେଇ ପାଣ୍ଡିଆନ କହିଛନ୍ତି, ସେ ଗତ ଜୁଲାଇ ୨୦ରେ ରଣପୁର ଆସିଥିଲେ। ଲୋକେ ତାଙ୍କୁ ୩୫୦ଟି ଦରଖାସ୍ତ ଦେଇଥିଲେ। ସେଥିରୁ ୩୦୦ ଦରଖାସ୍ତର ସମାଧାନ ହୋଇଛି। ରଣପୁର ନିର୍ବାଚନମଣ୍ଡଳୀ ପାଇଁ ଗତ ୪ମାସ ଭିତରେ ମୁଖ୍ୟମନ୍ତ୍ରୀ ୮୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ୧୧୫ଟି ଧର୍ମାନୁଷ୍ଠାନ ଓ କମ୍ୟୁନିଟି ସେଣ୍ଟର ପାଇଁ ଲୋକେ ଅନୁରୋଧ କରିଛନ୍ତି। ଏଥିଲାଗି ମୁଖ୍ୟମନ୍ତ୍ରୀ ୧୦ କୋଟି ୧୫ ଲକ୍ଷ, ରଣପୁରର ଶ୍ରୀଜଗନ୍ନାଥ ମନ୍ଦିର ଲାଗି ୪ କୋଟି ୬୦ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ମନ୍ଦିର କାମ ଚାଲିଛି। ଆସନ୍ତା ଜୁନ ସୁଦ୍ଧା ଶେଷ ହେବ। ନୂଆ ରୂପ ପାଇବ ଏହି ମନ୍ଦିର। ମଣିନାଗ ମନ୍ଦିର ରୂପାନ୍ତର ଲାଗି ୩ କୋଟି, ତଳ ମଣିନାଗ ମନ୍ଦିର ଲାଗି ୨ କୋଟି, ଶରଣକୁଳର ଲଡୁବାବା ମନ୍ଦିର ଲାଗି ୫ କୋଟି, ରାଜସୁନାଖଳା କଲେଜର ରୂପାନ୍ତରଣ ପାଇଁ ୧ କୋଟି, ରଣପୁର ଡିଗ୍ରୀ କଲେଜର ରୂପାନ୍ତରଣ ପାଇଁ ୧ କୋଟି ମଞ୍ଜୁର ହୋଇଛି।

ରଣପୁର ପୂର୍ବରୁ ଚିଲିକା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଣପୁରର ମା' ଭଗବତୀଙ୍କ ପୀଠରେ ପହଞ୍ଚି ପାଣ୍ଡିଆନ ରୂପାନ୍ତରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ମା' ଭଗବତୀଙ୍କ ଦର୍ଶନ ସହ ସେବାୟତମାନଙ୍କ ସହିତ ଆଲୋଚନା କରିଛନ୍ତି। ଭଗବତୀଙ୍କ ମନ୍ଦିର ପ୍ରାଙ୍ଗଣରେ ତାଙ୍କୁ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ ସ୍ୱାଗତ କରିଥିଲେ। ଘଣ୍ଟ, ଘଣ୍ଟା, ମୃଦଙ୍ଗ ବଜାଇ ୫-ଟି ଅଧ୍ୟକ୍ଷଙ୍କୁ ପଲଟଣ ପଡ଼ିଆ ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ପଲଟଣ ପଡ଼ିଆଠାରେ ୨୦ ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲା। ସେଠାରେ ତାଙ୍କୁ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ସାଂସଦ ମାନସ ମଙ୍ଗରାଜ, ଖୋର୍ଦ୍ଧା ଜିଲା ପର୍ଯ୍ୟବେକ୍ଷକ ରବୀନ୍ଦ୍ର କୁମାର ଜେନା, ଚିଲିକା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ସୌମ୍ୟ ଶଙ୍କର ଚକ୍ର ଓ ସ୍ଥାନୀୟ ନେତୃବୃନ୍ଦ ପ୍ରମୁଖ ସ୍ୱାଗତ କରିଥିଲେ। ୫-ଟି ଅଧ୍ୟକ୍ଷଙ୍କୁ ମଙ୍ଗରାଜ ପାଇକଙ୍କ ପ୍ରତୀକ-ଏକ ଢାଲ, ଖଣ୍ଡା ଓ ଶିରପା ପ୍ରଦାନ କରିଥିଲେ। ପଲଟଣ ପଡ଼ିଆରେ ଆୟୋଜିତ ସଭାରେ ବୀର ପାଇକ ମାଟିକୁ ପ୍ରଣାମ ଜଣାଇ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ତାଙ୍କ ଅଭିଭାଷଣ ରଖିଥିଲେ। ପାଣ୍ଡିଆନ କହିଥିଲେ ଯେ, ଗତ ୪ ମାସ ଭିତରେ ଚିଲିକା ନିର୍ବାଚନମଣ୍ଡଳୀର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟପାଇଁ ମୁଖ୍ୟମନ୍ତ୍ରୀ ୯୦କୋଟି ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ମା' ଭଗବତୀଙ୍କ ମନ୍ଦିରର ରୂପାନ୍ତରଣ ଲାଗି ୩୩କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯାଇଛି। ଚନ୍ଦନେଶ୍ୱର ଶିବ ମନ୍ଦିରର ଉନ୍ନତି ପାଇଁ ୧କୋଟି ୫୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ବାଣପୁରର ଗୋଦାବରୀଶ କଲେଜକୁ ୫-ଟିରେ ଅନ୍ତର୍ଭୁକ୍ତ କରି ତା'ର ଉନ୍ନୟନ ପାଇଁ ୨କୋଟି ୨୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ବାଲୁଗାଁ କଲେଜର ଉନ୍ନତି ପାଇଁ ୧କୋଟି ୫୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳରେ ରହିଥିବା ଡ୍ରେନ୍ ଓ ରାସ୍ତା ପାଇଁ ୨୬କୋଟି ଟଙ୍କାର ଆକଳନ ପ୍ରସ୍ତୁତ ହୋଇଛି। ଖୁବ୍‌ଶୀଘ୍ର ଏହି ଅନୁଦାନ ମିଳିବ ବୋଲି ପାଣ୍ଡିଆନ ବାଣପୁର ସଭାରେ ସୂଚନା ଦେଇଛନ୍ତି। ଆସନ୍ତା ଫେବୃଆରୀରୁ ଖୋର୍ଦ୍ଧା ଜିଲାରେ ମଧ୍ୟ ଲକ୍ଷ୍ମୀ ବସ ଗଡ଼ିବ ଓ ପ୍ରତି ପଞ୍ଚାୟତରେ ଆମ ବ୍ୟାଙ୍କର ଶାଖା ଖୋଲିବ ବୋଲି ସେ କହିଥିଲେ। ସେହିଭଳି ଭତ୍ତା ବଢ଼ାଇବା ନେଇ ମୁଖ୍ୟମନ୍ତ୍ରୀ ବିଚାର କରୁଛନ୍ତି। ଖୁବ୍‌ଶୀଘ୍ର ଖୁସି ଖବର ମିଳିବ ବୋଲି ପାଣ୍ଡିଆନ କହିଥିଲେ। ବାର୍ଦ୍ଧକ୍ୟ ଭତ୍ତାଠାରୁ ଭିନ୍ନକ୍ଷମ ଭତ୍ତା ଭଳି ସବୁ ଭତ୍ତା ବଢ଼ିବ ବୋଲି ସେ କହିଛନ୍ତି। ଅଙ୍ଗନୱାଡ଼ି, ଆଶାକର୍ମୀ, ସ୍ୱଚ୍ଛସାଥୀ, ଜଳସାଥୀ ସମସ୍ତଙ୍କ ଭତ୍ତା ବୃଦ୍ଧି ହେବ ବୋଲି ସେ ସୂଚନା ଦେଇଛନ୍ତି। ନୂଆ ଓଡ଼ିଶା ତଥା ସଶକ୍ତ ଓଡ଼ିଶା ଗଠନ କରିବା ମୁଖ୍ୟମନ୍ତ୍ରୀଙ୍କ ଲକ୍ଷ୍ୟ। ସେଥିରେ ସହଯୋଗ କରିବାକୁ ସମସ୍ତଙ୍କୁ ସେ ଆହ୍ୱାନ ଦେଇଛନ୍ତି। ଅଭିଭାଷଣ ଆରମ୍ଭରେ ପାଣ୍ଡିଆନ କହିଥିଲେ ଯେ, ସେ ଗତ ଅଗଷ୍ଟରେ ବାଣପୁର ଆସିଥିଲେ। ସେତେବେଳେ ୪୭୦ଟି ଦରଖାସ୍ତ ମିଳିଥିଲା। ୪ ମାସ ଭିତରେ ଏ ସବୁ ଦରଖାସ୍ତ ମଧ୍ୟରୁ ୪୦୦ଟି ଦରଖାସ୍ତର ସମାଧାନ ହେବା ସହ ଅର୍ଥ ମଞ୍ଜୁର ହୋଇଛି। ଆଜି ମଧ୍ୟ ଯେଉଁସବୁ ଦରଖାସ୍ତ ମିଳିଛି ତା' ଭିତରେ ମନ୍ଦିର, ମସ୍‌ଜିଦ, ଚର୍ଚ୍ଚ ଓ କମ୍ୟୁନିଟି ସେଣ୍ଟରଭିତ୍ତିକ ଯେଉଁ ଦରଖାସ୍ତ ଥିବ ତାକୁ ତୁରନ୍ତ ବିଚାରକୁ ନିଆଯିବ ଏବଂ ଆସନ୍ତା ୨୦ ତାରିଖ ସୁଦ୍ଧା ଦରଖାସ୍ତକାରୀମାନେ ଖୁସି ଖବର ପାଇବେ। ଅନ୍ୟ ଦରଖାସ୍ତ ଗୁଡିକ ସମ୍ପର୍କରେ ସମ୍ପୃକ୍ତ ଦରଖାସ୍ତକାରୀଙ୍କୁ ଜିଲା ପ୍ରଶାସନ ଚିଠିଲେଖି ଉତ୍ତର ପ୍ରଦାନ କରିବେ ବୋଲି ପାଣ୍ଡିଆନ କହିଛନ୍ତି।

ବାଣପୁର ପୂର୍ବରୁ ଖୋର୍ଦ୍ଧା ହାବେଳି ପଡ଼ିଆଠାରେ ଆୟୋଜିତ ନୂଆ-ଓ କାର୍ଯ୍ୟକ୍ରମରେ ପାଣ୍ଡିଆନ ଯୋଗଦେଇ କଠିନ ପରିଶ୍ରମ ସଫଳତାର ମୂଳମନ୍ତ୍ର। କଠିନ ପରିଶ୍ରମର ବିକଳ୍ପ ନାହିଁ। ଛାତ୍ରୀଛାତ୍ରଙ୍କୁ ସଫଳତାର ଗୁରୁମନ୍ତ୍ର ଦେଇଥିଲେ। ଭବିଷ୍ୟତରେ କ'ଣ ହେବ ଏଥିଲାଗି ଏହି ପର୍ଯ୍ୟାୟର ଅନେକ ଗୁରୁତ୍ୱ ରହୁଛି। ଏଥିଲାଗି ପାଠପଢ଼ା ଗୁରୁତ୍ୱପୂର୍ଣ୍ଣ। ପାଠପଢ଼ା ସହ ଶାରୀରିକ ଓ ମାନସିକ ବ୍ୟାୟାମ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଖୋର୍ଦ୍ଧାରେ ଆୟୋଜିତ ଏହି ନୂଆ-ଓ କାର୍ଯ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଛାତ୍ରୀଛାତ୍ରଙ୍କୁ ସଫଳତାର ଗୁରୁମନ୍ତ୍ର ଦେଇ ତାଙ୍କର ଜଣେ ଆଇଏଏସ୍ ମହିଳା ବ୍ୟାଚ୍‌ମେଟଙ୍କ ସଫଳତା ଓ ସଂଘର୍ଷର କାହାଣୀ କହିଥିଲେ। କଠିନ ପରିଶ୍ରମ ବଳରେ କଲେଜ ଯାଇ ନ ଥିବା ଝିଅ କିପରି ଆଇଏଏସ୍ ଟପ୍ପର ହୋଇପାରିଥିଲେ ଏହି ବିଷୟରେ ଛାତ୍ରୀଛାତ୍ରଙ୍କୁ ବଖାଣିଥିଲେ।




ବାଣପୁର ପଲଟଣ ପଡ଼ିଆରେ ଆୟୋଜିତ ସଭାରେ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପାଇକଙ୍କ ପ୍ରତୀକ- ଢାଲ, ଖଣ୍ଡା ଓ ଶିରପା ସହ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

- ■ **ଭଗବତୀଙ୍କ ମନ୍ଦିରର ରୂପାନ୍ତରଣ ପାଇଁ ୩୩ କୋଟି**
- ■ **ବାଣପୁର ଗୋଦାବରୀଶ କଲେଜ ପାଇଁ ୨.୨୫କୋଟି**
- ■ **ବାଲୁଗାଁ କଲେଜ ପାଇଁ ୧.୫ କୋଟି**
- ■ **ବାଣପୁର ସହରର ରାସ୍ତା,ଡ୍ରେନ୍ ପାଇଁ ମିଳିବ ୨୬କୋଟି**



ଖୋର୍ଦ୍ଧା ହାବେଳି ପଡ଼ିଆରେ ବୁଧବାର ଆୟୋଜିତ ନୂଆ-ଓ କାର୍ଯ୍ୟକ୍ରମରେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଛାତ୍ରୀଛାତ୍ରମାନଙ୍କ ସହ ସେଲ୍‌ଫି ଉଠାଉଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ମଙ୍ଗଳ ଓ ବୃହସ୍ପତିଙ୍କ କ୍ଷେତ୍ର ବିନିମୟ ପ୍ରଭାବରୁ ସ୍ୱାସ୍ଥ୍ୟ ଭଲ ରହିବ ଏବଂ ସାମାଜିକ ସ୍ତରରେ ପ୍ରଶଂସିତ ହେବେ। ଶନି ଦୃଷ୍ଟ ଗୁରୁ ହେତୁ ନିଜକୁ ଠିକ୍ ଭାବେ ଆଡ୍‌ଜଷ୍ଟ କରି ଚଳାଇ ନେଇପାରିବେ ନାହିଁ। ଅଟକିଥିବା କାର୍ଯ୍ୟ ତ୍ୱରାନ୍ୱିତ ହେବାରେ ବନ୍ଧୁ ସାହାଯ୍ୟ କରିବେ। କୃଷି, ବ୍ୟବସାୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବୃଷ**
ଶୁକ୍ର ନିଜ ରାଶିକୁ ଦେଖୁଥିବାରୁ ସମସ୍ୟାକୁ ସୁଧାରି ନେବା ପାଇଁ ପ୍ରୟତ୍ନ କରିବେ ଓ ଅଭିଳଷିତ ଦ୍ରବ୍ୟ ପାଇବାରେ ଅସୁବିଧା ହେବ ନାହିଁ। ଅଫିସ୍ କାମର ଚାପ ଲାଗିରହିବ। ପରିବାର କ୍ଷେତ୍ରରେ ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ମାନସିକ ଅଶାନ୍ତିର କାରଣ ହୋଇପାରେ। ସାମାଜିକ ସ୍ତରରେ କୃତୀ ଓ କୃତିତ୍ୱଜନିତ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ମିଥୁନ**
ସପ୍ତମସ୍ଥ ଏକାଧିକ ଗ୍ରହ ହେତୁ ଆଜିର ଯାତ୍ରା କଷ୍ଟପ୍ରଦ ରହିପାରେ। ଅସୁବିଧା ଭିତରେ ଅଭିଳଷିତ ଫଳ ପାଇବେ। ବନ୍ଧୁଙ୍କ ସହାନୁଭୂତିର ସୁଯୋଗ ଲାଭ କରି ନିଜକୁ ଧନ୍ୟ ମନେକରି କାମ ହାସଲ କରିପାରନ୍ତି। ହାତକୁ ନେଇଥିବା କାମଗୁଡିକ ସମ୍ପର୍କରେ ଆଲୋଚନା ଅସମାପ୍ତ ରହିପାରେ। ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କର୍କଟ**
ଆଜି ଯାହା କରିବା ପାଇଁ ଚିନ୍ତା କରିଥିଲେ ସେଥିରେ ଅସୁବିଧା ହେବନାହିଁ। ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନ ନେଲେ ସମସ୍ୟାର ସମ୍ମୁଖୀନ ହେବେ। କେତେକ କ୍ଷେତ୍ରରେ କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେବେ। କାର୍ଯ୍ୟବ୍ୟସ୍ତତା ଯୋଗୁ ଘର କଥା ବୁଝିବାକୁ ସମୟ ପାଇବେ ନାହିଁ।

**ସିଂହ**
ଦ୍ୱିତୀୟସ୍ଥ କେତୁ ହେତୁ ପରିବାରର ଅଭାବ ଓ ଅସୁବିଧାକୁ ନେଇ ସରଗରମ ଆଲୋଚନା ହୋଇପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ଟଙ୍କା ପଇସାକୁ କେନ୍ଦ୍ର କରି ଟଣାଓଟରା ଲାଗିପାରେ। ପୁତ୍ରକନ୍ୟାଙ୍କ ହେତୁକ ସମସ୍ୟା ଲାଗିପାରେ। ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ।

**କନ୍ୟା**
ସମସ୍ୟାଗୁଡ଼ିକ କମିବା ବଦଳରେ ବୃଦ୍ଧି ପାଉଥିବା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ବିଷମ ପରିସ୍ଥିତିରେ ବନ୍ଧୁଙ୍କଠାରୁ ପ୍ରତ୍ୟୁପକାର ଆଶା ନିରର୍ଥକ ହେବ। ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ପାଇବା ସାଙ୍ଗକୁ ସାଥୀଙ୍କ ସହ ଭ୍ରମଣ ସୁଯୋଗ ଜୁଟିବ। ସାହିତ୍ୟ,ସାମ୍ବାଦିକତା, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ।

**ତୁଳା**
ମନ କଥା ମନରେ ରଖି କାମକୁ ବାହାରି ପଡ଼ିବେ ଓ କାମ କରିବାରେ କୌଣସି ଅସୁବିଧା ହେବ ନାହିଁ। କିନ୍ତୁ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। କଳା, ସାହିତ୍ୟ ଓ ସାମ୍ବାଦିକତାରେ ପ୍ରଶଂସିତ ହେବା ସହ ସରକାରୀ ସ୍ତରରୁ ଅର୍ଥ ପାଇବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବିଛା**
ସକାଳୁ ପ୍ରିୟଜନଟିର ସ୍ୱାସ୍ଥ୍ୟାଗତ ସମସ୍ୟା ମନକୁ ନିରୁତ୍ସାହିତ କରିବ। ଯାହାଙ୍କଠାରୁ ଯାହା ପାଇବା ପାଇଁ ପ୍ରତିଶ୍ରୁତି ପାଇଥିଲେ ତାହା ନ ପାଇ ମନ ଭଲ ରହିବ ନାହିଁ। ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ ଏବଂ ଆଜିର ବ୍ୟବସାୟ ପ୍ରାୟତଃ ଭଲ ହେବ। ଅତି ନିକଟରେ ଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ।

**ଧନୁ**
କର୍ମକ୍ଷେତ୍ରରେ ସହକର୍ମୀ କିମ୍ବା ଆତ୍ମୀୟଙ୍କ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ଅଫିସରଙ୍କ ସମ୍ମୁଖରେ ମନର ଭାବକୁ ପ୍ରକାଶ କରିବାରେ ପଛେଇ ଯିବେ। ରୋଗପୀଡ଼ା ଭୋଗ କରୁଥିବା ବ୍ୟକ୍ତିଙ୍କ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ। ଘରୋଇ କଳହରେ ବହୁତ ସମୟ ଅପବ୍ୟୟ କରିପାରନ୍ତି।

**ମକର**
ନିଜ ସହ ଆଦୌ ପଡୁ ନ ଥିବା ଲୋକମାନେ ଗୁଣଗାନ ବଦଳରେ ନିନ୍ଦା ରଟନା କରିବେ। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କିମ୍ବା ଅଫିସରେ କଳହ ସୃଷ୍ଟି ହୋଇପାରେ। ସଭାସମିତି, ଆନୁଷ୍ଠାନିକ କାମ, କ୍ରୀଡ଼ା ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ପ୍ରଶଂସା ମିଳିବ। ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କୁମ୍ଭ**
ବନ୍ଧୁଙ୍କ ଶତ୍ରୁତା, ପୁଅ ଝିଅଙ୍କ ବାହାଘର ସମସ୍ୟା ନେଇ ବ୍ୟସ୍ତ ରହିପାରନ୍ତି। କର୍ମକ୍ଷେତ୍ରରେ ଅଭାବନୀୟ ସ୍ଥିତିରୁ ସହସା ମୁକ୍ତି ମିଳିବ। ଆକସ୍ମିକ କୌଣସି ପ୍ରତିବନ୍ଧକ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ବହୁତ ଦିନର ନୂଆ ଯୋଜନାଟିକୁ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେବେ।

**ମୀନ**
ଆଜି ସଭାସମିତି, କଳା, ସାହିତ୍ୟ କ୍ଷେତ୍ର ସହ ଦିନଟି ଆର୍ଥିକ ଦୃଷ୍ଟିକୋଣରୁ ମନ୍ଦ ନୁହେଁ। କର୍ମକ୍ଷେତ୍ରରେ ମନ୍ଥର ଗତି ଦେଖାଦେଇପାରେ କିନ୍ତୁ କୌଣସି କାମ ଅଟକିବ ନାହିଁ। ବ୍ୟବସାୟ, ପରିବହନ, ନିର୍ମାଣ କ୍ଷେତ୍ରରେ ସମସ୍ୟା ଲାଗି ରହିବ। କୌଣସି ନୀଚ ଜାତିର ବ୍ୟକ୍ତିବିଶେଷଙ୍କ ସହାୟତାରୁ ଉପକୃତ ହେବେ।

ଆଜି ଜାନୁଆରୀ ୧୧ ତାରିଖ, ଶ୍ରୀମନ୍ଦିର ଏବଂ ଗୃହୀଣାଂ ବକୁଳଲାଗି ଅମାବାସ୍ୟା ଗୁରୁବାର, ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀଙ୍କ ତିରୋଧାନ ଦିବସ, ସଡ଼କ ସୁରକ୍ଷା ସପ୍ତାହ ଆରମ୍ଭ, ରାଶି ନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୭ ମି. ଗତେ, ଘ.୦୭।୫୪ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୧।୧୬ ମି. ଗତେ, ଘ.୦୨।୨୭ ମଧ୍ୟେ ରାହୁକାଳ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୧୧/୨୦୨୪ | Bhubaneswar, Thursday, January 11/2024 | ପୃଷ୍ଠା-୧




**ସାଇନାଙ୍କୁ ଡବଲ ସ୍ୱର୍ଣ୍ଣ**

ଓଡ଼ିଶାର ମହିଳା ଅନ୍ତର୍ଜାତୀୟ ମାଷ୍ଟର ସାଇନା ସାଲୋନିକା ନର୍ଥ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଚେସ୍ ଟୁର୍ଣ୍ଣାମେଣ୍ଟରେ ଡବଲ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୧୫

୧୦ **'ବିଲ୍‌କିସ୍ ବାନୋ'ଙ୍କ ଉପରେ ସିନେମା କରିବାକୁ ଚାହାନ୍ତି କଙ୍ଗନା**

'ଏକ୍ସ'ରେ ଜଣେ ୟୁଜରଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଅଭିନେତ୍ରୀ କଙ୍ଗନା ରାଣାୱତ୍ 'ବିଲ୍‌କିସ୍ ବାନୋ'ଙ୍କ କାହାଣୀକୁ ନେଇ ଏକ ଫିଲ୍ମ କରିବାକୁ ଚାହାନ୍ତି ବୋଲି କହିଛନ୍ତି।



**କୁହୁଡ଼ି ଆଚ୍ଛାଦିତ ଶ୍ରୀମନ୍ଦିର**



ବୁଧବାର ସକାଳ ୮ଟା୨୫: ଘନ କୁହୁଡ଼ିରେ ପୁରୀ ଶ୍ରୀମନ୍ଦିର ଅଦୃଶ୍ୟ ହୋଇଯାଇଛି। (ଫଟୋ-ମନୋରଞ୍ଜନ)

# ରାଜ୍ୟରେ ବାଲି ଉଠାଣ ବନ୍ଦ

## ପୁଣି ହାଇକୋର୍ଟ ଛାଟ

**କଟକ,୧୦।୧ (କାର୍ତ୍ତିକ ସାହୁ)**

ରାଜ୍ୟରେ ନଦୀଶଯ୍ୟାରୁ ବାଲି ଉତ୍ତୋଳନ ଉପରେ ପୁଣି ଲାଗିଛି ହାଇକୋର୍ଟଙ୍କ ଛାଟ। ବାଲି ଉଠାଣ ନେଇ ରାଜ୍ୟ ଖଣି ବିଭାଗ କରିଥିବା ବିଜ୍ଞପ୍ତି ଉପରେ ହାଇକୋର୍ଟ ବୁଧବାର ସ୍ଥଗିତାଦେଶ ଜାରି କରିଛନ୍ତି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ମୁରାହରି ଶ୍ରୀରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ବାଲି ଉଠାଣ ଉପରେ ଏହି ଅଙ୍କୁଶ ଲଗାଇଛନ୍ତି। ଆସନ୍ତା ଫେବୃଆରୀ ୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ପ୍ରକାଶ ଯେ, ବେଆଇନ ବାଲି ଚାଲାଣକୁ ନେଇ ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାର ଗତ ଡିସେମ୍ବର ୨ ତାରିଖ ଶୁଣାଣିରେ ହାଇକୋର୍ଟ କଟକର ତତ୍କାଳୀନ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଉପରେ ଭୀଷଣ କ୍ଷୁବ୍ଧ ହୋଇଥିଲେ। ଚୟନୀଙ୍କ ପକ୍ଷରୁ ବାଲି ଚାଲାଣକୁ ନେଇ ଦାଖଲ ସତ୍ୟପାଠକୁ ମିଥ୍ୟା ବୋଲି ହାଇକୋର୍ଟ ଅଭିହିତ କରିଥିଲେ। ବାଲି ଚାଲାଣର ବାସ୍ତବ ସ୍ଥିତି ଅଲଗା ଥିବାରୁ କେବଳ ନାମକୁ ମାତ୍ର ଜରିମାନା ଆଦାୟ କରି ବେଆଇନ ବାଲି ଚାଲାଣକୁ ପ୍ରଶାସନ ପ୍ରୋତ୍ସାହିତ କରୁଥିବା ହାଇକୋର୍ଟ କହିଥିଲେ। ଏପରି କି ତାଙ୍କ ବିରୋଧରେ ଆପରାଧିକ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ୍ ବୋଲି ହାଇକୋର୍ଟ ମତ ଦେଇଥିଲେ। ପରବର୍ତ୍ତୀ ଶୁଣାଣି ଡିସେମ୍ବର ୧୯ ତାରିଖରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ୍ ଜେନେରାଲ ବାଲି ଉଠାଣ ଉପରେ ଏକ ସତ୍ୟପାଠ ଦାଖଲ କରି ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ଉକ୍ତ ସତ୍ୟପାଠ ଅନୁସାରେ ୧୪ଟି ବାଲିଘାଟକୁ ବନ୍ଦ କରାଯାଇଛି। ଏଥିସହ କୌଣସି ବାଲିଘାଟ ଚାଲୁ ନାହିଁ ବୋଲି ଦର୍ଶାଇଥିଲେ। ହେଲେ ଡିସେମ୍ବର ୨୧ ତାରିଖରେ ରାଜ୍ୟ ଖଣି ବିଭାଗ ବାଲି ଉଠାଣ ଉପରେ ଏକ ବିଜ୍ଞପ୍ତି ଜାରି କରିଥିଲା। ଅତି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଖଣି ବିଭାଗ ଅନୁମତି ଦେଇଥିଲା। ଏନେଇ ଆବେଦନକାରୀଙ୍କ ପକ୍ଷରୁ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ବାଲିଘାଟରୁ ମେଶିନ ଦ୍ୱାରା ବାଲି ଉଠାଇବା ନିୟମ ନ ଥିବାବେଳେ ଖଣି ବିଭାଗ ମେକାନିକାଲ ଭାବେ ବାଲି ଉତ୍ତୋଳନ କରିବାକୁ ବିଜ୍ଞପ୍ତିରେ ପ୍ରକାଶ କରିଥିଲା। ହେଲେ ମେକାନିକାଲ ଉପାୟରେ କେମିତି ବାଲି ଉଠାଇବେ ତାହା ସ୍ପଷ୍ଟ କରି ନ ଥିଲା। ଫଳରେ ରାଜ୍ୟ ସରକାରଙ୍କ ଏହି ବିଜ୍ଞପ୍ତି ଉପରେ ହାଇକୋର୍ଟ କ୍ଷୁବ୍ଧ ହେବା ସହ ସ୍ଥଗିତାଦେଶ ଜାରି କରିଛନ୍ତି।

କଟକ ସହର ସମେତ ବିଭିନ୍ନ ନଦୀପଠାରୁ ବେଆଇନ ☞ପୃଷ୍ଠା-୧୧

## ଶିନ୍ଦେ ଗୋଷ୍ଠୀ ପ୍ରକୃତ ଶିବସେନା:ବାଚସ୍ପତି

■ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବୁଁ: ଉଦ୍ଧବ

**ମୁମ୍ବାଇ,୧୦।୧**

ମହାରାଷ୍ଟ୍ର ବିଧାନସଭା ବାଚସ୍ପତି ରାହୁଲ ନାରୱେକର ବୁଧବାର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ଶିବସେନା ଗୋଷ୍ଠୀକୁ ପ୍ରକୃତ ରାଜନୈତିକ ଦଳର ମାନ୍ୟତା ଦେଇଛନ୍ତି। ଏଥିସହ ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ନେତୃତ୍ୱାଧୀନ ଶିବସେନା ୟୁବିଟି ପକ୍ଷରୁ ଦାବି ହୋଇଥିବା ୧୬ ବିଦ୍ରୋହୀ ବିଧାୟକଙ୍କ ବିଧାନସଭା ସଦସ୍ୟତା ରଦ୍ଦ କରିବାକୁ ମନା କରିଦେଇଛନ୍ତି। ବାଚସ୍ପତି ନାରୱେକର ଶିନ୍ଦେ ଏବଂ ବିରୋଧୀ ଉଦ୍ଧବ ଗୋଷ୍ଠୀ ପକ୍ଷରୁ ପରସ୍ପର ବିରୋଧରେ ଆଗତ ଅଯୋଗ୍ୟ ଆବେଦନଗୁଡ଼ିକ ଉପରେ ନିଜ ରାୟ ଶୁଣାଇଛନ୍ତି। ସେ କହିଛନ୍ତି, ୨୦୨୨ ଜୁନ୍‌ରେ ଆବିର୍ଭାବ ହୋଇଥିବା ଶିବସେନା ହିଁ ପ୍ରକୃତ ଶିବସେନା। ୨୦୨୨ ଜୁନ୍ ୨୧ରେ ଶିବସେନା ୟୁବିଟିର ସୁନୀଲ ପ୍ରଭୁ ସଚେତକ ପଦ ହରାଇସାରିଥିଲେ ଏବଂ ଶିନ୍ଦେ ଗୋଷ୍ଠୀର ଭରତ ଗୋଗାୱାଲେ କ୍ଷମତାପ୍ରାପ୍ତ ହୁଇପ୍ ହୋଇଥିଲେ। ତେଣୁ ଶିନ୍ଦେଙ୍କୁ ଶିବସେନା ନେତା ନିଯୁକ୍ତ କରିବା ବୈଧ ନିଷ୍ପତ୍ତି। ତାଙ୍କ ସହ ମିଶି ବିଦ୍ରୋହ କରିଥିବା ବିଧାୟକମାନଙ୍କ ସଦସ୍ୟତା ରଦ୍ଦ କରାଯାଇପାରିବ ନାହିଁ। ଶିନ୍ଦେଙ୍କୁ ହଟାଇବା କ୍ଷମତା ଉଦ୍ଧବଙ୍କର ନ ଥିଲା। ଏପରି କି ଦଳର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ଆୟୋଜନ କରିବା କ୍ଷମତା ମଧ୍ୟ ଶିବସେନା ପ୍ରମୁଖଙ୍କର ନ ଥିଲା। ଶିବସେନାର ☞ପୃଷ୍ଠା-୧୧

**ଆଜିର ସମ୍ପାଦକୀୟ**

**ମନ୍ଦିର ବାହାରେ ସନ୍ଥ**

# ଆଳୁ ବିହନ ଯୋଗାଣରେ ଅବ୍ୟବସ୍ଥା

**ଜଳେଶ୍ୱର, ୧୦।୧(ରବିନାରାୟଣ ପାତ୍ର)**

ରାଜ୍ୟରେ ଆଳୁ ଚାହିଦା ମେଣ୍ଟାଇବା ଲାଗି ୧୦ବର୍ଷ ପୂର୍ବେ ଗଠନ ହୋଇଥିବା ଆଳୁ ମିଶନ ବାଲେଶ୍ୱର ଜିଲାରେ ଫେଲ୍ ମାରିଛି। ଚଳିତବର୍ଷ ବାଲେଶ୍ୱର ଜିଲାରେ ୧୬୬୦ ହେକ୍ଟର ଜମିରେ ଆଳୁଚାଷ ଲାଗି ଲକ୍ଷ୍ୟ ରହିଥିଲା। ବିହନ ଅଭାବରୁ ଜଳେଶ୍ୱର, ବସ୍ତାରେ ମାତ୍ର ୪୦ ହେକ୍ଟର ଜମିରେ ଚାଷ ପାଇଁ ବିହନ ବଣ୍ଟାସରିଛି। ଅମଳ ପରେ ସଂରକ୍ଷଣ ବ୍ୟବସ୍ଥା ନ ଥିବାରୁ ଅଭାବୀ ବିକ୍ରିର ସମ୍ମୁଖୀନ ହେବା ଆଶଙ୍କା ଥିବାରୁ ଚାଷୀମାନେ ଆଳୁ ଚାଷରୁ ମୁହଁ ମୋଡୁଛନ୍ତି । ଅଧିକ ପ୍ରୋତ୍ସାହନ ସହିତ ନିର୍ଦ୍ଦିଷ୍ଟ ସମୟରେ ଆଳୁ ବିହନ ଯୋଗାଣ ଓ ଅମଳ ପରେ ସଂରକ୍ଷଣ ଲାଗି ଶୀତଳଭଣ୍ଡାର ସୁବିଧା କରାଗଲେ ଆଳୁ ମିଶନ କାର୍ଯ୍ୟକ୍ଷମ ହୋଇପାରନ୍ତା ବୋଲି ଚାଷୀମାନେ କହିଛନ୍ତି।

ଆଳୁ ସାଧାରଣତଃ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ ମହାରାଷ୍ଟ୍ରରୁ ଆମଦାନୀ ହୋଇଥାଏ। କେତେକ ସମୟରେ ଉପରୋକ୍ତ ରାଜ୍ୟରୁ ଆଳୁ ଆସିବାରେ କଟକଣା ଦେଖାଦେଲେ ଲୋକେ କିଲୋ ପ୍ରତି ୮୦ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟରେ କିଣିବାକୁ ବାଧ ହୋଇଥାନ୍ତି। ଏହାର ପ୍ରତିକାର ଲାଗି ୧୦ବର୍ଷ ପୂର୍ବେ ଆଳୁ ମିଶନ ଗଠିତ ହୋଇ ରାଜ୍ୟର କେତେକ ସ୍ଥାନରେ ଆଳୁ ଚାଷ କରିବା ଲାଗି ପ୍ରୋତ୍ସାହନ ବ୍ୟବସ୍ଥା ହୋଇଥିଲା। ଆଳୁ ମିଶନ ଅନୁଯାୟୀ ଶୀତଳଭଣ୍ଡାର ଲାଗି ସରକାର ୧୦ କୋଟି ଟଙ୍କା ଯୋଗାଇ ୫୦ପ୍ରତିଶତ ରିହାତି ବ୍ୟବସ୍ଥା ରଖିଥିଲେ ମଧ୍ୟ ବ୍ୟାଙ୍କର ବିଭିନ୍ନ କଟକଣା ଯୋଗୁ ଗାଁ ଗହଳିର ଚାଷୀ ଏପରି ସୁବିଧାକୁ ବିନିଯୋଗ କରିପାରୁନାହାନ୍ତି। ଅନ୍ୟପକ୍ଷରେ ଆଳୁ ବିହନ ପଞ୍ଜାବର ପୋଖରାଜରୁ ଅଣାଯାଇ ଚାଷୀଙ୍କୁ ଦେବାର ବ୍ୟବସ୍ଥା ରହିଛି। ହେଲେ ନିର୍ଦ୍ଦିଷ୍ଟ ସମୟରେ ସରକାରୀ ଆଳୁ ବିହନ ଚାଷୀଙ୍କ ନିକଟରେ ପହଞ୍ଚିପାରୁନାହିଁ। ବରଂ ଚାଷୀମାନେ ସ୍ଥାନୀୟ ବ୍ୟବସାୟୀଙ୍କଠାରୁ ଆଳୁ ବିହନ କିଣି ଚାଷ କରିବାକୁ ବାଧ ହେଉଛନ୍ତି।

ଚଳିତବର୍ଷ ବାଲେଶ୍ୱର ଜିଲାରେ ୧୬୬୦ ହେକ୍ଟର ଜମିରେ ଆଳୁଚାଷ ହେବା ଲାଗି ଲକ୍ଷ୍ୟଧାର୍ଯ୍ୟ ହୋଇଛି । ସେଥିରୁ ଜଳେଶ୍ୱର କୃଷି ଜିଲା ଅଧୀନ ଜଳେଶ୍ୱରରେ ୨୬୦, ବାଲିଆପାଳରେ ୨୬୦ ଓ ଭୋଗରାଇରେ ୫୦ ହେକ୍ଟର ଜମିରେ ଆଳୁଚାଷ ହେବା ଲାଗି ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଯୋଗାଣ ହୋଇଥିବା ଆଳୁ ବିହନକୁ ଲକ୍ଷ୍ୟ କରି କେବଳ ବସ୍ତା ଓ ଜଳେଶ୍ୱର ବ୍ଲକରେ ୪୦ ହେକ୍ଟର ଜମିରେ ଚାଷ ଲାଗି ବ୍ୟବସ୍ଥା ହୋଇଛି । ଜଳେଶ୍ୱରରେ ଗତବର୍ଷ ୧୬.୬୭ ହେକ୍ଟର ଜମିରେ ଆଳୁଚାଷ ହୋଇଥିବା ବେଳେ ଚଳିତବର୍ଷ ମାତ୍ର ୧୦ହେକ୍ଟର ଜମିରେ ଚାଷ ହେବା ଲାଗି ୩୦୦ ବ୍ୟାଗ୍ ୧୫ କୁଇଣ୍ଟାଲ ବିହନ ଆସିଥିବା ସ୍ଥାନୀୟ ଉଦ୍ୟାନବିତ୍ ସୌମ୍ୟା ରଥ କହିଛନ୍ତି । ଜଳେଶ୍ୱରର ଚାଳନ୍ତି, ଏକତାଳି ଓ ଗଡସାହି ବାଲିଆପାଳର ୧୦୦ଜଣ ଚାଷୀଙ୍କୁ ଏଭଳି ଆଳୁ ବିହନ ବଣ୍ଟାଯାଇଛି। ବିହନର ମାନ ଠିକ୍ ରହୁ ନ ଥିବାରୁ ଚାଷୀମାନେ ☞ପୃଷ୍ଠା-୧୧

# ସ୍କୁଲରେ ଚାକିରି ଦେବା ଆଳରେ ବଡ଼ ଠକେଇ

**ଦମ୍ପତିଙ୍କ ସମେତ ୩ଜଣଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ**

■ ୬ ରାଜ୍ୟରେ ଠକେଇର ଚେର, ୧.୭ କୋଟି ଟଙ୍କା କାରବାର

■ ନକଲି ସରକାରୀ ୱେବ୍‌ସାଇଟ୍ ଖୋଲି ଫସାଉଥିଲେ, ଆଗକୁ ନେଇଥାନ୍ତେ ବିପୁଳ ଟଙ୍କା

**ଭୁବନେଶ୍ୱର,୧୦।୧(ସତ୍ୟଜିତ୍ ରାଉତ)**

ସରକାରୀ ଭଳି ତିଆରି କରିଥିଲେ ଅବିକଳ ୱେବସାଇଟ୍। ଖବରକାଗଜରେ ବିଜ୍ଞାପନ ଦେଇ ବିଛାଉଥିଲେ ଠକେଇର ଜାଲ। ସ୍କୁଲରେ ଚାକିରି ଦେବାକୁ କହି ଫସାଉଥିଲେ। ଆଗକୁ ଚାକିରି ଆଶାୟୀଙ୍କଠାରୁ ବଡ଼ ପରିମାଣର ଟଙ୍କା ଲୁଟିନେବାର ଯୋଜନା କରିଥିଲେ। ହେଲେ ବୁଧବାର ଏହି ବଡ଼ ଆନ୍ତଃରାଜ୍ୟ ଠକେଇ ର୍‍ୟାକେଟର ପର୍ଦ୍ଦାଫାଶ କରିଛି ଓଡ଼ିଶା କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)। ର୍‍ୟାକେଟରେ ସମ୍ପୃକ୍ତ ଦମ୍ପତିଙ୍କ ସମେତ ୩ ପ୍ରମୁଖ ସଦସ୍ୟଙ୍କୁ ଭୁବନେଶ୍ୱରରୁ ଇଓଡବ୍ଲ୍ୟୁ ଟିମ୍ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ହାଇଦ୍ରାବାଦ୍‌ର ମହମ୍ମଦ ସନାଉଲ୍ଲହା, ସାକ୍ଷୀ ଜୈନ୍ ଓ ବାଲେଶ୍ୱରର ସୁରତ ଦଳାଇ। ଏହି ୩ଜଣ କିଛିମାସ ହେଲା ଓଡ଼ିଶାରେ ରହି ବଡ଼ଧରଣର ଠକେଇ ପାଇଁ ଲାଗିପଡିଥିଲେ। ସେମାନଙ୍କ ପାଖରୁ ଗୋଟିଏ ଲାପଟପ୍, ୮ ମୋବାଇଲ, ୩ ପେନ୍‌ଡ୍ରାଇଭ୍, ୧୨ଟି ଏଟିଏମ୍ କାର୍ଡ ଓ ୧ ଲକ୍ଷ ନଗଦ ଟଙ୍କା ଜବତ ହୋଇଛି। ଇଓଡବ୍ଲ୍ୟୁ ଏନେଇ ସୂଚନା ପାଇବା ପରେ ଜାନୁଆରୀ ୯ରେ ନିଜ ପକ୍ଷରୁ ଏକ ମାମଲା (ନଂ.୧/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସ୍କୁଲ୍‌ର ବିଭିନ୍ନ ପଦବୀରେ ଚାକିରି ପାଇଁ ଆବେଦନ କରିବାକୁ ଗତ ଡିସେମ୍ବର ୧୮ ଓ ୨୨ରେ ଏଡେଡ୍ ସ୍କୁଲ୍‌ସ ୱେଲ୍‌ଫେୟାର ସୋସାଇଟି ନାଁରେ ଓଡ଼ିଆ ଖବରକାଗଜ 'ସମ୍ବାଦ'ରେ ବିଜ୍ଞାପନ ପ୍ରକାଶ ପାଇଥିଲା। ଇଓଡବ୍ଲ୍ୟୁ ଏହାର ଖୋଳତାଡ଼ କରିବା ଭିତରେ ଏହା ପଛରେ ବଡ଼ ଠକେଇ ର୍‍ୟାକେଟ୍ ଥିବା ଜଣାପଡ଼ିଥିଲା। ଅଭିଯୁକ୍ତମାନେ ଦିଲ୍ଲୀ, ମୁମ୍ବାଇ ଓ ହାଇଦ୍ରାବାଦ୍‌ରେ ରହି ଓଡ଼ିଶା, ଜମ୍ମୁ-କଶ୍ମୀର, ଗୁଜରାଟ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଛତିଶଗଡ଼ ସମେତ ୬ଟି ରାଜ୍ୟରେ ଏପରି ଠକେଇ କରୁଥିବା ଜଣାପଡିଥିଲା। ତେବେ ଅଭିଯୁକ୍ତମାନଙ୍କୁ ଗିରଫ ପରେ ଇଓଡବ୍ଲ୍ୟୁ ସେମାନଙ୍କୁ କଟକ ଓପିଆଇଡି କୋର୍ଟକୁ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ☞ପୃଷ୍ଠା-୧୧



ଗିରଫ ଅଭିଯୁକ୍ତ ମହମ୍ମଦ ସନାଉଲ୍ଲହା ଓ ସୁରତ ଦଳାଇ।

# ଅଯୋଧ୍ୟା ଯିବେନି ସୋନିଆ, ଖାର୍ଗେ



ସୋନିଆ ଗାନ୍ଧୀ



ମଲ୍ଲିକାର୍ଜୁନ ଖାର୍ଗେ

**କଂଗ୍ରେସ କହିଲା**

■ ଧର୍ମ ଏକ ବ୍ୟକ୍ତିଗତ ବ୍ୟାପାର

■ ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ଭାଜପାର ରାଜନୈତିକ ଲାଭ ପାଇଁ ଉଦ୍ଦିଷ୍ଟ

**ନୂଆଦିଲ୍ଲୀ,୧୦।୧**

ଆସନ୍ତା ୨୨ରେ ଅଯୋଧ୍ୟାରେ ହେବାକୁ ଥିବା ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବରେ କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ ଓ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଯୋଗଦେବେ ନାହିଁ। ସେହିପରି ନିମନ୍ତ୍ରଣ ପାଇଥିବା ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ ନାହିଁ ବୋଲି ବୁଧବାର ଦଳ ପକ୍ଷରୁ କୁହାଯାଇଛି।

ଏଆଇସିସି ସାଧାରଣ ସମ୍ପାଦକ ଜୟରାମ ରମେଶ ଏକ ବିବୃତିରେ କହିଛନ୍ତି, ଧର୍ମ ଏକ ବ୍ୟକ୍ତିଗତ ବ୍ୟାପାର। କିନ୍ତୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଏବଂ ଭାରତୀୟ ଜନତା ପାର୍ଟି (ଭାଜପା) ଅଯୋଧ୍ୟା ରାମମନ୍ଦିରକୁ ଏକ ରାଜନୈତିକ ପ୍ରକଳ୍ପରେ ପରିଣତ କରିଦେଇଛନ୍ତି। ଭାଜପା-ଆର୍‌ଏସ୍‌ଏସ୍ ନେତାମାନଙ୍କ ଦ୍ୱାରା ଅସମ୍ପୂର୍ଣ୍ଣ ମନ୍ଦିରର ଉଦ୍‌ଘାଟନ ରାଜନୈତିକ ଲାଭ ପାଇଁ କରାଯାଉଛି। ୨୦୧୯ରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ମାନି ଅନେକ ନିୟୁତ ରାମଭକ୍ତଙ୍କ ଭାବାବେଗକୁ ଖାର୍ଗେ, ସୋନିଆ ଓ ଅଧୀର ସମ୍ମାନ ଦେଉଛନ୍ତି। କିନ୍ତୁ ଆର୍‌ଏସ୍‌ଏସ୍/ଭାଜପାର ବୋଲି ସ୍ପଷ୍ଟ ପ୍ରତୀୟମାନ ହେଉଥିବା ଏହି କାର୍ଯ୍ୟକ୍ରମରେ ସେମାନେ ସାମିଲ ହେବେ ନାହିଁ।

ସଂଖ୍ୟାଲଘୁଙ୍କ ଭାବାବେଗ ସହ କଂଗ୍ରେସ ଖେଳୁଥିବା ନେଇ ଭାଜପା ଅଭିଯୋଗ ଆଣୁଥିବାବେଳେ ସାଧାରଣ ନିର୍ବାଚନ ପୂର୍ବରୁ ଏହି ହାଇପ୍ରୋଫାଇଲ କାର୍ଯ୍ୟକ୍ରମରେ ଯୋଗଦେବାକୁ କଂଗ୍ରେସ ମନା କରିବା ଦୁଇଦଳ ମଧ୍ୟରେ ଆଉ ଏକ ବିବାଦର ସୂତ୍ର ପାଲଟିପାରେ। ବାମପନ୍ଥୀ, ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସମେତ ଅନେକ ବିରୋଧୀ ଦଳ ପ୍ରାଣପ୍ରତିଷ୍ଠା ଉତ୍ସବରେ ଯୋଗ ନ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ସମାଜବାଦୀ ପାର୍ଟି (ଏସ୍‌ପି) ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି)ର ନିମନ୍ତ୍ରଣକୁ ଅଗ୍ରାହ୍ୟ କରିଦେଇଥିଲେ ହେଁ ଯୋଗଦେବା ଉପରେ ନିଷ୍ପତ୍ତି ନେଇନାହିଁ। ଏସ୍‌ପି ବିଧାୟକମାନେ କିନ୍ତୁ ଯିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ମୁଖ୍ୟ ଶରଦ ପାୱାର କହିଛନ୍ତି, ☞ପୃଷ୍ଠା-୧୧

# ନାବାଳିକାଙ୍କୁ ଗଣବଳାତ୍କାର ପରେ ହତ୍ୟା

**ବଡ଼ଗାଁ, ୧୦।୧(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ବାଗବୁଡ ଗାଁ ନିକଟ ରାସ୍ତା ପାର୍ଶ୍ୱ ଜଙ୍ଗଲରୁ ଇତମା ଗ୍ରାମର ଜଣେ ନାବାଳିକାଙ୍କ ମୃତଦେହ ବୁଧବାର ପୋଲିସ ଜବତ କରିଛି। ତାଙ୍କୁ ଗଣବଳାତ୍କାର ପରେ ହତ୍ୟା କରାଯାଇଥିବା ପରିବାର ଲୋକେ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି।

ଇତମା ଗ୍ରାମର ସମ୍ପୃକ୍ତା ନାବାଳିକା ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଶାଗ ତୋଳିବାକୁ ଯାଉଛି କହି ଘରୁ ବାହାରିଥିଲେ। ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଏହି ସମୟରେ ଗ୍ରାମର ଜଣେ ଯୁବକଙ୍କ ସହ ନାବାଳିକା ଯାଉଥିବା ଦେଖିଥିଲେ ବୋଲି ଗ୍ରାମର ଜଣେ ବ୍ୟକ୍ତି ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ଏ ନେଇ ନାବାଳିକାଙ୍କ ଭାଇ ରାତିରେ ଥାନାରେ ନିଖୋଜ ହୋଇଥିବା ଜଣାଇଥିଲେ। ବୁଧବାର ସକାଳେ ନାବାଳିକାଙ୍କ ମୃତଦେହ ଜଙ୍ଗଲରେ ପଡ଼ିଥିବା ଲୋକେ ଦେଖି ତାଙ୍କ ପରିବାର ଲୋକଙ୍କୁ ସୂଚନା ଦେଇଥିଲେ। ନାବାଳିକାଙ୍କ ଓଢ଼ଣିର କିଛି ଅଂଶ ଏକ ଗଛରେ ବନ୍ଧାହୋଇଥିଲାବେଳେ ବେକରେ କିଛି ଅଂଶ ବନ୍ଧା ହୋଇଛି। ଏଥିରୁ ହତ୍ୟା ପରେ ଆତ୍ମହତ୍ୟା ରୂପ ଦେବାକୁ ଚେଷ୍ଟା ☞ପୃଷ୍ଠା-୧୧

# 'ସବୁଜ ରାକ୍ଷସ'ର ରହସ୍ୟ ଫିଟାଇଲା ନାସା

ୱାଶିଂଟନ୍,୧୦।୧: ମହାକାଶରେ ଗତବର୍ଷ ଠାବ ହୋଇଥିବା ଗ୍ରିଞ୍ଚ ନାମକ ଏକ 'ସବୁଜ ରାକ୍ଷସ'ର ରହସ୍ୟ ଭେଦ କରିବାରେ ସକ୍ଷମ ହୋଇଛି ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ନାସାର ସଦ୍ୟ ଅଧ୍ୟୟନ। ଏନେଇ ସ୍ପେସ୍ ଡଟ୍ କମ୍‌ରେ ଏକ ରିପୋର୍ଟ ପ୍ରକାଶ ପାଇଛି। ଉକ୍ତ ରିପୋର୍ଟ ଅନୁସାରେ ନାସାର ଜେମ୍ସ ୱେବ୍ ସ୍ପେସ୍ ଟେଲିସ୍କୋପ୍ ଗତବର୍ଷ ଏପ୍ରିଲରେ 'ଗ୍ରୀନ୍ ମୋନ୍‌ଷ୍ଟର'ର ଫଟୋକୁ ନିଜ ଲେନ୍ସରେ କଏଦ୍ କରିଥିଲା। ପୃଥିବୀଠାରୁ ପ୍ରାୟ ୧୧,୦୦୦ ଆଲୋକବର୍ଷ ଦୂରତାରେ ଉତ୍ତପ୍ତ ବାଷ୍ପର ଏକ ବର୍ଦ୍ଧନଶୀଳ କୋଷିକା ଅବସ୍ଥିତ। ତହିଁରେ ଥିବା କାସିଓପିଆ ଏ (କାସ୍ ଏ)ର ସମ୍ମୁଖ ଭାଗ ଅଦ୍ଭୁତ 'ଏମିଶନ ୱାଲ୍'ର ଚିତ୍ରକୁ ଟେଲିସ୍କୋପ୍ ଉତ୍ତୋଳନ କରିଛି। ଆମ ପାଖରେ ୩୪୦ ବର୍ଷ ପୂର୍ବେ ପହଞ୍ଚିଥିବା କାସ୍ ଏର ଆଲୋକ ଅତୀତରେ ମହାକାଶ ବିଜ୍ଞାନୀମାନଙ୍କୁ ବିସ୍ମିତ କରିଦେଇଥିଲା। ଗତ ୮ତାରିଖରେ ନ୍ୟୁ ଅର୍ଲିନ୍ସରେ ଅନୁଷ୍ଠିତ ଆମେରିକାନ୍ ଆଷ୍ଟ୍ରୋନୋମିକାଲ ସୋସାଇଟି ସମ୍ମିଳନୀରେ ଏହା ଉପରେ ବିସ୍ତୃତ ବିବରଣୀ ଉପସ୍ଥାପନ କରାଯାଇଥିଲା। ସେଥିରୁ ଜଣାପଡ଼ିଛି ଯେ, କାସ୍ ଏ ବିସ୍ଫୋରଣରେ ଧ୍ୱଂସ ହୋଇସାରିଥିବା ଏକ ନକ୍ଷତ୍ରର ଅବଶେଷ। ଏହି ତାରକା ୩୪୦ ବର୍ଷ ତଳେ ବିସ୍ଫୋରଣ ହୋଇ ସୁପରନୋଭାରେ ପରିଣତ ହୋଇଥିଲା। ଏହା ପ୍ରାୟ ୧୦ ଆଲୋକବର୍ଷ କ୍ଷେତ୍ରରେ ପରିବ୍ୟାପ୍ତ। ଏଥିରେ ଥିବା ସବୁଜ ରଙ୍ଗର ଚକଚକିଆ ଲୁପ୍‌କୁ ନେଇ ବିଶେଷଜ୍ଞ ଦଳ ଆଗ୍ରହ ପ୍ରକାଶ କରିଛନ୍ତି। କାସ୍ ଏ'ର ବାହ୍ୟଭାଗରେ ଥିବା ଲାଲ, ସବୁଜ ଓ ନୀଳ ଇନ୍‌ଫ୍ରାରେଡ୍‌କୁ ମଧ୍ୟ ନାସାର ସ୍ପିଟ୍‌ଜର ସ୍ପେସ୍ ଟେଲିସ୍କୋପ୍ କ୍ୟାପ୍‌ଚର କରିବାରେ ସକ୍ଷମ ହୋଇଛି। ଗ୍ରୀନ୍ ମୋନ୍‌ଷ୍ଟରର ବାହ୍ୟରେଖା ଯନ୍ତ୍ରର ଦ୍ୱିତୀୟ ଫଟୋରେ ଦୃଶ୍ୟମାନ ହେଉଛି ବୋଲି ନାସା କହିଛି।



ମୋର ବିଶ୍ୱାସ ଭାରତର ଦୁର୍ବଳତାର ପ୍ରଧାନ କାରଣ ତା'ର ଦାସତ୍ୱ ନୁହେଁ– ଦାରିଦ୍ର୍ୟ କି ଧର୍ମ ବା ଆଧ୍ୟାତ୍ମିକତାର ଅଭାବ ମଧ୍ୟ ନୁହେଁ କିନ୍ତୁ ଚିନ୍ତାଶକ୍ତିର ହ୍ରାସ ଓ ଜ୍ଞାନର ଜନ୍ମଭୂମିରେ ଅଜ୍ଞାନର ବିସ୍ତାର। ସର୍ବତ୍ର ମୁଁ ଦେଖୁଛି– ଚିନ୍ତା କରିବା ନିମିତ୍ତ ଅନିଚ୍ଛା ଓ ଅକ୍ଷମତା ଆଉ ମଧ୍ୟ ଭୟ –ଶ୍ରୀଅରବିନ୍ଦ

-ବକୁଳ ଅମାବାସ୍ୟା, ଚନ୍ଦ୍ରକ୍ଷୟ, ନିଶିପାଳନ ଓ ଶରଣ ଆରମ୍ଭ



# ମନ୍ଦିର ବାହାରେ ସନ୍ଥ



ଦେବଦତ୍ତ ପଟ୍ଟନାୟକ

ଖ୍ରୀଷ୍ଟିଆନ ଏବଂ ଇସ୍‌ଲାମିକ ଭକ୍ତି ଈଶ୍ୱରଙ୍କ ନିୟମ ପାଳନ ଉପରେ ପର୍ଯ୍ୟବସିତ। ଈଶ୍ୱରଙ୍କ ନିକଟରେ ଆତ୍ମସମର୍ପଣ ହିଁ ଏହି ଧର୍ମଗୁଡ଼ିକର ମୁଖ୍ୟ ସିଦ୍ଧାନ୍ତ। ସେହିଭଳି ଭାବ ଓ ଭକ୍ତି ହିନ୍ଦୁଧର୍ମର ମୂଳମନ୍ତ୍ର। ଏହି ଭକ୍ତି ମନ୍ଦିରର ଅନେକ ରୀତିନୀତି ଏବଂ ପର୍ବପର୍ବାଣି ସହିତ ଜଡ଼ିତ। ହିନ୍ଦୁମାନେ ଏଥିରେ ଅଂଶଗ୍ରହଣ କରିଥାନ୍ତି। ଏହା ଆମକୁ ଏକ ଦିବ୍ୟଜଗତ ସହ ସମ୍ପର୍କିତ କରିଥାଏ ବୋଲି ବିଶ୍ୱାସ ରହିଛି। ସାମଗ୍ରିକ ଭାବେ ଦେଖିବାକୁ ଗଲେ ସବୁଧର୍ମ ଈଶ୍ୱରଙ୍କ ଉପସ୍ଥିତିକୁ ସ୍ୱୀକାର କରେ। ଖ୍ରୀଷ୍ଟିଆନ ଏବଂ ଇସ୍‌ଲାମ ଧର୍ମ ଅନୁଯାୟୀ ଈଶ୍ୱରଙ୍କ ଉପସ୍ଥିତି କିମ୍ବା ଦୃଷ୍ଟିରେ ସମସ୍ତେ ସମାନ ଥିବାବେଳେ ହିନ୍ଦୁ ମନ୍ଦିର ରୀତିନୀତିରେ ଶୁଦ୍ଧ (ସ୍ୱଚ୍ଛ)ଏବଂ ଅଶୁଦ୍ଧ (ଅସ୍ୱଚ୍ଛ)ବିଚାର ରହିଛି। ଏମାନଙ୍କ ମଧ୍ୟରେ ଉଚ୍ଚନୀଚ ଜାତିଭିତ୍ତିକ ସ୍ତର ମଧ୍ୟ ଅଛି। ହିନ୍ଦୁ ଧର୍ମରେ ଶୁଦ୍ଧମାନେ ମନ୍ଦିର ଭିତର ଭାଗରେ ପ୍ରବେଶ କରିବାକୁ ଅନୁମତି ପାଇଲେ, ଅର୍ଦ୍ଧଶୁଦ୍ଧଙ୍କୁ ମନ୍ଦିରର ଏକ ସୀମା ଯାଏ ପ୍ରବେଶ କରିବାକୁ ଅନୁମତି ମିଳିଲା। କିନ୍ତୁ ଅଶୁଦ୍ଧମାନେ ସମ୍ପୂର୍ଣ୍ଣ ମନ୍ଦିର ବାହାରେ ରହିଗଲେ। ତେଣୁ ଶୁଦ୍ଧ ଏବଂ ଅଶୁଦ୍ଧ ଶ୍ରେଣୀର ସାମାଜିକ ବିଚାରଧାରାରେ ପ୍ରଭେଦ ଓ ତିକ୍ତତା ରହିଛି। ଏହା ଯୋଗୁ ଦେବତା ଓ ଭକ୍ତଙ୍କ ମଧ୍ୟରେ ପାଚେରି ଠିଆ ହୋଇଛି। ଦିଅଁ ଓ ଭକ୍ତ ମଧ୍ୟରେ ଆଧ୍ୟାତ୍ମିକ ଧାରଣାରେ ତିକ୍ତତା ରହିଛି। ଏଭଳି ପାଞ୍ଚଟି କାହାଣୀ ସମ୍ପର୍କରେ ଏଠାରେ ଦୃଷ୍ଟି ଆକର୍ଷଣ କରାଯାଉଛି।

ପ୍ରଥମରେ, ତାମିଲ ବୈଷ୍ଣବଙ୍କ କାହାଣୀ ବିଚାରକୁ ନିଆଯାଉ। ସେହି ସବୁ କାହାଣୀ ମଧ୍ୟରେ ଶ୍ରୀରଙ୍ଗମ୍ ମନ୍ଦିରରେ ଥିରୁପନ ଅଲୱାରଙ୍କ କଥା ଆମେ ଶୁଣିଛୁ। ଶ୍ରୀରଙ୍ଗମ୍ ମନ୍ଦିରର ସେ ମହାନ୍ ଗାୟକ ଓ ଜଣେ ସନ୍ଥ। ସେ ସମୟରେ ବ୍ରାହ୍ମଣମାନେ କାବେରୀ ନଦୀରେ ଗାଧୋଇବା ପବିତ୍ର ବୋଲି ବିବେଚନା କରୁଥିଲେ। ଏଣୁ କାବେରୀ ନଦୀର ଏକ ନିର୍ଦ୍ଦିଷ୍ଟ ଭାଗରେ ଥିରୁପନଙ୍କୁ ପହଞ୍ଚିବାକୁ ଅନୁମତି ଦିଆଯାଏ ନାହିଁ। ଥରେ ସେ ନଦୀକୁ ଯାଇଥିବା ସମୟରେ ଜଣେ ବ୍ରାହ୍ମଣ ଏହି ଗାୟକ ସାଧୁଙ୍କ ଉପରକୁ ପଥର ଫିଙ୍ଗିଥିଲେ। କିନ୍ତୁ ସେହି ପଥର ହଠାତ୍ ନଦୀର ପବିତ୍ର ଭାଗରେ ଆସି ପଡ଼ିଲା। ବ୍ରାହ୍ମଣଙ୍କ ଏଭଳି କାର୍ଯ୍ୟରେ ଦେବୀ ଅସନ୍ତୁଷ୍ଟ ହେବା ସହ ତାଙ୍କୁ ସ୍ୱପ୍ନରେ ତାହା ଜଣାଇଲେ। ସ୍ୱପ୍ନରେ ଦେବୀଙ୍କ ମୁଣ୍ଡରୁ ରକ୍ତସ୍ରାବ ହେଉଥିବା ସେହି ବ୍ରାହ୍ମଣ ଜଣକ ଦେଖିଲେ। କେବଳ ଏତିକି ନୁହେଁ, ସେହି ସାଧୁ ଗାୟକଙ୍କୁ ମନ୍ଦିର ଭିତରକୁ ନେବା ଲାଗି ଦେବୀ ମଧ୍ୟ ତାଙ୍କୁ ସ୍ୱପ୍ନାଦେଶ କରିଥିଲେ।



ଏହା ପରେ ତାମିଲ ଶୈବମାନଙ୍କ ମଧ୍ୟରେ ନନ୍ଦନାର ନାୟାମନାରଙ୍କ ସମ୍ପର୍କରେ ଏକ କାହାଣୀ ଶୁଣିବାକୁ ମିଳେ। ତାଙ୍କୁ ଚିଦାମ୍ବରମ୍ ମନ୍ଦିରରେ ପ୍ରବେଶ କରିବାକୁ ଅନୁମତି ଦିଆଯାଏ ନାହିଁ। ଅଗ୍ନିରେ ଚାଲିବା ପରେ ତାଙ୍କୁ ମନ୍ଦିର ପ୍ରବେଶ କରିବାକୁ ଅନୁମତି ଦିଆଯାଏ। କାରଣ ଏହି କାର୍ଯ୍ୟ ତାଙ୍କୁ ଶୁଦ୍ଧ ସାବ୍ୟସ୍ତ କରିଥାଏ। ତାଙ୍କର ଶୁଦ୍ଧ ସ୍ଥିତି ବ୍ରାହ୍ମଣଙ୍କ ଉପବୀତ ଏବଂ ଭସ୍ମ ବୋଳାର ପବିତ୍ର ଅବସ୍ଥାକୁ ଦର୍ଶାଏ। ଏହା ଜାତିପ୍ରଥାରେ ଏକ ପରିବର୍ତ୍ତନ ସ୍ଥିତିକୁ ସୂଚାଇଥାଏ। ଏଥିରୁ ବୁଝାପଡ଼େ ଯେ, ମନ୍ଦିରକୁ ପ୍ରବେଶ କରିବା ପାଇଁ ଆବଶ୍ୟକ ହେଉଥିବା ଏକମାତ୍ର ଉପାୟ ହେଉଛି ଶୁଦ୍ଧତା। ଏଭଳି ଅଶୁଦ୍ଧତା ବିଚାର କେବେ ବି ସଦାଚାର କିମ୍ବା ନୈତିକ ସିଦ୍ଧାନ୍ତ ଆଧାରିତ ନୁହେଁ; ଏହା କେବଳ ଏକ ରୀତିନୀତି ବା ପରମ୍ପରା। ନନ୍ଦନାରଙ୍କ କାହାଣୀ ଦ୍ୱାଦଶ ଶତାବ୍ଦୀରେ ଲିଖିତ ପେରିଆ ପୁରାଣମ୍‌ରୁ ଆସିଛି। ଅନ୍ୟ ଏକ କାହାଣୀ ଆମକୁ ସୂଚିତ କରେ ଯେ ନନ୍ଦନାରଙ୍କୁ ମନ୍ଦିର ସୀମା ପାର ହେବାକୁ ଅନୁମତି ଦିଆଯାଇ ନ ଥିଲା। କେବଳ ବାହାରେ ରହି ତାଙ୍କୁ ଦେବତାଙ୍କୁ ଦେଖିବାକୁ ପଡୁଥିଲା। ପଥର ନିର୍ମିତ ନନ୍ଦୀ ତାଙ୍କ ଦିଅଁ ଦର୍ଶନରେ ବାଧା ସୃଷ୍ଟି କରୁଥିଲା। ତେଣୁ ପବିତ୍ର ଗର୍ଭଗୃହର ସ୍ପଷ୍ଟ ଦୃଶ୍ୟ ଦେଖିବାକୁ ସକ୍ଷମ ହେବା ଲାଗି ଶିବ ପଥର ନନ୍ଦୀଙ୍କୁ ଘୁଞ୍ଚାଇ ଦେଇଥିଲେ।

ମହାରାଷ୍ଟ୍ରର ପ୍ରସିଦ୍ଧ ମନ୍ଦିର ପନ୍ଧାରପୁର। ସେଠାରେ ପ୍ରଭୁ ବିଠଲ ବିରାଜିତ। ସେହି ମନ୍ଦିର ସହ ଜଡ଼ିତ ସନ୍ଥ ଚୋଖାମେଲାଙ୍କ ବିଷୟରେ ଆମେ ଜାଣିଛେ। ସେ ଥିଲେ ବିଠଲଙ୍କ ଭକ୍ତ। କିନ୍ତୁ ଚାଖାମେଲାଙ୍କୁ ମନ୍ଦିର ଭିତରକୁ ଯିବାକୁ ଦିଆଯାଇ ନ ଥିଲା। ତାଙ୍କୁ ମନ୍ଦିର ବାହାରେ ସମାଧି ଦିଆଯାଇଛି। ପୂଜକମାନେ କହନ୍ତି ଯେ, ଦିବ୍ୟ ସ୍ପର୍ଶ ଲାଭ କରିବାକୁ ଆଶା କରୁଥିବା ବିଠଲ ଯେଭଳି ନାମ ଜପ କରନ୍ତି ଠିକ୍ ସେମିତି ଏବେ ବି ତାଙ୍କ ଅସ୍ଥି ଶବ୍ଦ (ନାମଜପ)କରିବା ଶୁଣିବାକୁ ମିଳେ।

ଉଡୁପି କର୍ଣ୍ଣାଟକର କନକ ଦାସଙ୍କ ବିଷୟରେ ଆମେ ଶୁଣିବାକୁ ପାଉ। ସେ ଜଣେ ମେଷପାଳକ। ତାଙ୍କୁ ମନ୍ଦିର ଭିତରକୁ ଯିବାକୁ ଦିଆଯାଇ ନ ଥିଲା। କିନ୍ତୁ ସେ ଭକ୍ତି ପଥରୁ ବିଚ୍ୟୁତ ହୋଇ ନ ଥିଲେ। କନକ ଦାସ ମନ୍ଦିର ପଛରେ ବସି ରହନ୍ତି ଓ ବିରାଜିତ ପ୍ରଭୁ ଶ୍ରୀକୃଷ୍ଣଙ୍କ ଭଜନ ଜଣାଣ ଗାନ କରିଥାଆନ୍ତି। ବାସ୍ତବରେ ଭକ୍ତଙ୍କ ପାଇଁ ହିଁ ଭଗବାନ। କନକ ଦାସଙ୍କ ଭଳି ଭକ୍ତଙ୍କୁ ଦେଖିବାକୁ ଆଗ୍ରହୀ ହୋଇ କୃଷ୍ଣଙ୍କ ମୂର୍ତ୍ତି ବୁଲିପଡ଼ିଲେ ଓ ମନ୍ଦିର କାନ୍ଥରେ ଫାଟ ସୃଷ୍ଟି ହେଲା। ଏହିପରି ଭାବେ ପୁରୋହିତମାନେ ଯେଉଁ କଟକଣା ରଖିଥିଲେ ତାହା ସ୍ୱୟଂ ପ୍ରଭୁ ଭାଙ୍ଗିବାକୁ ସକ୍ଷମ ହେଲେ। ଶେଷରେ କନକ ଦାସ ପ୍ରଭୁଙ୍କୁ ଦର୍ଶନ କରିପାରିଲେ।

ଓଡ଼ିଶାର ପୁରୀ ଶ୍ରୀମନ୍ଦିରରେ ପ୍ରଭୁ ଶ୍ରୀଜଗନ୍ନାଥ ବିରାଜିତ। ମନ୍ଦିରର ମୁଖ୍ୟ ଦ୍ୱାର ଦେଇ ପ୍ରବେଶ କରିବା ସମୟରେ ଆଜି ମଧ୍ୟ ଜଣେ ପ୍ରବେଶ କରିବାବେଳେ ଦେବତାଙ୍କର ଏକ ପ୍ରତିକୃତି ଦେଖିବାକୁ ପାଇଥା'ନ୍ତି। ଏହା ପତିତପାବନ ମନ୍ଦିର ଭାବେ ଜଣାଶୁଣା। ଯେଉଁମାନଙ୍କୁ ଜଗନ୍ନାଥ ମନ୍ଦିର ଭିତରକୁ ଯିବାକୁ ଅନୁମତି ଦିଆଯାଇ ନ ଥାଏ, ସେଠାରେ ପ୍ରଭୁଙ୍କ ଦର୍ଶନ ଲାଗି ଏହି ପ୍ରତିକୃତି ରଖାଯାଇଛି। ମନ୍ଦିର ପ୍ରବେଶ ଦ୍ୱାରରେ ପତିତପାବନଙ୍କ ଉପସ୍ଥିତି ଭାରତର ସାମାଜିକ ବାସ୍ତବତାକୁ ସ୍ମରଣ କରାଇ ଦେଇଥାଏ।

–devduttofficial@gmail.com

# ଦୃଢ଼ ଇଚ୍ଛାଶକ୍ତି



ଉମାଶଙ୍କର ପ୍ରସାଦ

ଆମ ଗାଁ ଗହଳିରେ ଗୋଟିଏ ପ୍ରବାଦ ବାକ୍ୟାବଳୀ ଶୁଣିବାକୁ ମିଳିଥାଏ, ଯାହା ହେଉଛି 'ବାମନ ହୋଇ ଚନ୍ଦ୍ରକୁ ହାତ ବଢ଼ାଇବାକୁ ଚେଷ୍ଟା'! ଏ କଥାର ତାତ୍ପର୍ଯ୍ୟ ହେଲା ଦୀନ, ଦୁଃଖୀ, ଅସମର୍ଥ ବ୍ୟକ୍ତି ଯଦି ନିଜର ଅବସ୍ଥାକୁ ବିଚାର ନ କରି ଉଚ୍ଚ ଆଶା ଓ ଆକାଂକ୍ଷାର ସ୍ୱପ୍ନ ଦେଖେ ସେତେବେଳେ ଅନେକ ବ୍ୟକ୍ତି ତା'ର ଏହି ଉଚ୍ଚ ଆଶାକୁ ଦେଖି ଉପରୋକ୍ତ ବାକ୍ୟାବଳୀଟି କହିଥାନ୍ତି। ଯଦି ପୃଥିବୀର ଇତିହାସ ପୃଷ୍ଠାକୁ ଅବଲୋକନ କରିବା ତେବେ ସ୍ପଷ୍ଟ ଅନୁମେୟ ହେବ ଯେ କେତେଜଣ ବାମନ ଅସଂଖ୍ୟ ଡେଙ୍ଗା ଲୋକଙ୍କୁ ଟପି ନିଜର ଅଧ୍ୟବସାୟ, ଦୃଢ଼ ମାନସିକ ତଥା ଅଦମ୍ୟ ଚେଷ୍ଟା ବଳରେ ବାମନ ହୋଇ ସୁଦ୍ଧା ଚନ୍ଦ୍ରକୁ ହାତ ବଢ଼ାଇ ନିଜ ଜୀବନରେ ସଫଳତା ପାଇଛନ୍ତି। ସେଦିନ ବିଲାତରେ କୌଣସି ପିଲା ପରିବାରର ଅର୍ଥାଭାବ ଯୋଗେ ଚା' ନ ପାଇ ଗରମପାଣି ପିଇ ଶୀତ ନିବାରଣ କରୁଥିଲା। କିନ୍ତୁ ସମୟର ଗତି ବଡ଼ ବିଚିତ୍ର। ସେହି ପିଲା ଦିନେ ବିଲାତର ପ୍ରଧାନମନ୍ତ୍ରୀ ହେଲା! ସେହିଭଳି ଯୁକ୍ତରାଷ୍ଟ୍ର ଆମେରିକାର ଜଣେ ପିଲା ଘରେ ଆଲୁଅ ଜାଳିବାକୁ ପଇସା ନ ପାଇବାରୁ ସଡ଼କର ବତିଖୁଣ୍ଟ ଆଲୁଅରେ ବସି ପାଠ ପଢ଼ି ସେହି ଦେଶର ରାଷ୍ଟ୍ରପତି ହୋଇଥିଲେ। ସେହି ଯୁକ୍ତରାଷ୍ଟ୍ରର ଜଣେ ରାଷ୍ଟ୍ରପତିଙ୍କର ଉନ୍ନତି ଘଟିଥିଲା 'ପତ୍ରକୁଡ଼ିଆରୁ ରାଜପ୍ରାସାଦକୁ'। ଆଉ ଜଣେ ଦରିଦ୍ର ବାଳକଟି ଗୋଟିଏ କାଠ କ୍ୟାବିନରେ ବାପା ଓ ସାବତ ମା'ଙ୍କ ସହ ବାସ କରୁଥିଲା। କାଠୁରିଆର ପୁଅ କୌଣସି ବ୍ୟବସାୟୀ ପାଖରେ ଚାକିରିକରି ପେଟ ପୋଷୁଥିଲେ। ସହରକୁ ଜିନିଷପତ୍ର ଡଙ୍ଗାରେ ବୋହିବା ତା'ର ନିତିଦିନିଆ କାର୍ଯ୍ୟ ଥିଲା। ଦିନେ କୌତୂହଳବଶତଃ ଦାସବଜାରକୁ ତାକୁ ଯିବାକୁ ପଡ଼ିଥିଲା। ଦାସମାନଙ୍କୁ କ୍ରୟକରି ତାଙ୍କ ଉପରେ ହେଉଥିବା ଅକଥନୀୟ ଅତ୍ୟାଚାର ଓ ଯନ୍ତ୍ରଣା ଦେଖି ପ୍ରତିଜ୍ଞା କରିଥିଲା, " ଯଦି ଭବିଷ୍ୟତରେ ସେ କେବେ ଏହି ଅସହାୟ ଦୁର୍ଭାଗ୍ୟମାନଙ୍କୁ ମୁକୁଳାଇବାର ସୁବିଧା ପାଏ ତେବେ ସେ ତାକୁ ନିଶ୍ଚୟ ପାଳନକରିବ"। ସେ ଥିଲେ ମହାନ୍ ମାନବବାଦୀ ନେତା ଆବ୍ରାହମ ଲିଙ୍କନ୍। ପରବର୍ତ୍ତୀ ଜୀବନରେ ଆମେରିକାର ରାଷ୍ଟ୍ରପତି ହେବା ସହ ଦାସପ୍ରଥା ଲୋପକରିବାକୁ ଆଇନ ପ୍ରଣୟନ କରିଥିଲେ।

ସେହିପରି ସେଦିନ ବଙ୍ଗ ପ୍ରଦେଶକୁ ଜଣେ ଗୋରା ସାହେବ ଆସିଥିଲେ, ଯେ କି ଦିନେ କୁଲିଗିରି କରି ଜୀବିକାର୍ଜନ କରୁଥିଲେ। ପ୍ରଥମ ମହାସମରର ବିରାଟ ମନ୍ଥନ ମଧ୍ୟରୁ 'ଚେକୋସ୍ଲୋଭାକିଆ' ରାଜ୍ୟ ପ୍ରତିଷ୍ଠା କରିଥିଲେ ସେ ଜଣେ ସାମାନ୍ୟ କଚୱାନ୍‌ର ପୁଅ ଥିଲେ ଯାହାଙ୍କ ନାମ ଥିଲା 'ଟୋମାସ ମାସରିକ୍'। ସେ ଅଧ୍ୟବସାୟ ବଳରେ ସେହି ରାଷ୍ଟ୍ରର ରାଷ୍ଟ୍ରପତି ହୋଇଥିଲେ। ସେହିପରି ସେ ଦିନର ଇଟାଲୀର ଭାଗ୍ୟବିଧାତା ମୁସୋଲିନ୍ ଦରିଦ୍ର କମାରଘରେ ଜନ୍ମ ଗ୍ରହଣ କରିଥିଲେ। ସେ ଦେଶକୁ ସାମ୍ୟବାଦୀ କବଳରୁ ମୁକ୍ତ କରିବା ପାଇଁ ସଂକଳ୍ପବଦ୍ଧ ହୋଇ ଫାସିଦଳ ସଙ୍ଗଠନକରି ଲକ୍ଷ୍ୟ ସାଧନ ଦିଗରେ ସଫଳତାର ପାହାଚ ଚଢ଼ିଥିଲେ। ସେହିପରି ପୃଥିବୀ ବିଖ୍ୟାତ ହିଟ୍‌ଲର ଇଟାଭାଟିରେ କାମ କରି ନିଜର ପେଟ ପୋଷୁଥିଲେ। କିନ୍ତୁ ତାଙ୍କର ପ୍ରତ୍ୟୁତ୍ପନ୍ନମତିତା , ବିଚକ୍ଷଣ ବୁଦ୍ଧି, ଅଦମ୍ୟ ସାହସ , ଦମ୍ଭ ଓ ବାଗ୍ମିତା ବଳରେ ସମାଜବାଦୀ ଦଳ ପ୍ରତିଷ୍ଠା କରିଥିଲେ, ଯାହାଙ୍କ ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜର୍ମାନୀ ଗଠନ ଓ ଜାତୀୟ ସମାଜବାଦର ପ୍ରବର୍ତ୍ତନ।

ରୁଷିଆର କର୍ଣ୍ଣଧାର ଷ୍ଟାଲିନ୍ ଜଣେ ଦୃଢ଼ ଓ ଦୁର୍ଦ୍ଦମ ନେତା ତଥା ବାସ୍ତବବାଦୀ ବିଚକ୍ଷଣ ରାଜନୀତିଜ୍ଞ ଭାବରେ ନିଜର ପରିଚୟ ସୃଷ୍ଟି କରିଥିଲେ। ଭାରତର ସେହିପରି ଅନେକ ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନେ ପିଲାଟି ଦିନରୁ ସଂଘର୍ଷ ଭିତରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ସେମାନଙ୍କ ମଧ୍ୟରେ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ଯାହାଙ୍କ ଜନ୍ମ ସାମାନ୍ୟ ପୂଜାରୀ ଘରେ। ବ୍ୟାସକବି ଫକୀର ମୋହନ ସେନାପତି ଥିଲେ ମାତୃହରା ଓ ରୋଗଣା। ଅନଟନ, ରୁଗ୍‌ଣ, ପେଟର ଭୋକକୁ ପଛରେ ପକାଇ ସେ ସମୟ ସହିତ ସଂଘର୍ଷ କରି ବ୍ୟାସକବି ହୋଇପାରିଥିଲେ। ଗଙ୍ଗାଧର ମେହେର ଅଳ୍ପ କିଛି ପାଠ ପଢ଼ିଥିଲେ। ଦାରିଦ୍ର୍ୟ ଯୋଗୁ ତାଙ୍କୁ ତନ୍ତ ପାଖରେ ବସି ଲୁଗା ବୁଣି ଗୁଜୁରାଣ ମେଣ୍ଟାଉଥିଲେ। ଜଣେ ପରମ ସାଧକ ଭାବରେ ନିଜର ସାଧନା ବଳରେ ଓଡ଼ିଆ ସାହିତ୍ୟର ବାଣୀଭଣ୍ଡାରକୁ ରୁଦ୍ଧିମନ୍ତ କରିଥିଲେ। ତେବେ ବାମନ ହୋଇ ଯିଏ ପ୍ରବଳ ଇଚ୍ଛାଶକ୍ତି, ଅଧ୍ୟବସାୟ,ଉଦ୍‌ଯୋଗ ବଳରେ ଚନ୍ଦ୍ରକୁ ହାତ ବଢ଼ାଇବାର ସ୍ୱପ୍ନ ଦେଖୁଛନ୍ତି ତାଙ୍କର ସେ ସ୍ୱପ୍ନ ସାକାର ହେଉଛି।

**ଖୋର୍ଦ୍ଧା, ମୋ: ୬୩୭୦୬ ୭୫୫୬୨**

## ଏଇ ଭାରତରେ

ଚାକିରି ପଛରେ ନ ଧାଇଁ ବାଉଁଶ ଉତ୍ପାଦ ବ୍ୟବସାୟରୁ ବର୍ଷକୁ ୨୫ ଲକ୍ଷ ଟଙ୍କା ରୋଜଗାର କରିବା ନିଶ୍ଚିତ ଭାବେ ଏକ ବଡ଼ ସଫଳତା। ଏହା ସମ୍ଭବ ହୋଇଛି ବିହାରର ସତ୍ୟମ୍ ସୁନ୍ଦରମ୍‌ଙ୍କ ଜୀବନରେ। ସେ ୨୦୨୨ରେ 'ମଣିପୁର ବାଉଁଶ କଳାକୃତି' ବିଜ୍‌ନେସ ଆରମ୍ଭ କରି ଏବେ ୧୫୦ ପ୍ରକାର ବାଉଁଶ ଉତ୍ପାଦ ବିକ୍ରି କରୁଛନ୍ତି। ଏସବୁ ଉତ୍ପାଦ ପରିବେଶ ଉପଯୋଗୀ। ଜିଭ ସଫା ପାତ, ଟୁଥ୍‌ବ୍ରସ, ପେନ୍‌ଷ୍ଟାଣ୍ଡଠାରୁ ଆରମ୍ଭ କରି ଲ୍ୟାମ୍ପ ଶେଡ୍, ଫ୍ଲାସ୍କ, ନେକ୍‌ପିସ୍, ଷ୍ଟ୍ର, କଟେଲେରି, କପ୍, ପ୍ଲେଟ ଏବଂ ବିଭିନ୍ନ ଘରକରଣା ଜିନିଷ ବିକ୍ରି କରୁଛନ୍ତି। ଉତ୍ପାଦର ମୂଲ୍ୟ ୧୦ରୁ ୪୦,୦୦୦ ଟଙ୍କା ମଧ୍ୟରେ ରହିଛି। ଏମ୍‌ବିଏ ଶେଷ କରିବା ପରେ ସତ୍ୟମ୍ ରାସ୍ତାକଡ଼ରେ ୧୦ଟି ବାଉଁଶ ବୋତଲ ବିକ୍ରିରୁ ତାଙ୍କ ବିଜ୍‌ନେସ ଆରମ୍ଭ କରିଥିଲେ। ତାଙ୍କ ସାନ ଭାଇଠାରୁ ୧୫,୦୦୦ ଟଙ୍କା ଧାର ନେଇ ସେ ଏହା କରିଥିଲେ। ମାତ୍ର ଦୁଇବର୍ଷରେ ସେ ତାଙ୍କ ଉତ୍ପାଦକୁ ବିହାର ବ୍ୟତୀତ ତେଲଙ୍ଗନା, କେରଳ, ଗୁଜରାଟ, ମହାରାଷ୍ଟ୍ର ଏବଂ ଦିଲ୍ଲୀରେ ପହଞ୍ଚାଇ ପାରିଛନ୍ତି। ସତ୍ୟମ୍‌ଙ୍କ ବୟସ ଏବେ ୨୭। ମୁଙ୍ଗେର ଜିଲା ଲଖନପୁର ଗାଁରେ ତାଙ୍କ ଜନ୍ମ। ପିଲାଦିନେ ସେ ଭଲ ପଢୁ ନ ଥିଲେ ଓ ଯେଉଁ ସରକାରୀ ବିଦ୍ୟାଳୟରେ ପଢୁଥିଲେ ସେଠାରେ ତାଙ୍କୁ 'ଜଙ୍ଗଲୀ' ବୋଲି ପିଲାଏ କହୁଥିଲେ; ଯେଉଁଥି ପାଇଁ ସେହି ସ୍କୁଲ ଛାଡ଼ିବାକୁ ପଡ଼ିଥିଲା। ଏବେ ବ୍ୟବସାୟରେ ସଫଳତା ପାଇବା ପରେ ସେହି ସ୍କୁଲର ଅତିଥି ଭାବେ ଯୋଗଦେଇ ଜୀବନର କଥା ବଖାଣିବା ତାଙ୍କ ପାଇଁ ଗର୍ବର ବିଷୟ ବୋଲି କହନ୍ତି ସତ୍ୟମ୍।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୧୧ ଜାନୁଆରୀ ୧୯୭୫**

- ଲସ୍‌ଆଞ୍ଜେଲସ୍‌ଠାରେ ଦୁଇଟି ବିମାନ ପରସ୍ପର ସହିତ ଧକ୍କା ଖାଇ ପିଲାମାନେ ଖେଳୁଥିବା ଗୋଟିଏ ବିଦ୍ୟାଳୟର ଖେଳପଡ଼ିଆରେ ଖଣ୍ଡ ଖଣ୍ଡ ହୋଇ ଖସିପଡ଼ିବା ଫଳରେ ୧୦ ଜଣଙ୍କ ମୃତ୍ୟୁ।
- କର୍ତ୍ତବ୍ୟରତ ଅବସ୍ଥାରେ ମୃତ୍ୟୁବରଣ କରିଥିବା କେନ୍ଦ୍ର ସରକାରୀ କର୍ମଚାରୀଙ୍କ ପରିବାର ପାଇଁ ନୂତନ ସାହାଯ୍ୟ ଯୋଜନା ଘୋଷଣା।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 3 | | 8 | 7 | | 5 | | | |
| | | | 1 | | 2 | | | |
| | 5 | | | | | | 4 | 1 |
| | | | | | | | | 7 |
| 9 | 4 | | | | 3 | | | 5 |
| | | | | | | | 3 | |
| 8 | | | 5 | 3 | | 2 | | |
| | | | | | 1 | | | 6 |
| 6 | | | | 2 | | | 7 | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 7 | 6 | 9 | 4 | 1 | 5 | 8 |
| 6 | 1 | 4 | 8 | 5 | 7 | 3 | 9 | 2 |
| 5 | 9 | 8 | 2 | 1 | 3 | 6 | 7 | 4 |
| 7 | 5 | 3 | 4 | 6 | 1 | 2 | 8 | 9 |
| 1 | 4 | 2 | 5 | 8 | 9 | 7 | 3 | 6 |
| 9 | 8 | 6 | 3 | 7 | 2 | 4 | 1 | 5 |
| 8 | 3 | 5 | 7 | 4 | 6 | 9 | 2 | 1 |
| 2 | 6 | 9 | 1 | 3 | 5 | 8 | 4 | 7 |
| 4 | 7 | 1 | 9 | 2 | 8 | 5 | 6 | 3 |

ଗତକାଲିର ଉତ୍ତର

# ଯାହା ଜରୁରୀ ମନେହୁଏ



ବିଚିତ୍ର ବିଶ୍ୱାଳ

ଯେଉଁ କାମ ତୁରନ୍ତ ନ ହେଲେ ସମସ୍ୟା ବଢ଼ିଯାଏ, ଯେଉଁ କାମ ଭବିଷ୍ୟତରେ ଆସିବାକୁ ଥିବା ବିପଦକୁ କମ୍ କରିଥାଏ, ଯାହା କରିବା ଦ୍ୱାରା ଭବିଷ୍ୟତ ସୁରକ୍ଷିତ ହୋଇଥାଏ ସେସବୁକୁ ଜରୁରୀ ପଦବାଚ୍ୟ କରାଯାଇପାରେ। ନୂଆବର୍ଷ ୨୦୨୪ ଏଇମାତ୍ର ଆଗମନ ହୋଇଛି। ଦଳ ଦଳ ହୋଇ ଭୋଜିଭାତର ଆୟୋଜନ ଚାଲୁଛି। ନୂଆବର୍ଷର ଖୁସି, ଶୁଭେଚ୍ଛା ବାର୍ତ୍ତା ଓ ଉତ୍ସବର ବାତାବରଣ ଭିତରେ ୨୦୨୪ରେ ଆମ ଦେଶର ଜନସାଧାରଣଙ୍କ ସମୃଦ୍ଧ ସୁନ୍ଦର ଜୀବନ ଓ ଶାନ୍ତିପୂର୍ଣ୍ଣ ସହାବସ୍ଥାନକୁ ନିଶ୍ଚିତ କରିବା ପାଇଁ ଯାହା ଜରୁରୀ ମନେହୁଏ ତା' ଉପରେ ଆଲୋକପାତ କରିବା ବର୍ତ୍ତମାନ ସମୟରେ ଅତ୍ୟନ୍ତ ପ୍ରାସଙ୍ଗିକ ମନେହୁଏ।

ଶାନ୍ତିପୂର୍ଣ୍ଣ ସହାବସ୍ଥାନ ରାସ୍ତାରେ ସମ୍ପ୍ରତି ବଡ଼ ପ୍ରତିବନ୍ଧକ ହୋଇ ଠିଆ ହୋଇଛି ସମଗ୍ର ଦେଶରେ ଧର୍ମ ନାମରେ ଲୋକମାନଙ୍କର ଭାବାବେଗକୁ ନିୟନ୍ତ୍ରଣ କରି ରାଜନୀତି ରୁଟି ସେକିବା। ଗତ କେତେ ବର୍ଷ ହେବ ଏପରି କାମ ବଢ଼ି ଚାଲିଛି। ପରିଣାମରେ ସାଧାରଣ ଲୋକମାନଙ୍କ ମଧ୍ୟରେ ପରସ୍ପର ପ୍ରତି ଅବିଶ୍ୱାସ ଓ ଆଶଙ୍କା ବୃଦ୍ଧି ପାଉଛି, ହିଂସା ବଢୁଛି। ଦୁର୍ଭାଗ୍ୟର ବିଷୟ ଯେ, ଏହା କୌଣସି ଅପରାଧୀ ବା ଆତତାୟୀଙ୍କ ଦ୍ୱାରା ହେଉନାହିଁ। ଗୋଟେ ସଙ୍ଗଠିତ ଶକ୍ତି ନିରନ୍ତର ଭାବେ ଏପରି କରିଚାଲିଛନ୍ତି। ସମ୍ପ୍ରତି ସାରା ଦେଶରେ ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠାକୁ ନେଇ ପ୍ରବଳ ଉତ୍ସାହ ଲାଗିରହିଥିବା ବେଳେ ଦୁଇଜଣ ଲୋକ ମୁସଲମାନର ଛଦ୍ମ ନାମରେ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଓ ରାମ ମନ୍ଦିରକୁ ଉଡ଼େଇ ଦେବାକୁ ସାମାଜିକ ଗଣମାଧ୍ୟମରେ ଧମକ ଦେଇଛନ୍ତି। ସେମାନଙ୍କ ଉଦ୍ଦେଶ୍ୟ ସ୍ପଷ୍ଟ, ଏପରି ହେଲେ ହିନ୍ଦୁମାନଙ୍କର ମୁସଲମାନଙ୍କ ପ୍ରତି ଆକ୍ରୋଶ ଓ ଘୃଣା ବଢ଼ିବ ଓ ଦରକାର ପଡ଼ିଲେ ହିଂସା ଓ ଦଙ୍ଗାର ରୂପ ନେଇପାରେ। ଅପରାଧୀମାନଙ୍କର ଅସଲ ଲକ୍ଷ୍ୟ ହେଉଛି, ଆମ ଦେଶର ଧର୍ମ ନିରପେକ୍ଷତାର ଭାବନାକୁ ଦୁର୍ବଳ କରି ଏକ ଧର୍ମୀୟ ଦାଦାଗିରି ପ୍ରତିଷ୍ଠା କରିବା। ଏହାର ପରିଣାମ କେବେ ବି ଶାନ୍ତି ଓ ମୈତ୍ରୀପୂର୍ଣ୍ଣ ସହାବସ୍ଥାନ ହେବ ନାହିଁ। ତେଣୁ ୨୦୨୪କୁ ଯଦି ଶାନ୍ତି ଓ ମୈତ୍ରୀର ବର୍ଷ ଭାବେ ସ୍ଥାପିତ କରିବାକୁ ଚାହୁଁଛେ, ତେବେ ପ୍ରଥମେ ଧର୍ମ ନାମରେ ଘୃଣା ଓ ହିଂସା ପ୍ରସାରକୁ ବନ୍ଦ କରିବାକୁ ହେବ। ଏଥିପାଇଁ ସର୍ବପ୍ରଥମ ଦାୟିତ୍ୱ ଜନସାଧାରଣଙ୍କର ହେବା ଉଚିତ। ସାଧାରଣ ଲୋକମାନେ ଧର୍ମର ଠିକାଦାର ଓ ନେତାମାନଙ୍କର ଆକ୍ରୋଶମୂଳକ ଭାଷଣରେ ଭଳି ନ ଯାଇ, ଭିନ୍ନ ସମ୍ପ୍ରଦାୟ ପ୍ରତି ଘୃଣାଭାବ ପୋଷଣ ନ କରି ପରସ୍ପର ପ୍ରତି ସ୍ନେହ ଓ ପ୍ରେମ ପ୍ରଦର୍ଶନ କରିବାକୁ ହେବ। ଏହା ହିଁ ୨୦୨୪ରେ ସବୁଠାରୁ ଜରୁରୀ ମନେହୁଏ।

ଏଥିସହିତ ଅବୈଜ୍ଞାନିକ ଚିନ୍ତାଧାରାର ପ୍ରଚାର ପ୍ରସାର ଜୋର୍‌ସୋରରେ ଚାଲୁଛି। ଏହି କାମର ନେତୃତ୍ୱ ନେତାମାନେ ନେଉଛନ୍ତି। ସେମାନେ ଚାହାନ୍ତି ଲୋକମାନେ ଘଟଣାର କାରଣ ଓ ପ୍ରାସଙ୍ଗିକତା ନ ଖୋଜି ଅନ୍ଧ ଭାବେ ସେମାନଙ୍କ କଥାକୁ ସମର୍ଥନ କରନ୍ତୁ। ତେଣୁ ସେମାନେ କଳେବଳେ କୌଶଳେ ଲୋକମାନଙ୍କ ମଧ୍ୟରେ ଅବୈଜ୍ଞାନିକ ଚେତନାର ପ୍ରସାର କରିବାରେ ଲାଗିଛନ୍ତି । ଦୁର୍ଭାଗ୍ୟର ବିଷୟ, ଅବୈଜ୍ଞାନିକ ଚିନ୍ତାଧାରା ତଥା ଅଯୌକ୍ତିକ ଓ ଅପ୍ରାସଙ୍ଗିକ ଘଟଣାକୁ ଆମ ସଂସ୍କୃତି ଓ ପରମ୍ପରା କହି ଗର୍ବ କରିବାକୁ କୁହାଯାଉଛି। ଆଜିର ଯୁଗରେ ଅବୈଜ୍ଞାନିକ ଚିନ୍ତାଧାରା ଦେଶକୁ ଶହେ ବର୍ଷ ପଛକୁ ନେଇଯିବ। ତେଣୁ ବୈଜ୍ଞାନିକ ଚିନ୍ତାଧାରାକୁ ବିକାଶ କରି ଅନ୍ଧବିଶ୍ୱାସ ତଥା କପୋଳକଳ୍ପିତ ପ୍ରସଙ୍ଗକୁ ପଛ କରିବା, ଏହି ନୂଆବର୍ଷରେ ବହୁତ ଜରୁରୀ ମନେହୁଏ। ଆଜିକାଲି ମହିଳାଙ୍କ ଉପରେ ହିଂସା ଏତେ ବଢ଼ିଛି ଯେ, ଗାଁ ଗହଳି ଛାଡ଼ନ୍ତୁ ସହରର ବଡ଼ ବଡ଼ ବିଶ୍ୱବିଦ୍ୟାଳୟରେ ବି ଛାତ୍ରୀମାନଙ୍କୁ ବଳାତ୍କାରର ଶିକାର ହେବାକୁ ପଡୁଛି।



ଯେଉଁମାନେ ଏପରି ଅପରାଧ ଘଟାଉଛନ୍ତି, ସେମାନଙ୍କୁ ଦଣ୍ଡ ପ୍ରଦାନ କରିବାରେ ନ୍ୟାୟ ବ୍ୟବସ୍ଥା ପୂର୍ଣ୍ଣମାତ୍ରାରେ ସକ୍ଷମ ହୋଇପାରୁନାହିଁ। ସମ୍ପ୍ରତି ଏକ ବଡ଼ ରାଜନୈତିକ ଦଳର ଆଇଟି ସେଲ୍ ସହିତ ସମ୍ପୃକ୍ତ ଥିବା ତିନି ଜଣ ଯୁବକ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରୀଙ୍କୁ ବଳାତ୍କାର କରିଥିବା ଜଣାପଡ଼ିଛି। ତା'ଠାରୁ ବଡ଼ ଦୁର୍ଭାଗ୍ୟର ବିଷୟ ଯେ, ସେହି ଅପରାଧୀମାନଙ୍କର ଫଟୋ ବଡ଼ ବଡ଼ ନେତା ଓ ମନ୍ତ୍ରୀଙ୍କ ସହିତ ଘୂରିବୁଲୁଛି। ନୂଆବର୍ଷରେ ଆମେ କ'ଣ ମହିଳାମାନଙ୍କୁ ସୁରକ୍ଷା ଦେଇପାରିବାକୁ ସକ୍ଷମ ହୋଇପାରିବା? ଏକ ପ୍ରଗତିଶୀଳ ଓ ସମୃଦ୍ଧ ଦେଶ ଗଢ଼ି ତୋଳିବା ପାଇଁ ମହିଳାଙ୍କ ସୁରକ୍ଷାକୁ ନିଶ୍ଚିତ କରିବା ଜରୁରୀ।

୨୦୨୩ରେ ଭାରତରେ ବେକାରି ସମସ୍ୟା ଶୀର୍ଷରେ ପହଞ୍ଚିଥିଲା। ୨୦୨୪ରେ ଏହା ଉତ୍କଟ ହେବାର ସମ୍ଭାବନା ରହିଛି। ସିଏମ୍‌ଆଇଇର ତଥ୍ୟ ଅନୁସାରେ ଦେଶରେ ସମ୍ପ୍ରତି ବେକାରି ହାର ୭.୯୫%ରେ ପହଞ୍ଚିଛି। ଆଙ୍ଗୁଠି ଗଣତି ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଇଣ୍ଟରଭ୍ୟୁ ପାଇଁ ଲକ୍ଷାଧିକ ପ୍ରାର୍ଥୀ ଆସୁଛନ୍ତି। ତେଣୁ କେବଳ ଆତ୍ମନିର୍ଭର ଭାରତର ସ୍ଲୋଗାନରେ ଦାୟିତ୍ୱ ନ ସାରି ୨୦୨୪ରେ ବେକାରି ସମସ୍ୟାକୁ ସମାଧାନ କରିବା ପାଇଁ ପଦକ୍ଷେପ ନେବା ଆବଶ୍ୟକ। ଭାରତ ଏକ କୃଷିପ୍ରଧାନ ଦେଶ। କିନ୍ତୁ କୃଷକମାନଙ୍କ ପରିସ୍ଥିତି ସବୁଠୁ ସାଂଘାତିକ। ଦିନକୁ ଦିନ ସେମାନଙ୍କ ସଂଖ୍ୟା ହ୍ରାସ ପାଇ ଦିନମଜୁରିଆଙ୍କ ସଂଖ୍ୟା ବଢୁଛି। ଦେଶର ଅର୍ଦ୍ଧାଧିକ ଜମିରେ ଏଯାଏ ପାଣି ପହଞ୍ଚି ପାରିନାହିଁ। ଗୋଦାମ ଓ ଶୀତଳ ଭଣ୍ଡାର କଥା ନ କହିଲେ ଭଲ। ଆମେ ଚନ୍ଦ୍ରରେ ପହଞ୍ଚି ସାରିଲେଣି, କିନ୍ତୁ ପ୍ରତ୍ୟେକ ବ୍ଲକରେ ଶୀତଳ ଭଣ୍ଡାର ଓ ଗୋଦାମ ତିଆରି ହୋଇପାରିନାହୁଁ। ଫଳସ୍ୱରୂପ ଉଚିତ ଦାମ୍ ମିଳୁ ନ ଥିବାରୁ ଓ ଉତ୍ପାଦକୁ ଗଚ୍ଛିତ ରଖିବାର ସୁବିଧା ନ ଥିବାରୁ ଚାଷୀମାନେ ତାଙ୍କ ଉତ୍ପାଦକୁ ରାଜରାସ୍ତାରେ ଫୋପାଡୁଛନ୍ତି। ଚାଷୀଙ୍କୁ ଉତ୍ପାଦନର ଉଚିତ ମୂଲ୍ୟ ମିଳୁନାହିଁ। ସର୍ବନିମ୍ନ ସହାୟକ ମୂଲ୍ୟ ନାମରେ ଚାଷୀଙ୍କୁ ଯାହା ଦିଆଯାଉଛି, ତାହା ତାଙ୍କର ନିବେଶ ଖର୍ଚ୍ଚଠାରୁ କମ୍। ତେଣୁ ପ୍ରତ୍ୟେକ ବର୍ଷ ଚାଷୀ କ୍ଷତି ସହୁଛି। ଚାଷୀମାନେ ଋଣଭାରରେ ବୁଡ଼ି ରହିଛନ୍ତି। ଚାଷୀ ଆତ୍ମହତ୍ୟା ବଢ଼ି ଚାଲୁଛି। ତଥ୍ୟ ଅନୁସାରେ ଆମ ଦେଶରେ ପ୍ରତି ଅଧଘଣ୍ଟାରେ ଜଣେ ଚାଷୀ ଆତ୍ମହତ୍ୟା କରୁଛି। ୨୦୨୪ ଏଥିରୁ ବି ବାଦ୍ ଯିବନି, ଯଦି ଜରୁରିକାଳୀନଭିତ୍ତିରେ ଚାଷୀଙ୍କୁ ଅନ୍ତତଃ ପକ୍ଷେ ତାଙ୍କ ଉତ୍ପାଦନର ଉଚିତ ମୂଲ୍ୟ ଓ ସୁରକ୍ଷା ଭଣ୍ଡାର ବ୍ୟବସ୍ଥା କରା ନ ଯାଏ।

ଆମ ଗଣତନ୍ତ୍ରିକ ଦେଶ ଏକଚ୍ଛତ୍ରବାଦ ଆଡ଼କୁ ମୁହାଁଉଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଲୋକ ସଭାରେ ଏକ ସଙ୍ଗରେ ଶହେ ପାଖାପାଖି ସାଂସଦଙ୍କୁ ବହିଷ୍କାର କରାଯାଉଛି। ବିରୋଧୀଙ୍କ ଅନୁପସ୍ଥିତିରେ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାସ୍ କରାଯାଉଛି ନ ହେଲେ ଅଧ୍ୟାଦେଶ ମାଧ୍ୟମରେ ତାହା କରାଯାଇ ବିରୋଧୀଙ୍କୁ ମତ ରଖିବାକୁ ସୁଯୋଗ ଦିଆଯାଉନାହିଁ। ସୁପ୍ରିମକୋର୍ଟ ମତ ଦେଲେ, ନିର୍ବାଚନ କମିଶନ ପରି ଗୁରୁତ୍ୱପୂର୍ଣ୍ଣ ପଦବୀର ଚୟନ ପ୍ରଧାନମନ୍ତ୍ରୀ, ବିରୋଧୀଦଳ ନେତା ଓ ପ୍ରଧାନ ବିଚାରପତିଙ୍କ ଦ୍ୱାରା ମିଳିତ ଭାବେ ହେବାକଥା। କିନ୍ତୁ ସରକାର ଏହାକୁ ଅମାନ୍ୟ କରି ଚୟନ ସମିତିରେ ପ୍ରଧାନ ବିଚାରପତିଙ୍କ ସ୍ଥାନକୁ କାଟି ଆଉ ଜଣେ କ୍ୟାବିନେଟ୍ ମନ୍ତ୍ରୀଙ୍କୁ ରଖୁଛନ୍ତି। ଉଦ୍ଦେଶ୍ୟ ସ୍ପଷ୍ଟ, କ୍ଷମତାରେ ଥିବା ଦଳ ହିଁ ସବୁବେଳେ ନିଜ ପସନ୍ଦର ବ୍ୟକ୍ତିଙ୍କୁ ନିର୍ବାଚନ କମିଶନ ନିଯୁକ୍ତି କରିବେ। ପରିଣାମ ସ୍ୱରୂପ ଗଣତନ୍ତ୍ର ହିଁ ଦୁର୍ବଳ ହେବ ଓ ଏକଚ୍ଛତ୍ରବାଦ ଦିଗରେ ଦେଶ ମୁହାଁଇବ। ୨୦୨୪ ପ୍ରାରମ୍ଭରେ ଗଣତନ୍ତ୍ରର ସୁରକ୍ଷା ଦିଗରେ ପଦକ୍ଷେପ ନେବା ଜରୁରୀ ମନେହୁଏ।

**ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର**
**ମୋ: ୯୪୩୮୪୬୮୪୭୪**

## ପାଠକ ଶ୍ରେଷ୍ଠ ବିଚାରକ

### ଚାରିଥାକିଆ ସୁରକ୍ଷା ବଳୟ

ମହାଶୟ,

ନୂତନ ଲୋକ ସଭା ସଂସଦ ଭବନର ନିରାପତ୍ତା ପ୍ରତି ଦୃଷ୍ଟି ଦେଇ ସରକାର ଚାରିଥାକିଆ ସୁରକ୍ଷା ବଳୟ ସୃଷ୍ଟି କରିଛନ୍ତି। ସେଥିପାଇଁ ରାଜକୋଷ ଅର୍ଥ ବ୍ୟୟ ପୂର୍ବକ ଉଚ୍ଚ ବେତନଭୋଗର ଦକ୍ଷ ସୁରକ୍ଷା କର୍ମଚାରୀମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। କାରଣ ୨୨ ବର୍ଷ ପୂର୍ବେ ଆତଙ୍କବାଦୀମାନେ ସଂସଦ ଭବନ ଉପରେ ଆକ୍ରମଣ କରିଥିଲେ। ଏତଦ୍‌ବ୍ୟତୀତ ଖଲିସ୍ଥାନୀ କୁଖ୍ୟାତ ନେତା ଗୁର୍‌ପତ୍‌ୱନ୍ତ ସିଂହ ପନ୍ନୁ ସଂସଦ ଭବନ ଆକମ୍ରଣ କରିବା ପାଇଁ ଧମକ ଦେଇଥିଲେ। ତାହାର ଟ୍ରେଲର ଗତ ବର୍ଷ ଡିସେମ୍ବର ୧୩ ରେ ଦେଖିବାକୁ ମିଳିଲା। ଧମକପୂର୍ଣ୍ଣ କଥାକୁ ଚାରିଥାକିଆ ସୁରକ୍ଷା ବଳୟ ସୁରକ୍ଷାକର୍ମୀମାନେ ହାଲୁକା ଭାବେ ଗ୍ରହଣ କରିବା ଦ୍ୱାରା ଏ ଅଘଟଣ ଘଟିଲା। ୨ ଜଣ ଗୃହ ମଧ୍ୟଭାଗକୁ ଆସି ଗ୍ୟାସ୍ ବମ୍ ପକାଇଥିଲେ। ଗ୍ୟାସ୍ ବମ୍‌ରୁ ନିର୍ଗତ ହଳଦିଆ ଗ୍ୟାସ୍ ଗୃହରେ ଖେଳିଯାଇଥିଲା। ସେମାନେ ଗୃହରେ ସରକାର ବିରୋଧୀ ଧ୍ୱନି ଦେଇଥିଲେ। ଅବଶ୍ୟ ସେମାନଙ୍କୁ ତରନ୍ତ କାବୁ କରାଯାଇପାରିଥିଲା । ଏହା ଏକ ସମ୍ବେଦନଶୀଳ ଘଟଣା। ସୁରକ୍ଷାକର୍ମୀଙ୍କ ଦକ୍ଷତା ପ୍ରତି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୁଏ। ଏବେ କେନ୍ଦ୍ର ସରକାର ସିଆଇଏସ୍‌ଏଫ୍‌ଙ୍କୁ ସୁରକ୍ଷା ଦାୟିତ୍ୱ ଦେଇଛନ୍ତି। ସେମାନେ ସତର୍କ ନ ରହିଲେ ପୂର୍ବଭଳି ସଂସଦରେ ଦୁର୍ଘଟଣା ଘଟିବା ସମ୍ଭାବନା ରହିବ। ଏହି ପରିପ୍ରେକ୍ଷିରେଏବକାର ଘଟଣାକୁ ପୁଙ୍ଖାନୁପୁଙ୍ଖ ତଦନ୍ତ ପୂର୍ବକ ପ୍ରକୃତ ଦୋଷୀମାନଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ଆବଶ୍ୟକ।

**–ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସ୍ୱଦେଶ ବିଦେଶ ସୀମାରେଖା ନାହିଁ ମାନେ
ଚାଲିଛି ଚମକି କି ଭୀଷଣ ଅଭିଯାନେ !
ସବୁ ଜାତି ରୂପ ସବୁ ନରନାରୀ ଏକ
ସବୁ ଭାଷାଭାଷୀ ଗାଉଛି କେବଳ
ମଣିଷ ଜାତିର ଟେକ।
–(ଅଗଣିତ ଆଗୁଆନ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଶିକ୍ଷକମାନେ ପରିବର୍ତ୍ତନର ସୂତ୍ରଧର: ମୁଖ୍ୟମନ୍ତ୍ରୀ

## ନିଯୁକ୍ତି ପାଇଲେ ୫୧୨ ଆସିଷ୍ଟାଣ୍ଟ ପ୍ରଫେସର, ଆସିଷ୍ଟାଣ୍ଟ ଟ୍ରେନିଂ ଅଫିସର




ଭୁବନେଶ୍ୱର, ୧୦ା୧(ଅନିଲ ଦାସ)

ରାଜ୍ୟ ସରକାର ଉଚ୍ଚଶିକ୍ଷା ବିଭାଗ ଏବଂ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୫୧୨ ଜଣ ଆସିଷ୍ଟାଣ୍ଟ ପ୍ରଫେସର, ଆସିଷ୍ଟାଣ୍ଟ ଟ୍ରେନିଂ ଅଫିସର ଏବଂ ଜୁନିୟର ଆସିଷ୍ଟାଣ୍ଟଙ୍କୁ ନିଯୁକ୍ତି ଦେଇଛନ୍ତି। ସେଥିରୁ ୧୫୮ ଜଣ ଆସିଷ୍ଟାଣ୍ଟ ପ୍ରଫେସର ଉଚ୍ଚଶିକ୍ଷା ବିଭାଗରେ ନିଯୁକ୍ତି ପାଇଥିବା ବେଳେ ୧୦ ଜଣ ଆସିଷ୍ଟାଣ୍ଟ ପ୍ରଫେସର, ୧୯୪ ଆସିଷ୍ଟାଣ୍ଟ ଟ୍ରେନିଂ ଅଫିସର ଏବଂ ୧୫୦ ଜୁନିୟର ଆସିଷ୍ଟାଣ୍ଟ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗରେ ନିଯୁକ୍ତି ପାଇଛନ୍ତି। ଏ ନେଇ ବୁଧବାର ଲୋକସେବା ଭବନଠାରେ ଆୟୋଜିତ ନିଯୁକ୍ତି ପର୍ବ କାର୍ଯ୍ୟକ୍ରମରେ ଯୋଗ ଦେଇ ନବ ନିଯୁକ୍ତମାନଙ୍କୁ ସ୍ୱାଗତ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ଆପଣମାନେ କେବଳ

- ଗତ କିଛି ବର୍ଷରେ ୫ ହଜାର ଶିକ୍ଷକ, ଅଣ ଶିକ୍ଷକଙ୍କୁ ମିଳିଛି ନିଯୁକ୍ତି
- ୧୮ ବ୍ଲକ୍‌ରେ ଖୋଲିବ ସରକାରୀ ଡିଗ୍ରୀ କଲେଜ

ଶିକ୍ଷକ ନୁହନ୍ତି, ଆପଣମାନେ ହେଉଛନ୍ତି ପରିବର୍ତ୍ତନର ସୂତ୍ରଧର। ମିଳିମିଶି ଆଗାମୀ ପିଢ଼ି ପାଇଁ ଜ୍ଞାନ ଏବଂ ସଶକ୍ତ ଓଡ଼ିଶା ଗଠନ କରିବା ଦିଗରେ କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଛନ୍ତି।

ରାଜ୍ୟର ଭବିଷ୍ୟତ ଗଠନ ଦିଗରେ ଉଚ୍ଚଶିକ୍ଷା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ରାଜ୍ୟର ଯୁବଗୋଷ୍ଠୀ ଓଡ଼ିଶାର ସମ୍ପତ୍ତି। ଉଚ୍ଚଶିକ୍ଷା ଯାତ୍ରାକୁ ଆହୁରି ବିକଶିତ କରିବା ଲକ୍ଷ୍ୟରେ ସରକାର କାର୍ଯ୍ୟ କରୁଛନ୍ତି। ବିଶ୍ୱସ୍ତରରେ ନିଜକୁ ପ୍ରତିପାଦିତ କରିବା ପାଇଁ ଛାତ୍ରୀଛାତ୍ରଙ୍କର ଜ୍ଞାନ ବୃଦ୍ଧି ସହ ସେମାନଙ୍କୁ କଷ୍ଟସାଧ୍ୟ ଚିନ୍ତାଧାରା ହାସଲ କରିବା କ୍ଷେତ୍ରରେ ଦକ୍ଷତା ବୃଦ୍ଧି କରିବା ଦିଗରେ କାର୍ଯ୍ୟ କରିବାକୁ ନବନିଯୁକ୍ତ ପ୍ରଫେସରମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଉଚ୍ଚଶିକ୍ଷା ସର୍ବଦା ରାଜ୍ୟ ସରକାରଙ୍କ ପ୍ରମୁଖ ଫୋକସ ଏରିଆ ଭିତରେ ରହିଛି। ଗତ କିଛିବର୍ଷ ମଧ୍ୟରେ ୫ ହଜାର ଶିକ୍ଷକ ଓ ଅଣଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ରାଜ୍ୟ ସରକାର ଉଚ୍ଚଶିକ୍ଷାର ପ୍ରସାର ପାଇଁ ଡିଗ୍ରୀ କଲେଜ ନ ଥିବା ୧୮ଟି ବ୍ଲକରେ କଳା ବିଭାଗରେ ସରକାରୀ ଡିଗ୍ରୀ କଲେଜ ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି।

ରାଜ୍ୟ ସରକାର ଗତ କିଛିବର୍ଷ ମଧ୍ୟରେ ସରକାରୀ ଓ ସରକାରୀ ଅନୁଦାନ ପ୍ରାପ୍ତ କଲେଜଗୁଡ଼ିକରେ ୪୯୪୧ ଶିକ୍ଷକ ଓ ଅଣ ଶିକ୍ଷକଙ୍କୁ ନିଯୁକ୍ତି ଦେଇଛନ୍ତି। ସେଥିରୁ ସରକାରୀ ଡିଗ୍ରୀ କଲେଜରେ ୫୫୬ ଜଣ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ୩୩୨ ଶିକ୍ଷକ ଶିକ୍ଷା ତାଲିମ ପ୍ରତିଷ୍ଠାନ ଏବଂ ୩୦୮ ଜଣ ଅଣଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଉଚ୍ଚଶିକ୍ଷା ସହ ଯୁବତୀଯୁବକମାନଙ୍କର ଭବିଷ୍ୟତ ପାଇଁ ଦକ୍ଷତା ବିକାଶ ଗୁରୁତ୍ୱ ବହନ କରୁଛି। ରାଜ୍ୟକୁ ସଶକ୍ତ ଓ ଯୁବଗୋଷ୍ଠୀଙ୍କୁ ଦକ୍ଷ କରିବା ଦିଗରେ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ୫-ଟି କାର୍ଯ୍ୟକ୍ରମ ଅଧୀନରେ ସରକାର ଦକ୍ଷତା ବିକାଶକୁ ଗୁରୁତ୍ୱ ଦେଉଛନ୍ତି। ରାଜ୍ୟରେ ବୈଷୟିକ ଶିକ୍ଷାକୁ ଆଗକୁ ନେବା ସହ ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶାକୁ ନୂତନ ଶିଖରରେ ପହଞ୍ଚାଇବାକୁ ସରକାର ଲକ୍ଷ୍ୟ ରହିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ, ୫-ଟି କାର୍ଯ୍ୟକ୍ରମ ଅଧୀନରେ ଉଚ୍ଚଶିକ୍ଷା ଏହାର ଡେଣାକୁ ସମ୍ପ୍ରସାରିତ କରି ଚାଲିଛି। ଉଚ୍ଚଶିକ୍ଷା ପାଇଁ ରାଜ୍ୟ ସରକାର ବଜେଟ ପରିମାଣକୁ ୪ ହଜାର କୋଟି କରିବା ସହ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି। ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷାମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ କହିଛନ୍ତି ଯେ, ସ୍କିଲ୍ଡ ଇନ ଓଡ଼ିଶା ପଦକ୍ଷେପ ରାଜ୍ୟର ସ୍କିଲ ବ୍ୟବସ୍ଥାକୁ ସୁଦୃଢ଼ କରିଛି। ସ୍କିଲ-ଇନ ଓଡ଼ିଶା ଏବଂ ମେକ୍-ଇନ-ଓଡ଼ିଶା ସମଗ୍ର ଦେଶର ଦୃଷ୍ଟି ଆକର୍ଷଣ କରିଛି। ଏହି କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ।

# ଆଳି ରାଜମାତା, ପୂର୍ବତନ ବିଧାୟିକା ସୁଶ୍ରୀ ଦେବୀଙ୍କ ପରଲୋକ

ଆଳି/କଟକ,୧୦ା୧ (ବନମାଳୀ ସେନାପତି/ କାର୍ତ୍ତିକ ସାହୁ)

ଆଳିର ରାଜମାତା, ପୂର୍ବତନ ବିଧାୟିକା ତଥା ସାଂସଦ ସୁଶ୍ରୀ ଦେବୀଙ୍କର ବୁଧବାର ଅପରାହ୍ଣରେ କଟକ ଦୋଳମୁଣ୍ଡାଇସ୍ଥିତ ବାସଭବନରେ ୭୪ବର୍ଷ ବୟସରେ ପରଲୋକ ଘଟିଛି। ସେ କିଛିଦିନ ତଳେ ଶ୍ୱାସକ୍ରିୟା ଜନିତ ରୋଗରେ ପୀଡ଼ିତ ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ୪ ଦିନ ତଳେ ତାଙ୍କୁ ହସ୍ପିଟାଲରୁ ଦୋଳମୁଣ୍ଡାଇସ୍ଥିତ ବାସଭବନକୁ ଅଣାଯାଇଥିଲା। ସେ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ମା'।


ସୁଶ୍ରୀ ଦେବୀ

ସୂଚନା ଅନୁଯାୟୀ, ବିଧାନସଭାର ବିରୋଧୀ ଦଳ ନେତା ତଥା ଆଳିର ରାଜାସାହେବ ସ୍ୱର୍ଗତ ଶରତ କୁମାର ଦେବଙ୍କ ୧୯୮୮ରେ ପରଲୋକ ହେବାପରେ ସୁଶ୍ରୀ ଦେବୀ ଜନତା ଦଳରୁ ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ଆଳିର ବିଧାୟିକା ଭାବେ ନିର୍ବାଚିତ ହୋଇଥିଲେ। ପରେ ସେ ୨୦୦୨ରେ ରାଜ୍ୟ ସଭା ସଦସ୍ୟ ହୋଇଥିଲେ। ସ୍ୱର୍ଗତ ସୁଶ୍ରୀ ଦେବୀ କଳାହାଣ୍ଡି ଜିଲା ଖଡ଼ିଆଳର କଂଗ୍ରେସ ଦଳର ପୂର୍ବତନ ମନ୍ତ୍ରୀ ଅନୁପ ସିଂଦେଓଙ୍କ ଝିଅ। ସୁଶ୍ରୀ ଦେବୀ ଏକ ରାଜନୈତିକ ପରିବାରରୁ ଆସିଥିବାରୁ ସେ ସ୍ୱର୍ଗତ ଶରତ ଦେବଙ୍କ ପରଲୋକ ପରେ ଆଳି ନିର୍ବାଚନମଣ୍ଡଳୀର ବିଧାୟିକା ହୋଇଥିଲେ। ସେ ତାଙ୍କ ରାଜନୈତିକ ସମୟ ମଧ୍ୟରେ ଆଳି, କନିକାର ଅନେକ ବିକାଶମୁଖୀ କାର୍ଯ୍ୟ କରିଥିଲେ। ଆଳିରେ ଶବ ବ୍ୟବଚ୍ଛେଦ ଗୃହ ପ୍ରତିଷ୍ଠା ସହ ରାଜକନିକାରେ ଦମକଳ କେନ୍ଦ୍ର ପ୍ରତିଷ୍ଠା କ୍ଷେତ୍ରରେ ତାଙ୍କର ପ୍ରମୁଖ ଭୂମିକା ରହିଛି। ସୁଶ୍ରୀ ଦେବୀଙ୍କ ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ଆଳି ରାଜା ବ୍ରଜ କେଶରୀ ଦେବ, ସାନପୁଅ ତଥା ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କ ସହ ପରିବାର ଲୋକେ ଉପସ୍ଥିତ ଥିଲେ। ସୁଶ୍ରୀ ଦେବୀଙ୍କ ପରଲୋକ ଖବର ପାଇବା ପରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ତାଙ୍କ ମୃତ୍ୟୁରେ ପୂର୍ବତନ ବିଧାୟକ ତଥା ଏକଦା ତାଙ୍କ ସହ ଜନତା ଦଳରେ କାର୍ଯ୍ୟ କରୁଥିବା ଦେବେନ୍ଦ୍ର ଶର୍ମା, ଆଳି ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ସଦସ୍ୟ ଭୀଷ୍ମ ମହାନ୍ତି, ବିଜେଡି ସଙ୍ଗଠକ ପ୍ରଦ୍ୟୁମ୍ନ ଦାଶ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଶିମିଳିପାଳରେ ୨ ପ୍ରଜାତିର ବାଘଛୁଆ

ବାରିପଦା,୧୦ା୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟରେ ୨ ନୂଆ ପ୍ରଜାତିର ଅତିଥିଙ୍କୁ ନେଇ ପ୍ରାଣୀ ପ୍ରେମୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଅଭୟାରଣ୍ୟ ମଧ୍ୟରେ ୨ ବାଘଛୁଆ ବିଚରଣ କରୁଥିବା ବେଳର ଫଟୋ ପିସିସିଏଫ୍ ସୁଶାନ୍ତ ନନ୍ଦ ସୋସିଆଲ ମିଡିଆ (ଏକ୍ସ)ରେ ଶେୟାର କରିଛନ୍ତି। ଏହି ଅଭୟାରଣ୍ୟ ମଧ୍ୟରେ ବିରଳ 'ମେଲାନିଷ୍ଟିକ' ପ୍ରଜାତିର କଳା ବାଘ ରହିଛନ୍ତି। ଉକ୍ତ ପ୍ରଜାତିର ଟି-୧୮ ନାମକ ବାଘ ଓ ଅନ୍ୟ ଏକ ସାଧାରଣ ପ୍ରଜାତିର ବାଘ ମଧ୍ୟରେ ମିଳନରୁ ୨ ଛୁଆ ଜନ୍ମ ହୋଇଛନ୍ତି। ସେଥି ମଧ୍ୟରୁ ଗୋଟିଏ ମେଲାନିଷ୍ଟିକ କଳା ବାଘଛୁଆ ହୋଇଥିବା ବେଳେ ଅନ୍ୟ ଗୋଟିଏ ସାଧାରଣ ବାଘଛୁଆ ବୋଲି ପିସିସିଏଫ୍ ସୂଚନା ଦେଇଛନ୍ତି। ଅଭୟାରଣ୍ୟରେ ଲାଗିଥିବା ଟ୍ରାପ୍ କ୍ୟାମେରାରେ ବାଘଛୁଆ ବିଚରଣ ସମୟର ଫଟୋ କଏଦ ହୋଇଛି। ଉକ୍ତ ଫଟୋକୁ ନେଇ ଅଭୟାରଣ୍ୟରେ କଳାବାଘଙ୍କ ବଂଶବୃଦ୍ଧି ପାଉଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏନେଇ ପ୍ରାଣୀପ୍ରେମୀ ଖୁସି ପ୍ରକଟ କରିଛନ୍ତି। ସମଗ୍ର ଭାରତରେ ଥିବା ମୋଟ ୧୦ କଳାବାଘ ଶିମିଳିପାଳ ଅଭୟାରଣ୍ୟରେ ହିଁ ରହିଛନ୍ତି। ଏନେଇ କେନ୍ଦ୍ର ପରିବେଶ ରାଷ୍ଟ୍ରମନ୍ତ୍ରୀ ଅଶ୍ୱିନୀ କୁମାର ଚୌବେ ଗତ ମାସରେ ସଂସଦରେ ତଥ୍ୟ ଉପସ୍ଥାପନ କରିଥିଲେ। ୨୦୨୨ ବାଘ ଗଣନା ଅନୁଯାୟୀ, ଶିମିଳିପାଳ ଅଭୟାରଣ୍ୟରେ ୧୦ କଳାବାଘ ରହିଛନ୍ତି। ଏବେ ଉକ୍ତ ବାଘଙ୍କ ସଂଖ୍ୟା ୧୬କୁ ବୃଦ୍ଧି ପାଇଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି।


ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ଛୋଟୁରେ,
ନିଃଶବ୍ଦରେ ଜୀବନ ସ୍ରୋତର ନିରବଚ୍ଛିନ୍ନ ପ୍ରବାହ ଭିତରେ ହଜିଗଲାଣି ବିଚ୍ଛେଦର ଛଅଟି ବର୍ଷ । ମନରୁ ଲିଭୁନି ସେଇ ଚରମ ଦୁର୍ଦ୍ଦିନର ଦୁଃସହ ମୁହୂର୍ତ୍ତ ସବୁକୁ ଯାହା ଲୁଟିନେଲା ଜୀବନର ସମସ୍ତ ଆଲୋକ ଓ ଆନନ୍ଦ । ସମୁଦ୍ର ସ୍ନାନ କରୁଥିବାବେଳେ ତୁ ଏ ଭବସାଗରକୁ ପାର ହୋଇଗଲୁ ଆମକୁ କିନ୍ତୁ ଶୋକସାଗରରେ ସବୁଦିନ ପାଇଁ ଭସେଇ ଦେଇଗଲୁ। ତୁ ଯେଉଁ ଲୋକରେ ଅଛୁ ଈଶ୍ୱରୀୟ ଆଶ୍ରୟରେ ଆନନ୍ଦରେ ଥାରେ ଧନ । ତୋ ନିଷ୍ପାପ ଆତ୍ମାର ସଦ୍‌ଗତି ପାଇଁ ବିଭୁପାଦରେ ମୋର କୋଟି କୋଟି ପ୍ରଣିପାତ ।

ପ୍ରତୀକ ମହାପାତ୍ର
ଆବିର୍ଭାବ: ୦୪.୦୨.୧୯୯୯
ତିରୋଧାନ: ୧୭.୧୨.୨୦୧୭
(ତିଥି: ବକୁଳ ଅମାବାସ୍ୟା)

ତୋର ହତଭାଗିନୀ ମା' (ଦୁର୍ଗେଶ ନନ୍ଦିନୀ) ଓ ପରିବାରବର୍ଗ



Azadi Ka Amrit Mahotsav | ସେଣ୍ଟ୍ରଲ ବୈଙ୍କ ଓଫ୍ ଇଣ୍ଡିଆ Central Bank of India — CENTRAL TO YOU SINCE 1911 | G20

ଚନ୍ଦରମୁଖୀ, ନରିମନ ପଏଣ୍ଟ , ମୁମ୍ବାଇ-୪୦୦୦୨୧,
ଫୋନ୍: ୦୨୨-୬୬୩୮୭୬୮୦, ଫ୍ୟାକ୍ସ:୦୨୨-୨୨୦୪୪୩୩୬,
ୱେବ୍‌ସାଇଟ୍ : www.centralbankofindia.co.in

**ସଫେଇ କର୍ମଚାରୀ ତଥା ସବ୍-ଷ୍ଟାଫ୍ ଏବଂ/କିମ୍ବା ସବ୍ ଷ୍ଟାଫ୍ ୨୦୨୪-୨୫ ନିଯୁକ୍ତି**

ତା.୧୯.୧୨.୨୦୨୩ରିଖର ବିଜ୍ଞପ୍ତି ଅନୁଯାୟୀ ବ୍ୟାଙ୍କର ୪୮୪ଟି ପଦବୀ ପାଇଁ ପ୍ରାର୍ଥୀମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା ଯାହାର ଅନ୍‌ଲାଇନ୍ ଦରଖାସ୍ତ ଦାଖଲ କରିବାର ଅନ୍ତିମ ତାରିଖ ୦୯.୦୧.୨୦୨୪ ଥିଲା। ଉକ୍ତ ପଦବୀ ପାଇଁ ଅଧିକରୁ ଅଧିକ ପ୍ରାର୍ଥୀଙ୍କୁ ଆବେଦନର ସୁଯୋଗ/ସମୟ ଦେବା ପାଇଁ ଅନ୍ତିମ ତାରିଖର ସମୟସୀମାକୁ ବଢାଇବା ପାଇଁ ବ୍ୟାଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି।

| | |
|---|---|
| ଅନ୍‌ଲାଇନ୍ ଦରଖାସ୍ତ ଦାଖଲ କରିବାର ସଂଶୋଧିତ ଅନ୍ତିମ ତାରିଖ : | ୧୬.୦୧.୨୦୨୪ (ମଙ୍ଗଳବାର) |
| ଦରଖାସ୍ତ ଫି/ସୂଚନା ଦେୟ (କେବଳ ଅନ୍‌ଲାଇନ୍ ମୋଡରେ) ପୈଠ କରିବାର ସଂଶୋଧିତ ଅନ୍ତିମ ତାରିଖ : | ୧୬.୦୧.୨୦୨୪ (ମଙ୍ଗଳବାର) |

ଆମର ତା.୧୯.୧୨.୨୦୨୩ରିଖର ବିଜ୍ଞପ୍ତିର ଅନ୍ୟ ସମସ୍ତ ନିୟମ ଅପରିବର୍ତ୍ତିତ ରହିବ। ଦୟାକରି ଧ୍ୟାନ ଦିଅନ୍ତୁ କି, ଯେଉଁ ପ୍ରାର୍ଥୀମାନେ ଆମର ତା.୧୯.୧୨.୨୦୨୩ରିଖର ବିଜ୍ଞପ୍ତି ପରେ ଦରଖାସ୍ତ ଆବେଦନ କରିସାରିଛନ୍ତି ଏବଂ ଆବଶ୍ୟକୀୟ ଫି ପୈଠ କରିସାରିଛନ୍ତି, ସେମାନଙ୍କୁ ପୁନଷ୍ଚ ଆବେଦନ କରିବାର ଆବଶ୍ୟକତା ନାହିଁ।

ମୁମ୍ବାଇ
ତାରିଖ: ୦୯.୦୧.୨୦୨୪ — ଉପମହାପ୍ରବନ୍ଧକ (ଏଚ୍‌ସିଏମ୍)


# ଷ୍ଟାଇପେଣ୍ଡ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଛାତ୍ରୀଛାତ୍ର

ଭୁବନେଶ୍ୱର,୧୦ା୧(ଅନିଲ ଦାସ)

ପ୍ରାୟ ୪୦୦ରୁ ଅଧିକ ନର୍ସିଂ, ଫାର୍ମାସି ଓ ଆନୁଷଙ୍ଗିକ ମେଡିକାଲ ଛାତ୍ରୀଛାତ୍ର ବୁଧବାର ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଷ୍ଟାଇପେଣ୍ଡ୍ ବୃଦ୍ଧି ପାଇଁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ନୂଆବର୍ଷର ଶୁଭେଚ୍ଛା ଜଣାଇବା ସହିତ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ ଓ ଦୀର୍ଘ ନିରାମୟ ଜୀବନ କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ ସେମାନଙ୍କୁ କହିଛନ୍ତି ଯେ ଆପଣମାନେ ଭଲ ପାଠ ପଢ଼ନ୍ତୁ, ଭଲ ଟ୍ରେନିଂ ନିଅନ୍ତୁ ଓ ଲୋକଙ୍କ ସେବା କରନ୍ତୁ। ରୋଗୀସେବାରେ ଜୀବନର ସାର୍ଥକତା ରହିଛି ବୋଲି ସେ କହିଛନ୍ତି। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କହିଛନ୍ତି ଯେ ତାଙ୍କ ଜିଲା ଗସ୍ତ ସମୟରେ ସେ ବିଭିନ୍ନ ସ୍ୱାସ୍ଥ୍ୟ ଓ ଶିକ୍ଷାନୁଷ୍ଠାନକୁ ଯାଇଥିଲେ। ସେଠାରେ ପିଲାମାନଙ୍କଠାରୁ ଷ୍ଟାଇପେଣ୍ଡ୍ ବୃଦ୍ଧି ପାଇଁ ଅନୁରୋଧ ଗ୍ରହଣ କରିଥିଲେ। ସେ କହିଲେ ଯେ ମୁଖ୍ୟମନ୍ତ୍ରୀ ଆପଣଙ୍କ ଅନୁରୋଧ ତୁରନ୍ତ ପୂରଣ କରିଛନ୍ତି। ତେଣୁ ଆପଣମାନେ ମନ ଦେଇ ଲୋକଙ୍କ ସେବା କରନ୍ତୁ। ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ଗତ ୩ ତାରିଖରେ ନର୍ସିଂ, ଡି ଫାର୍ମା, ଏଏନ୍‌ଏମ୍, କ୍ଲିନିକାଲ ସାଇକୋଲୋଜି ଆଦି ବିଷୟରେ ଟ୍ରେନିଂ ନେଉଥିବା ଛାତ୍ରୀଛାତ୍ରଙ୍କ ଷ୍ଟାଇପେଣ୍ଡ୍ ବୃଦ୍ଧି କରିଥିଲେ।


ଷ୍ଟାଇପେଣ୍ଡ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇବା ପାଇଁ ଆସିଥିବା ଛାତ୍ରୀଛାତ୍ର।

# ମିଳିତ ଉଦ୍ୟମ ଲଜିଷ୍ଟିକ୍ସ କ୍ଷେତ୍ରକୁ ମଜଭୁତ କରିବ: ଧର୍ମେନ୍ଦ୍ର




ଭୁବନେଶ୍ୱର, ୧୦ା୧(ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ଭର୍ଚୁଆଲ ପ୍ଲାଟ୍‌ଫର୍ମରେ ସେଣ୍ଟର ଫର୍ ଲଜିଷ୍ଟିକ୍ସ ଟ୍ରେନିଂ ଏବଂ ଏକ୍ସିଲେନ୍ସ(ସିଓଏଲ୍‌ଟିଇ) ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ରେଡିଷ୍ଟନ ଫାଉଣ୍ଡେଶନ, ଲଜିଷ୍ଟିକ୍ସ ସେକ୍ଟର ସ୍କିଲ୍ କାଉନସିଲ ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ମିଳିତ ଉଦ୍ୟମରେ ଏହା ଆରମ୍ଭ ହୋଇଛି। ଏହି ପଦକ୍ଷେପ ଲଜିଷ୍ଟିକ୍ସ କ୍ଷେତ୍ରରେ ଦକ୍ଷ ମାନବ ସମ୍ବଳକୁ ଅଧିକ ମଜଭୁତ କରିବା ଦିଗରେ କାର୍ଯ୍ୟ କରିବ। ଏହି ଆଧାରରେ ଶିଳ୍ପସଂସ୍ଥାଗୁଡିକେ ଭାରତର ଜନସାଧାରଣଙ୍କୁ ସ୍କିଲିଂ, ରି-ସ୍କିଲିଂ ଓ ଅପ୍ ସ୍କିଲିଂ କରିବା ପାଇଁ ଆହୁରି ଉତ୍କର୍ଷ କେନ୍ଦ୍ର ସ୍ଥାପନ କରିବା ଦରକାର ବୋଲି ଧର୍ମେନ୍ଦ୍ର କହିଛନ୍ତି। କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି , ଜାତୀୟ ଶିକ୍ଷାନୀତିରେ ସ୍କିଲ୍ ଆଧାରିତ ଶିକ୍ଷାକୁ ଅଧିକ ପ୍ରାଥମିକତା ଦିଆଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦକ୍ଷତା ଓ ସାମର୍ଥ୍ୟକୁ ଚିହ୍ନଟ କରିବା ପାଇଁ ଗୁରୁତ୍ୱ ଦେଉଛନ୍ତି। ବର୍ତ୍ତମାନ ପରିବର୍ତ୍ତିତ ଦୃଶ୍ୟପଟରେ ସବୁ କ୍ଷେତ୍ରରେ ଲୋକଙ୍କ ଦକ୍ଷତା ବଢାଇବା ଆବଶ୍ୟକ ହୋଇପଡିଛି। ଆଜି ଲୋକାର୍ପିତ ହୋଇଥିବା ଉତ୍କର୍ଷ କେନ୍ଦ୍ର ସମ୍ମାନ ଓ ସମୃଦ୍ଧିକୁ ସୁନିଶ୍ଚିତ କରିବା ସହ ମୁଣ୍ଡ ପିଛା ଉତ୍ପାଦନ ବୃଦ୍ଧି କରିବା ଦିଗରେ ଏକ ବଡ ପଦକ୍ଷେପ। ଏହି ମିଳିତ ଉଦ୍ୟମରେ ଆରମ୍ଭ ହୋଇଥିବା ପଦକ୍ଷେପ ଲଜିଷ୍ଟିକ୍ସ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତାକୁ ବଢାଇବ। ଖର୍ଚ୍ଚର ପରିମାଣକୁ ହ୍ରାସ କରିବ। ଦକ୍ଷ ବିଶେଷଜ୍ଞଙ୍କ ଚାହିଦା ପୂରଣ କରିବ ଏବଂ ଆମର ଯୁବକଙ୍କୁ ସୁଯୋଗ କ୍ଷେତ୍ରରେ ସଶକ୍ତ କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଦେଶର ୧୫ ଶ୍ରେଷ୍ଠ ସହରରେ ସ୍ଥାନ ପାଇଲା ରାଉରକେଲା

ରାଉରକେଲା,୧୦ା୧(ସଙ୍ଗୀତା ଜେନା)

ଭାରତର ଶ୍ରେଷ୍ଠ ୧୫ ସହର ମଧ୍ୟରେ ରାଉରକେଲା ସ୍ଥାନ ପାଇଛି। ଏ ନେଇ ବୁଧବାର ଆର୍‌ଏମ୍‌ସି କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ କମିଶନର ଡା. ଶୁଭଙ୍କର ମହାପାତ୍ର ସୂଚନା ପ୍ରଦାନ କରିଛନ୍ତି। ଡ. ମହାପାତ୍ର କହିଛନ୍ତି, ହକି ବିଶ୍ୱକପ୍ ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଉରକେଲାରେ ବ୍ୟାପକ ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରାଯାଇଥିଲା। ସେଥିମଧ୍ୟରୁ ପାଦଚଲା ଓ ସାଇକେଲ ଆରୋହୀମାନଙ୍କ ପାଇଁ ସ୍ୱତନ୍ତ୍ର ଚଲାପଥ ରହିଥିଲା। ଏ ନେଇ କେନ୍ଦ୍ର ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆୟୋଜିତ 'ଇଣ୍ଡିଆନ୍ ସାଇକେଲ୍ ଫର୍ ଚେଞ୍ଜ୍ ଆଣ୍ଡ ଷ୍ଟ୍ରିଟ୍ ଫର୍ ପିପୁଲ ଆଫେୟାର୍ସ' ପ୍ରତିଯୋଗିତାରେ ଦେଶର ୫୦ଟି ସହର ଅଂଶଗ୍ରହଣ କରିଥିଲେ। ସେଥିମଧ୍ୟରୁ ରାଉରକେଲା ୧୫ ପାୟୋନିର୍ ସିଟି ମଧ୍ୟରେ ସ୍ଥାନ ପାଇଛି।

# ୧୭୧୩.୬୫ କୋଟିର ୧୪ ପ୍ରକଳ୍ପକୁ ଅନୁମୋଦନ

ଭୁବନେଶ୍ୱର,୧୦ା୧(ଅନିଲ ଦାସ)

## ୫୧୩୪ ଜଣଙ୍କୁ ମିଳିବ ନିଯୁକ୍ତି ସୁଯୋଗ

ରାଜ୍ୟ ସରକାର ୧୭୧୩.୬୫ କୋଟିର ୧୪ଟି ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପରେ ୫୧୩୪ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ମେଟାଲ ଡାଉନଷ୍ଟ୍ରିମ, ଶକ୍ତି, ଫାର୍ମାସ୍ୟୁଟିକାଲ, ପ୍ଲାଷ୍ଟିକ, ଖାଦ୍ୟ ପ୍ରକ୍ରିୟାକରଣ ଏବଂ ପର୍ଯ୍ୟଟନ ଆଦି କ୍ଷେତ୍ରରେ ଏହି ପୁଞ୍ଜି ବିନିଯୋଗ ହେବ। ବୁଧବାର ଲୋକସେବା ଭବନଠାରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ) ବୈଠକରେ ଉକ୍ତ ପ୍ରକଳ୍ପଗୁଡ଼ିକୁ ମଞ୍ଜୁର କରାଯାଇଛି।

ଅନୁମୋଦିତ ପ୍ରକଳ୍ପ ମଧ୍ୟରେ ନିଓ ଇଣ୍ଡଷ୍ଟ୍ରିଜ ମେଟାଲ ପ୍ରୋସେସିଂ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଯାଜପୁରଠାରେ ୧୬ ହଜାର କ୍ଷମତା ବିଶିଷ୍ଟ କ୍ରୋମପ୍ଲେଟିଂ, ଗ୍ରାଇଣ୍ଡିଂ ପ୍ରକଳ୍ପ ସ୍ଥାପନ କରାଯିବ। ଏଥିରେ କମ୍ପାନୀ ପକ୍ଷରୁ ୭୨ କୋଟି ଟଙ୍କା ପୁଞ୍ଜିନିବେଶ କରାଯିବ ଓ ୫୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ଆନନ୍ଦ ଏକ୍ସପୋର୍ଟ୍ସ ଯାଜପୁରଠାରେ ୬୨୮ କୋଟି ଟଙ୍କା ବ୍ୟୟରେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଏବଂ ଫେରୋ ଆଲଏଜ କ୍ଷେତ୍ରରେ ବାର୍ଷିକ ୦.୦୩୮ ଏମ୍‌ଟିପିଏ କ୍ଷମତାବିଶିଷ୍ଟ ଫେରୋକ୍ରୋମ ୟୁନିଟ୍ ସ୍ଥାପନ କରିବ। ଏଥିରେ ୨,୮୨୮ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ଅଶୋକା ସ୍କାଏ ମେଟାଲ୍ସ ପକ୍ଷରୁ ଯାଜପୁର ଜିଲାର କଳିଙ୍ଗ ନଗରଠାରେ ୧୦୧ କୋଟିର ମେଟାଲ ଡାଉନଷ୍ଟ୍ରିମ୍ ପ୍ରକଳ୍ପ ସ୍ଥାପନ କରାଯିବ। ସେଥିରେ ୧୦୫ ଜଣଙ୍କୁ ନିଯୁକ୍ତି ମିଳିପାରିବ।

ମହିନ୍ଦ୍ରା ହଲିଡେଜ୍ ଆଣ୍ଡ ରିସର୍ଟ ଇଣ୍ଡିଆ ପକ୍ଷରୁ ଗଞ୍ଜାମ ଜିଲାର ବହୁଦା ନିକଟସ୍ଥ ସୋନାପୁର ବିଚ୍ ନିକଟରେ ୨୨୮.୪ କୋଟି ବିନିଯୋଗରେ ବିଳାସପୂର୍ଣ୍ଣ ରିସର୍ଟ ସ୍ଥାପନ କରାଯିବ। ଏଥିରେ ୧୫୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ଟିଏସ୍ ବିଚ୍ ରିସର୍ଟ ପୁରୀ ସିପସରୁବାଲିଠାରେ ୪ ତାରକା ହୋଟେଲ ଓ କନଭେନ୍‌ଶନ ସେଣ୍ଟର ନିର୍ମାଣ କରିବ। ଏଥିରେ କମ୍ପାନୀ ପକ୍ଷରୁ ୧୩୨.୧୬ କୋଟି ଟଙ୍କା ପୁଞ୍ଜି ବିନିଯୋଗ ହେବ। ଏଥିରେ ୨୫୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ହୋଟେଲ ରଶ୍ମି ପ୍ଲାଜା ଓପିସି ପ୍ରାଇଭେଟ ଲିମିଟେଡ ପକ୍ଷରୁ ଝାରସୁଗୁଡାଠାରେ ୭୦.୭୪ କୋଟି ଟଙ୍କା ବ୍ୟୟରେ ଏକ ୪ ତାରକା ହୋଟେଲ ସ୍ଥାପନ କରାଯିବ। ଏହା କାର୍ଯ୍ୟକ୍ଷମ ହେଲେ ୨୧୦ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ଯାଜପୁର ଠାରେ ଜିନ୍ଦଲ ଷ୍ଟେନ୍‌ଲେସ୍ ଷ୍ଟିଲ୍ ପକ୍ଷରୁ ୧୧୦.୨୪ କୋଟି ଟଙ୍କା ବ୍ୟୟରେ ୨୩.୦୨ ମେଗାୱାଟ୍‌ର କ୍ୟାପ୍ଟିଭ୍ ରୁଫ୍ ଟପ୍ ସୋଲାର ପାୱାର ପ୍ଲାଣ୍ଟ ସ୍ଥାପନ କରାଯିବ। ଏଥିରେ ୬୦ ଜଣଙ୍କୁ ନିଯୁକ୍ତି ମିଳିପାରିବ। ଆସୋଚାମ ରିମେଡି ପ୍ରାଇଭେଟ ଲିମିଟେଡ ଭେଞ୍ଚର ପୁରୀର କୁର୍‌କିଠାରେ ୫୩ କୋଟି ବ୍ୟୟରେ ଟାବ୍‌ଲେଟ, କ୍ୟାପସୁଲ, ଅଏଣ୍ଟମେଣ୍ଟ ଶିଳ୍ପ କରିବ। ଏଥିରେ ୧୬୩ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ।




ଇଲା ପଣ୍ଡା
୨୬ ଅକ୍ଟୋବର ୧୯୩୨ – ୧୧ ଜାନୁଆରୀ ୨୦୦୫

ଅଭୁଲା ସ୍ମୃତି ସହ
ବୈଜୟନ୍ତ 'ଜୟ', ପାରମିତା, ନିବେଦିତା, ଶୁଭ୍ରକାନ୍ତ
ଜାଗି, ବ୍ରଜ, କେଜି, ଶୈଫାଳିକା
ରାଇ, ରେଭା, ଅନୁଭା, ଆଦିତ୍ୟ, ରାଇସା ଇଲା, ରାଇମାନା
ଆତ୍ମୀୟସ୍ୱଜନ, ସଦସ୍ୟ ଏବଂ ସହଯୋଗୀ, ଇମ୍ଫା ଗ୍ରୁପ୍

imfa

ଫୋନ: +91 674 2611000 | ଇମେଲ: memoriam@imfa.in

**ସଂକ୍ଷେପରେ**

## ଅଭିଯୁକ୍ତ ସ୍ୱାମୀଙ୍କୁ ୧୦ ବର୍ଷ ଜେଲ ଦଣ୍ଡ

**ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ ମାମଲାର ୩ ବର୍ଷ ପରେ ରାୟ**

**ଭୁବନେଶ୍ୱର,୧୦।୧ (ସୂର୍ଯ୍ୟକାନ୍ତ ବେହେରା):** ଶହୀଦନଗର ଥାନା ଅଞ୍ଚଳରେ ଘଟିଥିବା ସ୍ତ୍ରୀଙ୍କୁ ହତ୍ୟା ଉଦ୍ୟମ ମାମଲାର ୩ ବର୍ଷ ପରେ ଖୋର୍ଦ୍ଧା ଜିଲା ମୁଖ୍ୟ ବିଚାର ବିଭାଗୀୟ କୋର୍ଟରେ ରାୟ ପ୍ରକାଶ ପାଇଛି। ବିଚାରପତି ଶରତ କୁମାର ଜେନା ସାକ୍ଷୀଙ୍କ ବୟାନ ଓ ଦସ୍ତାବିଜ ଆଧାରରେ ଅଭିଯୁକ୍ତ ସ୍ୱାମୀ ବୁଲୁ ଓରଫ ବୁଢୁ ଦାସଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ ବର୍ଷ ଜେଲ ଦଣ୍ଡ ଶୁଣାଇଛନ୍ତି। ସୂଚନାନୁସାରେ, ୨୦୨୦ ଅଗଷ୍ଟ ୧୮ରେ ଶହୀଦନଗର ଥାନା ଅନ୍ତର୍ଗତ ଭିଏସ୍ଏସ୍ ନଗର ପାଣି ଟାଙ୍କି ନିକଟରେ ରହୁଥିବା ଅଭିଯୁକ୍ତ ବୁଲୁ ସ୍ତ୍ରୀ ଚମ୍ପାଙ୍କ ପେଟରେ ଛୁରି ଭୁସି ଦେବାରୁ ତାଙ୍କର ଅନ୍ତବୁଜୁଳା ବାହାରକୁ ବାହାରି ଆସିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଭାଇ ଲକ୍ଷ୍ମଣ ସୋରେନ ଭଉଣୀ ଚମ୍ପାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ସେ ସୁସ୍ଥ ହୋଇଥିଲେ। ପରବର୍ତ୍ତୀ ସମୟରେ ଲକ୍ଷ୍ମଣ ଏନେଇ ଶହୀଦନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଆଇପିସି ଦଫା ୩୪୧, ୩୨୩, ୩୨୪, ୩୨୬ ଓ ୩୦୭ରେ ମାମଲା ନଂ.୩୪୨ /୨୦୨୦ ରୁଜୁ କରି ଅଭିଯୁକ୍ତ ସ୍ୱାମୀ ବୁଲୁଙ୍କୁ ଗିରଫ କରିଥିଲା। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ଅତିରିକ୍ତ ସରକାରୀ ଓକିଲ ରତ୍ନାକର ନାୟକ ପରିଚାଳନା କରିଥିଲେ।

## ବୋମା ଭିଡୁଥିବାବେଳେ ବିସ୍ଫୋରଣ: ଜଣେ ଗୁରୁତର

**ଖୋର୍ଦ୍ଧା,୧୦।୧(ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଭାଟପଡ଼ା ଗ୍ରାମରେ ବୁଧବାର ବୋମା ବିସ୍ଫୋରଣ ଘଟିଛି। ବିସ୍ଫୋରଣରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଜଣକ ହେଲେ ନିରାକାର ସୁନ୍ଦରାୟ (୫୫)। ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୨ଟାବେଳେ ନିରାକାର ନିଜ ଘର ବାଡ଼ିପଟେ ବୋମା ଭିଡୁଥିଲେ। ଏହି ସମୟରେ ବିସ୍ଫୋରଣ ହୋଇଥିଲା। ନିରାକାର ଗୁରୁତର ଆହତ ହୋଇଥିଲେ। ତାଙ୍କ ଦୁଇହାତ ଓ ଶରୀରର କିଛି ଅଂଶ ସମେତ ମୁହଁ ଅର୍ଦ୍ଧାଧିକ ଅଂଶ ଜଳିଥିବା ଦେଖିବାକୁ ମିଳିଛି। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଖୋର୍ଦ୍ଧା ଓ ପରେ ଭୁବନେଶ୍ୱର ଏମ୍ସକୁ ନେଇଥିଲେ। ସେଠାରେ ସେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ତେବେ ବୋମା ବିସ୍ଫୋରଣ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

# ପୁରୀରୁ ସବୁ ଜିଲାକୁ ଚାଲିବ ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍

ପୁରୀ,୧୦।୧(ଅଜିତ୍ ମହାନ୍ତି)

**ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କଲେ ସୁରେଶ ମହାପାତ୍ର**



ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବକୁ ନେଇ ଶ୍ରୀକ୍ଷେତ୍ର ଏବେ ଚଳଚଞ୍ଚଳ। ବୁଧବାର ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ସୁରେଶ ମହାପାତ୍ର ପୁରୀ ଆସି ପରିକ୍ରମା ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଆସନ୍ତା ୧୭ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଲୋକାର୍ପଣ କରିବେ। ତେଣୁ ୧୧ ତାରିଖ ରାତି ସୁଦ୍ଧା ସବୁ ନିର୍ମାଣ କାର୍ଯ୍ୟ ସାରିବାକୁ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ମହାପାତ୍ର ସମଙ୍ଗ ପାର୍କିଂ, ଶ୍ରୀସେତୁ, ଜଗନ୍ନାଥ ବଲ୍ଲଭ ପାର୍କିଂ, ତୀର୍ଥଯାତ୍ରୀ କେନ୍ଦ୍ର, ଶ୍ରୀମାର୍ଗ ଏବଂ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ବୁଲି ସମସ୍ତ କାର୍ଯ୍ୟର ସମୀକ୍ଷା କରିଥିଲେ। ପରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପୁରୀରୁ ସମସ୍ତ ଜିଲା ମୁଖ୍ୟାଳୟକୁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍ ଚଳାଚଳ ଏବଂ ସେବାୟତଙ୍କ ସୁବିଧା ଅସୁବିଧା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ରଞ୍ଜନ କୁମାର ଦାସ, ଜିଲାପାଳ ସମର୍ଥ ବର୍ମା, ପରିଚାଳନା କମିଟି ସଦସ୍ୟ ଓ ଶ୍ରୀମନ୍ଦିର କାର୍ଯ୍ୟାଳୟର ଅଧିକାରୀମାନେ ଉପସ୍ଥିତ ଥିଲେ।

ମୁଖ୍ୟ ପରାମର୍ଶଦାତା ମହାପାତ୍ର କହିଛନ୍ତି, ବିଭିନ୍ନ ପ୍ରକଳ୍ପ କାର୍ଯ୍ୟର ତଦାରଖ କରାଯାଇଛି। କାର୍ଯ୍ୟ ପ୍ରାୟ ଶେଷହେବାକୁ ବସିଛି। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କ ସହ ସେବାୟତଙ୍କ ଉନ୍ନତି ସମ୍ପର୍କରେ ଆଲୋଚନା ହୋଇଛି। ମୁଖ୍ୟମନ୍ତ୍ରୀଙ୍କୁ କିଛି ସମସ୍ୟାର ସମାଧାନ ପାଇଁ ଅନୁରୋଧ କରାଯାଇଥିଲା। ବିଶେଷକରି ସେବାୟତଙ୍କ ସ୍ୱାସ୍ଥ୍ୟବୀମା ରାଶି ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା, ସେବାୟତଙ୍କ ପରିବାରର ପିଲାଙ୍କୁ ଉଚ୍ଚଶିକ୍ଷା ପାଇଁ ସ୍ୱତନ୍ତ୍ର କୋଚିଂ ବ୍ୟବସ୍ଥା, ଆର୍ଥିକ ସହାୟତା ଦିଆଯିବା ନେଇ ଆଲୋଚନା ହୋଇଥିଲା। ସେହିପରି ଖୁବ୍‌ଶୀଘ୍ର ପୁରୀରୁ ସମସ୍ତ ଜିଲା ମୁଖ୍ୟାଳୟକୁ ଶ୍ରୀଜଗନ୍ନାଥ ଏକ୍ସପ୍ରେସ ବସ୍ ଚଳାଚଳ ନେଇ ରାଜ୍ୟ ସରକାର ବ୍ୟବସ୍ଥା କରିବେ। ପର୍ଯ୍ୟାୟକ୍ରମେ ସମସ୍ତ ଜିଲାରୁ ପୁରୀ ଓ ଭୁବନେଶ୍ୱରକୁ ଏହି ବସ୍ ଚଳାଚଳ କରିବ। ପୁରୀକୁ ଯେଭଳି ଜଗନ୍ନାଥପ୍ରେମୀ ଓ ଭକ୍ତ ବିନା ବାଧାରେ ଆସିପାରିବେ, ସେନେଇ ସରକାରଙ୍କ ପକ୍ଷରୁ ଧ୍ୟାନ ଦିଆଯାଉଛି ବୋଲି ସେ ପ୍ରକାଶ କରିଛନ୍ତି।

ସେହିପରି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଦୁର୍ଗା ଦାସ ମହାପାତ୍ର କହିଛନ୍ତି, ସେବକ କଲ୍ୟାଣ ବିଷୟରେ କ'ଣ ସବୁ ପଦକ୍ଷେପ ନିଆଯାଇପାରିବ ସେ ନେଇ ବିଶେଷ ଆଲୋଚନା କରାଯାଇଥିଲା। ସେବାୟତ ପରିବାରର ଛାତ୍ରୀଛାତ୍ରଙ୍କ କ୍ୟାରିୟର କାଉନସେଲିଂ ପାଇଁ ମୋଟିଭେଟର ବା ମେଣ୍ଟରମାନେ ବର୍ଷକୁ ଅତି କମ୍‌ରେ ଦୁଇଥର ମାର୍ଗ ଦର୍ଶନ କରାଇବେ। ଅପରପକ୍ଷରେ ସମସ୍ତ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ବୋଲି ଜିଲାପାଳ ସମର୍ଥ ବର୍ମା କହିଛନ୍ତି। ବର୍ତ୍ତମାନ ସଫେଇ କାର୍ଯ୍ୟ ଚାଲିଛି। ୧୧ ତାରିଖରେ କାର୍ଯ୍ୟ ଶେଷ କରି ଇଭେଣ୍ଟ ମ୍ୟାନେଜମେଣ୍ଟକୁ ହସ୍ତାନ୍ତର କରାଯିବ। ସମ୍ମାନିତ ମଞ୍ଚ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୧୩ ତାରିଖ ସୁଦ୍ଧା ଶ୍ରୀମାର୍ଗ କାର୍ଯ୍ୟ ଶେଷ ହେବ। ଶ୍ରୀସେତୁ କାର୍ଯ୍ୟ ସରିଛି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ମଠ ଓ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ସହରର ସୌନ୍ଦର୍ଯ୍ୟ ବଢାଇବା ପାଇଁ ବିଭିନ୍ନ ସ୍ଥାନରେ ପାରମ୍ପରିକ ଚିତ୍ରକଳା ସହ ରଙ୍ଗିନ ଆଲୋକମାଳାରେ ସଜେଇ ଦିଆଯାଉଛି। ମନ୍ଦିର ଚତୁଃପାର୍ଶ୍ୱକୁ ବିଭିନ୍ନ ଆକର୍ଷଣୀୟ ଫୁଲଗଛରେ ମଧ୍ୟ ସଜାଯାଇଛି। ଭକ୍ତମାନେ ଏକ ନୂଆ ଅନୁଭୂତି ନେଇ ଫେରିବେ ବୋଲି ବର୍ମା କହିଛନ୍ତି।




ଆରାଧନା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ଭଞ୍ଜକଳା ମଣ୍ଡପରେ ବୁଧବାର ଅନୁଷ୍ଠିତ ୧୧ ତମ ଗୋଟିପୁଅ ନୃତ୍ୟ ଉତ୍ସବ ଓ ଆରାଧନା ସମ୍ମାନ ପ୍ରଦାନ କାର୍ଯ୍ୟକ୍ରମରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ମୃତ ଯୁବକଙ୍କ ପରିଚୟ ମିଳିଲା

ବାରଙ୍ଗ,୧୦।୦୧(ଲିଙ୍ଗରାଜ ରାଉତ)

ଚନ୍ଦକା ଶିଶୁମନ୍ଦିର ଫାଟକ ନିକଟରୁ ମଙ୍ଗଳବାର ରାତିରେ ମିଳିଥିବା ଜଣେ ଅଜଣା ମୃତ ଯୁବକଙ୍କ ପରିଚୟ ମିଳିଛି। ସେ ହେଲେ ଜଗତପୁର ବାରିକସାହିର ବାବୁଲା ସ୍ୱାଇଁ (୨୩)। ବାବୁଲା ଟ୍ରାକ୍ଟର(ଓଡି-୦୫-ଏଜେ-୮୫୪୮)ରେ ଲେବର କାମ କରୁଥିଲେ। ଉକ୍ତ ଟ୍ରାକ୍ଟରଟି ମଙ୍ଗଳବାର ସନ୍ଧ୍ୟାରେ ଜଗତପୁର ଅଞ୍ଚଳରୁ କିଛି ସାମଗ୍ରୀ ନେଇ ଚନ୍ଦକା ଆସିଥିଲା। ବାବୁଲା ଟ୍ରାକ୍ଟର ଡାଲାରେ ବସିଥିବାବେଳେ ଖସିପଡ଼ିଥିଲେ। ତାଙ୍କ ଉପରେ ପଛଚକ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମାମଲା ନଂ.୯/୨୪ ରୁଜୁ କରି ଟ୍ରାକ୍ଟର ଚାଳକଙ୍କୁ ଗିରଫ ପରେ ବୁଧବାର କୋର୍ଟ ଚାଲାଣ କରିଛି।

# କୋଟିପତି ଏମ୍‌ଭିଆଇ ଗିରଫ

**ଆୟଠାରୁ ୨୯୩ ପ୍ରତିଶତ ଅଧିକ ସମ୍ପତ୍ତି ଠାବ**

ଭୁବନେଶ୍ୱର,୧୦।୧(ସତ୍ୟଜିତ୍ ରାଉତ)

ବିପୁଳ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ନୟାଗଡ଼ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ର ମୋଟର ଭେଇକିଲ୍ ଇନ୍ସପେକ୍ଟର (ଏମ୍‌ଭିଆଇ) ପଞ୍ଚାନନ ବେହେରାଙ୍କୁ ଭିଜିଲାନ୍ସ ବୁଧବାର ଗିରଫ କରିଛି। ଠାବ ହୋଇଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ତାଙ୍କ ପ୍ରକୃତ ଆୟଠାରୁ ୨୯୩ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ପଞ୍ଚାନନ ଏବଂ ତାଙ୍କ ସ୍ତ୍ରୀଙ୍କ ନାମରେ ବର୍ଷର ପ୍ରଥମ ମାମଲା (ନଂ.୧/୨୦୨୪) ରୁଜୁ କରାଯାଇଛି। ତେବେ ଏମ୍‌ଭିଆଇ ପଞ୍ଚାନନ ଉକ୍ତ ସମ୍ପତ୍ତି ନେଇ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭିଜିଲାନ୍ସ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଗିରଫ ପରେ ପଞ୍ଚାନନଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାଯୋଗ୍ୟ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଆସିବା ପରେ ମଙ୍ଗଳବାର ଭିଜିଲାନ୍ସ ପକ୍ଷରୁ ପଞ୍ଚାନନଙ୍କ ଘର ସମେତ ଭୁବନେଶ୍ୱର, ଖୋର୍ଦ୍ଧା, କଟକ ଓ ନୟାଗଡ଼ର ୭ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଯାଞ୍ଚବେଳେ ଭୁବନେଶ୍ୱର ଶୈଳଶ୍ରୀ ବିହାରରେ ଦୁଇମହଲା କୋଠା ଓ ପାଣ୍ଡରା ସତ୍ୟବିହାରସ୍ଥିତ ଗୋଟିଏ ଏକମହଲା କୋଠା ସହ ୧୦ ବେନାମି ପ୍ଲଟ୍ ସମେତ ମୋଟ୍ ୩୧ଟି ପ୍ଲଟ୍ ଠାବ ହୋଇଥିଲା। ଏସବୁ ଫ୍ଲାଟ୍ ଓ ପ୍ଲଟଗୁଡ଼ିକର ପ୍ରକୃତ ମୂଲ୍ୟ ଜାଣିବାକୁ ଭିଜିଲାନ୍ସର ଟେକ୍ନିକାଲ ୱିଙ୍ଗ୍ ଅଧିକ ଯାଞ୍ଚ କରୁଛି। ସେହିପରି ୭୨.୮୦ ଲକ୍ଷ ଟଙ୍କାର ବ୍ୟାଙ୍କ ଓ ଜୀବନବୀମା ଜମା, ୧୫ ଲକ୍ଷର ନଗଦ ଟଙ୍କା, ସୁନା ଅଳଙ୍କାର ଓ ଘରୋଇ ସାମଗ୍ରୀ, ୪ ବେନାମି ଗାଡ଼ି ଠାବ ହୋଇଛି। ପଞ୍ଚାନନ ତାଙ୍କ ପୁଅକୁ ଏମ୍‌ବିବିଏସ୍ ପଢ଼ାଇବା ପାଇଁ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଥିଲା।

# ଇକୋ ଫ୍ରେଣ୍ଡ୍‌ଲି ତୁମ୍ବା କ୍ରାଫ୍ଟ

ଭୁବନେଶ୍ୱର,୧୦।୧(ଶର୍ମିଷ୍ଠା ପାଣିଗ୍ରାହୀ)

**ଶିଶିର ସରସ ମେଳାରେ ମୁଖ୍ୟ ଆକର୍ଷଣ**

ତୁମ୍ବା କ୍ରାଫ୍ଟ। ଶୁଣିବାକୁ ନୂଆ ଲାଗୁଥିଲେ ବି ଏହା ହେଉଛି ଆଦିବାସୀଙ୍କ କଳା ଦକ୍ଷତାର ନିଆରା ଝଲକ। ଆମେ ଖାଉଥିବା ପରିବା 'ଲାଉ'କୁ ଆଦିବାସୀମାନେ ତୁମ୍ବା କହିଥାଆନ୍ତି। ଆଉ ସେହି ଲାଉ ଅର୍ଥାତ୍ ତୁମ୍ବାରୁ ତିଆରି ହୋଇଛି ଆକର୍ଷଣୀୟ ମନଲୋଭା ହାଣ୍ଡିକ୍ରାଫ୍ଟ ବା ହସ୍ତଶିଳ୍ପ। ତୁମ୍ବାର ଆକୃତି ଅନୁସାରେ ସୁନ୍ଦର କ୍ରାଫ୍ଟ ତିଆରି କରାଯାଇଥାଏ। ଏଥିମଧ୍ୟରେ ଫ୍ଲାୱାର ବେସ୍, ଲ୍ୟାମ୍ପ ସେଟ୍, ସାଜସଜ୍ଜା ସାମଗ୍ରୀ, ଜୁଏଲେରୀ, ଖାଦ୍ୟସାମଗ୍ରୀ ରଖିବା ବା ଖାଇବା ପାତ୍ର, କଲମ ଷ୍ଟାଣ୍ଡ ଆଦି ଅନେକ ସାମଗ୍ରୀ ରହିଛି।

ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନ ଓର୍‌ମାସ ପକ୍ଷରୁ ବରମୁଣ୍ଡା ଖେଳ ପଡ଼ିଆରେ ଚାଲିଥିବା ଜାତୀୟସ୍ତରୀୟ ହସ୍ତତନ୍ତ, ହସ୍ତଶିଳ୍ପ ଓ ଖାଦ୍ୟ ମସଲାର ମେଳା 'ଶିଶିର ସରସ-୨୦୨୪'ରେ ଏହି ଇକୋ ଫ୍ରେଣ୍ଡ୍‌ଲି କଳାକୃତି ଆକର୍ଷଣ ସାଜିଛି। ମେଳାରେ ୨୬ଟି ରାଜ୍ୟର ସାମଗ୍ରୀ ପଡ଼ିଛି। ମାତ୍ର ସବୁ ବର୍ଷଠାରୁ ଚଳିତ ବର୍ଷ ନୂଆ କରି ଆସିଥିବା ତୁମ୍ବା କ୍ରାଫ୍ଟ ଷ୍ଟଲ୍‌ରେ ବେଶ୍ ଭିଡ଼ ଜମୁଛି।

ଆଜିକାଲି ବିଭିନ୍ନ ପ୍ରକାରର କ୍ରାଫ୍ଟ ବଜାରକୁ ଆସୁଛି। ହେଲେ ତୁମ୍ବା କ୍ରାଫ୍ଟ ଦର୍ଶକଙ୍କୁ ଭିନ୍ନ ଲାଗିବାର ଅନେକ କାରଣ ରହିଛି। ତୁମ୍ବା ବା ଲାଉକୁ ଓଡ଼ିଶା, ଛତିଶଗଡ଼ ଓ ଝାଡ଼ଖଣ୍ଡର ଲୋକମାନେ ଖାଦ୍ୟ, ମ୍ୟୁଜିକାଲ ଉପାଦାନ ଓ ମେଡିସିନ୍ ଭାବେ ବ୍ୟବହାର କରନ୍ତି। ସନ୍ନ୍ୟାସୀମାନେ ଏଥିରୁ ପ୍ରସ୍ତୁତ ପାତ୍ରକୁ ବ୍ୟବହାର କରୁଥିବା ମଧ୍ୟ ଦେଖିବାକୁ ମିଳୁଛି। ଏହାର କେତୋଟି ଖାସ୍ ଗୁଣ ହେଉଛି। ଏହାର ଔଷଧୀୟ ଗୁଣ ରହିଥିବାବେଳେ ଏହାକୁ ଅଧିକ ଦିନ ବ୍ୟବହାର କରିହେବ। ନଷ୍ଟ ହେବାର ସମ୍ଭାବନା ବହୁତ କମ୍। ଏହାଛଡ଼ା ହାତକୁ ହାଲକା ଲାଗିବା ସହ ଜଳବାୟୁ ପରିବର୍ତ୍ତନ ଭଳି ସମସ୍ୟାକୁ ମଧ୍ୟ କିଛିମାତ୍ରାରେ ରୋକିପାରିବ। ଏହା ଇକୋ ଫ୍ରେଣ୍ଡ୍‌ଲି ଓ ବାୟୋଡିଗ୍ରେଡେବଲ୍। ବିଶେଷ କରି ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାରକୁ ଏହା କମାଇପାରିବ। ତୁମ୍ବା କ୍ରାଫ୍ଟ ସମସ୍ତେ ବନାଇପାରିବେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏବେ ଏହାକୁ ନେଇ ବ୍ୟବସାୟ ଓ ଭଲ ରୋଜଗାର କରାଯାଇପାରିବ।



ତୁମ୍ବା କ୍ରାଫ୍ଟ ପାଇଁ ଆଦିବାସୀ ମହିଳାମାନେ ଲାଉଗୁଡିକୁ ପ୍ରସ୍ତୁତ କରୁଛନ୍ତି।






ଶିଶିର ସରସ ମେଳାରେ ପ୍ରେରଣା ପ୍ରଡ୍ୟୁସର ଗ୍ରୁପ୍ ପକ୍ଷରୁ ଖୋଲିଥିବା ତୁମ୍ବା କ୍ରାଫ୍ଟ ଷ୍ଟଲ୍ । କଳାକୃତି ସହ ଆର୍ଟିଷ୍ଟ ହିମାଂଶୁ ଶେଖର ପାଣ୍ଡିଆ।

## ୨ହଜାର ପରିବାରକୁ ରୋଜଗାର ଦେଇଛନ୍ତି ହିମାଂଶୁ

ତୁମ୍ବା କ୍ରାଫ୍ଟ କଥା ଉଠିଲେ ଆର୍ଟିଷ୍ଟ ହିମାଂଶୁ ଶେଖର ପାଣ୍ଡିଆ ସମ୍ନାକୁ ଆସନ୍ତି। ରାଉରକେଲାରେ ଜନ୍ମିତ ହିମାଂଶୁ ୧୫ବର୍ଷ ତଳେ ଏମିତି କିଛି ନୂଆ କରିବାକୁ ଚିନ୍ତା କଲେ। ୧୯୮୭ରେ ସେ ପ୍ରେରଣା ଆର୍ଟ ଓ କ୍ରାଫ୍ଟ ନାମରେ ଏକ ଏନଜିଓ ଖୋଲିଲେ। ୨୦୨୧ରେ ତାଙ୍କର ଏହି ଇନୋଭେଶନକୁ ଭାରତ ସରକାର ସ୍ୱୀକୃତି ଦେଇଥିଲେ। ଏବେ ସେ ରାୟଗଡ଼ାରେ ତୁମ୍ବା କ୍ରାଫ୍ଟର ଏକ ୟୁନିଟ୍ ଖୋଲିଛନ୍ତି। ପାଖାପାଖି ୨ହଜାର ଆଦିବାସୀ ପରିବାରଙ୍କୁ ସେ ଏଥିରେ ନିୟୋଜିତ କରିଛନ୍ତି। ସେ କହିଛନ୍ତି, ହଜିଯାଉଥିବା ଏହି ତୁମ୍ବାକୁ ଏକ ଭିନ୍ନ ପରିଚୟ ମିଳିପାରିଛି। ପାଖାପାଖି ୪୦ହଜାରରୁ ଉର୍ଦ୍ଧ୍ୱ ଆଇଟମ୍ ତୁମ୍ବାରୁ କରିହେବ। ୫୦ଟଙ୍କାରୁ ଆରମ୍ଭ କରି ୩୦ହଜାର ଟଙ୍କା ପର୍ଯ୍ୟନ୍ତ ସାମଗ୍ରୀ ତାଙ୍କ ପାଖରେ ଉପଲବ୍ଧ ଥିବା ସେ କହିଛନ୍ତି।

**ସେଲ୍‌ଫି କର୍ନର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ଶାନ୍ତିଲତା



@ ଅର୍ଜୁନ



@ ଦେବାଶିଷ



@ ଦୀପକ



@ ଶ୍ରାବଣୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ସାଇବର ଥାନାରେ ଏତଲା ଦେଲା ଭାଜପା

ଭୁବନେଶ୍ୱର,୧୦।୧ (ସତ୍ୟଜିତ୍ ରାଉତ)

**ନରେନ୍ଦ୍ର ମୋଦିଙ୍କୁ ଅପମାନ ଅଭିଯୋଗ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ସାମାଜିକ ଗଣମାଧ୍ୟମ 'ଫେସ୍‌ବୁକ୍'ରେ ଅପମାନ ଦିଆଯାଇଥିବା ଅଭିଯୋଗ ହୋଇଛି। ଏନେଇ ଭାଜପା ପକ୍ଷରୁ ଭୁବନେଶ୍ୱର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନାରେ ବୁଧବାର ଏତଲା ଦିଆଯାଇଛି। ଉକ୍ତ ଏତଲାରେ ଉଲ୍ଲେଖ କରାଯାଇଛି ଯେ, ବିଜୁ ଜନତା ଦଳର ପଦାଧିକାରୀମାନେ ଆଡମିନ୍ ଥିବା ଏକ ଗ୍ରୁପ୍‌ରେ ନରେନ୍ଦ୍ର ମୋଦିଙ୍କୁ ଅସଭ୍ୟ ଭାଷାରେ ଗାଳି ଦିଆଯାଇଥିବାର ଏକ ପୋଷ୍ଟ କରାଯାଇଛି, ଯାହା ଅତ୍ୟନ୍ତ ନିନ୍ଦନୀୟ ଓ ଅକ୍ଷମଣୀୟ। ଏହା ଏକ ଗର୍ହିତ ଅପରାଧ ହୋଇଥିବାବେଳେ ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ଭାଜପା ପ୍ରତିନିଧିଦଳ ଦାବି କରିଛି। ତେବେ ଏ ସଂକ୍ରାନ୍ତରେ ମେଟା ପକ୍ଷରୁ ତଥ୍ୟ ମଗାଯାଇଥିବା ଥାନାଧିକାରୀ ରଶ୍ମିତା ଜେନା କହିଛନ୍ତି। ଏତଲା ଦେଇଥିବା ଭାଜପା ପ୍ରତିନିଧିମଣ୍ଡଳୀରେ ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ରାଜ୍ୟ ମୁଖପାତ୍ର ଦିଲ୍ଲୀପ ମହାନ୍ତି, ଠାକୁର ରଞ୍ଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଭାଜପା ପ୍ରତିନିଧିମଣ୍ଡଳୀ ପକ୍ଷରୁ ଭୁବନେଶ୍ୱର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନାରେ ଅଭିଯୋଗ କରାଯାଉଛି।

## ଚୋରି ଉଦ୍ୟମ ପଣ୍ଡ, ୨ ଯୁବତୀ ଗିରଫ

ଭୁବନେଶ୍ୱର, (ସୂର୍ଯ୍ୟକାନ୍ତ ବେହେରା) - ମୈତ୍ରୀବିହାର ଥାନା ଅନ୍ତର୍ଗତ ବିଡିଏ କଲୋନୀରେ ରଞ୍ଜିତ କୁମାର ବେହୁରା ଓ ପରିବାର ସଦସ୍ୟ ଶୋଇଥିବାବେଳେ ସକାଳେ ଦୁଇଜଣ ଯୁବତୀ ତାଙ୍କ ଘରେ ପଶି ସୁନା ଅଳଙ୍କାର ଏବଂ ୭୦୦ ଟଙ୍କା ଚୋରି କରି ପଳାଉଥିବାବେଳେ ଧରାପଡିଥିଲେ। ପରେ ପୋଲିସ ସେମାନଙ୍କୁ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ମୟୂରଭଞ୍ଜ ବାଙ୍ଗିରିପୋଷି ଥାନା ଅଞ୍ଚଳର କାଜଲ ସବର (୨୫) ଓ ସମିରିକା ସବର(୨୦)। ସେମାନଙ୍କଠାରୁ ସୁନା ଅଳଙ୍କାର ଓ ଟଙ୍କା ଜବତ ହୋଇଛି।



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଶାନ୍ତିଦୂତ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କ ୫୭ତମ ଶ୍ରାଦ୍ଧୋତ୍ସବ, ଶାସ୍ତ୍ରୀନଗରସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା।
- ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ପକ୍ଷରୁ ମୋହନ ସୁନ୍ଦର ଦେବଗୋସ୍ୱାମୀଙ୍କ ୭୫ତମ ଶ୍ରାଦ୍ଧୋତ୍ସବ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟସ୍ଥିତ ପ୍ରତିମୂର୍ତ୍ତିସ୍ଥଳ, ସକାଳ ୮ଟା ୩୦।
- ୧୧ତମ ଗୋଟିପୁଅ ଉତ୍ସବ ଆରାଧନା ସମ୍ମାନ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା ୩୦।

# ବୁଲାଗୋରୁ ପାଇଁ ଦିନକୁ ଖର୍ଚ୍ଚ ହେଉଛି ୫.୬୦ ଲକ୍ଷ

ଭୁବନେଶ୍ୱର, ୧୦।୧ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)କୁ ଘାରିଛି ବୁଲା ଗୋରୁ ଚିନ୍ତା। କେମିତି ସହରକୁ ଗୋରୁମୁକ୍ତ କରିବ ସେ ନେଇ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଛି। ସଚେତନତା, ଚେତାବନୀ ପରେ ଏବେ ପୂରା ଆକ୍ସନ ମୁଡ୍‌କୁ ଆସିଛି ବିଏମ୍‌ସି। ୨୦୨୩ ହକି ବିଶ୍ୱକପ୍ ସମୟରେ ରାସ୍ତାରୁ ଗୋରୁଉଠାକୁ ଜୋର୍‌ଦାର କରାଯାଇଥିଲା। ମାର୍ଚ୍ଚ ବେଳକୁ ୧୭ଶହରୁ ଊର୍ଦ୍ଧ୍ୱ ବୁଲା ଗୋରୁଙ୍କୁ ବିଏମ୍‌ସି ଗୋଶାଳାରେ ଭର୍ତ୍ତି କରିଥିଲା। ବିଏମ୍‌ସି ବିଭିନ୍ନ ଏଜେନ୍ସି ଦ୍ୱାରା ରାସ୍ତାରୁ ଗୋରୁ ଉଠାଉଥିବାବେଳେ ପ୍ରତି ଗୋରୁ ପିଛା ୨୨୮୬ଟଙ୍କା ଦେବାକୁ ପଡୁଛି। ସେହିପରି ସେମାନଙ୍କ ଖାଇବା ପିଇବା ଓ ରକ୍ଷଣାବେକ୍ଷଣ ପାଇଁ ଦିନକୁ ୨ଶହ ଟଙ୍କା ଖର୍ଚ୍ଚ ହେଉଛି। ଏବେ ଜାମୁକୋଳିସ୍ଥିତ କ୍ରିଷ୍ଣା ଗୋଶାଳା, ଜଟଣୀ ମ୍ୟୁନିସିପାଲିଟି ଗୋଶାଳାରେ ବୁଲାଗୋରୁଙ୍କ ସଂଖ୍ୟା ୨୮ଶହରେ ପହଞ୍ଚିଥିବାବେଳେ ଏଥିରୁ ୫ଶହ କେବଳ ଗାଈ ରହିଛନ୍ତି। ଏମାନଙ୍କ ପାଇଁ ବିଏମ୍‌ସି ମୋଟ୍ ୬୪ଲକ୍ଷ ୮ଶହ ଟଙ୍କା ଖର୍ଚ୍ଚ କରିସାରିଥିବାବେଳେ ରକ୍ଷଣାବେକ୍ଷଣ ଲାଗି ଦୈନିକ ୫ଲକ୍ଷ ୬୦ହଜାର ଟଙ୍କା ଖର୍ଚ୍ଚ ହେଉଛି। ଏହା ବିଏମ୍‌ସି ପାଇଁ ଅତିରିକ୍ତ ବୋଝ ଭଳି ହେଉଛି। ସେହିଭଳି କେତେବେଳେ ଷଣ୍ଢ ଆକ୍ରମଣରେ ଲୋକେ ଆହତ ହେଉଛନ୍ତି ତ ଆଉ କେତେବେଳେ ବାହାରେ ମଳତ୍ୟାଗ କରୁଥିବାରୁ ଅପରିଷ୍କାର ପରିବେଶ ସୃଷ୍ଟି ହେଉଛି। ଏଥିପାଇଁ ବିଏମ୍‌ସିକୁ ନିନ୍ଦିତ ହେବାକୁ ପଡୁଛି। ତେଣୁ ରାଜରାସ୍ତାରେ ଗୋରୁଙ୍କ ଅବାଧ ବିଚରଣ ବିଏମ୍‌ସି ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଲୋକଙ୍କୁ ବାରମ୍ବାର ବୁଝାଇବା ପରେ ବି ସ୍ଥିତିରେ ସୁଧାର ଆସୁ ନ ଥିବାରୁ ଏବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ବିଏମ୍‌ସି ନିଷ୍ପତ୍ତି ନେଇଛି। ଜାନୁଆରୀ ୧୫ ପରେ ଯଦି କୌଣସି ଗାଈ, ଷଣ୍ଢ, ମଇଁଷି ରାସ୍ତାରେ ବୁଲୁଥିବା ଦେଖିବାକୁ ମିଳେ ତେବେ ବିଏମ୍‌ସି ତାହାକୁ ସିଧା ଉଠାଇନେବ। ଥରେ ଗୋରୁ ଧରିବା ପରେ ତାହାକୁ ଆଉ ସମ୍ପୃକ୍ତ ମାଲିକଙ୍କୁ ଫେରାଯିବ ନାହିଁ। କେବଳ ଦୁହାଁଳିଆ ଗାଈ କ୍ଷେତ୍ରରେ ନିୟମକୁ କିଛିଟା କୋହଳ କରାଯିବ। ମାତ୍ର ଏଥିପାଇଁ ଗାଈ ମାଲିକଙ୍କୁ ମୋଟା ଅଙ୍କର ଜରିମାନା ଦେବାକୁ ପଡିବ, ଅର୍ଥାତ୍ ବିଏମ୍‌ସି ଖର୍ଚ୍ଚ କରିଥିବା ଟଙ୍କାର ଦୁଇଗୁଣା ପଇଠ କରିବା ପରେ ହିଁ ଗାଈକୁ ନେଇପାରିବେ। ସେହିପରି ଗାଈ ଫେରସ୍ତ ନେବାବେଳେ ଉପଯୁକ୍ତ ପ୍ରମାଣ, ଯେପରିକି ଗାଈ ସହିତ ପୂର୍ବରୁ ଉଠିଥିବା ଫଟୋ, ଗାଈର ଇୟର ଟ୍ୟାଗ, ରଙ୍ଗ କିମ୍ବା ଅନ୍ୟ କୌଣସି ପ୍ରମାଣ ପଇଠ କରିବାକୁ ପଡିବ ବୋଲି ବିଏମ୍‌ସି ପକ୍ଷରୁ ଏସ୍‌ଓପି ଜାରି କରାଯାଇଛି।

### ୧୫ ପରେ ରାସ୍ତାରୁ ଗୋରୁ ଉଠାଇନେବ ବିଏମ୍‌ସି

- ଆଉ ଗୋରୁ ଫେରିପାଇବେନି ମାଲିକ
- କେବଳ ଦୁହାଁଳିଆ ଗାଈ ଫେରାଇବାକୁ ଖର୍ଚ୍ଚର ଦୁଇଗୁଣା ଜରିମାନା



### କଠୋର ଆଭିମୁଖ୍ୟ ଭିତରେ ଆଶଙ୍କା

ସହରରୁ ବୁଲା ଗୋରୁଙ୍କୁ ଉଠାଇଲେ ଜାମୁକୋଳି ଓ ଜଟଣୀ ବ୍ୟତୀତ ପୁରୀର ଗୋବିନ୍ଦ ଗୋ ସେବାଶ୍ରମ, ବ୍ରହ୍ମଗିରିର ଶ୍ରୀରାମ ସୁନ୍ଦରକାଣ୍ଡ, ବେଗୁନିଆର ସୁଷମା ଗୋ ସେବାକେନ୍ଦ୍ର, ଇନ୍‌ଫୋସିଟି-୨ର ଗୋକୁଳ ବିହାର, ଗୌଡ଼ କାଶୀପୁରରେ ରଖିବା ନେଇ ବିଏମ୍‌ସି ପ୍ରସ୍ତୁତି କରିଛି। ତେବେ ଏତେ ପରେ ବି ସହରକୁ ବୁଲା ଗୋରୁମୁକ୍ତ କରିବା ବିଏମସି ପାଇଁ କାଠିକର ପାଠ ହେବା ନେଇ ଆଶଙ୍କା ଦେଖାଦେଇଛି। କାରଣ ବିଏମ୍‌ସି ୨୦୨୨ ଫେବୃଆରୀରେ କରିଥିବା ଗୋରୁ ଗଣନାରୁ ସହରରେ ମୋଟ୍ ୬୯୪ଟି ଗୁହାଳ ଥିବାବେଳେ ସେଥିରେ ୬ହଜାର ୫୮୨ ଗାଈ, ବଳଦ ଏବଂ ମଇଁଷି ରହିଥିବା ଜଣାପଡିଥିଲା। ଦକ୍ଷିଣ-ପୂର୍ବ ଜୋନ୍‌ରେ ୨୧ଶହ ଗାଈ, ବଳଦ ରହିଥିବାବେଳେ ମାତ୍ର ୨୧୩ଟି ଗୁହାଳ ଥିଲା। ସେହିପରି ଦକ୍ଷିଣ-ପଶ୍ଚିମ ଜୋନ୍‌ରେ ଗାଈ ଓ ମଇଁଷି ସଂଖ୍ୟା ୨୪୮୨ ଥିବାବେଳେ ୨୮୬ଟି ଗୁହାଳ ଏବଂ ଉତ୍ତର ଜୋନ୍‌ରେ ଗାଈ, ମଇଁଷି ସଂଖ୍ୟା ୨ହଜାର ଓ ଗୁହାଳ ସଂଖ୍ୟା ୫୪୩ ରହିଥିବା ସୂଚନା ମିଳିଥିଲା। ଗାଈ ରଖିଥିବା ଏକାଧିକ ମାଲିକଙ୍କ ନିଜସ୍ୱ ଗୁହାଳ ନ ଥିବାରୁ ସେମାନେ ବିଏମ୍‌ସି ଜାଗାରେ ଗୁହାଳ କରିବା ସହ ଅଧିକାଂଶ ସମୟରେ ସେମାନଙ୍କୁ ରାସ୍ତାରେ ବୁଲିବାକୁ ଛାଡି ଦେଉଛନ୍ତି। ଏନେଇ ସମ୍ପୃକ୍ତ ମାଲିକମାନଙ୍କୁ ବିଏମ୍‌ସି ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା। ନୋଟିସ୍ ପାଇବାର ୩ଦିନ ମଧ୍ୟରେ ବିଏମ୍‌ସି କାର୍ଯ୍ୟାଳୟରେ କୈଫିୟତ ଦାଖଲ ନ କଲେ ତାଙ୍କ ଗୋଶାଳା ବନ୍ଦ କରିବା ସହ ଉକ୍ତ ସ୍ଥାନରେ ଥିବା ସମସ୍ତ ଗାଈଗୋରୁଙ୍କୁ ବିଏମ୍‌ସି ଗୋଶାଳାକୁ ସ୍ଥାନାନ୍ତର କରାଯିବ ବୋଲି ନିର୍ଦ୍ଦେଶ ଦେଇଥିଲା। ମାତ୍ର ଅଧିକାରୀଙ୍କ ଖାମଖିଆଲି ନୀତି ପାଇଁ ହେଉ ଅବା ଠିକ୍ ଭାବେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ଏବେ ମଧ୍ୟ ପୂର୍ବଭଳି ସ୍ଥିତି ଲାଗି ରହିଛି। ତେବେ ସହରକୁ ଗୋରୁମୁକ୍ତ କରିବା ପାଇଁ ବିଏମ୍‌ସି ପୁଣିଥରେ କଠୋର ହୋଇଥିବାବେଳେ ସେହି ଅଧିକାରୀମାନେ ତାହାକୁ ସଫଳ କରିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଗୁଡ଼ିରେ ମାଞ୍ଜା ସୂତା ବ୍ୟବହାର ନିଷେଧ ହେଉ

ପୁରୁଣା ଭୁବନେଶ୍ୱର,୧୦।୧(ସୁବାସ ଚନ୍ଦ୍ର ପ୍ରଧାନ)

ଆଗକୁ ଆସୁଛି ମକର ପର୍ବ। ଏହି ପର୍ବରେ ଗୁଡ଼ି ଉଡ଼ାଇବାର ପରମ୍ପରା ରହି ଆସିଛି। ଗୁଡ଼ି ଉଡ଼ାକୁ ନେଇ ପରସ୍ପର ମଧ୍ୟରେ ସ୍ୱତନ୍ତ୍ର ପ୍ରତିଯୋଗିତା ମଧ୍ୟ ହୋଇଥାଏ। ଏହି ସମୟରେ ଗୁଡ଼ି ଉଡ଼ାଇବା ଫଳରେ ଅନେକ ନିରୀହ ଜନସାଧାରଣ ବିପଦର ସମ୍ମୁଖୀନ ହୋଇଥାନ୍ତି। ଗୁଡ଼ି ଉଡ଼ାଇବାବେଳେ ଏଥିରେ ବ୍ୟବହୃତ ମାଞ୍ଜା ସୂତା ବେକରେ ଲାଗି ଅନେକ ବାଇକ୍, ସାଇକେଲ୍ ଆରୋହୀ ଓ ପଥଚାରୀ ପ୍ରାଣ ହରାଇବା ସହ ଆହତ ବି ହୋଇଥାନ୍ତି। ବିଗତ ଦିନରେ ଏନେଇ ଅନେକ ଘଟଣାର ଉଦାହରଣ ବି ରହିଛି। ନାଇଲନ୍ ସୂତାରେ କାଚଗୁଣ୍ଡ ଓ ଅଠା ଲଗାଇ ପ୍ରସ୍ତୁତ ମାଞ୍ଜା ସୂତା ନୂଆ ବ୍ଲେଡଠାରୁ ଅଧିକ ଧାରୁଆ ହୋଇଥାଏ। ଆକାଶରେ ଉଡୁଥିବା ଅନେକ ନିରୀହ ପକ୍ଷୀ ଏହି ମାଞ୍ଜା ସୂତା ସଂସ୍ପର୍ଶରେ ଆସି ପ୍ରାଣ ବି ହରାଇଥାନ୍ତି। ଗୁଡ଼ି ଉଡ଼ା ଯେପରି କାହାପାଇଁ କାଳ ନ ହେଉ। ଏହାକୁ ଗୁରୁତର ସହ ବିଚାରକୁ ନେଇ ସରକାର ଓ ପ୍ରଶାସନ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରିବା ସହ ମାଞ୍ଜା ସୂତାର ବିକ୍ରି ଓ ଜରିରେ ପ୍ରସ୍ତୁତଗୁଡ଼ିକୁ ସମ୍ପୂର୍ଣ୍ଣ ନିଷେଧ ଘୋଷଣା କରିବା ଲାଗି ପରିବେଶବିତ୍ ସୁଶାନ୍ତ ସାହୁ ଦାବି କରିଛନ୍ତି।

## ନନ୍ଦନକାନନରେ ସିଂହ ଛୁଆ ଶିଭମ୍, ମାୟାଙ୍କ ଜନ୍ମଦିନ ପାଳନ

ବାରଙ୍ଗ,୧୦।୧(ଲିଙ୍ଗରାଜ ରାଉତ): ସିଂହ ଛୁଆ ଶିଭମ୍ ଓ ମାୟାଙ୍କ ଜନ୍ମକୁ ବର୍ଷେ ପୂରିଥିବାବେଳେ ବୁଧବାର ନନ୍ଦନକାନନ କର୍ମଚାରୀ ସେମାନଙ୍କ ଜନ୍ମଦିନ ବେଲୁନ ଟାଙ୍ଗି, କେକ୍ କାଟି ପାଳନ କରିଛନ୍ତି। ଗତବର୍ଷ ଜାନୁଆରୀ ୧୦ରେ ମା' ସିଂହୀ ରେୱା ଓ ସିଂହ ଜିତ୍ର ମିଳନରୁ ୪ଟି ଶାବକ ଜନ୍ମ ହୋଇଥିଲା। ଗୋଟିଏ ମଲା ଛୁଆ ଜନ୍ମ ହୋଇଥିବାବେଳେ ଆଉ ଗୋଟେ ଛୁଆକୁ ମା' ଖାଇଦେଇଥିଲା। ଆଉ ୨ଟି ଛୁଆକୁ ଆପଣେଇ ନ ଥିଲା। କର୍ତ୍ତୃପକ୍ଷ ସେହି ୨ ଛୁଆକୁ ପ୍ରାଣୀ ଉଦ୍ୟାନର ଲାଳପାଳନ କେନ୍ଦ୍ରରେ ଛାଡ଼ିଥିଲେ। ଅନ୍ୟପଟେ ନନ୍ଦନକାନନକୁ ବୁଧବାର ବିଳମ୍ବିତ ରାତିରେ ନବରଙ୍ଗପୁର ଜିଲା ଅଞ୍ଚଳରୁ ଉଦ୍ଧାର ହୋଇଥିବା ୫୦ରୁ ଊର୍ଦ୍ଧ୍ୱ ନାହାକା ଶୁଆ ଶାବକ ଆସିଥିବା ଜଣାପଡ଼ିଛି। ଶୁଆ ଶାବକ ପ୍ରାଣୀ ଉଦ୍ୟାନକୁ ଆସିବା ଖବରପାଇବା ପରେ ନନ୍ଦନକାନନ କର୍ତ୍ତୃପକ୍ଷ ପ୍ରାଣୀ ଚିକିତ୍ସାଳୟ ନିକଟରେ ଥିବା ପକ୍ଷୀ ଆଇସୋଲେଶନ ୱାର୍ଡ ପ୍ରସ୍ତୁତ କରିଥିଲେ। ଶୁଆ ଶାବକ ଆସିବା ପରେ ପ୍ରାଥମିକ ଚିକିତ୍ସା କରାଯାଇଥିବା ଜଣାପଡ଼ିଛି।

## ପାଚେରି ଭାଙ୍ଗି ଧାନ ଖାଇଲା ହାତୀ

ବାରଙ୍ଗ,୧୦।୧(ଲିଙ୍ଗରାଜ ରାଉତ): ଭରତପୁର ସଂରକ୍ଷିତ ଜଙ୍ଗଲରୁ ଏକ ଦନ୍ତାହାତୀ ବାହାରି ଦାସପୁର ଦେଇ ଅନ୍ଧାରୁଆ ଗାଁ ଭିତରେ ମଙ୍ଗଳବାର ବିଳମ୍ବିତ ରାତିରେ ପଶି ୨ ଘଣ୍ଟାକାଳ ଆତଙ୍କ ଖେଳାଇଥିଲା। ରାତି ପ୍ରାୟ ଅଢ଼େଇଟା ସମୟରେ ଦାମୋଦର ପ୍ରହରାଜଙ୍କ ଘର ପାଚେରି ଭାଙ୍ଗି ବାରଣ୍ଡାରେ ରଖାଯାଇଥିବା ଧାନବସ୍ତାରୁ ଧାନ ଖାଇଥିଲା। ଘର ଭିତରେ ଥିବା ଦାମୋଦର ଏହା ଜାଣିପାରି ପାଟି କରିବାରୁ ଗାଁ ଲୋକେ ପହଞ୍ଚି ହୋହଲ୍ଲା କରିଥିଲେ ମଧ୍ୟ ହାତୀଟି କିଛି ଭ୍ରୂକ୍ଷେପ ନ କରି ଧାନ ଖାଇଚାଲିଥିଲା। ଗ୍ରାମବାସୀ ବନ ବିଭାଗକୁ ସୂଚନା ଦେବା ପରେ ସେମାନେ ପହଞ୍ଚି ଦନ୍ତାକୁ ଘଉଡ଼ାଇବାରୁ ସେ ଭରତପୁର ଜଙ୍ଗଲ ଆଡ଼େ ଯାଇଥିଲା। ଏହି ଘଟଣା ପରେ ସନ୍ଧ୍ୟା ହେବାମାତ୍ରେ ଦନ୍ତାକୁ ନେଇ ଭୟର ବାତାବରଣ ଖେଳିଯାଇଛି।



୨୧ତମ ଅଶୋକ ବାବୁ ସ୍ମାରକୀ ଅବସରରେ ଲୋହିଆ ଏକାଡେମୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସାମ୍ବାଦିକ ଗାର୍ଗୀ ଶତପଥୀଙ୍କ ପୁସ୍ତକ 'ଦ୍ୱିତୀୟ ଶ୍ରେଣୀ ନାଗରିକ'କୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

## ମୁକ୍ତା ମାଷ୍ଟର ଟ୍ରେନରଙ୍କୁ ତାଲିମ

ଭୁବନେଶ୍ୱର, ୧୦।୧ (ବନ୍ଦନା ସେଠୀ)

ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଯୋଜନା (ମୁକ୍ତା)ର ସଫଳ ରୂପାୟନ ନେଇ ବୁଧବାର ବିଏମ୍‌ସି ପକ୍ଷରୁ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଏମ୍‌ସି କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୪୯ଟି ଏସ୍‌ଏଚ୍‌ଜିର ପ୍ରତିନିଧିମାନେ ମାଷ୍ଟର ଟ୍ରେନର ଭାବେ ଯୋଗଦେଇଥିଲେ। ମୁକ୍ତା ଯୋଜନାରେ ମହିଳାମାନେ କରୁଥିବା ବିଭିନ୍ନ ଉନ୍ନୟନମୂଳକ କାମକୁ କିପରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଠିକ ଗୁଣବତ୍ତା ବଜାୟ ରଖି କରାଯାଇ ପାରିବ ସେ ସମ୍ପର୍କରେ ତାଲିମ ଦିଆଯାଇଥିଲା। ସୁଡ଼ାରୁ ଆସିଥିବା ପ୍ରଶିକ୍ଷକ ଅଂଶଗ୍ରହଣକାରୀଙ୍କ ସହିତ ବିଭିନ୍ନ ପଦ୍ଧତିରେ ଆଲୋଚନା କରି ସେମାନଙ୍କ ଦକ୍ଷତା ବଢାଇବା ପାଇଁ ଉପସ୍ଥାପନ କରିଥିଲେ। ସେହିପରି ବିଏମ୍‌ସି ଅଞ୍ଚଳର ଏସ୍‌ଏଚ୍‌ଜିମାନେ ଜଣେ ଜଣେ ଇମ୍ପ୍ଲିମେଣ୍ଟେଶନ ପାର୍ଟନର ଭାବେ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଦୁଇଦିନ ଧରି ପ୍ରଶିକ୍ଷଣ ଚାଲିବାକୁ ଥିବାବେଳେ ଏଥିରେ ଶିକ୍ଷା ଗ୍ରହଣ ସହ କ୍ଷେତ୍ର ପରିଦର୍ଶନର କାର୍ଯ୍ୟକ୍ରମ ରହିଛି। ଏଠାରୁ ପ୍ରଶିକ୍ଷଣ ନେଲା ପରେ ମାଷ୍ଟର ଟ୍ରେନରମାନେ ନିଜ ଅଞ୍ଚଳର ଏସ୍‌ଏଚ୍‌ଜି ସଦସ୍ୟାମାନଙ୍କୁ ଏ ବାବଦରେ ପ୍ରଶିକ୍ଷଣ ଦେବେ। ବୈଠକରେ ଅତିରିକ୍ତ କମିଶନର ସୂର୍ଯ୍ୟବଂଶୀ ମୟୁର ବିକାଶ, ଡେପୁଟି କମିଶନର (ମୁକ୍ତା) ଡ. ମନୋରଞ୍ଜନ ସାହୁ, ଓଏସ୍‌ଡି ଲାବଣ୍ୟ ଶବର ଏବଂ ଅସୀମ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଦାମନଯୋଡି-ବାଇଗୁଡା ମଧ୍ୟରେ ୧୪.୬୦ କି.ମି. ରେଳଲାଇନ୍ କାର୍ଯ୍ୟକ୍ଷମ




ଭୁବନେଶ୍ୱର,୧୦।୧(ଅନୁରାଧା ମହାରଣା)

କୋରାପୁଟ-ରାୟଗଡା ରେଳଲାଇନ ଦୋହରୀକରଣ ପ୍ରକଳ୍ପର ମୋଟ ୧୬୪.୫ କି.ମି. ମଧ୍ୟରୁ କୋରାପୁଟ ଏବଂ ବାଇଗୁଡା ମଧ୍ୟରେ ୩୩.୫ କି.ମି. ଦୋହରୀକରଣ କାର୍ଯ୍ୟ ଶେଷ ହୋଇଛି। ସେହିପରି କୋରାପୁଟ-ସିଙ୍ଗାପୁର ରୋଡ୍ (ରାୟଗଡା) ଦୋହରୀକରଣ ରେଳଲାଇନ ପ୍ରକଳ୍ପର ଦାମନଯୋଡି ଏବଂ ବାଇଗୁଡା ଦୋହରୀକରଣ କାର୍ଯ୍ୟ ମଧ୍ୟରେ ନୂତନ ଭାବେ ନିର୍ମିତ ୧୪.୬୦ କି.ମି. ଦୋହରି ବ୍ରଡ୍‌ଗେଜ ରେଳଲାଇନ କାର୍ଯ୍ୟ ଶେଷ ହେବା ସହ କାର୍ଯ୍ୟକ୍ଷମ ହୋଇଛି। ରେଳ ଟ୍ରାକ, ସିଗ୍‌ନାଲିଂ ସିଷ୍ଟମ ଏବଂ ବ୍ରିଜ୍‌ଗୁଡିକର ସୁରକ୍ଷା ସମ୍ବନ୍ଧୀୟ ପ୍ରତ୍ୟେକ ନିରାପତ୍ତା କ୍ଷେତ୍ରରେ ମୂଲ୍ୟାଙ୍କନ କରାଯାଇ ଚଳାଚଳ ସକ୍ଷମ ଘୋଷିତ କରାଯାଇଛି। ଚାଲୁ ରହିଥିବା ପ୍ରକଳ୍ପର ସ୍ଥିତି ସମୀକ୍ଷା କରି ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ସମ୍ପୃକ୍ତ ଅଧିକାରୀମାନଙ୍କୁ ରେଳ ବୋର୍ଡ ଦ୍ୱାରା ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ଅଂଶ ସମ୍ପୂର୍ଣ୍ଣ କରିବାକୁ କହିଛନ୍ତି। ତାଙ୍କ ସହ ପୂର୍ବତଟ ରେଳପଥର ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ) ଏଜି ଶ୍ରୀନିବାସ ଏବଂ ୱାଲଟିୟର ରେଳ ମଣ୍ଡଳର ମଣ୍ଡଳ ରେଳପଥ ପ୍ରବନ୍ଧକ ସୌରଭ ପ୍ରକାଶ ଓ ଅନ୍ୟ ବରିଷ୍ଠ ରେଳ ଅଧିକାରୀଙ୍କ ଏକ ଟିମ୍ ଯାଞ୍ଚ ସମୟରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ଆର୍ଥିକ ବର୍ଷରେ କୋରାପୁଟରୁ ଦାମନଯୋଡ଼ି ପର୍ଯ୍ୟନ୍ତ ୧୮.୯ କି.ମି. ଦୋହରୀକରଣ କାର୍ଯ୍ୟ କାର୍ଯ୍ୟକ୍ଷମ ହୋଇଥିଲା। ଚଳିତବର୍ଷ ଲକ୍ଷ୍ମୀପୁରରୁ ଟିକିରି ପର୍ଯ୍ୟନ୍ତ ୨୧.୭୫ କି.ମି. ଦୀର୍ଘ ରେଳମାର୍ଗ କାର୍ଯ୍ୟକ୍ଷମ ପାଇଁ ଆଶା କରାଯାଉଛି। ପାହାଡ଼ ଓ ଜଙ୍ଗଲ ଅଞ୍ଚଳରେ ଅବସ୍ଥିତ ଭାଲୁମୁସ୍କାଠାରୁ ଟିକିରି ମଧ୍ୟରେ ୪୫.୮୬ କି.ମି. ଦୋହରୀକରଣ କାର୍ଯ୍ୟ ପାଇଁ ପଦକ୍ଷେପ ନିଆଯାଉଛି। ପ୍ରକଳ୍ପର ବିଭିନ୍ନ ସେକ୍ସନ ମଧ୍ୟରେ ଅନ୍ୟାନ୍ୟ ସ୍ଥାନଗୁଡିକରେ ଦୋହରୀକରଣ କାର୍ଯ୍ୟ ଚାଲୁ ରହିଥିବା ସୂଚନା ଦିଆଯାଇଛି।

## କିମ୍‌ସରେ ଟିଏମ୍‌ଭିଆର୍ ଜରିଆରେ ହାର୍ଟ ଭାଲ୍‌ଭ ଅସ୍ତ୍ରୋପଚାର ସଫଳ

ଭୁବନେଶ୍ୱର, ୧୦।୧
(ଅସମାପିକା ସାହୁ)

### ଓଡ଼ିଶାରେ ପ୍ରଥମ ଦାବିକଲେ ଡାକ୍ତର

ହୃଦ୍‌ରୋଗ ଚିକିତ୍ସା କ୍ଷେତ୍ରରେ କିମ୍‌ସକୁ ଆଉ ଏକ ସଫଳତା ମିଳିଛି। କିମ୍‌ସରେ ଟ୍ରାନ୍ସକ୍ୟାଥେଟର ମିଟ୍ରାଲ ଭାଲ୍‌ଭ ରିପ୍ଲେସ୍‌ମେଣ୍ଟ(ଟିଏମଭିଆର) ପ୍ରକ୍ରିୟାରେ ଜଣେ ୬୯ ବର୍ଷ ବୟସ୍କ ରୋଗୀଙ୍କଠାରେ ସଫଳ ହୃତ୍‌ପିଣ୍ଡ ଭାଲ୍‌ଭ ଅସ୍ତ୍ରୋପଚାର କରାଯାଇପାରିଛି। ରୋଗୀଙ୍କ ହୃତ୍‌ପିଣ୍ଡ ଭାଲ୍‌ଭ କ୍ଷତିଗ୍ରସ୍ତ ହେବା ପରେ ସେ ରାଜ୍ୟ ବାହାରେ ବିଭିନ୍ନ ଚିକିତ୍ସାଳୟରେ ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ। କିନ୍ତୁ ତାଙ୍କ ରୋଗର ଉପଶମ ହୋଇ ନ ଥିଲା। ୧୭ ବର୍ଷ ପୂର୍ବେ ନୂଆଦିଲ୍ଲୀର ଏକ ହସ୍ପିଟାଲରେ ତାଙ୍କ ଦୁଇଟି କ୍ଷତିଗ୍ରସ୍ତ ହୃତ୍‌ପିଣ୍ଡ ଭାଲ୍‌ଭରେ ଟିସୁ ପ୍ରୋସ୍‌ଥେଟିକ୍ସ ଅସ୍ତ୍ରୋପଚାର କରାଯାଇଥିଲ। ମାତ୍ର ଏଥିରେ ତାଙ୍କ ରୋଗ ସମ୍ପୂର୍ଣ୍ଣ ଉପଶମ ନ ହେବାରୁ ନିକଟରେ ସେ କିମ୍‌ସ ହୃଦ୍‌ରୋଗ ବିଭାଗର ସହକାରୀ ପ୍ରଫେସର ଡା. ଅନୁପମ ଜେନାଙ୍କ ସହ ପରାମର୍ଶ କରିଥିଲେ। ରୋଗୀଙ୍କଠାରେ ଅନିୟନ୍ତ୍ରିତ ମଧୁମେହ ଓ କ୍ରୋନିକ୍ କିଡ୍‌ନୀ ରୋଗ ଭଳି ଜଟିଳ ଶାରୀରିକ ସମସ୍ୟା ଥିଲା। ଏହା ସତ୍ତ୍ୱେ ଡା. ଅନୁପମ ଜେନାଙ୍କ ନେତୃତ୍ୱରେ ଡାକ୍ତରୀ ଦଳ ରୋଗୀଙ୍କ ସଫଳତାର ସହ ଅସ୍ତ୍ରୋପଚାର (ଟିଏମ୍‌ଭିଆର୍ ପ୍ରଣାଳୀରେ) କରିଥିଲେ। ଏବେ ରୋଗୀ ସୁସ୍ଥ ଅଛନ୍ତି। ଏଭଳି ଅତ୍ୟାଧୁନିକ ହୃଦ୍‌ଯନ୍ତ୍ର ଅସ୍ତ୍ରୋପଚାର ଓଡ଼ିଶାରେ ପ୍ରଥମଥର ପାଇଁ ହୋଇଥିବା ଡା. ଜେନା ଦାବି କରିଛନ୍ତି। ଏହା ସହିତ ସେ କହିଛନ୍ତି, ଓଡ଼ିଶାରେ ଏହି ସୁବିଧା ଉପଲବ୍ଧ ହେଉଥିବାରୁ ଏଣିକି ଏଭଳି ସମସ୍ୟାର ସମ୍ମୁଖୀନ ହେଉଥିବା ହୃଦ୍‌ରୋଗୀଙ୍କୁ ଆଉ ବାହାର ରାଜ୍ୟକୁ ଯିବାକୁ ପଡ଼ିବ ନାହିଁ। ଏହି ସଫଳତା ପାଇଁ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡାକ୍ତରୀଦଳକୁ ପ୍ରଶଂସା କରିବା ସହ ରୋଗୀଙ୍କ ଆରୋଗ୍ୟ କାମନା କରିଛନ୍ତି।



ବୁଦ୍ଧ ମନ୍ଦିର ପ୍ରେକ୍ଷାଳୟରେ ବୁଧବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ 'କଳିଙ୍ଗ ପ୍ରତିଭା ସମ୍ମାନ' ପାଇଥିବା ବ୍ୟକ୍ତିତ୍ୱମାନେ।

## ୭ଜଣଙ୍କୁ କଳିଙ୍ଗ ପ୍ରତିଭା ସମ୍ମାନ

ଭୁବନେଶ୍ୱର,୧୦।୧(ଶର୍ମିଷ୍ଠା ପାଣିଗ୍ରାହୀ)

'ସଂସ୍କୃତି ଓ ସଂସ୍କୃତି' ଅନୁଷ୍ଠାନ ଏବଂ ଶିକ୍ଷାବିତ୍ ହାଡ଼ିବନ୍ଧୁ ହାଲି ଫାଉଣ୍ଡେଶନ ପକ୍ଷରୁ ବୁଧବାର ବୁଦ୍ଧମନ୍ଦିର ପ୍ରେକ୍ଷାଳୟରେ 'କଳିଙ୍ଗ ପ୍ରତିଭା ସମ୍ମାନ-୨୦୨୪' ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଏମ୍‌ପି ତଥା 'କିଟ' ଓ 'କିସ'ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, କଟକ ମହାନଗର ନିଗମର ମେୟର ସୁବାସ ସିଂହ, ଆଧ୍ୟାତ୍ମିକ ଗୁରୁ ରାମ ନାରାୟଣ ଦାସ ମହାରାଜ ଏବଂ 'କାଦମ୍ବିନୀ' ସମ୍ପାଦିକା ଡ. ଇତି ସାମନ୍ତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରକୁ ଉଲ୍ଲେଖନୀୟ ଅବଦାନ ପାଇଁ ୭ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ 'କଳିଙ୍ଗ ପ୍ରତିଭା ସମ୍ମାନ-୨୦୨୪' ପ୍ରଦାନ କରାଯାଇଥିଲା। ସେମାନେ ହେଲେ ଶାସ୍ତ୍ରୀୟ ସଂଗୀତଜ୍ଞ ଡ. ଚିତ୍ତରଞ୍ଜନ ପାଣି, ସାହିତ୍ୟିକ ଡ. ଅଜୟ ସ୍ୱାଇଁ, କଣ୍ଠଶିଳ୍ପୀ ଡ. ଅନସୂୟା ନାଥ, ନାଟ୍ୟ ଗବେଷକ ଡ. ଗୌରାଙ୍ଗ ରାଉତ, ଶିକ୍ଷାବିତ ଡ. ସଞ୍ଜୁଲତା ପାତ୍ର, ଚଳଚ୍ଚିତ୍ର ନିର୍ଦ୍ଦେଶକ ରାଜଗୋପାଳ ସିଂହ ଓ ପଟଚିତ୍ର ଶିଳ୍ପୀ ସମୀର କୁମାର ରାଉତ। ଫାଉଣ୍ଡେଶନର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସମ୍ପାଦିକା ଶିକ୍ଷାବିତ୍ ମୀନାକ୍ଷୀ ଦାଶ ସ୍ୱାଗତ ଭାଷଣ ଦେଇଥିଲେ। 'ସଂସ୍କୃତି ଓ ସଂସ୍କୃତି'ର ସମ୍ପାଦକ ଦିଲୀପ ହାଲି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ସଙ୍ଗୀତ କାର୍ଯ୍ୟକ୍ରମ 'ହୋପ ୨୦୨୪'ରେ ଭାଓଲିନ ବାଦକ ରାକେଶ ବିଶ୍ୱାଳଙ୍କ ସୁମଧୁର ସଙ୍ଗୀତ ଶୁଣିବାକୁ ମିଳିଥିଲା। କାର୍ଯ୍ୟକ୍ରମକୁ ପ୍ରଯୋଜକ ଲୁଟୁ ମହାନ୍ତି ସଂଯୋଜନା କରିଥିଲେ।

## ଜରୁରୀ ପରିସ୍ଥିତି ପାଇଁ ଓଡ୍ରାଫ୍‌ର ଶକ୍ତି ବୃଦ୍ଧି

### ୫୬ ଯାନ ଲୋକାର୍ପଣ କଲେ ଡିଜିପି

କଟକ,୧୦।୧ (କାର୍ତ୍ତିକ ସାହୁ)

ମନୁଷ୍ୟକୃତ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ୍ରାଫ୍ ବାହିନୀର ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ। ଗତ ୨୪ ବର୍ଷ ମଧ୍ୟରେ ଓଡ୍ରାଫ୍ ବାହିନୀ ସାଧାରଣ ଜନତାଙ୍କୁ ଉପଯୁକ୍ତ ସେବା ପ୍ରଦାନ କରିଆସିଛି। ବାହାନଗା ରେଳ ଦୁର୍ଘଟଣା କିମ୍ବା ଅନ୍ୟ କୌଣସି ଜରୁରୀକାଳୀନ ପରିସ୍ଥିତି ସମୟରେ ଧନଜୀବନ ସୁରକ୍ଷା ଦିଗରେ ନିରନ୍ତର ସେବା ଯୋଗାଇ ଆସିଛି ବୋଲି ଡିଜିପି ଅରୁଣ କୁମାର ଷଡ଼ଙ୍ଗୀ ମତବ୍ୟକ୍ତ କରିଛନ୍ତି। କଟକସ୍ଥିତ ଷଷ୍ଠ ବାଟାଲିୟନ ପରିସରରେ ଡିଜିପି ଷଡ଼ଙ୍ଗୀ ଓଡ୍ରାଫ୍ ବାହିନୀର ଶକ୍ତିବୃଦ୍ଧି ନିମନ୍ତେ ୫୬ଟି ନୂତନ ଯାନ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ନୂତନ ଯାନଗୁଡ଼ିକ ଦ୍ୱାରା ଜରୁରିକାଳୀନ ପରିସ୍ଥିତି ତଥା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସାଧାରଣ ଜନତା ଉପଯୁକ୍ତ ସେବା ପାଇପାରିବେ। ଆଗାମୀ ଦିନରେ ଅତ୍ୟାଧୁନିକ ଉପକରଣ, ପରିବହନ ଓ ମାନବ ସମ୍ବଳ ଯୋଗାଇ ଓଡ୍ରାଫ୍‌କୁ ଆହୁରି ଶକ୍ତିଶାଳି କରାଯିବ। ନିରନ୍ତର ଶିକ୍ଷା ଓ ଅଭ୍ୟାସ ଦ୍ୱାରା ଓଡ୍ରାଫ୍ ବାହିନୀକୁ ସଶକ୍ତ କରାଯିବ। ଯାହାଦ୍ୱାରା ଜରୁରୀକାଳୀନ ପରିସ୍ଥିତି ସମୟରେ ଜନତାଙ୍କୁ ଉପଯୁକ୍ତ ସେବା ପ୍ରଦାନ କରିବାରେ ସେମାନେ ସକ୍ଷମ ହୋଇପାରିବେ। ଆଗାମୀ ଦିନରେ ଦେଶ, ସମାଜ ତଥା ପୋଲିସ ବିଭାଗ ପ୍ରତି ଓଡ୍ରାଫ୍‌ର ସେବା ମନୋବୃତ୍ତି ଉପରେ ଡିଜିପି ଷଡ଼ଙ୍ଗୀ ଗୁରୁତ୍ୱାରୋପ କରିଥିଲେ।

ଓଡ୍ରାଫ୍ ଦାୟିତ୍ୱରେ ଥିବା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ବିଗତ ଦିନରେ ଓଡ୍ରାଫ ଟିମ୍ ଦ୍ୱାରା କରାଯାଇଥିବା ବିଭିନ୍ନ ଅପରେଶନ ସମ୍ପର୍କରେ ସୂଚନା ଦେଇଥିଲେ। ବାହାନଗା ରେଳ ଦୁର୍ଘଟଣା, ସମ୍ବଲପୁର ବୋରୱେଲରୁ ନବଜାତ ଶିଶୁ ଉଦ୍ଧାର, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ୍ରାଫ୍ ବାହିନୀର କାର୍ଯ୍ୟାବଳୀ ଉଲ୍ଲେଖନୀୟ ବୋଲି କହିଥିଲେ। ଏହି ଯାନଗୁଡ଼ିକ ଦ୍ୱାରା ଅଳ୍ପ ସମୟରେ ଜନସାଧାରଣଙ୍କୁ ଉପଯୁକ୍ତ ସେବା ପ୍ରଦାନ କରାଯିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ୍ରାଫ୍‌କୁ ପ୍ରଶଂସା କରିଥିବା କଥା ମଧ୍ୟ ସେ ଉଲ୍ଲେଖ କରିଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏଚ୍‌ଆର୍‌ପିସି) ଲଳିତ ଦାସ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସ୍‌ଏପି) ଆର.ପି. କୋଚେଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଷଷ୍ଠ ବାଟାଲିୟନ କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଏହି ୫୬ଟି ନୂତନ ଯାନ ମଧ୍ୟରେ ୨୦ଟି ବୋଲେରୋ, ୨୦ଟି ବସ୍, ୧୫ଟି ଟ୍ରାକ୍ଟର ଏବଂ ଗୋଟିଏ କାମ୍ପର ଗାଡ଼ି ରହିଛି।


ଡିଜିପି ଅରୁଣ କୁମାର ଷଡ଼ଙ୍ଗୀ ଓ ଅନ୍ୟମାନେ ପତାକା ଦେଖାଇ ଓଡ୍ରାଫ୍ ଯାନର ଲୋକାର୍ପଣ କରୁଛନ୍ତି।

**ସଂକ୍ଷେପରେ**

## ବ୍ରହ୍ମଗିରିରେ ପକ୍ଷୀ ଗଣନା ଶେଷ

ବ୍ରହ୍ମଗିରି,୧୦।୧(ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରିର ରେଞ୍ଜ ଅଧୀନ ଚିଲିକା ବାହ୍ୟ ଅଞ୍ଚଳରେ ବୁଧବାର ପକ୍ଷୀ ଗଣନା ଶେଷ ହୋଇଛି। ଚିଲିକାକୁ ଆସୁଥିବା ବିଦେଶାଗତ ପକ୍ଷୀଙ୍କ ମଧ୍ୟରୁ କେତେକ ଖାଦ୍ୟ ଅନ୍ୱେଷଣରେ ଚିଲିକା କୂଳବର୍ତ୍ତୀ ଜଳାଶୟଗୁଡ଼ିକରେ ରହିଥାନ୍ତି। ବ୍ରହ୍ମଗିରି ବନ ବିଭାଗ ପକ୍ଷରୁ ବୁଧବାର ୪ଟି ଦଳରେ ୧୭ ଜଣ ଗଣନକାରୀ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ସୁନାମୁହିଁରୁ ବରକୁଦୀ, ବ୍ରହ୍ମଗିରି ଡାବା ଛକଠାରୁ ଗୋଲରା, କାଠୁଆଆରେଡ଼ି ଛକଠାରୁ ଘଟକୁଡ଼ୀ ଓ କପିଳେଶ୍ୱରକୁ ନେଇ ୪ଟି ଜୋନ୍‌ରେ ବିଭକ୍ତ କରାଯାଇ ଏହି ଗଣନକାରୀ ଦଳ ପକ୍ଷୀଗଣନା କରିଥିଲେ। ଏହି ଗଣନ କାର୍ଯ୍ୟରେ ୭୦ଟି ପ୍ରଜାତିର ପକ୍ଷୀ ଦେଖାଯାଇଥିଲେ। ଗଣଣା ସମୟରେ ଚଳିତବର୍ଷ କଟଲଟିଲ ନାମକ ଏକ ନୂଆ ପ୍ରଜାତିର ପକ୍ଷୀକୁ ଦେଖିବାକୁ ମିଳିଥିଲା। ଏହି ଗଣନ କାର୍ଯ୍ୟରେ ବନ ବିଭାଗ କର୍ମଚାରୀ, ଆକାଶ ରଥ, ଦେବୀ ପ୍ରସାଦ ରଥ, ଓ ଓୟୁଟିର ଛାତ୍ରୀ ଯୋଗଦେଇଥିଲେ। ଏହି ପକ୍ଷୀଗଣନାର ଚୂଡ଼ାନ୍ତ ରିପୋର୍ଟ ପରବର୍ତ୍ତୀ ସମୟରେ ପ୍ରକାଶ ପାଇବ ବୋଲି ବନ ବିଭାଗ ସୂଚନା ଦେଇଛି।

## କିମ୍ସରେ ଟିଏମ୍‌ଭିଆର୍ ଜରିଆରେ ହାର୍ଟ ଭାଲ୍‌ଭ ଅସ୍ତ୍ରୋପଚାର ସଫଳ

**ଓଡ଼ିଶାରେ ପ୍ରଥମ ଦାବିକଲେ ଡାକ୍ତର**

ଭୁବନେଶ୍ୱର, ୧୦।୧(ଅସମାପିକା ସାହୁ)

ହୃଦ୍‌ରୋଗ ଚିକିତ୍ସା କ୍ଷେତ୍ରରେ କିମ୍ସକୁ ଆଉ ଏକ ସଫଳତା ମିଳିଛି। କିମ୍ସରେ ଟ୍ରାନ୍ସକ୍ୟାଥେଟର ମିଟ୍ରାଲ ଭାଲ୍‌ଭ ରିପ୍ଲେସ୍‌ମେଣ୍ଟ(ଟିଏମଭିଆର) ପ୍ରକ୍ରିୟାରେ ଜଣେ ୬୯ ବର୍ଷ ବୟସ୍କ ରୋଗୀଙ୍କଠାରେ ସଫଳ ହୃତ୍‌ପିଣ୍ଡ ଭାଲ୍‌ଭ ଅସ୍ତ୍ରୋପଚାର କରାଯାଇପାରିଛି। ରୋଗୀଙ୍କ ହୃତ୍‌ପିଣ୍ଡ ଭାଲ୍‌ଭ କ୍ଷତିଗ୍ରସ୍ତ ହେବା ପରେ ସେ ରାଜ୍ୟ ବାହାରେ ବିଭିନ୍ନ ଚିକିତ୍ସାଳୟରେ ଡାକ୍ତରଙ୍କ ସହ ପରାମର୍ଶ କରିଥିଲେ। କିନ୍ତୁ ତାଙ୍କ ରୋଗର ଉପଶମ ହୋଇ ନ ଥିଲା। ୧୭ ବର୍ଷ ପୂର୍ବେ ନୂଆଦିଲ୍ଲୀର ଏକ ହସ୍ପିଟାଲରେ ତାଙ୍କ ଦୁଇଟି କ୍ଷତିଗ୍ରସ୍ତ ହୃତ୍‌ପିଣ୍ଡ ଭାଲ୍‌ଭରେ ଟିସୁ ପ୍ରୋସ୍‌ଥେଟିକ୍ସ ଅସ୍ତ୍ରୋପଚାର କରାଯାଇଥିଲ। ମାତ୍ର ଏଥିରେ ତାଙ୍କ ରୋଗ ସମ୍ପୂର୍ଣ୍ଣ ଉପଶମ ନ ହେବାରୁ ନିକଟରେ ସେ କିମ୍‌ସ ହୃଦ୍‌ରୋଗ ବିଭାଗର ସହକାରୀ ପ୍ରଫେସର ଡା. ଅନୁପମ ଜେନାଙ୍କ ସହ ପରାମର୍ଶ କରିଥିଲେ।

# ଚେକ୍‌ଡ୍ୟାମ୍ ବିପର୍ଯ୍ୟସ୍ତ, ବୋରିଂ ପଏଣ୍ଟ ଅଚଳ

- ଫସଲହାନି ଯୋଗୁ ଚିନ୍ତାରେ ଚାଷୀ, ଅନଶନ ଚେତାବନୀ
- ମରୁଡ଼ି ଘୋଷଣା, କୃଷିଋଣ ଛାଡ଼, ଜଳସେଚନ ସୁବିଧା ଦାବି

ବୋଲଗଡ଼,୧୦।୧(ଦେବବ୍ରତ ହୋତା)



ଅନିୟମିତ ବର୍ଷା, ଦୈବ ଦୁର୍ବିପାକ ଦ୍ୱାରା ଚିର ପ୍ରପୀଡ଼ିତ ବୋଲଗଡ଼ ଅଞ୍ଚଳର ଚାଷୀମାନେ ହତାଶା ମଧ୍ୟରେ କାଳାତିପାତ କରୁଛନ୍ତି। ନଗଣ୍ୟ ଜଳସେଚନ ସୁବିଧା ଥିବା ଏହି ଅଞ୍ଚଳର ଚାଷଜମିଗୁଡ଼ିକରୁ ପ୍ରାୟ ପ୍ରତିବର୍ଷ ବିଭିନ୍ନ କାରଣରୁ ଫସଲହାନି ଘଟି ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଗଲାଣି। ଏହି ଅଞ୍ଚଳରେ ସରକାରୀ କାଗଜପତ୍ରରେ ୩୩ ପ୍ରତିଶତ ଜଳସେଚନ ସୁବିଧା ଥିବା ଦର୍ଶାଯାଇଥିବା ବେଳେ ବାସ୍ତବରେ ସ୍ଥିତି ଅଲଗା। ବୃହତ ଜଳସେଚନ ପ୍ରକଳ୍ପ ନଥିବା ବେଳେ ଚେକଡ୍ୟାମଗୁଡ଼ିକ ବିପର୍ଯ୍ୟସ୍ତ ଓ ଅଧିକାଂଶ ବୋରିଂ ପଏଣ୍ଟ ଅଚଳ ହୋଇ ପଡ଼ିରହିଛି। ଚଳିତ ଖରିଫ ଧାନଚାଷରେ ଅନିୟମିତ ସ୍ୱଳ୍ପ ବୃଷ୍ଟିପାତ କାରଣରୁ ବ୍ୟାପକ ଅଞ୍ଚଳରେ ଫସଲହାନି ଘଟିଥିବା ବେଳେ ଏଥିନେଇ ଚାଷୀମାନେ ବହୁବାର ତହସିଲଦାର ଏବଂ ଜିଲାପାଳଙ୍କ ନିକଟରେ କ୍ଷତିଭରଣା ପାଇଁ ଦାବିକରି ଆସୁଛନ୍ତି। ତେବେ ଦାବି ପୂରଣ କରାଯାଉ ନ ଥିବାରୁ ଚାଷୀମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ଚେତାବନୀ ଦେଇଛନ୍ତି। ବୁଧବାର ବାଙ୍କୋଇସ୍ଥିତ ତରେଶ୍ୱର ଦେବ ମନ୍ଦିର ପରିସରରେ କୃଷକ ନେତା ତଥା ଖୋର୍ଦ୍ଧା କେନ୍ଦ୍ର ସମବାୟ ନିର୍ଦ୍ଦେଶକ ପ୍ରକାଶ ରାଉତରାୟଙ୍କ ଆବାହକତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ଚାଷୀ ଜୟକୃଷ୍ଣ ଫତେସିଂହ ସଭାପତିତ୍ୱ କରିଥିଲେ। କେସିସିବି ନିର୍ଦ୍ଦେଶକ ପବିତ୍ର ମୋହନ ମାଝିଙ୍କ ସମେତ ବ୍ଲକ ଅଞ୍ଚଳର ୨୨ଟି ସେବା ସମବାୟ ସମିତି ଅଧୀନ ଗ୍ରାମଗୁଡ଼ିକରୁ ୫୦୦ରୁ ଊର୍ଦ୍ଧ୍ୱ ଚାଷୀ ଏବଂ ଅନେକ ସମବାୟ ସମିତିର ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ। ଚାଷୀମାନେ ୫ଦଫା ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୧୬ ତାରିଖରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଆମରଣ ଅନଶନରେ ବସିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ବୋଲଗଡ଼ ବ୍ଲକ ଅଞ୍ଚଳକୁ ମରୁଡ଼ି ଘୋଷଣା, କୃଷିଋଣ ସମ୍ପୂର୍ଣ୍ଣ ଛାଡ଼, ଜଳସେଚନ ସୁବିଧା, ଧାନମଣ୍ଡିରେ ଓ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଅନିୟମିତତା ଦୂର କରିବା ଆଦି ଦାବି ସମ୍ବଳିତ ଏକ ପତ୍ର ଜିଲାପାଳ ଏବଂ ଏହାର ନକଲ ଉପଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ନିକଟକୁ ପଠାଯାଇଛି।

# ଜରୁରୀ ପରିସ୍ଥିତି ପାଇଁ ଓଡ୍ରାଫ୍‌ର ଶକ୍ତି ବୃଦ୍ଧି

**୫୬ ଯାନ ଲୋକାର୍ପଣ କଲେ ଡିଜିପି**

କଟକ,୧୦।୧ (କାର୍ତ୍ତିକ ସାହୁ)

ମନୁଷ୍ୟକୃତ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ୍ରାଫ୍ ବାହିନୀର ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ। ଗତ ୨୪ ବର୍ଷ ମଧ୍ୟରେ ଓଡ୍ରାଫ୍ ବାହିନୀ ସାଧାରଣ ଜନତାଙ୍କୁ ଉପଯୁକ୍ତ ସେବା ପ୍ରଦାନ କରିଆସିଛି। ବାହାନଗା ରେଳ ଦୁର୍ଘଟଣା କିମ୍ବା ଅନ୍ୟ କୌଣସି ଜରୁରୀକାଳୀନ ପରିସ୍ଥିତି ସମୟରେ ଧନଜୀବନ ସୁରକ୍ଷା ଦିଗରେ ନିରନ୍ତର ସେବା ଯୋଗାଇ ଆସିଛି ବୋଲି ଡିଜିପି ଅରୁଣ କୁମାର ଷଡ଼ଙ୍ଗୀ ମତବ୍ୟକ୍ତ କରିଛନ୍ତି। କଟକସ୍ଥିତ ଷଷ୍ଠ ବାଟାଲିୟନ ପରିସରରେ ଡିଜିପି ଷଡ଼ଙ୍ଗୀ ଓଡ୍ରାଫ୍ ବାହିନୀର ଶକ୍ତିବୃଦ୍ଧି ନିମନ୍ତେ ୫୬ଟି ନୂତନ ଯାନ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ନୂତନ ଯାନଗୁଡ଼ିକ ଦ୍ୱାରା ଜରୁରିକାଳୀନ ପରିସ୍ଥିତି ତଥା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସାଧାରଣ ଜନତା ଉପଯୁକ୍ତ ସେବା ପାଇପାରିବେ। ଆଗାମୀ ଦିନରେ ଅତ୍ୟାଧୁନିକ ଉପକରଣ, ପରିବହନ ଓ ମାନବ ସମ୍ବଳ ଯୋଗାଇ ଓଡ୍ରାଫ୍‌କୁ ଆହୁରି ଶକ୍ତିଶାଳି କରାଯିବ। ନିରନ୍ତର ଶିକ୍ଷା ଓ ଅଭ୍ୟାସ ଦ୍ୱାରା ଓଡ୍ରାଫ୍ ବାହିନୀକୁ ସଶକ୍ତ କରାଯିବ। ଯାହାଦ୍ୱାରା ଜରୁରୀକାଳୀନ ପରିସ୍ଥିତି ସମୟରେ ଜନତାଙ୍କୁ ଉପଯୁକ୍ତ ସେବା ପ୍ରଦାନ କରିବାରେ ସେମାନେ ସକ୍ଷମ ହୋଇପାରିବେ। ଆଗାମୀ ଦିନରେ ଦେଶ, ସମାଜ ତଥା ପୋଲିସ ବିଭାଗ ପ୍ରତି ଓଡ୍ରାଫ୍‌ର ସେବା ମନୋବୃତ୍ତି ଉପରେ ଡିଜିପି ଷଡ଼ଙ୍ଗୀ ଗୁରୁତ୍ୱାରୋପ କରିଥିଲେ।

ଓଡ୍ରାଫ୍ ଦାୟିତ୍ୱରେ ଥିବା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ବିଗତ ଦିନରେ ଓଡ୍ରାଫ ଟିମ୍ ଦ୍ୱାରା କରାଯାଇଥିବା ବିଭିନ୍ନ ଅପରେଶନ ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ୍ରାଫ୍‌କୁ ପ୍ରଶଂସା କରିଥିବା କଥା ମଧ୍ୟ ସେ ଉଲ୍ଲେଖ କରିଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏଚ୍‌ଆର୍‌ପିସି) ଲଳିତ ଦାସ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସ୍‌ଏପି) ଆର.ପି. କୋଚେଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

# କାଇପଦର, ବାଲିପାଟପୁରରେ ଅର୍ପଣ ରଥ

ଖୋର୍ଦ୍ଧା/ଟାଙ୍ଗୀ,୧୦।୧
(ପ୍ରଭାତ ପାଣିଗ୍ରାହୀ/ରଘୁନାଥ ସାହୁ)

ଆସନ୍ତା ୧୭ ତାରିଖରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ହେବ। ଏହି ଉପଲକ୍ଷେ ଶ୍ରୀଜଗନ୍ନାଥ ଅର୍ପଣ ରଥ ବିଭିନ୍ନ ସ୍ଥାନ ପରିକ୍ରମା କରୁଛି। ବୁଧବାର ଖୋର୍ଦ୍ଧା ବ୍ଲକ କାଇପଦର ପଞ୍ଚାୟତର ସାଆନ୍ତା, କାଇପଦର, ମାଧପୁର, ଦେଉଳଟାଙ୍ଗୀ ଓ ସୋମନାଥପୁର ଗ୍ରାମରେ 'ଅର୍ପଣ ରଥ' ପରିକ୍ରମା କରିଛି। ଶ୍ରଦ୍ଧାଳୁମାନେ ଅରୁଆ ଚାଉଳ ଓ ଗୁଆ ଅର୍ପଣ କରିଛନ୍ତି। ଘଣ୍ଟ ଘଣ୍ଟା, ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନୀରେ ସ୍ଥାନୀୟ ଅଞ୍ଚଳ ଭକ୍ତିମୟ ହୋଇଉଠିଥିଲା। ଏହି କାର୍ଯ୍ୟକ୍ରମରେ ସରପଞ୍ଚ ନଳିନୀ ଅରିସଲ, ନାଏବ ସରପଞ୍ଚ ସୌମ୍ୟରଞ୍ଜନ ସ୍ୱାଇଁ, ବିଜୟ କୁମାର ଅରିସଲ, ୱାର୍ଡମେମ୍ବର ପଠାଣି ବେହେରା ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ଟାଙ୍ଗୀ ବ୍ଲକ ବାଲିପାଟପୁର ପଞ୍ଚାୟତରେ ଅର୍ପଣ ରଥ ପରିକ୍ରମା କରିଛି। ରଥକୁ ସରପଞ୍ଚ ଭାବି ବେହେରା, ସରପଞ୍ଚଙ୍କ ପ୍ରତିନିଧି ଭୀମସେନ ବେହେରା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅମୂଲ୍ୟ ଭୋଇ, ଜିଆର୍‌ଏସ୍ ଗୋପାଳ ରାଉତରାୟ ଏବଂ ବିଜେଡି ଖୋର୍ଦ୍ଧା ଜିଲା ଉପସଭାପତି ବିରଞ୍ଚି ନାରାୟଣ ପ୍ରଧାନ ସ୍ୱାଗତ ଜଣାଇଥିଲେ। ଲୋକେ ଗୁଆ ଓ ଅରୁଆ ଚାଉଳ ଅର୍ପଣ କରିଥିଲେ। ସିଆର୍‌ପି ସରୋଜିନୀ ସାମନ୍ତରା, ଏମ୍‌ବିକେ ପ୍ରଣତି ବେହେରା, ବ୍ୟାଙ୍କମିତ୍ର ଜୟନ୍ତୀ ସାହୁ ଓ ମହିଳା ଗୋଷ୍ଠୀ ପରିକ୍ରମାରେ ସାମିଲ ହୋଇଥିଲେ। ଭୂଷଣ୍ଡପୁର, କୁନ୍ତଳାବାଇ, ଉଜଳା, ସୁନ୍ଦରପୁର ଓ ମଙ୍ଗଳାଯୋଡ଼ି ପଞ୍ଚାୟତରେ ମଧ୍ୟ ରଥ ବୁଲି ଗୁଆ, ଅକ୍ଷତ ସଂଗ୍ରହ କରିଥିଲା।



ପୁରୀ ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପୂର୍ବରୁ ବେଗୁନିଆ ବ୍ଲକର ଦେଉଳି ପଞ୍ଚାୟତରେ ଅର୍ପଣ ରଥକୁ ସ୍ୱାଗତ କରାଯାଉଛି। (ଫଟୋ: ହରପ୍ରସାଦ ପଣ୍ଡା)

# ୨ ଧାନମଣ୍ଡି ଉଦ୍‌ଘାଟିତ

ଟାଙ୍ଗୀ, ୧୦।୧(ରଘୁନାଥ ସାହୁ)

ଟାଙ୍ଗୀ ସେବା ସମବାୟ ସମିତି ପରିସରରେ ବୁଧବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ୮୨୦ କୁଇଣ୍ଟାଲ ଧାନ କ୍ରୟ କରାଯାଇଛି। କାର୍ଯ୍ୟକ୍ରମରେ ସରପଞ୍ଚ କିଶୋର କୁମାର ବେହେରା, ସମିତି ସଭାପତି ମହେନ୍ଦ୍ର କୁମାର ସାହୁ, ପୂର୍ବତନ ସଭାପତି ମିଟନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ଚନ୍ଦ୍ରଶେଖର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆର୍‌ଏମ୍‌ସି ସୁବାସ ପରିଡ଼ା, ଅଖିଳ ପରିଡ଼ା, ସମବାୟ ଉପନିବନ୍ଧକ ଜ୍ୟୋତିର୍ମୟୀ ଲେଙ୍କା, ମିଲର ଜୟରାମ ପାତ୍ର, ପରିଚାଳନା କମିଟି ସଦସ୍ୟ ଗୁଣ୍ଡିଚା ପରିଡ଼ା, ନିରଞ୍ଜନ ନାୟକ, ଚାଷୀ ପତିତପାବନ ପାଇକରାୟ, ବିଜୟ ଷଣ୍ଢ, ଦୁଃଶାସନ ବିଶ୍ୱାଳ, ଭଗବାନ ପାଇକରାୟ, ଶିବ ରାଉଳ, ରବିନାରାୟଣ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଭୂଷଣ୍ଡପୁର ସେବା ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଖୋଲାଯାଇଛି। ସମିତି ପରିଚାଳନା ସଭାପତି ଦଣ୍ଡପାଣି ବେହେରା, ଭୂଷଣ୍ଡପୁର ସରପଞ୍ଚ ସୌରଭ କୁମାର ଦାଶ ମହାପାତ୍ରଙ୍କ ଉପସ୍ଥିତିରେ ମିଲର ଚଣ୍ଡୀ ହରଦେବ ଧାନ ଉଠାଇଥିଲେ। ସମାରୋହରେ ବୋର୍ଡ ସଭ୍ୟ ପ୍ରଶାନ୍ତ କୁମାର ସାହୁ, ସମ୍ପାଦିକା ଯମୁନା ସାହୁ, ସାମଜିକ କର୍ମୀ ତ୍ରିନାଥ ସେଠୀ, କର୍ମଚାରୀ ସୁକାନ୍ତ ବେହେରା ଏବଂ ସୁରେନ୍ଦ୍ର ବେହେରା ଉପସ୍ଥିତ ଥିଲେ।


ଟାଙ୍ଗୀରେ ଖୋଲିଥିବା ଧାନମଣ୍ଡି।

# କୁମାରବସ୍ତ୍ରକୁ ହରାଇ ବାଲିଆପଡ଼ା ସେମିରେ

ବେଗୁନିଆ,୧୦।୧(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଗଡ଼ମାଣତୀର ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆ ପରିସରରେ ଚାଲୁଥିବା ବିପିନ ବିହାରୀ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟରେ ବୁଧବାର କୁମାରବସ୍ତ୍ରକୁ ହରାଇ ବାଲିଆପଡ଼ା କ୍ଲବ ସେମିରେ ପ୍ରବେଶ କରିଛି। ଟସ୍ ଜିତି କୁମାରବସ୍ତ୍ର ବ୍ୟାଟିଂକରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ହରାଇ ୨୧୫ ରନ୍ ସଂଗ୍ରହ କରିଥିଲା। ଜବାବରେ ବାଲିଆପଡ଼ା ୧୬.୧ ଓଭରରେ ୫ ଉଇକେଟ ହରାଇ ୨୧୬ ରନ୍ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ଖେଳାଳି ସୁଜିତ ୫୦ଟି ବଲ୍ ଖେଳି ବ୍ୟକ୍ତିଗତ ୧୦୧ ରନ୍ ସଂଗ୍ରହ କରିଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇ ପୁରସ୍କାର ଦିଆଯାଇଥିଲା। ମାନସ ମହାପାତ୍ର ଏବଂ ଜଗଦୀଶ ସୁନ୍ଦରାୟ ଖେଳ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ଶିବନାରାୟଣ ମିଶ୍ର ମୁଖ୍ୟ ଅତିଥି ଏବଂ ଶ୍ୟାମସୁନ୍ଦର ସାହୁ ପ୍ରମୁଖ ଯୋଗଦେଇଥିଲେ।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

# ଚରିତ୍ର ଉପରେ ସନ୍ଦେହରୁ ହତ୍ୟା ଉଦ୍ୟମ

ଖୋର୍ଦ୍ଧା,୧୦।୧ (ପ୍ରଭାତ ପାଣିଗ୍ରାହୀ)

**ପ୍ରେମିକ ଛୁରାମାଡ଼ରେ ପ୍ରେମିକା ଗୁରୁତର ଘଟଣା**

ପ୍ରେମିକ ଛୁରାମାଡ଼ରେ ପ୍ରେମିକା ଗୁରୁତର ଘଟଣା ଉପରୁ ପରଦା ହଟାଇଛି ଶିଳ୍ପାଞ୍ଚଳ ଥାନା ପୋଲିସ। ଯୁବତୀଙ୍କ ଭାଇ ଦିବ୍ୟରଞ୍ଜନ ରାୟଙ୍କ ଅଭିଯୋଗ କ୍ରମେ ପୋଲିସ ଦଫା ୨୯୪, ୩୨୪, ୩୨୬ ଓ ୩୦୭ (ହତ୍ୟା ଉଦ୍ୟମ)ରେ ଏକ ମାମଲା (ନଂ. ୦୫/୨୪) ରୁଜୁ କରି ଅଭିଯୁକ୍ତ ଜଟଣୀ ଥାନା ବାଛେରା ପାଟଣା ଗ୍ରାମର ଏସ୍.କେ. କୁତ୍‌ବୁଦ୍ଦିନ(୩୨)ଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପ୍ରେମିକାଙ୍କ ଚରିତ୍ର ଉପରେ ଅଭିଯୁକ୍ତ ସନ୍ଦେହ କରି ତାଙ୍କୁ ହତ୍ୟା ଉଦ୍ଦେଶ୍ୟରେ ଆକ୍ରମଣ କରିଥିବା ପୋଲିସ ସୂଚନା ଦେଇଛି। ପୋଲିସ ବ୍ୟବହୃତ ବାଇକ ଓ ଛୁରି ଜବତ କରିଛି।

ପୋଲିସ ସୂଚନା ଅନୁଯାୟୀ, ଯାଜପୁର ଅଞ୍ଚଳର ଜଣେ ଯୁବତୀ ଭୁବନେଶ୍ୱର ତମାଣ୍ଡୋସ୍ଥିତ ଏକ ଗାଡ଼ି ଶୋ'ରୁମ୍‌ରେ କାର୍ଯ୍ୟ କରନ୍ତି। କୁତ୍‌ବୁଦ୍ଦିନ ଓ ତାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ରହିଥିଲା। ଅନେକ ସମୟରେ କୁତବୁଦ୍ଦିନ ସମ୍ପୃକ୍ତ ଯୁବତୀଙ୍କ ଚରିତ୍ର ଉପରେ ସନ୍ଦେହ କରି ତାଙ୍କୁ ଗାଳିଗୁଲଜ, ଦୁର୍ବ୍ୟବହାର କରୁଥିଲେ। ମଙ୍ଗଳବାର ଅଭିଯୁକ୍ତ ତାଙ୍କ ବାଇକ (ନଂ ଓଡି୦୨ ଏଡବ୍ଲ୍ୟୁ-୪୬୯୨)ରେ ଯୁବତୀଙ୍କୁ ଧରି ବରୁଣେଇ ଜଙ୍ଗଲ ଆଡକୁ ଯାଇଥିଲେ। ପୁରୁଣା କଥାକୁ ଦୋହରାଇ କୁତବୁଦ୍ଦିନ ତାଙ୍କୁ ଦୁର୍ବ୍ୟବହାର କରିବା ସହ ମାଡ଼ ମାରିଥିଲେ। ଯୁବତୀ ଏହାର ବିରୋଧ କରିବାରୁ ଅଭିଯୁକ୍ତ ଏକ ଛୁରିରେ ତାଙ୍କ ପେଟ, ମୁଣ୍ଡ, ବେକ ଏବଂ ଛାତି ପ୍ରଭୃତି ବିଭିନ୍ନ ସ୍ଥାନରେ ଏକାଧିକ ଥର ଅତି ନୃଶଂସ ଭାବେ ଛୁରାମାଡ କରିଥିଲେ। ଯୁବତୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ପହଞ୍ଚି ଯିବାରୁ ଅଭିଯୁକ୍ତ ସେଠାରୁ ଫେରାର ହୋଇଯାଇଥିଲେ। ଶିଳ୍ପାଞ୍ଚଳ ପୋଲିସ ପହଞ୍ଚି ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ଯୁବତୀଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଭୁବନେଶ୍ୱର ଏମ୍ସ ସ୍ଥାନାନ୍ତର କରିଥିଲେ। ପୋଲିସ ଏହି ଘଟଣାକୁ ଅତି ଗୁରୁତ୍ୱର ସହ ନେଇଥିଲା। ଘଟଣା ଘଟିବାର କିଛି ସମୟ ମଧ୍ୟରେ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସ୍‌ଡିପିଓ ଦିଲୀପ ଦାସଙ୍କ ନେତୃତ୍ୱରେ ୩ ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଛାନଭିନ କରାଯାଇଥିଲା। ବିଳମ୍ବିତ ରାତିରେ ଅଭିଯୁକ୍ତ କୁତ୍‌ବୁଦ୍ଦିନଙ୍କୁ ପୁରୀ ଜିଲା ଗୋପ ଅଞ୍ଚଳରୁ ଗିରଫ କରାଯାଇଥିଲା। ଶିଳ୍ପାଞ୍ଚଳ ଥାନା ଭାରପ୍ରାପ୍ତ ଅଧିକାରୀ ବାସୁଦେବ ଜୟସିଂ ତଦନ୍ତ ଦାୟିତ୍ୱରେ ଥିବା ବେଳେ ଏଏସ୍‌ଆଇ ଶ୍ରବଣ ସାହୁ, କନଷ୍ଟେବଲ ସୁଦାମ ବଳିଆରସିଂ, ଗୋପିନାଥ ମଙ୍ଗରାଜ, ଓଏସିଏଫ ରଞ୍ଜନ ପ୍ରଧାନ ଓ ଅନ୍ୟମାନେ ଚଢାଉରେ ସାମିଲ ହୋଇଥିଲେ।

# କାଇପଦର ପ୍ୟାକ୍ସରେ ମଣ୍ଡି ଖୋଲିଲା

ଖୋର୍ଦ୍ଧା,୧୦।୧(ପ୍ରଭାତ ପାଣିଗ୍ରାହୀ)

କାଇପଦର ପ୍ରାଥମିକ ସେବା ସମବାୟ ସମିତି (ପ୍ୟାକ୍ସ)ର ଧାନମଣ୍ଡି ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ଡିଆର୍‌ସିଏସ୍ ଅଳକାନନ୍ଦା ଜେନା, ଏଆର୍‌ସିଏସ୍ ଅନନ୍ତ ଚରଣ ନାୟକ, ସମିତି ସଭାପତି କୃଷ୍ଣଚନ୍ଦ୍ର ବଳିୟାରସିଂ, ସମ୍ପାଦକ ଝଜକିଶୋର ସାମନ୍ତରାୟ, ପୂର୍ବତନ ସଭାପତି ତପନ କୁମାର ପାତ୍ର, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ସୁପରଭାଇଜର ଲଳିତ ମୋହନ କର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ୪ଜଣ ଚାଷୀ ୮୦.୬୧ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ସମିତିରେ ୫୦୫ ଜଣ ଚାଷୀ ରେଜିଷ୍ଟ୍ରେଶନ କରିଛନ୍ତି। ବୁଧବାର ସୁଦ୍ଧା ମୋଟ ୪୯୮ଜଣ ଚାଷୀଙ୍କ ୧୩୦୫୮ କୁଇଣ୍ଟାଲ ଧାନର ଟୋକନ ସମିତିକୁ ଆସିଛି। ଧାର୍ଯ୍ୟ ସମୟରେ ଧାନ ବିକ୍ରି ଲାଗି ସମସ୍ତ ଚାଷୀଙ୍କୁ ସମିତି ପକ୍ଷରୁ ସମ୍ପାଦକ ସାମନ୍ତରାୟ ନିବେଦନ କରିଛନ୍ତି।



କାଇପଦରରେ ସରକାରୀ ଧାନମଣ୍ଡି ଉଦ୍‌ଘାଟନୀ ଅବସରରେ ମଞ୍ଚାସୀନ ଅତିଥି।

# ଚୋରି ଉଦ୍ୟମ: ୨ ଯୁବତୀ ଗିରଫ

ଭୁବନେଶ୍ୱର,୧୦।୧ (ସୂର୍ଯ୍ୟକାନ୍ତ ବେହେରା)

ମୈତ୍ରୀବିହାର ଥାନା ଅନ୍ତର୍ଗତ ବିଡିଏ କଲୋନୀରେ ଏକ ଘରୁ ଚୋରି ଅଭିଯୋଗରେ ୨ଜଣ ଯୁବତୀଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୟୂରଭଞ୍ଜ ବାଙ୍ଗିରିପୋଷି ଥାନା ଅଞ୍ଚଳର କାଜଲ ସବର (୨୫) ଓ ସମିରିକା ସବର(୨୦)। ତାଙ୍କଠାରୁ ସୁନା ଅଳଙ୍କାର ଓ ଟଙ୍କା ଜବତ ହୋଇଛି। ସୂଚନାନୁସାରେ, ଅଭିଯୋଗକାରୀ ରଞ୍ଜିତ କୁମାର ବେହୁରାଙ୍କ ପରିବାର ସଦସ୍ୟ ଶୋଇପଡ଼ିଥିବାବେଳେ ଯୁବତୀଦ୍ୱୟ ସକାଳେ ତାଙ୍କ ଘରେ ପଶି ଏକ ଭ୍ୟାନିଟି ବ୍ୟାଗ ଭିତରେ ଥିବା ସୁନା ଅଳଙ୍କାର ଏବଂ ୭୦୦ ଟଙ୍କା ଚୋରିକରି ଫେରାର ହେଉଥିବା ସମୟରେ ପରିବାର ସଦସ୍ୟ କାବୁ କରି ପୋଲିସ ଜିମା ଦେଇଥିଲେ।

# 'ହସ୍ତତନ୍ତ ଓଡ଼ିଶାର ପରିଚୟ ବହନ କରିଛି'

ଖୋର୍ଦ୍ଧା,୧୦।୧(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶାର ହସ୍ତକଳା ବିଶ୍ୱପ୍ରସିଦ୍ଧ। ରାଜ୍ୟରେ ହସ୍ତତନ୍ତର ଏକ ପ୍ରମୁଖ ଭୂମିକା ରହିଥିବାବେଳେ ଦେଶବିଦେଶରେ ଏହି ବସ୍ତ୍ରର ଚାହିଦା ରହିଛି। ହସ୍ତତନ୍ତ ଓଡ଼ିଶାର ପରିଚୟ ବହନ କରିଛି ବୋଲି ଓଡ଼ିଶା ବୁଣାକାର ମହାସଂଘ ଖୋର୍ଦ୍ଧା ଜିଲା ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବୟନଶିଳ୍ପ ମନ୍ତ୍ରୀ ରିତା ସାହୁ କହିଛନ୍ତି। ସ୍ଥାନୀୟ ଓର୍‌ମାସ୍ କାର୍ଯ୍ୟାଳୟ ପରିସରରେ ଆୟୋଜିତ ସମ୍ମିଳନୀରେ ବୁଣାକାର ମହାସଂଘ ସଭାପତି ଶ୍ରୀଧର ବେହେରା ସଭାପତିତ୍ୱ କରିଥିଲେ। ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ, ପୂର୍ବତନ ଜଟଣୀ ବିଧାୟକ ବିଭୂତି ବଳବନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବୁଣାକାରମାନେ ଅତି ଦୟନୀୟ ସ୍ଥିତିରେ ଜୀବନ ନିର୍ବାହ କରୁଛନ୍ତି। ଆର୍ଥିକ ପ୍ରୋତ୍ସାହନ ସହ ୬୦ବର୍ଷରୁ ଊର୍ଦ୍ଧ୍ୱ ବୁଣାକାରଙ୍କୁ ମାସିକ ପେନସନ, ମାସିକ ୨ଶହ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ ଦେୟ ଛାଡ଼, ହସ୍ତତନ୍ତ ସାମଗ୍ରୀ ଉପରୁ ଜିଏସ୍‌ଟି ଛାଡ଼, ବନ୍ଦ ପଡ଼ିଥିବା ସୂତାକଳ ପୁନଃ ଚାଲୁ କରାଯିବାକୁ ବୁଣାକାର ମହାସଂଘ ପକ୍ଷରୁ ଦାବି କରାଯାଇଛି। ସେହିପରି କଞ୍ଚାମାଲ, ସୂତା ଯୋଗାଇ ଦେଲେ ବୁଣାକାରଙ୍କୁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ବୁଣାକାରଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ସରକାରୀ ଯୋଜନାକୁ କାର୍ଯ୍ୟକାରୀ ଦିଗରେ ପ୍ରାଥମିକ ବୁଣାକାର ସମିତି ସମ୍ପାଦକଙ୍କ ପ୍ରମୁଖ ଭୂମିକା ରହିଥିବା ବେଳେ ଅଦ୍ୟାବଧି ସେମାନଙ୍କ ପାରିଶ୍ରମିକ ବୃଦ୍ଧି କରାଯାଉନାହିଁ। କ୍ରମାଗତ ଭାବେ କଞ୍ଚାମାଲ୍ ମୂଲ୍ୟ ଅତ୍ୟଧିକ ବୃଦ୍ଧି ହେତୁ ହସ୍ତତନ୍ତ୍ର ବସ୍ତ୍ର ବ୍ୟବସାୟ ପ୍ରଭାବିତ ହେଉଛି। ସୂତାର ମୂଲ୍ୟ କମାଇବା ପାଇଁ ବିକ୍ରି ଉପରେ ସବ୍‌ସିଡି ଦିଆଯିବା ଆବଶ୍ୟକ। ରାଜ୍ୟ ସରକାର ବସ୍ତ୍ର ଉପରେ ୩୦ ପ୍ରତିଶତ ମଜୁରି ପ୍ରୋତ୍ସାହନ ଲାଗୁ କରିବା ପାଇଁ ବୁଣାକାର ମହାସଂଘ ଦାବି କରିଛି। କାର୍ଯ୍ୟକ୍ରମରେ ସଂଘ ସାଧାରଣ ସମ୍ପାଦକ ବିଜୟ କୁମାର ମେହେର, ସମ୍ପାଦକ ବିଶ୍ୱନାଥ ଦାସ, ସଙ୍ଗଠନ ସମ୍ପାଦକ ବିଜୟ କୁଣ୍ଡ, ଖୋର୍ଦ୍ଧା ଜିଲା ସଭାପତି ପ୍ରତାପ ଚନ୍ଦ୍ର ଦାସ, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ କିଶୋର ଚନ୍ଦ୍ର ଦାସ, ବିଧୁଭୂଷଣ ଦାସ ପ୍ରମୁଖ ବୁଣାକାରଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଜିଲାର ବିଭିନ୍ନ ଅଞ୍ଚଳରୁ ବହୁ ବୁଣାକାର ଯୋଗଦେଇଥିଲେ।

**'ଛାତ୍ରୀଛାତ୍ର ନିଜର ଲକ୍ଷ୍ୟ ସ୍ଥିର କରନ୍ତୁ'**

କଟକ,(ଶିକ୍ଷା ପ୍ରିୟଦର୍ଶିନୀ): ବାରବାଟୀ ଷ୍ଟାଡ଼ିୟମସ୍ଥିତ ସେଣ୍ଟ ଜାଭିୟର୍ସ ବିଦ୍ୟାଳୟ ପରିସରରେ ବୁଧବାର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରିୟଦର୍ଶୀ ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ତାମିଲ ଏବଂ କନ୍ନଡ ଚଳଚ୍ଚିତ୍ରର ଅଭିନେତ୍ରୀ ସଞ୍ଚିତା ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ସଞ୍ଚିତା ନିଜର ସଂଘର୍ଷମୟ କାହାଣୀ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଜଣାଇଥିଲେ। ଏଥିସହ ନିଜର ଲକ୍ଷ୍ୟ ଓ କର୍ମପନ୍ଥା ସ୍ଥିର କରିବାକୁ ଛାତ୍ରୀଛାତ୍ରଙ୍କୁ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବାଦାମବାଡ଼ି ଖବରକାଗଜ ବିତରକ ସଂଘର କର୍ମକର୍ତ୍ତା ନିର୍ବାଚିତ

କଟକ,୧୦।୧ (କାର୍ତ୍ତିକ ସାହୁ)

ବାଦାମବାଡ଼ି ଖବରକାଗଜ ବିତରକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ସୁକାନ୍ତ ସେଠୀ, ଉପସଭାପତି ପ୍ରତାପ କୁମାର ସେନାପତି, ସମ୍ପାଦକ ଯଦୁନାଥ ବେହେରା, ସହସମ୍ପାଦକ ଅଭୟ ବେହେରା, କୋଷାଧ୍ୟକ୍ଷ ଭାବେ ଦେବବ୍ରତ ସାମଲ ନିର୍ବାଚିତ ହୋଇଛନ୍ତି। ସେହିପରି ଉପଦେଷ୍ଟା ମଣ୍ଡଳୀରେ ରଞ୍ଜନ ବିଶ୍ୱାଳ, କୃଷ୍ଣଚନ୍ଦ୍ର ବେହେରା, ଗୋପାଳ ଦତ୍ତ, ସୁରେନ୍ଦ୍ର ସେଠୀ ଓ ମହମ୍ମଦ ଆକ୍ରମ ନିର୍ବାଚିତ ହୋଇଥିବା ସଂଘ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।

### ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

କଟକ ସଦର,୧୦।୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ପ୍ରହରାଜପୁରସ୍ଥିତ ସରକାରୀ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସଜନୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରହରାଜପୁର ସରପଞ୍ଚ ଅବ୍‌ଦୁଲ ୱହିଦ ଖାଁ, ମୁଖ୍ୟବକ୍ତା ପ୍ରଦୀପ୍ତ କୁମାର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବରେ ସିଆର୍‌ସିସି ସେଖ୍ ସିରାଜ ଉଲ୍ଲା, ଏସ୍‌ଏମ୍‌ସି ସଭାପତି ଅକ୍ଷୟ କୁମାର ବେହେରା, ପୂର୍ବତନ ଶିକ୍ଷୟିତ୍ରୀ ଆଲୋକଲକ୍ଷ୍ମୀ ଶତପଥୀ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

### ଧାନମଣ୍ଡି ଉଦ୍‌ଘାଟିତ

କଟକ ସଦର,୧୦।୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଅରିଲୋ ସେବା ସମବାୟ ସମିତି ଦ୍ୱାରା ପରିଚାଳିତ ଧାନମଣ୍ଡିର ବୁଧବାର ଉଦ୍‌ଘାଟିତ ହୋଇଯାଇଛି। କୈଳାସ ଚନ୍ଦ୍ର ଦାସ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ପାଳିରେ ୨୫୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମିତିର ସମ୍ପାଦକ ପ୍ରଦୀପ୍ତ କୁମାର ଦାସ, ଅକ୍ଷୟ କୁମାର ସାହୁ, ପୀତାମ୍ବର ଦାସ, କୈଳାସ ଚନ୍ଦ୍ର ପରିଡା, କୁନି ଭୋଇ, ଜ୍ଞାନରଞ୍ଜନ ସାହୁ, ନରେନ୍ଦ୍ର ଦାଶ, ମାନସ ଦାସ, ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

କଟକ,୧୦।୧(ଶିକ୍ଷା ପ୍ରିୟଦର୍ଶିନୀ)

ନୂଆଦିଲ୍ଲୀସ୍ଥିତ ଡିଏଭି କଲେଜ ମ୍ୟାନେଜିଂ କମିଟି ପକ୍ଷରୁ ଆୟୋଜିତ ସର୍ବଭାରତୀୟ ଡିଏଭି କ୍ରୀଡ଼ା ପ୍ରତିଯୋଗିତା ଦିଲ୍ଲୀ ଓ ହରିୟାଣାର ବିଭିନ୍ନ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କଟକ ସିଡ଼ିଏ ଡିଏଭି ପବ୍ଲିକ ସ୍କୁଲର ପ୍ରତିଯୋଗୀମାନେ ଏଥିରେ ଅଂଶଗ୍ରହଣ କରି ସଫଳତା ହାସଲ କରିଛନ୍ତି। ଉକ୍ତ ପ୍ରତିଯୋଗୀତାରେ ଓଡ଼ିଶାରୁ ଭାଗ ନେଇଥିବା ସମସ୍ତ ଡିଏଭି ସ୍କୁଲ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସିଡ଼ିଏ ଡିଏଭି ସ୍କୁଲର ପ୍ରତିଯୋଗୀମାନେ ସର୍ବାଧିକ ପଏଣ୍ଟ ହାସଲ କରିଛନ୍ତି। ତେବେ ସଫଳତା ପାଇ କଟକ ଫେରିଥିବା ପ୍ରତିଯୋଗୀଙ୍କୁ ସ୍କୁଲ ପକ୍ଷରୁ ଅଧ୍ୟକ୍ଷା ନମିତା ମହାନ୍ତି ବୁଧବାର ସମ୍ବର୍ଦ୍ଧିତ କରିଛନ୍ତି। ଏଥିସହ କଠିନ ପରିଶ୍ରମ କରି ନିଜର ଓ ବିଦ୍ୟାଳୟର ନାମ ବିକଶିତ କରିବା ପାଇଁ କହିଛନ୍ତି।

### 'ଦଳୀୟ ସଙ୍ଗଠନ ସୁଦୃଢ଼ କର'

କଟକ,୧୦।୧(ଶିକ୍ଷା ପ୍ରିୟଦର୍ଶିନୀ)

କଟକ ନଗର କଂଗ୍ରେସ କମିଟି ପକ୍ଷରୁ କଲେଜଛକସ୍ଥିତ କାର୍ଯ୍ୟାଳୟଠାରେ ବ୍ଲକ କଂଗ୍ରେସ ସଭାପତିମାନଙ୍କୁ ନେଇ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ନଗର କଂଗ୍ରେସ ସଭାପତି ସୁରେଶ ମହାପାତ୍ର ଅଧ୍ୟକ୍ଷତା କରି ଆସନ୍ତା ୧୭ ତାରିଖ ମଧ୍ୟରେ ବିଭିନ୍ନ ବ୍ଲକରେ ଥିବା ୱାର୍ଡ଼ କମିଟି, ବୁଥ୍ ଲେଭଲ କମିଟିରେ ସାଙ୍ଗଠନିକ କାର୍ଯ୍ୟ ତୁରନ୍ତ ସାରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ କହିଥିଲେ। ଏହି ବୈଠକରେ ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ବାଙ୍କନିଧି ବେହେରା, ନଗର କଂଗ୍ରେସ ଉପସଭାପତି ରାଜେନ୍ଦ୍ର ପଟ୍ଟନାୟକ, ପଛୁଆବର୍ଗ ଅଧ୍ୟକ୍ଷ ବରଦା ସାହୁ, କଳ୍ପନା ସେନ୍, ହିମାଂଶୁ ରାଉତ, ବ୍ଲକ କଂଗ୍ରେସ ସଭାପତି ବିପିନ ପଶାୟତ, ଅଲେଖ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜରୁରୀ ପରିସ୍ଥିତି ପାଇଁ ଓଡ୍ରାଫ୍‌ର ଶକ୍ତି ବୃଦ୍ଧି

କଟକ,୧୦।୧ (କାର୍ତ୍ତିକ ସାହୁ)


ଡିଜିପି ଅରୁଣ କୁମାର ଷଡ଼ଙ୍ଗୀ ନୂତନ ଯାନ ଲୋକାର୍ପଣ କରୁଛନ୍ତି।

**୫୬ ଯାନ ଲୋକାର୍ପଣ କଲେ ଡିଜିପି**

ମନୁଷ୍ୟକୃତ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ୍ରାଫ୍ ବାହିନୀର ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ। ଗତ ୨୪ ବର୍ଷ ମଧ୍ୟରେ ଓଡ୍ରାଫ୍ ବାହିନୀ ସାଧାରଣ ଜନତାଙ୍କୁ ଉପଯୁକ୍ତ ସେବା ପ୍ରଦାନ କରିଆସିଛି। ବାହାନଗା ରେଳ ଦୁର୍ଘଟଣା କିମ୍ବା ଅନ୍ୟ କୌଣସି ଜରୁରୀକାଳୀନ ପରିସ୍ଥିତି ସମୟରେ ଧନଜୀବନ ସୁରକ୍ଷା ଦିଗରେ ନିରନ୍ତର ସେବା ଯୋଗାଇ ଆସିଛି ବୋଲି ଡିଜିପି ଅରୁଣ କୁମାର ଷଡ଼ଙ୍ଗୀ ମତବ୍ୟକ୍ତ କରିଛନ୍ତି। କଟକସ୍ଥିତ ଷଷ୍ଠ ବାଟାଲିୟନ ପରିସରରେ ଡିଜିପି ଷଡ଼ଙ୍ଗୀ ଓଡ୍ରାଫ୍ ବାହିନୀର ଶକ୍ତିବୃଦ୍ଧି ନିମନ୍ତେ ୫୬ଟି ନୂତନ ଯାନ ଲୋକାର୍ପଣ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ନୂତନ ଯାନଗୁଡ଼ିକ ଦ୍ୱାରା ଜରୁରିକାଳୀନ ପରିସ୍ଥିତି ତଥା ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସାଧାରଣ ଜନତା ଉପଯୁକ୍ତ ସେବା ପାଇପାରିବେ। ଆଗାମୀ ଦିନରେ ଅତ୍ୟାଧୁନିକ ଉପକରଣ, ପରିବହନ ଓ ମାନବ ସମ୍ବଳ ଯୋଗାଇ ଓଡ୍ରାଫ୍‌କୁ ଆହୁରି ଶକ୍ତିଶାଳି କରାଯିବ। ନିରନ୍ତର ଶିକ୍ଷା ଓ ଅଭ୍ୟାସ ଦ୍ୱାରା ଓଡ୍ରାଫ୍ ବାହିନୀକୁ ସଶକ୍ତ କରାଯିବ। ଯାହାଦ୍ୱାରା ଜରୁରୀକାଳୀନ ପରିସ୍ଥିତି ସମୟରେ ଜନତାଙ୍କୁ ଉପଯୁକ୍ତ ସେବା ପ୍ରଦାନ କରିବାରେ ସେମାନେ ସକ୍ଷମ ହୋଇପାରିବେ। ଆଗାମୀ ଦିନରେ ଦେଶ, ସମାଜ ତଥା ପୋଲିସ ବିଭାଗ ପ୍ରତି ଓଡ୍ରାଫ୍‌ର ସେବା ମନୋବୃତ୍ତି ଉପରେ ଡିଜିପି ଷଡ଼ଙ୍ଗୀ ଗୁରୁତ୍ୱାରୋପ କରିଥିଲେ।

ଓଡ୍ରାଫ୍ ଦାୟିତ୍ୱରେ ଥିବା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ବିଗତ ଦିନରେ ଓଡ୍ରାଫ ଟିମ୍ ଦ୍ୱାରା କରାଯାଇଥିବା ବିଭିନ୍ନ ଅପରେଶନ ସମ୍ପର୍କରେ ସୂଚନା ଦେଇଥିଲେ। ବାହାନଗା ରେଳ ଦୁର୍ଘଟଣା, ସମ୍ବଲପୁର ବୋରୱେଲରୁ ନବଜାତ ଶିଶୁ ଉଦ୍ଧାର, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ୍ରାଫ୍ ବାହିନୀର କାର୍ଯ୍ୟାବଳୀ ଉଲ୍ଲେଖନୀୟ ବୋଲି କହିଥିଲେ। ଏହି ଯାନଗୁଡ଼ିକ ଦ୍ୱାରା ଅଳ୍ପ ସମୟରେ ଜନସାଧାରଣଙ୍କୁ ଉପଯୁକ୍ତ ସେବା ପ୍ରଦାନ କରାଯିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ୍ରାଫ୍‌କୁ ପ୍ରଶଂସା କରିଥିବା କଥା ମଧ୍ୟ ସେ ଉଲ୍ଲେଖ କରିଥିଲେ। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏଚ୍‌ଆର୍‌ପିସି) ଲଳିତ ଦାସ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏସ୍‌ଏପି) ଆର.ପି. କୋଚେଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ଷଷ୍ଠ ବାଟାଲିୟନ କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଏହି ୫୬ଟି ନୂତନ ଯାନ ମଧ୍ୟରେ ୨୦ଟି ବୋଲେରୋ, ୨୦ଟି ବସ୍, ୧୫ଟି ଟ୍ରାକ୍ଟର ଏବଂ ଗୋଟିଏ କାମ୍ପର ଗାଡ଼ି ରହିଛି।

## ଛାତ୍ରୀଛାତ୍ର ଲକ୍ଷ୍ୟ ସ୍ଥିରକରିବା ଉଚିତ

କଟକ,୧୦।୧(ଶିକ୍ଷା ପ୍ରିୟଦର୍ଶିନୀ)

**କ୍ରିଷ୍ଣମୂର୍ତ୍ତି ୱାର୍ଲ୍ଡ ସ୍କୁଲରେ ପ୍ରେରଣାମୂଳକ କାର୍ଯ୍ୟକ୍ରମ**

ପ୍ରତାପନଗରୀ ଜରିପଡାସ୍ଥିତ କ୍ରିଷ୍ଣମୂର୍ତ୍ତି ୱାର୍ଲ୍ଡ ସ୍କୁଲରେ ପ୍ରେରଣାମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ତାମିଲି ଅଭିନେତ୍ରୀ ସଞ୍ଚିତା ସେଠୀ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କମ୍ପ୍ୟୁଟର ବିଜ୍ଞାନ ବିଭାଗର ସହ ଅଧ୍ୟାପକ ଡ. ଶଶିଭୂଷଣ ନାୟକ, ବାବାଜି ଅମୃତାନନ୍ଦ ମହାରାଜ, ସ୍କୁଲର ମହାନିର୍ଦ୍ଦେଶକ ଡକ୍ଟର ଜି.ଏସ୍. ପଟ୍ଟନାୟକ ଯୋଗଦେଇଥିଲେ। ବର୍ତ୍ତମାନର ଅତ୍ୟାଧୁନିକ ଓ ବ୍ୟସ୍ତବହୁଳ ସମାଜରେ ପ୍ରକୃତ ଜୀବନ ଶୈଳୀକୁ ମୂଲ୍ୟାୟନ କରିବା ପିଲାମାନଙ୍କ ପକ୍ଷରେ କଷ୍ଟକର। ତେଣୁ ପ୍ରକୃତରେ ଜୀବନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସ୍ଥିର କରିବା ଉଚିତ୍ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସେଣ୍ଟ ଜାଭିୟର ଗ୍ରୁପ୍ ଅଫ୍ ସ୍କୁଲର ନିର୍ଦ୍ଦେଶକ ଡ. ପ୍ରଭୁ ଚରଣ ମହାନ୍ତିଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ।




## ରୂପାଲୀଙ୍କ ପଦଯାତ୍ରା

କଟକ,୧୦।୧(ଶିକ୍ଷା ପ୍ରିୟଦର୍ଶିନୀ)

ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଚୌଦ୍ୱାର-କଟକ ଆସନ ପାଇଁ ବିଜେଡିରୁ ଟିକେଟ୍ ଆଶାୟୀ ଥିବା ରୂପାଲୀ ଲେଙ୍କା ବୁଧବାର ଶକ୍ତି ପ୍ରଦର୍ଶନ କରିଛନ୍ତି। ସେ ପଦଯାତ୍ରା କରିବା ପରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଟକ ଯୋବ୍ରା ଆନିକଟ ଛକଠାରେ ଥିବା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ସେ ମାଲ୍ୟାର୍ପଣ କରି ପଦଯାତ୍ରା ଆରମ୍ଭ କରିଥିଲେ। ଶିଖରପୁରସ୍ଥିତ ଏକ ମଣ୍ଡପଠାରେ ପଦଯାତ୍ରା ପହଞ୍ଚିଥିଲା। ପରେ ସେଠାରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ସମର୍ଥକ ଯୋଗଦେଇଥିଲେ। ପଦଯାତ୍ରାରେ ବିଜେଡ଼ି ପତାକା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ବ୍ୟାନର ଦେଖିବାକୁ ମିଳିଥିଲା। ତେବେ ନିର୍ବାଚନ ପାଇଁ କିଛି ମାସ ରହିଥିବାବେଳେ ଆଶାୟୀ ରୂପାଲୀଙ୍କ ବିଜେଡ଼ି ପତାକା ଓ ବ୍ୟାନର ନେଇ ଶକ୍ତି ପ୍ରଦର୍ଶନ କରିବା, ପଦଯାତ୍ରାରେ କୌଣସି ବିଜେଡ଼ି ନେତା ଉପସ୍ଥିତ ନ ରହିବା ଓ ସ୍ଥାନୀୟ ବିଧାୟକଙ୍କ ପାଇଁ ଅଡୁଆ ପାଲଟିବା ନେଇ ଚର୍ଚ୍ଚା ଜୋର ଧରିଛି। ଏ ସମ୍ପର୍କରେ ଲେଙ୍କା କହିଛନ୍ତି, ଆଗାମୀ ନିର୍ବାଚନ ଲଢ଼ିବା ପାଇଁ ପ୍ରସ୍ତୁତ ରହିଛି। ଆଶା ଅଛି ବିଜେଡ଼ିରୁ ଟିକେଟ ମିଳିବ। ଯଦି ନ ମିଳେ ତେବେ ସ୍ୱାଧୀନ ଭାବେ ଲଢ଼ିବି ବୋଲି ସେ କହିଛନ୍ତି।



ରୂପାଲୀ ଲେଙ୍କା ସମର୍ଥକଙ୍କ ସହ ପଦଯାତ୍ରାରେ ଯାଉଛନ୍ତି।

## 'ଶିକ୍ଷାର ବିକାଶରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ'


ରଜତ ଜୟନ୍ତୀ ସମାରୋହରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସମେତ ଅନ୍ୟମାନେ।

ଚୌଦ୍ୱାର,୧୦।୧(ଆଶୁତୋଷ ଦାସ)

**ଲକ୍ଷ୍ମୀନାରାୟଣ ଶିକ୍ଷାନୁଷ୍ଠାନ ସମୂହର ରଜତ ଜୟନ୍ତୀ ସମାରୋହ**

ଶିକ୍ଷାର ବିକାଶରେ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏ ଦିଗରେ ରାଜ୍ୟ ସରକାର ପ୍ରଚେଷ୍ଟା ଜାରି ରଖିଛନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟର ୮୦୦୦ରୁ ଊର୍ଦ୍ଧ୍ୱ ହାଇସ୍କୁଲର ରୂପାନ୍ତରୀ କରଣ କରି ଶିକ୍ଷାଦାନର ମାନ ବୃଦ୍ଧି କରିଛନ୍ତି ବୋଲି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। କଟକ ଜିଲା ଟାଙ୍ଗୀ-ଚୌଦ୍ୱାର ବ୍ଲକ ବଡ଼ସାମନ୍ତରାପୁର ପଞ୍ଚାୟତର ସର୍ଦ୍ଦାରଖରିଦାସ୍ଥିତ ଲକ୍ଷ୍ମୀନାରାୟଣ ଶିକ୍ଷାନୁଷ୍ଠାନ ସମୂହର ରଜତ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସ୍ୱାଇଁ ଯୋଗଦେଇ ଉପରୋକ୍ତ ବିଷୟରେ କହିଥିଲେ। ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସମାରୋହରେ ସ୍ଥାନୀୟ ସରପଞ୍ଚ ବିଶ୍ୱଜିତ୍ ମାଝୀ, ଖବରଦାତା ଗଙ୍ଗାଧର ସାହୁ, ଶିଶୁ ସଦନର ପରିଚାଳକ ସୀମାନ୍ତ ନାୟକ, ରୋଟାରିଆନ୍ ସୁଧାଂଶୁ ଶେଖର ଜେନା, ବିଇଓ ସୁଷମା ଦେଈ, ଗ୍ରାମ ମୁରବୀ ପରମାନନ୍ଦ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ବାସୁଦେବ ସାହୁ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବା ସହ ବିଦ୍ୟାଳୟର ସ୍ମରଣିକା ଉନ୍ମୋଚିତ ହୋଇଥିଲା। କୃଷ୍ଣଚନ୍ଦ୍ର ସେଠୀ, ବୈକୁଣ୍ଠ ରାଉତ, ଶିବାଜୀ ରାଉତ, ସ୍ମୃତିସୁଧା ନାୟକ, ଉମାକାନ୍ତ ରାଉତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ଦେଓରୀ ଧନ୍ୟବାଦ ଦେଇଥିଲେ। ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ନୂତନ ସିଭିଲ୍ କୋର୍ଟ କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପନ

ନିଆଳି, ୧୦।୧(ସୁକାନ୍ତ କୁମାର ସିଂହ)

ନିଆଳିଠାରେ ନୂତନ ସିଭିଲ୍ କୋର୍ଟ କମ୍ପ୍ଲେକ୍ସର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ତାଙ୍କୁ ଗାର୍ଡ ଅଫ୍ ଅନର୍ ଦିଆଯାଇଥିଲା। ପରେ ସେ ନିଆଳିର ଶୋଭନେଶ୍ୱର ମନ୍ଦିର, ମାଧବାନନ୍ଦ ମନ୍ଦିର ଓ ବରାହୀ ମନ୍ଦିର ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରେଜିଷ୍ଟ୍ରାର ଜେନେରାଲ ପ୍ରତାପ କୁମାର ପାତ୍ର, ଅଖିଳ କୁମାର ପଶ୍ଚିମକବାଟ, ଆନନ୍ଦ ଦାସ, ଜିଲା ଓ ଦୌରାଜଜ୍ ସଞ୍ଜୟ ରଞ୍ଜନ ବହିଦାର, ନିଆଳି ବାର୍ ଆସୋସିଏଶନ୍ ସଭାପତି ଜ୍ୟୋତିରଞ୍ଜନ ଚୌଧୁରୀ, ସମ୍ପାଦକ ଭରତ ସେଠୀ, ନୃସିଂହ ଚରଣ ପଣ୍ଡା, ମହାପାତ୍ର ଧରଣୀଧର ପଣ୍ଡା, ଶଶିଭୂଷଣ ଲେଙ୍କା, ଭାସ୍କର ପଣ୍ଡା, ସୁକାନ୍ତ ଦଳାଇ, ଉମେଶ ମଲ୍ଲିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ୨୧ ହଜାରରୁ ଊର୍ଦ୍ଧ୍ୱ ପକ୍ଷୀଙ୍କ ସମାଗମ

ଖୁଣ୍ଟୁଣୀ/ଚୌଦ୍ୱାର,୧୦।୧
(ସଚ୍ଚିଦାନନ୍ଦ ପଣ୍ଡା/ଆଶୁତୋଷ ଦାସ)

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ୫ଟି ଫରେଷ୍ଟ ସେକ୍ସନର ୧୩ଟି ୟୁନିଟ୍‌ରେ ବୁଧବାର ପକ୍ଷୀ ଗଣନା କରାଯାଇଥିଲା। ଗତବର୍ଷ ଅପେକ୍ଷା ଚଳିତବର୍ଷ ପକ୍ଷୀ ସଂଖ୍ୟା ବୃଦ୍ଧି ପାଇଥିବା ଜଣାପଡିଛି। ଗଣନାବେଳେ ଦେଶୀୟ ପକ୍ଷୀ ବହୁମାତ୍ରାରେ ଦେଖାଯାଇଥିବାବେଳେ କୌଣସି ବିଦେଶାଗତ ପକ୍ଷୀ ନ ଥିବା ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ କହିଛନ୍ତି। ବନ ବିଭାଗ ସୂଚନା ମୁତାବକ, ଗତବର୍ଷ ୨୫୦୨ ପକ୍ଷୀ ଥିବାବେଳେ ଚଳିତବର୍ଷ ୪୮୬୪ ପକ୍ଷୀ ଥିବା ଜଣାପଡିଛି। ସେମାନଙ୍କ ମଧ୍ୟରେ ହଂସରାଳି, ପାଣିଚିରି, ଚକୁଆ, ଟେଣ୍ଟେଇ, ଧଳାବଗ, କାଣ୍ଟିବଗ, ବଡ଼ବଗ, ସାନବଗ, ଗେଣ୍ଡାଳିଆ, ଡାହୁକ, ପାଣିକୁଆ, ମାଛରଙ୍କା ଭଳି ୩୨ ପ୍ରଜାତିର ପକ୍ଷୀ ରହିଛନ୍ତି। ପକ୍ଷୀ ଗଣନାରେ ୫ ବନପାଳ, ୧୧ ବନରକ୍ଷୀଙ୍କ ସମେତ ମୋଟ ୪୦ଜଣ କର୍ମଚାରୀ ଓ ପାରା କର୍ମଚାରୀ ସାମିଲ ହୋଇଥିଲେ।

**ଖୁଣ୍ଟୁଣୀ, ଡାଳିଯୋଡ଼ା ବନାଞ୍ଚଳରେ ପକ୍ଷୀ ଗଣନା**



ଖୁଣ୍ଟୁଣୀ ବନାଞ୍ଚଳର କଂସର ପୋଖରୀ, କୃଷ୍ଣଶ୍ୟାମପୁର, କୁମାରୀବନ୍ଧ, କୁମାରପୁର ପୋଖରୀ, ମହାଲକ୍ଷ୍ମୀପୁର ବାଜିଆନାଳୀ ବନ୍ଧ, ଧବଳେଶ୍ୱର-ନୂଆପାଟଣା ଘାଟ, ନାକଶୁଣୀ ପାଟ, କଖଡ଼ି ମହାନଦୀ ରିଭର ବ୍ୟାଙ୍କ ଓ ଛତିଶାପାଟ ଭଳି ୧୩ଟି ସ୍ଥାନରେ ପକ୍ଷୀ ଗଣନା କରାଯାଇଥିଲା। ଖୁଣ୍ଟୁଣୀ ବନ ବିଭାଗ ପକ୍ଷରୁ ମହାନଦୀ ରିଭର ବ୍ୟାଙ୍କ ଅଞ୍ଚଳରେ ଦୁଇଟି ଟିମ୍ କ୍ୟାମେରା, ବାଇନାକୁଲର ସହାୟତାରେ ପକ୍ଷୀଗଣନା କରିଥିବାବେଳେ ମହାନଦୀର ନୂଆପାଟଣା-ଚହଟା ଘାଟଠାରୁ ଧବଳେଶ୍ୱର ଘାଟ ଏବଂ କଖଡ଼ିଠାରୁ ବ୍ରହ୍ମପୁର ଘାଟ ପର୍ଯ୍ୟନ୍ତ ଡଙ୍ଗା ଓ ବୋଟ୍ ଯୋଗେ ପକ୍ଷୀ ଗଣନା କରାଯାଇଥିଲା।

ସେହିପରି ଡାଳିଯୋଡ଼ା ବନାଞ୍ଚଳ ଅନ୍ତର୍ଗତ ମହାନଦୀ ଓ ଛତିଶା ପାଟରେ ପକ୍ଷୀ ଗଣନା କରାଯାଇଥିଲା। କଟକ ବନଖଣ୍ଡ ଅଧିକାରୀଙ୍କ ନେତୃତ୍ୱରେ ରେଞ୍ଜର ହିମାଂଶୁ ଶେଖର ପୃଷ୍ଟି, ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତି, ଗାୟତ୍ରୀ ଦେବୀଙ୍କ ସମେତ ୮ଜଣ ବନ କର୍ମଚାରୀ ବୋଟ୍ ଯୋଗେ ମହାନଦୀ ଭିତରେ ପକ୍ଷୀ ଗଣନା କରିଥିଲେ। ମହାନଦୀରେ ୧୬୦୦୦ ବିଦେଶାଗତ ପକ୍ଷୀଙ୍କ ସମାଗମ ହୋଇଥିବା ଆକଳନ କରିଥିଲେ। ପରେ ଏହି ଟିମ୍ ଚୌଦ୍ୱାର ନିକଟ ଛତିଶାପାଟରେ ପକ୍ଷୀ ଗଣନା କରି ୧୦୦୦ ବିଦେଶାଗତ ପକ୍ଷୀ ଆସିଥିବା ଆକଳନ କରିଥିଲେ। ଚଳିତବର୍ଷ ପ୍ରଥମ କରି ରେଡ୍ ପୋଚାର୍ଡ଼ ପ୍ରଜାତିର ପକ୍ଷୀଙ୍କ ଉପସ୍ଥିତି ଦେଖିବାକୁ ମିଳିଥିଲା।

# ଝାଞ୍ଜ, ଘଣ୍ଟ ତାଳରେ ବିଭୋର ଶ୍ରଦ୍ଧାଳୁ



ଦୋଳମୁଣ୍ଡାଇ ଜଗନ୍ନାଥ ମନ୍ଦିର ନିକଟରୁ ବାହାରିଥିବା ଜୟ ଜଗନ୍ନାଥ ଅର୍ପଣ ରଥରେ ମହିଳାମାନେ ଗୁଆ, ଅରୁଆ ଚାଉଳ ଅର୍ପଣ କରୁଛନ୍ତି।


ନିଶ୍ଚିନ୍ତକୋଇଲି ଅଞ୍ଚଳରେ ଅର୍ପଣ ରଥ ପରିକ୍ରମାବେଳେ ବିଧାୟକ ପ୍ରତାପ ଜେନା ଘଣ୍ଟ ବାଡ଼େଇ ସ୍ୱାଗତ କରୁଛନ୍ତି।

କଟକ,୧୦।୧ ନିଶ୍ଚିନ୍ତକୋଇଲି/ ମାହାଙ୍ଗା/ ବାଙ୍କୀ (କାର୍ତ୍ତିକ ସାହୁ/ଅଶୋକ କୁମାର ମହାପାତ୍ର/ଯଯାତି ସିଂହ/ଜ୍ଞାନେନ୍ଦ୍ର ମୋହନ ମିଶ୍ର)

କଟକ ମହାନଗର ନିଗମ ସମେତ ଜିଲାର ବିଭିନ୍ନ ପଞ୍ଚାୟତରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିଭ୍ରମଣ କରି ଗୁଆ ଓ ଅରୁଆ ଚାଉଳ ସଂଗ୍ରହ କରିଛି। ପ୍ରତି ଗ୍ରାମରେ ଶ୍ରଦ୍ଧାଳୁମାନେ ଝାଞ୍ଜ, ଘଣ୍ଟ ତାଳରେ ବିଭୋର ହୋଇଛନ୍ତି। ବୁଧବାର ତୃତୀୟ ଦିବସରେ ୧୪ଟି ବ୍ଲକର ୧୮୦ ପଞ୍ଚାୟତରେ ଅର୍ପଣ ରଥ ପରିକ୍ରମା କରିଛି। ଭାବ ଭକ୍ତିର ପରିବେଶ ମଧ୍ୟରେ ବଡ଼ଠାକୁରଙ୍କ ପାଇଁ ଶ୍ରଦ୍ଧାର ନୈବେଦ୍ୟ ଅର୍ପଣ କରୁଛନ୍ତି ଶ୍ରଦ୍ଧାଳୁ। ଝୋଟି, ଚିତା ସହ ପୂର୍ଣ୍ଣକୁମ୍ଭ ବସାଇ ରଥକୁ ପୋଛୋଟି ନେଉଛନ୍ତି ଗ୍ରାମବାସୀ।

ଦୋଳମୁଣ୍ଡାଇସ୍ଥିତ ପତିତପାବନଜୀଉ ମନ୍ଦିର ସମ୍ମୁଖରୁ ରଥ ପରିକ୍ରମା ବୁଧବାର ଆରମ୍ଭ ହୋଇଥିଲା। ସହରର ବିଭିନ୍ନ ୱାର୍ଡ ବୁଲିବା ସମୟରେ ଶ୍ରଦ୍ଧାଳୁମାନେ ମୁଣ୍ଡିଆ ମାରି ଗୁଆ, ଅରୁଆ ଚାଉଳ ଅର୍ପଣ କରିଛନ୍ତି। ରଥ ପରିକ୍ରମା କରିବା ସମୟରେ ସିଏମ୍‌ସି ମେୟର ସୁବାସ ସିଂ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଦେବାଶିଷ ସାମନ୍ତରାୟଙ୍କ ସମେତ ସିଏମ୍‌ସିର କର୍ପୋରେଟରମାନେ ଉପସ୍ଥିତ ଥିଲେ। ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଅର୍ପଣ ରଥ ପରିକ୍ରମା କରିବାବେଳେ ମାହାଙ୍ଗା ବିଧାୟକ ପ୍ରତାପ ଜେନା ଘଣ୍ଟ ବାଡ଼େଇ କୀର୍ତ୍ତନ ମଣ୍ଡଳୀ ସହ ସାମିଲ ହୋଇଥିଲେ। ମାହାଙ୍ଗା ବ୍ଲକ ପରିସରରୁ ବାହାରିଥିବା ଶୋଭାଯାତ୍ରାରେ ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ଏବିଡିଓ ଜ୍ଞାନରଞ୍ଜନ ପଣ୍ଡା, ସରପଞ୍ଚଙ୍କ ପ୍ରତିନିଧି ସୁବାସ ଜେନା ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ବଡ଼ମ୍ବାରେ ବିଧାୟକ ଦେବୀପ୍ରସାଦ ମିଶ୍ର, କଟକ ସଦରରେ ବିଧାୟକ ଚନ୍ଦ୍ରସାରଥି ବେହେରା, ଚୌଦ୍ୱାର-କଟକରେ ସୌଭିକ୍ ବିଶ୍ୱାଳ ଉପସ୍ଥିତ ଥିଲେ। ତୃତୀୟ ଦିବସରେ ଆଠଗଡ଼ ବ୍ଲକର ୧୨ଟି, ବଡ଼ମ୍ବା ବ୍ଲକର ୧୪, ବାଙ୍କୀ ବ୍ଲକର ୧୦, ବାଙ୍କୀ-ଡମପଡା ବ୍ଲକର ୯, ବାରଙ୍ଗ ବ୍ଲକର ୮, କଟକ ସଦର ବ୍ଲକର ୧୧, କଣ୍ଟାପଡ଼ା ବ୍ଲକର ୧୦, ମାହାଙ୍ଗା ବ୍ଲକର ୨୧, ନରସିଂହପୁର ବ୍ଲକର ୧୪, ନିଆଳି ବ୍ଲକର ୧୨, ନିଶ୍ଚିନ୍ତକୋଇଲି ବ୍ଲକର ୨୬, ସାଲେପୁର ବ୍ଲକର ୨୧, ଟାଙ୍ଗୀ-ଚୌଦ୍ୱାର ବ୍ଲକର ୬, ତିଗିରିଆର ୬ଟି ପଞ୍ଚାୟତ ସହ କଟକ ମହାନଗର ନିଗମର ବିଭିନ୍ନ ୱାର୍ଡରେ ରଥ ପରିକ୍ରମା କରିଥିଲା।

ବାଙ୍କୀ ଏନ୍‌ଏସି ଅଞ୍ଚଳରେ ଶ୍ରୀଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ ହୋଇଯାଇଛି। ସକାଳୁ ମା' ଚର୍ଚ୍ଚିକା ମନ୍ଦିରରେ ପୂଜାର୍ଚ୍ଚନା ପରେ ମନ୍ଦିର ପାଦଦେଶରେ ଥିବା ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ଅର୍ପଣ ରଥ ୧୨ ଓ ୧୩ ନଂ. ୱାର୍ଡ ରଣପୁର, ଶ୍ରୀଚନ୍ଦନପୁର ଅଞ୍ଚଳ ପରିକ୍ରମା କରିଥିଲା। ନଗରପାଳ ମାଣିକ ସାହୁ, ଉପନଗରପାଳ ସନ୍ତୋଷ କୁମାର ରଣା, କାଉନସିଲର ସନାତନ ବେହେରା, ରାଜେନ୍ଦ୍ର ମହାପାତ୍ରଙ୍କ ନେତୃତ୍ୱରେ ଅର୍ପଣ ରଥ ବାହାରି ପ୍ରତ୍ୟେକଙ୍କ ଘରୁ ଅରୁଆ ଚାଉଳ, ଗୁଆ ସଂଗ୍ରହ କରାଯାଇଥିଲା।

ସେହିପରି ସାଲେପୁର ବ୍ଲକ ବାଲିସାହି ପଞ୍ଚାୟତରେ ଅର୍ପଣ ରଥକୁ ସ୍ୱାଗତ କରାଯାଇଥିଲା। ପ୍ରଥମେ ରଥଟି ବଟେଶ୍ୱର ଗ୍ରାମର ମା' ଭଗବତୀ ମନ୍ଦିରରୁ ବାହାରି ବିଭିନ୍ନ ଗାଁ ପରିକ୍ରମା କରିଥିଲା। ମହିଳାମାନେ ରଥକୁ ସ୍ୱାଗତ କରିଥିଲେ। ସରପଞ୍ଚ ପବିତ୍ର ସାମଲ, ସମିତିସଭ୍ୟା ଗୌତମୀ ମଲ୍ଲିକ, ପୂର୍ବତନ ସରପଞ୍ଚ ବିଭୁତିଭୂଷଣ ଦାଶଙ୍କ ନେତୃତ୍ୱରେ ରଥ ପରିକ୍ରମା କରିଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୦।୧।୨୦୨୪

| | |
|---|---|
| ୩,୮୧,୧୮୬ ଟଙ୍କା | |
| ସୁନା | .୩୫୦ ଗ୍ରାମ୍ |
| ରୁପା | ୧୩୭.୫୦୦ ଗ୍ରାମ୍ |

# ୩୨ରୁ ଊର୍ଦ୍ଧ୍ୱ ପ୍ରଜାତିର ଦେଶୀ, ବିଦେଶୀ ପକ୍ଷୀ ସମାଗମ

## ଅସ୍ତରଙ୍ଗରେ ପକ୍ଷୀ ଗଣନା ସରିଲା

ଅସ୍ତରଙ୍ଗ,୧୦।୧(ପ୍ରଦୀପ୍ତ ଦୀକ୍ଷିତ)

ପୁରୀ ଜିଲା ଅସ୍ତରଙ୍ଗ ବନାଞ୍ଚଳରେ ଚଳିତବର୍ଷ ପକ୍ଷୀ ଗଣନା ବୁଧବାର ଶେଷ ହୋଇଛି। ଅସ୍ତରଙ୍ଗ ଅତିରିକ୍ତ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀଙ୍କ ତତ୍ତ୍ୱାବଧାନରେ ୧୫ଜଣ ସଦସ୍ୟଙ୍କୁ ନେଇ ୫ଟି ଦଳ ଦ୍ୱାରା ୫ଟି ସ୍ଥାନରେ ପକ୍ଷୀ ଗଣନା କାର୍ଯ୍ୟ ହୋଇଥିଲା। ଜୈବବିବିଧତା ଦୃଷ୍ଟିରୁ ଲୁଣା ଜଙ୍ଗଲ, ନଦୀ ମୁହାଣ ଓ ଆର୍ଦ୍ରଭୂମି ସମୃଦ୍ଧ ଅସ୍ତରଙ୍ଗ ଅଞ୍ଚଳ ହୋଇଥିବାରୁ ଏଠାରେ ୩୨ରୁ ଊର୍ଦ୍ଧ୍ୱ ପ୍ରଜାତିର ଦେଶୀ ଓ ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଛି। ପ୍ରତିବର୍ଷ ଜାନୁଆରୀ ପ୍ରଥମ ସପ୍ତାହରେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟରେ ପକ୍ଷୀ ଗଣନା କରାଯାଉଥିବାବେଳେ



ଅସ୍ତରଙ୍ଗରେ ଏଥର ଦ୍ୱିତୀୟ ସପ୍ତାହରେ ପକ୍ଷୀ ଗଣନା ହୋଇଛି। ଏହି ଆଧାରରେ ଅସ୍ତରଙ୍ଗ ବନାଞ୍ଚଳ ଗଙ୍ଗାଦେବୀରୁ ନାସୀ, ମୁହାଣ ମୁହଁରୁ ପାଟସୁନ୍ଦରପୁର, ନଟରାରୁ କେଉଟଜଙ୍ଘା, ବେଲେଶ୍ୱରରୁ କେଲୁଣୀ ଓ କଣମଣରୁ ଗଙ୍ଗାଦେବୀ ପ୍ରଭୃତି ସ୍ଥାନରେ ପକ୍ଷୀ ଗଣନା କରାଯାଇଛି। କର୍ମଚାରୀ ବାଇନାକୁଲର ଓ ଗାଇଡ୍ ବୁକ୍ ବ୍ୟବହାର କରି ପକ୍ଷୀ ଗଣନା କରିଥିଲେ। କୁହୁଡ଼ି ପ୍ରକୋପ ଅଧିକ ଥିବାରୁ ବିଳମ୍ୱରେ ଗଣନା କାର୍ଯ୍ୟ ଆରମ୍ଭ ହୋଇଥିଲା। ଗଣନା ସମୟରେ ଅସ୍ତରଙ୍ଗ ବନଖଣ୍ଡ ମଧ୍ୟକୁ ସମସ୍ତଙ୍କୁ ବାରଣ କରାଯାଇଥିଲା। ଏପରିକି ପକ୍ଷୀ ଥିବା ଅଞ୍ଚଳରେ ମତ୍ସ୍ୟଜୀବୀଙ୍କୁ ମାଛଧରା ଉପରେ କଟକଣା କରାଯାଇଥିଲା। ଗତବର୍ଷ ୮୮୪୯ଟି ଦେଶୀ ଓ ବିଦେଶୀ ପକ୍ଷୀ ଠାବ କରାଯାଇଥିବାବେଳେ ଚଳିତବର୍ଷ ଏହି ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଏହି ଗଣନା କାର୍ଯ୍ୟରେ ୩ଟି ଡଙ୍ଗା ସହ ଅତିରିକ୍ତ ବନଖଣ୍ଡ ଅଧିକାରୀ ଦେହୁରୀ, ବନପାଳ ବଳରାମ ସାହୁ, ସବୀର ସାହୁ, ବିରଜା ମହାପାତ୍ର, ପରିବେଶବିତ୍ ସୌମ୍ୟରଞ୍ଜନ ବିଶ୍ୱାଳ, ଶୋଭାକର ବେହେରା, ବନରକ୍ଷୀ ନିର୍ମଳ ଚାଟାର୍ଜୀ, ଶୁଭାଶିଷ ବିଶ୍ୱାଳ, ଭାବଗ୍ରାହୀ ସେଠୀ ଓ ଅନ୍ୟମାନଙ୍କ ମଧ୍ୟରେ ଶଶୀ ବିଶ୍ୱାଳ, ଗୋବିନ୍ଦ ପରିଡ଼ା, ବିଜୟ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।

# ତ୍ରିନାଥ ଦେବଙ୍କ ପହିଲି ଭୋଗ



ସୁନ୍ଦରାକାଣ୍ଡ ପାଠ କରାଯାଉଛି।

ପୁରୀ, ୧୦।୧(ଅଜିତ୍ ମହାନ୍ତି)

ନୂଆବଜାର, ସ୍ୱର୍ଗଦ୍ୱାର, ପୁରୀ ବ୍ୟବସାୟୀ ସଂଘ ତରଫରୁ ପ୍ରଭୁ ତ୍ରିନାଥ ଦେବଙ୍କ ପହିଲି ଭୋଗ ଅନୁଷ୍ଠିତ ହେବା ସହିତ ତ୍ରିନାଥ ଦେବଙ୍କ ପ୍ରାଙ୍ଗଣରେ ଶ୍ରୀରାମ ଚରିତ ମାନସ ପଞ୍ଚମ ସୋପାନ ସଙ୍ଗୀତମୟ ସୁନ୍ଦର କାଣ୍ଡ ପାଠ ପରିବେଷଣ କରାଯାଇଛି। ଏଥିରେ ପଣ୍ଡିତ ଜୀବନାନନ୍ଦ ଦାଶ ଏବଂ ତାଙ୍କ ସହଯୋଗୀ ସଙ୍ଗୀତମୟ ସୁନ୍ଦର କାଣ୍ଡ ପାଠ ପରିବେଷଣ କରିଛନ୍ତି। ମୁଖ୍ୟ ଅତିଥି ଭାବେ ବିଜୟକୃଷ୍ଣ ବ୍ରହ୍ମା ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ସନ୍ତୋଷ ସାହୁ, ଉପସଭାପତି ସୁନିଲ କୁମାର ମହାପାତ୍ର, ସମ୍ପାଦକ ନୃସିଂହ ପ୍ରସାଦ ସୁବୁଦ୍ଧି, ସହସମ୍ପାଦକ ସନ୍ତୋଷ କୁମାର ପଣ୍ଡା, କୋଷାଧ୍ୟକ୍ଷ ଅଲେଖ କୁମାର ପଲେଇ, ଉପକୋଷାଧ୍ୟକ୍ଷ ନିରଞ୍ଜନ ମଲ୍ଲିକ ଏବଂ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

## ବ୍ରହ୍ମଗିରିରେ ପକ୍ଷୀ ଗଣନା ଶେଷ

ବ୍ରହ୍ମଗିରି,୧୦।୧(ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରିର ରେଞ୍ଜ ଅଧୀନ ଚିଲିକା ବାହ୍ୟ ଅଞ୍ଚଳରେ ବୁଧବାର ପକ୍ଷୀ ଗଣନା ଶେଷ ହୋଇଛି। ଚିଲିକାକୁ ଆସୁଥିବା ବିଦେଶାଗତ ପକ୍ଷୀଙ୍କ ମଧ୍ୟରୁ କେତେକ ଖାଦ୍ୟ ଅନ୍ୱେଷଣରେ ଚିଲିକା କୂଳବର୍ତ୍ତୀ ଜଳାଶୟଗୁଡ଼ିକରେ ରହିଥାନ୍ତି। ବ୍ରହ୍ମଗିରି ବନ ବିଭାଗ ପକ୍ଷରୁ ବୁଧବାର ୪ଟି ଦଳରେ ୧୭ ଜଣ ଗଣନକାରୀ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ସୁନାମୁହିଁରୁ ବରକୁଦୀ, ବ୍ରହ୍ମଗିରି ଡାବା ଛକଠାରୁ ଗୋଲରା, କାଠୁଆଆରେଡ଼ି ଛକଠାରୁ ଘଟକୁଡ଼ୀ ଓ କପିଳେଶ୍ୱରକୁ ନେଇ ୪ଟି ଜୋନ୍‌ରେ ବିଭକ୍ତ କରାଯାଇ ଏହି ଗଣନକାରୀ ଦଳ ପକ୍ଷୀଗଣନା କରିଥିଲେ। ଏହିଗଣନକାର୍ଯ୍ୟରେ ୭୦ଟିପ୍ରଜାତିର ପକ୍ଷୀ ଦେଖାଯାଇଥିଲେ। ଗଣଣା ସମୟରେ ଚଳିତବର୍ଷ କଟଲଟିଲ ନାମକ ଏକ ନୂଆ ପ୍ରଜାତିର ପକ୍ଷୀକୁ ଦେଖିବାକୁ ମିଳିଥିଲା। ଏହି ଗଣନ କାର୍ଯ୍ୟରେ ବନ ବିଭାଗ କର୍ମଚାରୀ, ଆକାଶ ରଥ, ଦେବୀ ପ୍ରସାଦ ରଥ, ଓ ଓୟୁଟିର ଛାତ୍ରୀ ସାମିଲ ଥିଲେ।

## ନାବାଳିକାଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ଅପହରଣ

ନିମାପଡ଼ା,୧୦।୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ସ୍ଥାନୀୟ ଅଞ୍ଚଳର ଜଣେ ଯୁବ ଅପହରଣ କରିନେଇଥିବା ଛାତ୍ରୀଙ୍କ ବାପା ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ୯/୨୪ରେ ଏକ ମାମଲା ରୁଜୁ କରି ପୋଲିସ ବିଭିନ୍ନ ଅଞ୍ଚଳରେ ଚଢ଼ାଉ ଜାରି ରଖିଛି। ସୂଚନା ମୁତାବକ, ନାବାଳିକା ଜଣଙ୍କ ସକାଳେ ଟ୍ୟୁଶନ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ନ ପାଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଜନୈକ ଯୁବକ ନାବାଳିକାଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ଅପହରଣ କରିନେଇଥିବା ଥାନାରେ ଅଭିଯୋଗରେ ଉଲ୍ଲେଖ ହୋଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ଯୁବକ ଜଣଙ୍କ ଗତ ୪ ମାସ ତଳେ ନାବାଳିକାଙ୍କୁ ଅପହରଣ କରିନେବାକୁ ମସୁଧା କରିଥିଲା। ଏକଥା ଜାଣିପାରି ନାବାଳିକାଙ୍କ ବାପା ଅପହରଣକାରୀ ଯୁବକଙ୍କ ବାପାଙ୍କୁ ଏକଥା ଜଣାଇ ତାଗିଦା କରିଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ଅପହୃତା ନାବାଳିକା ହିନ୍ଦୁ ସମ୍ପ୍ରଦାୟର ଓ ଅପହରଣକାରୀ ଯୁବକ ମୁସଲମାନ ସମ୍ପ୍ରଦାୟର ବୋଲି ଅଭିଯୋଗରୁ ଜଣାପଡ଼ିଛି।




ଗ୍ଲୋରି ଫେଷ୍ଟର ଦ୍ୱିତୀୟ ସନ୍ଧ୍ୟାରେ ବୁଧବାର ଫଟୋ ସେସନ ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀ ଏବଂ ଅନ୍ୟମାନେ।

# ଜଲୱା ଦେଖାଇଲେ ଗ୍ଲୋରି କୁଇନ୍

## ଗ୍ଲୋରି ଫେଷ୍ଟର ଦ୍ୱିତୀୟ ସନ୍ଧ୍ୟା

ପୁରୀ, ୧୦।୧(ଅଜିତ୍ ମହାନ୍ତି)

ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର ଆନୁକୂଲ୍ୟରେ ଚାଲିଥିବା 'ଗ୍ଲୋରି ଫେଷ୍ଟ'ର ଦ୍ୱିତୀୟ ସନ୍ଧ୍ୟାରେ ବୁଧବାର ଗ୍ଲୋରି କୁଇନ୍‌ଙ୍କ ଜଲୱା ଦେଖିବାକୁ ମିଳିଛି। ଜଣଙ୍କ ପରେ ଜଣଙ୍କ ଟ୍ୟାଲେଣ୍ଟକୁ ବିଚାରକମାନେ ତନଖି ଥିଲେ। ବିଚାରକ ଭାବେ ଡାକ୍ତର ଜୟନ୍ତ କୁମାର ଦାଶ, ଡାକ୍ତର ମୌସୁମୀ ମିଶ୍ର, ମଡେଲ୍ ସୋନାଲି ମିଶ୍ର ଉପସ୍ଥିତ ଥିଲେ। ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ୨୬ଜଣ ଛାତ୍ରୀ ଫଟୋ ସେସନ୍‌ରେ ଭାଗ ନେଇଥିବା ବେଳେ ସେମାନଙ୍କ ମଧ୍ୟରୁ ଫାଇନାଲ୍ ରାଉଣ୍ଡକୁ ୧୮ଜଣ ଚୟନ ହୋଇଥିଲେ। ଗ୍ଲୋରି କୁଇନ୍‌ଙ୍କ ନାମ ବେଳାଭୂମିରେ ଅନୁଷ୍ଠିତ ହେବାକୁ ଥିବା ଶୁକ୍ରବାର କାର୍ଯ୍ୟକ୍ରମରେ ଘୋଷଣା କରାଯିବ। ଦ୍ୱିତୀୟ ଦିନରେ ସଟ ପେଣ୍ଟିଙ୍ଗ, କ୍ଲାସିକାଲ ଡ୍ୟାନ୍ସ,ଗ୍ରୁପ ଡ୍ୟାନ୍ସ, ଅନ୍ତାକ୍ଷରୀ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ଜାତୀୟସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିବାବେଳେ ବସୁଧୈବ କୁଟୁମ୍ବକମ୍ ବିଷୟ ଉପରେ ବକ୍ତାମାନେ ମତ ରଖିଥିଲେ। ୪ଟି ଅଧିବେଶନରେ ସଂସ୍କୃତ ଭାଷା ପ୍ରତି ଓଡ଼ିଶାରେ ଦିନକୁ ଦିନ ଦେଖାଦେଇଥିବା ଆଗ୍ରହ ସମ୍ପର୍କରେ ସଂସ୍କୃତ ଗବେଷକମାନେ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର କାର୍ଯ୍ୟକାରୀ ଅଧ୍ୟକ୍ଷ ରାଜେଶ କୁମାର ମହାନ୍ତି, ଉପାଧ୍ୟକ୍ଷ ରାକେଶ ସାମଲ, ବିଦ୍ରୋହ କେଶରୀ ସିଂ, ପୂର୍ଣ୍ଣେନ୍ଦୁ ପଟ୍ଟନାୟକ, ସଂଗ୍ରାମ କେଶରୀ କାନୁନ୍‌ଗୋ, ସାଧାରଣ ସମ୍ପାଦକ ଦେବେନ୍ଦ୍ର ପ୍ରସାଦ ମହାପାତ୍ର, କୋଷାଧ୍ୟକ୍ଷ ଜଗମୋହନ ଚୌଧୁରୀ, ସାଂସ୍କୃତିକ ସମ୍ପାଦକ ଦାମୋଦର ଶତପଥୀ, ସାଙ୍ଗଠନିକ ସମ୍ପାଦକ ସୌମ୍ୟରଞ୍ଜନ ମିଶ୍ର, ବରିଷ୍ଠ ସଦସ୍ୟ ସଞ୍ଜୀବ କୁମାର ରଥଶର୍ମା, ଜିତେନ୍ଦ୍ର ନାଥ କଟିସ, ଆଲୋକ କୁମାର ବିଶୋଇ, ପ୍ରଦୀପ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## କାର୍- ବାଇକ୍ ଧକ୍କାରେ ୨ ଗୁରୁତର

ଚାରିଛକ,୧୦।୧(ଶିଶିର ସ୍ୱାଇଁ)

ଚାରିଛକ ଥାନା ଅଧୀନ ଅମରେଶର ନିକଟ ଗଡ଼ ଅମରପ୍ରସାଦଠାରେ ଥିବା ପାଣି ଟାଙ୍କି ନିକଟ ବୁଲାଣିଠାରେ ଭୋର ୫ଟା ସମୟରେ ଏକ କାର୍-ବାଇକ୍ ଧକ୍କା ହେବାରୁ ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଚାରିଛକ ଥାନା ନିକଟସ୍ଥ ପଥରପଦା ଗ୍ରାମର ପ୍ରତାପ ନାୟକ(୬୦) ଓ ପୁଅ ତ୍ରିଲୋଚନ ନାୟକ (୨୨)। ସ୍ଥାନୀୟ ଲୋକେ ଦୁହିଁଙ୍କୁ ଉଦ୍ଧାର କରି ୧୦୮ ଯୋଗେ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରାଯାଇଛି। ଚାରିଛକ ପୋଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚି ୨ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି। ବାପା-ପୁଅ ବାଇକ୍ ଯୋଗେ କାକଟପୁରରୁ ଘରକୁ ଫେରୁଥିବାବେଳେ ଏହି ଦୁର୍ଘଟଣା ହୋଇଥିଲା। ଘଟଣାସ୍ଥଳରୁ କାର୍ ଚାଳକ ଫେରାର ଅଛନ୍ତି। ଏହି ବୁଲାଣି ସ୍ଥାନରେ ରାସ୍ତା ଉପରକୁ ମାଡ଼ି ଏକ ବିଦ୍ୟୁତ୍ ଖୁଣ୍ଟି ରହିଥିବାରୁ ପ୍ରାୟ ସମୟରେ ଛୋଟ ବଡ଼ ଦୁର୍ଘଟଣା ମାନ ଘଟୁଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

# ସମାବେଶକୁ ନେଇ ହାଇକୋର୍ଟରେ ପିଟିଶନ୍

ପୁରୀ, ୧୦।୧(ଅଜିତ୍ ମହାନ୍ତି)

ଆସନ୍ତା ୧୪ ତାରିଖରେ ଏକ ଧର୍ମୀୟ ଅନୁଷ୍ଠାନ ପକ୍ଷରୁ ତାଳବଣିଆଠାରେ ବିଶାଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଯାଉଛି। କାର୍ଯ୍ୟକ୍ରମରେ ରାଜ୍ୟ ଓ ରାଜ୍ୟ ବାହାରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ତେବେ ତାଳବଣିଆ ଅଞ୍ଚଳ ସୁଇଟ୍ ୱାଟର ଜୋନ୍ ହୋଇଥିବାରୁ ଏପରି କାର୍ଯ୍ୟକ୍ରମ ଦ୍ୱାରା ମିଠା ପାନୀୟଜଳ ଉପରେ ପ୍ରଭାବ ପଡ଼ିବ ବୋଲି ଦର୍ଶାଇ 'ଭଏସ୍ ଅଫ କମନମ୍ୟାନ୍' ସଙ୍ଗଠନର ହେକ୍ଟର ମିଶ୍ର ବୁଧବାର ହାଇକୋର୍ଟରେ ଏକ ପିଟିଶନ ଦାଖଲ କରିଛନ୍ତି। କୋର୍ଟ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମିଶ୍ର ନିବେଦନ କରିଛନ୍ତି। ଏ ନେଇ ମିଶ୍ର କହିଛନ୍ତି, ପୁରୀ ତାଳବଣିଆର ୪୪୮ ଏକର ଏବଂ ବଳିଆପଣ୍ଡାର ୨୦୭ ଏକର ସ୍ଥାନ ହେଉଛି ଦୁଇଟି ମଧୁର ଜଳ ଅଞ୍ଚଳ। ୨୦୦୭ରେ ଓଡ଼ିଶା ହାଇକୋର୍ଟ ଉକ୍ତ ଜମିରେ ମାନବ ସମାବେଶକୁ ନେଇ କୋଣସି ଶୌଚାଳୟ ନିର୍ମାଣ କିମ୍ବା ଅନ୍ୟ କିଛି ନିର୍ମାଣ ନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶା କୋଷ୍ଟାଲ୍ ଜୋନ୍ ମ୍ୟାନେଜମେଣ୍ଟ ଅଥରିଟି ଉକ୍ତ ସହରରେ ଦୁଇଟି ମିଠା ଜଳ ଜୋନ ବିଶେଷ ସଂରକ୍ଷିତ ଅଞ୍ଚଳ ଭାବରେ ଘୋଷଣା କରିଛି। ବୋରୱେଲ ଓ ଟ୍ୟୁବ୍‌ୱେଲ ଆଦି ଉପରେ ପ୍ରତିବନ୍ଧକ ଲଗାଇଛି। ତେବେ ପୌରସଂସ୍ଥା ବାରମ୍ବାର ନିୟମ ଉଲ୍ଲଂଘନ କରି ସମାବେଶ ଆୟୋଜନ ସହ ଶୌଚାଳୟ ନିର୍ମାଣ ପାଇଁ ଅନୁମତି ପ୍ରଦାନ କରୁଛି, ଯାହା ବେଆଇନ। ଏନେଇ ଥାନାରେ ୦୮/୨୦୧୫ରେ ଏକ ମାମଲା ରୁଜୁ କରାଯାଇଥିବାବେଳେ ଏନ୍‌ଜିଟିରେ ଫାଇଲ ନଂ. ୨୩୭୮/୨୩ ରହିଛି। ୨୦୨୨ରେ ସମ୍ପୃକ୍ତ ସଂସ୍ଥା ଭବିଷ୍ୟତରେ ଏପରି ବେଆଇନ କାର୍ଯ୍ୟକଳାପ ନ କରିବାକୁ ଏକ ଲିଖିତ ଦଲିଲ ଦେଇଥିଲେ। ତେବେ ଉକ୍ତ ସଂସ୍ଥା ପୁନର୍ବାର ଚୁକ୍ତିନାମାକୁ ଉଲ୍ଲଂଘନ କରି ପୁଣି ଧାର୍ମିକ ସମାବେଶ କରିବାକୁ ଯାଉଛି। ବାଲୁଖଣ୍ଡ ରିଜର୍ଭ ଅଭୟାରଣ୍ୟଠାରୁ ଏହି ଅଞ୍ଚଳ ମାତ୍ର ୨୦୦ ମିଟର ଦୂରରେ ରହିଛି। ଏପରି କାର୍ଯ୍ୟକ୍ରମ ଅଭୟାରଣ୍ୟର ଉଦ୍ଭିଦ ଓ ଜୀବଜନ୍ତୁଙ୍କ ପାଇଁ ବିପଦ ସୃଷ୍ଟି କରିପାରେ ବୋଲି ମିଶ୍ର କହିଛନ୍ତି।

# ଚପଲ ପିନ୍ଧି ପ୍ରଦୀପ ପ୍ରଜ୍ୱଳନ କଲେ ଏଏସ୍‌ଆଇ ଅଧିକାରୀ

କୋଣାର୍କ,୧୦।୧(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ସୂର୍ଯ୍ୟମନ୍ଦିର ପରିସରରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଓ ମୋରାର୍ଜି ଦେଶାଇ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଯୋଗ ନିଯୁଦିଲ୍ଲୀର ମିଳିତ ଆନୁକୂଲ୍ୟରେ ଆୟୁଷ ମନ୍ତ୍ରଣାଳୟର ସହଯୋଗିତାରେ ଏକ ସାମୂହିକ ସୂର୍ଯ୍ୟ ନମସ୍କାର ଅଭ୍ୟାସ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରତ୍ନତତ୍ତ୍ୱ ବିଭାଗର କୋଣାର୍କ ସୂର୍ଯ୍ୟମନ୍ଦିର ଦାୟିତ୍ୱରେ ଥିବା ସହକାରୀ ସଂରକ୍ଷଣ ଅଧିକାରୀ ଏଏସ୍‌ଆଇ ଦେବେନ୍ଦ୍ର କୁମାର ଅତିଥି ଭାବେ ଯୋଗଦେଇଥିଲେ। ମାତ୍ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଠାକୁରଙ୍କଠାରେ ପ୍ରଦୀପ ପ୍ରଜ୍ୱଳନ କରିବା ସମୟରେ ଦେବେନ୍ଦ୍ର ଚପଲ ପିନ୍ଧିଥିବା ଦେଖିବାକୁ ମିଳିଥିଲା।



ଏହାକୁ ନେଇ ସେଠାରେ ଉପସ୍ଥିତ ସମସ୍ତ ଯୋଗାର୍ଥୀ ଏବଂ ଅଞ୍ଚଳବାସୀଙ୍କ ମନରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହାର ତଦନ୍ତ କରାଯାଇ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।

# ୭ ଚାଷୀଙ୍କଠାରୁ ୪୦୦ କୁଇଣ୍ଟାଲ ଧାନ ସଂଗ୍ରହ

ପିପିଲି,୧୦।୧(ଦୁର୍ଗାମାଧବ ମିଶ୍ର)

ପିପିଲି ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନପୁର ସୁଲ୍‌ତାନନଗର ସେବା ସମବାୟ ସମିତିରେ ବୁଧବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଚାଷୀଙ୍କ ପାଇଁ ମଣ୍ଡିରେ ସାଧାରଣ ମୌଳିକ ସୁବିଧା ସୁଯୋଗ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି। ପାନୀୟ ଜଳ, ଧାନ ସୁରକ୍ଷିତ ପାଇଁ ଜରିପାଲ ଆଦି ମଣ୍ଡିରେ ଚାଷୀଙ୍କୁ ଯୋଗାଇ ଦିଆଯିବ। ମଣ୍ଡିରେ କଟ୍‌ନି ଛଟ୍‌ନି ଉପରେ ରୋକ୍ ଲଗାଇବାକୁ ଚାଷୀଙ୍କୁ ସଚେତନ କରାଯାଇଛି। ଗୋବର୍ଦ୍ଧନପୁର ସୁଲ୍‌ତାନ ନଗର ସେବା ସମବାୟ ସମିତିରେ ଓରକଳ ଓ ପମସର ପଞ୍ଚାୟତର ପଞ୍ଜୀକୃତ ଚାଷୀଙ୍କଠାରୁ ସରକାରଙ୍କ ନିର୍ଦ୍ଧାରିତ ଦରରେ ଧାନ ସଂଗ୍ରହ କରାଯିବ ବୋଲି ସୋସାଇଟି ସଭାପତି ଯୁଧିଷ୍ଠିର ସ୍ୱାଇଁ ସୂଚନା ଦେଇଛନ୍ତି। ସାଇକୃପା ମିଲର୍ସକୁ ଧାନ ସଂଗ୍ରହ ଦାୟିତ୍ୱ ଦିଆଯାଇଥିବାବେଳେ ପ୍ରଥମ ଦିନରେ ୭ ଚାଷୀଙ୍କଠାରୁ ୪୦୦ କୁଇଣ୍ଟାଲ ଧାନ କିଣାଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ମିଳିତ ପୁରୀ-ନିମାପଡ଼ା କେନ୍ଦ୍ର ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପର୍ଶୁରାମ ମହାପାତ୍ର, ବ୍ଲକ ମହିଳା ସଭାନେତ୍ରୀ ଜ୍ୟୋସ୍ନାରାଣୀ ପୃଷ୍ଟି, ଓରକଳ ନାଏବ ସରପଞ୍ଚ ଅମିତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

# 'ଯୁବବର୍ଗ ସ୍ୱାଧୀନଚେତା ହୁଅନ୍ତୁ'

## ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଯାପିତ

ପୁରୀ, ୧୦।୧(ଅଜିତ୍ ମହାନ୍ତି)

ଯୁବତୀଯୁବକମାନେ ସ୍ୱାଧୀନଚେତା ହେଲେ ସାମାଜିକ ପରିବର୍ତ୍ତନର ବାହକ ହୋଇପାରିବେ ବୋଲି ବିଶିଷ୍ଟ ବକ୍ତାମାନେ ମତ ପ୍ରକାଶ କରିଛନ୍ତି। ସୁରଜମଲ ଶାହା ମହାବିଦ୍ୟାଳୟ ଏବଂ ସୁରଜମଲ ଶାହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱାରା ସମ୍ମିଳିତ ଭାବେ ଆୟୋଜିତ ଯୁବ ଓଡ଼ିଶା- ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଉଦଯାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୁବତୀ ଯୁବକମାନେ ସଂଶ୍ଳିଷ୍ଟ ହେଲେ ସେମାନଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ହୋଇପାରିବ ବୋଲି କହିଥିଲେ। ଦୁଇ ମାସ ଭିତରେ କଲେଜ ସମ୍ମିଳନୀ କକ୍ଷ ନିର୍ମାଣ କାର୍ଯ୍ୟ ସରିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଓଡ଼ିଆ ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର କୈଳାଶ ଚନ୍ଦ୍ର ଟିକାୟତରାୟ ଯୁବତୀ ଯୁବକମାନେ କାହାର ଗୋଲାମ ନ ହୋଇ ସ୍ୱାଧୀନଚେତା ହେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ




କାର୍ଯ୍ୟକ୍ରମରେ ଜଣେ ଅତିଥି ଉଦ୍‌ବୋଧନ ଦେଉଛନ୍ତି।

ଅତିଥି ଭାବେ ପୁରୀ ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର ଯୋଗଦେଇ କଲେଜର ଉନ୍ନତି ପାଇଁ ଆବଶ୍ୟକ ସହାୟତା ଦେବେ ବୋଲି ଘୋଷଣା କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ପ୍ରଫେସର ଶଙ୍କର୍ଷଣ ଦାଶ, ଶିକ୍ଷାବିତ୍ ଲକ୍ଷ୍ମୀଧର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। କଲେଜର ଅଧ୍ୟକ୍ଷ ପ୍ରାଧ୍ୟାପକ ସୁରେନ୍ଦ୍ର କୁମାର ଜେନା ଆଉ ପାଞ୍ଚ ଏକର ଜାଗା ଯୋଗାଇ ଦେବାକୁ ସରକାରଙ୍କ ପାଖରେ ଦାବି କରିଥିଲେ। ପ୍ରାଧ୍ୟାପକ ବିଜୟ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ପ୍ରାଧ୍ୟାପକ ବ୍ରହ୍ମାନନ୍ଦ ସାହୁ ଧନ୍ୟବାଦ ଦେଇଥିଲେ। ପ୍ରାଧ୍ୟାପକ ସୁଶାନ୍ତ ମହାପାତ୍ର, କ୍ରୀଡ଼ା ଶିକ୍ଷକ ହରିହର କର, ମୁଖ୍ୟ କିରାଣି ବଳରାମ ମିଶ୍ର, ଛାତ୍ର ପ୍ରତିନିଧି ବିଶ୍ୱନାଥ ପଟ୍ଟନାୟକ, ମାନସ ରଞ୍ଜନ ଦଳବେହେରା, ଚିନ୍ମୟୀ ଲେଙ୍କା, ମିନତି ପ୍ରଧାନ, ସନ୍ଧ୍ୟା ଗୁରୁ, ଉଦୟ ରଞ୍ଜନ ପ୍ରଧାନ, ଶୁଭଶ୍ରୀ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ୩୧ ପଞ୍ଚାୟତ ବୁଲିବ ଭୋଟର ସଚେତନତା ରଥ

ଗୋପ,୧୦।୧(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ପରିସରରୁ ବୁଧବାର ବାହାରିଥିବା ଭୋଟର ସଚେତନତା ରଥକୁ ବିଡିଓ ଛବିରାଣୀ ସାହୁ ଉଦ୍‌ଘାଟନ କରିଛନ୍ତି। ଏହି ରଥ ବ୍ଲକର ୩୧ ଗୋଟି ପଞ୍ଚାୟତ ସହିତ କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ ମଧ୍ୟରେ ଥିବା ୧୮୨ ଗୋଟି ଭୋଟକେନ୍ଦ୍ରର ବିଭିନ୍ନ ଗାଁ ବୁଲି ସାଧାରଣ ଲୋକଙ୍କୁ ସଚେତନ କରିବ ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ଗ୍ରାମାଞ୍ଚଳରେ ଥିବା ସାଧାରଣ ଭୋଟରମାନେ ଆଗାମୀ ନିର୍ବାଚନରେ ଇଭିଏମ୍‌ରେ କିପରି ଭୋଟ ଦେବେ, କେଉଁ କେଉଁ ପଦ୍ଧତି ଅବଲମ୍ବନ କରିବେ ସେ ସମ୍ପର୍କରେ ଏହି ରଥ ବୁଲିବା ସହିତ ଭୋଟରଙ୍କୁ ଡେମୋ ମାଧ୍ୟମରେ ସଚେତନ କରାଯିବ ବୋଲି ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରିଣୀ ଜୟଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। ଉକ୍ତ ରଥ ଫେବୃଆରୀ ୨୦ ପର୍ଯ୍ୟନ୍ତ ବ୍ଲକରେ ବୁଲିବ ବୋଲି ଜଣାପଡ଼ିଛି। ରଥ ଶୁଭାରମ୍ଭ ସମୟରେ ଗୋପ ଅତିରିକ୍ତ ବିଡିଓ ଦୀପକ ଜେନା, ମାର୍କଣ୍ଡ ପ୍ରଧାନ, ବ୍ଲକର ଲେଖା ଅଧିକାରୀ ମୋହନ ଦାଶ, ମୁଖ୍ୟ କିରାଣି କୃଷ୍ଣପ୍ରସାଦ ମିଶ୍ର, ରୁବିଲତା ଓଝା ପ୍ରମୁଖ ଉପସ୍ଥିତ ଥିଲେ।

# ଖାଦ୍ୟ ସାମଗ୍ରୀ ମାନ ଯାଞ୍ଚ କଲେ ଖାଦ୍ୟ ଆୟୋଗ ସଦସ୍ୟ

## ବିଦ୍ୟାଳୟ, ଅଙ୍ଗନୱାଡି, ପିଡିଏସ କେନ୍ଦ୍ର ପରିଦର୍ଶନ

ପିପିଲି,୧୦।୧(ଦୁର୍ଗାମାଧବ ମିଶ୍ର)

ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ ବୁଧବାର ଅଚାନକ ପିପିଲି ବ୍ଲକ ଗସ୍ତ କରିଥିଲେ। ଗସ୍ତ ସମୟରେ ବିଭିନ୍ନ ବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ର, ପିଡିଏସ୍ କେନ୍ଦ୍ରରେ ବିଭିନ୍ନ ଯୋଜନାର ସଫଳ କାର୍ଯ୍ୟକାରିତା ସମ୍ପର୍କରେ ତଦାରଖ କରିଥିଲେ। ସାମନ୍ତରାୟ ବ୍ଲକର କମାକନ୍ତିଆ ନୋଡାଲ ହାଇସ୍କୁଲ, ରୁପଦେଇପୁର ପ୍ରାଥମିକ ବିଦ୍ୟାଳୟ, ଡୁମୁକିପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଜୟପୁରଶାସନ ପ୍ରାଥମିକ ବିଦ୍ୟାଳୟ, ଶିଉଳା ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚି ଉପସ୍ଥାନ ଖାତା, ପରିବେଶ, ପିଇବା ପାଣି, ପିଲାଙ୍କ ସ୍ୱଚ୍ଛତା, ଖାଦ୍ୟର ମାନ ଯାଞ୍ଚ କରିଥିଲେ। କେତେକ ବିଦ୍ୟାଳୟର କାର୍ଯ୍ୟଶୈଳୀରେ ଅସନ୍ତୋଷ ବ୍ୟକ୍ତ କରିବା ସହ ତ୍ରୁଟି ସୁଧାରିବାକୁ ପରାମର୍ଶ ଦେଇଥିଲେ। ସେହିପରି କମାକନ୍ତିଆ ଅଙ୍ଗନୱାଡ଼ି, ରୁପଦେଇପୁର ୧, ଚନ୍ଦାଦେଇପୁର ୨, ଚନ୍ଦାଦେଇପୁର ୩, ସିଉଳା ୧, ଲକ୍ଷ୍ମୀ ନାରାୟଣପୁର ଅଙ୍ଗନୱାଡ଼ି ୧, ମଙ୍ଗଳପୁର ଅଙ୍ଗନୱାଡ଼ି, ଲକ୍ଷ୍ମୀ ନାରାୟଣପୁର ଅଙ୍ଗନୱାଡ଼ି ୨,



ଖାଦ୍ୟ ଆୟୋଗ ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ ଶିଶୁଙ୍କୁ ପଚରାଉଚରା କରୁଛନ୍ତି।

ବିଲିପଡ଼ା ଅଙ୍ଗନୱାଡ଼ି, ନହଳାପଡ଼ାରେ ପହଞ୍ଚିଥିଲେ। ସେଠାରେ ଔଷଧ ବିତରଣ, ପରିମଳ ବ୍ୟବସ୍ଥାର ତଦାରଖ କରିଥିଲେ। ସେହିପରି ପିପିଲି ଏନ୍‌ଏସି ଅଞ୍ଚଳର କିସର ସାହା ପିଡିଏସ୍ ସେଣ୍ଟରରେ ପହଞ୍ଚି ହିତାଧିକାରୀଙ୍କଠାରୁ ସାମଗ୍ରୀ ବଣ୍ଟନର ମତାମତ ନେବା, ପରିବେଶ ସଫାସୁତୁରା ରଖିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଖାଦ୍ୟ ଆୟୋଗର ଅଧ୍ୟକ୍ଷ ଇ. ଅବନୀକାନ୍ତ ସାହୁଙ୍କ ନିର୍ଦ୍ଦେଶକ୍ରମେ ଆଗାମୀ ଦିନରେ ବିଭିନ୍ନ ଜିଲାର ବ୍ଲକଗୁଡ଼ିକରେ ପର୍ଯ୍ୟାୟକ୍ରମେ ଏହା କରାଯିବ ବୋଲି ସାମନ୍ତରାୟ ପ୍ରକାଶ କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଆହାନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗୁଗଲ୍ ମ୍ୟାପିଂରୁ ଚିହ୍ନଟ ହେବେ ଅପରାଧୀ

ଭୁବନେଶ୍ୱର,୧୦।୧(ସୂର୍ଯ୍ୟକାନ୍ତ ବେହେରା)

### ଲୁଟ୍, ଚୋରି ରୋକିବାକୁ କମିଶନରେଟ ପୋଲିସର ଆଉଏକ ପ୍ରୟାସ

ରାଜଧାନୀ ଭୁବନେଶ୍ୱରରେ ଦିନକୁ ଦିନ ଛିନ୍‌ତାଇ, ଲୁଟ୍ ଓ ଚୋରି ଘଟଣା ନିତିଦିନିଆ ହୋଇଯାଇଛି। କମିଶନରେଟ ପୋଲିସ ଏହାକୁ ରୋକିବା ପାଇଁ ଯେତେ ଚେଷ୍ଟା କଲେ ମଧ୍ୟ ଅପରାଧୀମାନେ ବେଫିକର ହୋଇ ଅପରାଧ ଘଟାଉଛନ୍ତି। ଅଧିକାଂଶ କ୍ଷେତ୍ରରେ ଅପରାଧୀ ବିଶେଷକରି ମାଷ୍ଟରମାଇଣ୍ଡ୍ ଧରାପଡୁ ନ ଥିବାରୁ ପୋଲିସକୁ ସେତେଟା ସଫଳତା ମିଳିପାରୁନି। ତେଣୁ ଅପରାଧୀଙ୍କୁ ଧରିବାକୁ କମିଶନରେଟ ପୋଲିସ ନୂଆ ପନ୍ଥା ଆପଣାଇବାକୁ ଯାଇଛି। ଗୁଗଲ ମ୍ୟାପିଂ ଦ୍ୱାରା ଅଭିଯୁକ୍ତଙ୍କୁ ସହଜରେ ଚିହ୍ନଟ କରିବା ସହ ଧରିବାକୁ ଯୋଜନା ହୋଇଛି। ଏନେଇ ଗୁଗଲ ଆପ୍ଲିକେଶନରେ କ୍ରାଇମ୍ ମ୍ୟାପିଂ ଟେକ୍‌ନିକକୁ ଆପଣାଯିବା ସହ ବିଭିନ୍ନ ଟେଲିକମ ସଂସ୍ଥାର ସାହାଯ୍ୟ ନେବ ପୋଲିସ। ପ୍ରଥମ ପର୍ଯ୍ୟାୟରେ ସ୍ନାଚିଂ ଓ ଲୁଟ୍ ଘଟଣାକୁ ଗୁରୁତ୍ୱ ଦିଆଯିବ ବୋଲି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ବୁଧବାର ସୂଚନା ଦେଇଛନ୍ତି। ଏହାଦ୍ୱାରା ଅଭ୍ୟାସଗତ ଅପରାଧୀ ଓ ଲୁଟେରାଙ୍କ ଗତିବିଧି ଉପରେ ନଜର ରହିବ। ଏଥିରେ ୟୁନିଫାଏଡ୍ କମାଣ୍ଡ କଣ୍ଟ୍ରୋଲ ସେଣ୍ଟରର ସବୁଠୁ ବଡ ଅବଦାନ ରହିବ। ସ୍ମାର୍ଟ ସିଟି ତରଫରୁ ରାଜଧାନୀରେ ଅନେକ କ୍ୟାମେରା ଲଗାଯାଇଛି। ଉକ୍ତ ସେଣ୍ଟରରୁ ପ୍ରଥମେ ସିସିଟିଭି ଫୁଟେଜ ହସ୍ତଗତ କରାଯିବ। ଏହାପରେ ଆର୍ଟିଫିସିଆଲ୍ ଇଣ୍ଟିଲିଜେନ୍ସ (ଏଆଇ)ର ସହାୟତାରେ ଏହାର ଫିଡ୍‌କୁ ବିଶ୍ଳେଷଣ କରାଯିବ। ତେବେ ଏଥିରେ ଗୁଗଲ ଟ୍ରାକିଂ ବୋଲି କିଛି ନାହିଁ, ବରଂ ଅପରାଧଟାକୁ ଗୁଗଲ ମ୍ୟାପ୍‌ରେ ପକାଇ ଏହାର ବିଶ୍ଳେଷଣ କରି ପରବର୍ତ୍ତୀ ସମୟରେ ଅପରାଧୀଙ୍କୁ ଧରାଯାଇବ ପାରିବ ବୋଲି କମିଶନର ପ୍ରିୟଦର୍ଶୀ କହିଛନ୍ତି। ସୂଚନାଯୋଗ୍ୟ, ତଦନ୍ତରେ ବୈଷୟିକ ଜ୍ଞାନ କୌଶଳର ବ୍ୟବହାର ଉପରେ ଗୁରୁତ୍ୱ ଦେବାକୁ ମଙ୍ଗଳବାର କମିଶନରେଟ ପୋଲିସର ପ୍ରତିଷ୍ଠା ଦିବସରେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ।

# ଅନୁଆରୀ ସେବା ସମବାୟ ସମିତିରେ ଧାନମଣ୍ଡି ଖୋଲିଲା

ବାଙ୍କୀ,୧୦।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବ୍ଲକ ଅନ୍ତର୍ଗତ ଅନୁଆରୀ ସେବା ସମବାୟ ସମିତିରେ ଧାନମଣ୍ଡି ଖୋଲାଯାଇଛି। ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀ ମଣ୍ଡିକୁ ବୁଧବାର ଉଦ୍‌ଘାଟନ କରିଥିବା ବେଳେ ଜିଲା ପରିଷଦ ସଭ୍ୟ ସଞ୍ଜୟ କୁମାର ପାତ୍ର ଅତିଥି ଭାବେ ଯୋଗଦେଇଥିଲେ। ମଣ୍ଡିରେ ୪ଶହ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ସେବା ସମବାୟ ସମିତି ସଭାପତି ହୃଦାନନ୍ଦ ମାନସିଂହ, ସମ୍ପାଦକ ପ୍ରଫୁଲ୍ଲ କୁମାର ଦାଶ, ସହସମ୍ପାଦକ ବିମଳ ଚରଣ ପଣ୍ଡା, ସମିତି ସଭ୍ୟଙ୍କ ପ୍ରତିନିଧି ତ୍ରିନାଥ ସେଠ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସମସ୍ୟା ସମାଧାନର ଉଦ୍ୟମ କରାଯିବ


ବୈଠକରେ ଯୋଗଦେଇଥିବା ଅତିଥିମାନେ।

### ବାଙ୍କୀ ଏନ୍‌ଏସି ମହିଳା ମହାସଂଘର ସାଧାରଣ ପରିଷଦ ବୈଠକ

ବାଙ୍କୀ,୧୦।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଏନ୍‌ଏସି ଅନ୍ତର୍ଗତ ୱାର୍ଡ ନଂ.୩ ନୀଳମାଧବ ଆଞ୍ଚଳିକ ମହିଳା ମହାସଂଘ ପକ୍ଷରୁ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଶିଶୁଆ ୱାର୍ଡ ନଂ. ୪ ସନାତନ ବେହେରା ଅଧ୍ୟକ୍ଷତା କରିଥିଲେ। ନଗରପାଳ ମାଣିକ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାସଂଘର ସଭ୍ୟାମାନଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ସମସ୍ୟା ସମାଧାନ କରିବାରେ ଏନ୍‌ଏସି ପକ୍ଷରୁ ସମସ୍ତ ଉଦ୍ୟମ କରାଯିବ ବୋଲି କହିଥିଲେ। ଉପନଗରପାଳ ସନ୍ତୋଷ କୁମାର ରଣା, ବିଜେଡି ମହିଳା ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ବେହେରା, ଏନ୍‌ଏସି ଗୋଷ୍ଠୀ ସଂଯୋଜିକା ମଧୁସ୍ମିତା ଦାଶ, ବାଙ୍କୀ ଡମପଡ଼ା ବ୍ଲକ ପ୍ରକଳ୍ପ ସଂଯୋଜିକା ହରିପ୍ରିୟା ସାହୁ, ଏନ୍‌ଏସି ସି.ଏମ୍ .ଏମ୍ ଅଭିଜିତ୍ ଖୁଣ୍ଟିଆ, କ୍ୟାଶିଅର ରଶ୍ମିତା ରାଉତ ପ୍ରମୁଖ ଯୋଗଦେଇ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ମହାସଂଘ ସଭାପତି ଦୁଲଣା ସୁନ୍ଦରୀ ବେହେରା କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ପ୍ରାରମ୍ଭିକ ସୂଚନା ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ୱାର୍ଡ ୩ କାଉନସିଲର ଅଶାନ୍ତି ରାଉତ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମହିଳାମାନଙ୍କ ଦ୍ୱାରା ମ୍ୟୁଜିକ୍ ଚେୟାର, ସଙ୍ଗୀତ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


## ୪ର୍ଥ ଜନ୍ମଦିନ ଶୁଭେଚ୍ଛା



**ଆହାନା ନାୟକ**

ବ୍ରାହ୍ମଣପାଳ, ଧୁଷୁରି, ଭଦ୍ରକ

ଆଜି ତୋର ୪ର୍ଥ ବର୍ଷ ଜନ୍ମଦିନରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୋ ଚଲାପଥ କୁସୁମିତ ହେଉ, ଏତିକି କାମନା।

ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ଅଜା, ଆଈ, ମାମୁ, ମାଉସୀ, ବାପା, ମାଆ, ପିଉସା, ପିଉସୀ, କକା, ଖୁଡୀ, ବନ୍ଧୁ ଓ ପରିବାରବର୍ଗ।

ଧ-୨୨୩୨


# ଡମଣଗାଡ଼ିଆ କ୍ରିକେଟ କ୍ଲବ ବିଜୟୀ



ବଡ଼ମ୍ବା,୧୦।୧(ମାୟାଧର ମଲ୍ଲିକ)

ବଡ଼ମ୍ବା ଯାନିସାହିସ୍ଥିତ ବ୍ରାହ୍ମଣୀ ଦେଇ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ସୁଲୋଚନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ର ବୁଧବାର ଲିଗ୍ ମ୍ୟାଚ ମ୍ୟାଜେଷ୍ଟିକ କ୍ରିକେଟ କ୍ଲବ ଆଠଗଡ଼ ଓ ବଡ଼ମ୍ବାର ଡମଣଗାଡ଼ିଆ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆଠଗଡ଼ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୧୫୭ ରନ କରିଥିଲା। ଜବାବରେ ଡମଣଗାଡ଼ିଆ କ୍ରିକେଟ କ୍ଲବ ୧୩.୨ଖେଳି ଏକ ଉଇକେଟ ହରାଇ ୧୫୮ ରନ କରି ବିଜୟୀ ହୋଇଛି। ବିଜେତା ଟିମ୍‌ର ରାକେଶ ରାଉତ ସର୍ବାଧିକ ୬୫ ରନ କରି ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ବଡ଼ମ୍ବା କୁମାର ସାହେବ ତ୍ରିଭୁବନ ଚନ୍ଦ୍ର ଦେବ ଓ ସମ୍ମାନିତ ଅତିଥି ଭାବେ ବଡ଼ମ୍ବା ବ୍ଲକର ଇଞ୍ଜିନିୟର ସତ୍ୟ ପ୍ରକାଶ ଭଞ୍ଜରାୟ ଯୋଗଦେଇଥିଲେ। ମ୍ୟାଚକୁ ଅମ୍ପାୟର ଶ୍ରୀକାନ୍ତ ପଣ୍ଡା ଓ ସାଗର ଗୋଚ୍ଛି ପରିଚାଳନା କରିଥିଲେ।

# ବିଦେଶାଗତ ପକ୍ଷୀ ସଂଖ୍ୟା ବଢ଼ିଲା

### ଆଠଗଡ଼ ବନାଞ୍ଚଳରେ ପକ୍ଷୀ ଗଣନା

ଆଠଗଡ଼, ୧୦।୧(ସତ୍ୟ ପ୍ରସାଦ ରଥ)



ଆଠଗଡ଼ ବନାଞ୍ଚଳ ଅନ୍ତର୍ଗତ ବାଙ୍କୀ ବ୍ଲକ ଅଂଶୁପା ହ୍ରଦ, ମୁଣ୍ଡଳୀ ବ୍ୟାରେଜ, ଆଠଗଡ଼ ବ୍ଲକ ମହାନଦୀ ଗର୍ଭସ୍ଥ ଅମକେଇକୁଦ, ରମ୍ଭେଇପାଟ, ଟିଗିରିଆ ବ୍ଲକ ମହାନଦୀ ଗର୍ଭସ୍ଥ ଶୁଣ୍ଡିପାଳ, ଜରିପାଳ ବନ୍ଧ, ଯମୁନା ବନ୍ଧ ଆଦି ଅଞ୍ଚଳରେ ବିଭାଗ ପକ୍ଷରୁ ପକ୍ଷୀ ଗଣନା କରାଯାଇଥିଲା। ଚଳିତବର୍ଷ ବନାଞ୍ଚଳ ଅନ୍ତର୍ଗତ ଉପରୋକ୍ତ ସ୍ଥାନରେ ମୋଟ ୧୬୩୯ଟି ବିଦେଶାଗତ ପକ୍ଷୀଙ୍କୁ ଚିହ୍ନଟ କରାଯାଇଛି, ଯାହାକି ପୂର୍ବବର୍ଷ ଅପେକ୍ଷା ସଂଖ୍ୟା ବୃଦ୍ଧି ପାଇଛି ବୋଲି ଆଠଗଡ଼ ବନଖଣ୍ଡ ଅଧିକାରୀ ଯଜ୍ଞଦତ୍ତ ପତି ବୁଧବାର ପ୍ରାଥମିକ ସୂଚନା ଦେଇଛନ୍ତି। ବନଖଣ୍ଡ ଅନ୍ତର୍ଗତ ୫ଟି ବନାଞ୍ଚଳରେ ଥିବା ଆର୍ଦ୍ରଭୂମିରେ ବିଦେଶାଗତ ପକ୍ଷୀଙ୍କ ଗଣନା କରାଯାଇଥିଲା। ଅଂଶୁପା ହ୍ରଦରେ ୧୮ଟି ପ୍ରଜାତିର ୭୨୭, ଅମଙ୍ଗେଇକୁଦରେ୯ଟି ପ୍ରଜାତିର ୨୫୯, ମୁଣ୍ଡଳୀ ମହାନଦୀ ବ୍ୟାରେଜରେ ୪ଟି ପ୍ରଜାତିର ୫୮, ଟିଗିରିଆ ବ୍ଲକ ଶୁଣ୍ଡିପାଳ, ଜରିପାଳ ବନ୍ଧ, ଯମୁନା ବନ୍ଧ, ରମ୍ଭେଇପାଟ ଆଦିରେ ଯଥାକ୍ରମେ ୧୧ଟି ପ୍ରଜାତିର ୨୦୨, ୧୦ଟି ପ୍ରଜାତିର ୧୩୯, ୧୦ଟି ପ୍ରଜାତିର ୧୪୬ ଓ ରମ୍ଭେଇପାଟରେ ୭ଟି ପ୍ରଜାତିର ୧୦୩ଟି ବିଦେଶାଗତ ପକ୍ଷୀଙ୍କୁ ଠାବ କରାଯାଇଛି ବୋଲି ଆଠଗଡ଼ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ନାଥ ନାୟକ ସୂଚନା ଦେଇଛନ୍ତି।

# Classified Everyday

0674-2580101, 2549949


REAL ESTATE

**SALE**

ପାତ୍ରପଡ଼ା NHରୁ 400 mtr. ବ୍ରହ୍ମକୁମାରୀ ଆଶ୍ରମକୁ ଲାଗି 30ft. Road, Eelctric, Water ଥାଇ Sqft. 2600/- ରେ ପ୍ଲଟ୍ କିଣନ୍ତୁ। 7788888879, 8249034529. D-75291

**Ready to move luxurious flat for sale at Acharya Vihar. Contact- 9437307086, 7978209277.** D-2190

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200 sqft. 3,60,000/-, ଛତାବର- 1200 sqft.- 6,00,000/-. 9348232008. D-75289


HEALTH CARE

Newly open SPA positively health benefits (expert therapist). Contact: 9124527170. D-75188

Newly open health benefits SPA special offer @ 799 Bapuji Nagar. 8018429809. D-75183

Newly open Jyoti SPA positively health benefits (expert therapist). 8458067955. D-75182

Mesmerizing, energetic body, mind qualitative relaxing massage experienced therapists. 7325907905. D-67127

**Relax, Refresh your Body, Mind at Saikrupa Spa with best therapies. 8984068077.** D-2209

Newly open SPA positively health benefits with expert therapist. 9938843929. D-75184

Newly health benefited SPA expert therapist at Mastercanteen. Contact: 7749034655. D-75185

R e f r e s h m e n t s Rejuvenation body massage therapy with experience therapists, Ashirvad Panchakarma Herbal Spa, Keshari Mall, Bhubaneswar, 8926173473. D-2235

**AFFIDAVIT**

By virtue of an affidavit sworn before the Notary Public, Jajpur Road, dtd. 09.01.2024. I Anasuya Dasah, W/o Akshya Kumar Dash, At- Dhabalgiri, P.O.- Sobara, Dist.- Jajpur, Pin- 755019 have changed my name from Anasuya Dasah to Ahalya Sarangi. Henceforth, I shall be known as Ahalya Sarangi for all purposes. Ahalya Sarangi D-2234

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Arjan Dev Jain, S/o Late Banarsi Das Jain, resident of Bara Bazar, P.O./P.S. Khetrajpur, Dist. Sambalpur, PIN- 768003 (Odisha) declared by this affidavit No. 18 dated 10.1.24, that now onwards I shall be known as Arjun Dev Jain for all future purposes. D-2238

By virtue of an affidavit sworn before the Executive Magistrate, Bhubaneswar, dated 04.01.2024, I, Soumyaranjan Behera, S/o Bibhutananda Parida, Vill.- Panibhandar, P.O.- Roda, P.S.- Parjang, Dist.- Dhenkanal, Odisha declare that, I have changed my surname from Soumyaranjan Parida to Soumyaranjan Behera. Henceforth, I shall be known as Soumyaranjan Behera for all purpose. Soumyaranjan Behera D-2236


ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ବି.କେ. ବିଦ୍ୟାପୀଠରେ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ବାଙ୍କୀ,୧୦।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ବରେନ୍ଦ୍ରକୃଷ୍ଣ ବିଦ୍ୟାପୀଠରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବରେ ବିଇଓ ନରେନ୍ଦ୍ର କୁମାର ବେହେରା ମୁଖ୍ୟ ଅତିଥି, ଅବସରପ୍ରାପ୍ତ ଶିକ୍ଷକ ଗୋପୀମୋହନ କର, ପଣ୍ଡିତ ନଗେନ୍ଦ୍ର କୁମାର ମହାପାତ୍ର, ଏବିଇଓ ଜୟନ୍ତୀ ବିଶ୍ୱାଳ, ସିଆର୍‌ସିସି ତପନ କୁମାର ରାମ ପ୍ରମୁଖ ଯୋଗଦେଇ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷକ ବିଦ୍ୟାଧର ଖଟୁଆ, ଅଜୟ କୁମାର ଦୀକ୍ଷିତ, ସୁବ୍ରତ କୁମାର ଖଟୁଆ ଯୋଗଦେଇ ଛାତ୍ରମାନଙ୍କୁ ପ୍ରତିଯୋଗିତା ମନୋଭାବ, ଶୃଙ୍ଖଳା ଓ ପାରଦର୍ଶିତା ପାଇବାର କୌଶଳ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ ଏହି ପ୍ରତିଯୋଗିତାରେ ସ୍କୁଲର ସମସ୍ତ ଛାତ୍ର ଅଂଶଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ଆଦର୍ଶ ବିଦ୍ୟାଳୟ ଛାତ୍ରାବାସର ଶିଳାନ୍ୟାସ


ଶିଳାନ୍ୟାସ ଉତ୍ସବରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟମାନେ।

ଆଠଗଡ଼,୧୦।୧(ସତ୍ୟ ପ୍ରସାଦ ରଥ)

ଆଠଗଡ ବ୍ଲକ ଗୁଣ୍ଡିଚାପୁରଠାରେ ଥିବା କୁଲାଇକୋ ଆଦର୍ଶ ବିଦ୍ୟାଳୟ ପରିସରରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସର ନିର୍ମାଣ ପାଇଁ ବୁଧବାର ଶିଳାନ୍ୟାସ କରାଯାଇଛି। ୩ କୋଟି ୯୦ ଲକ୍ଷ ୩,୭୪୫ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ଛାତ୍ରାବାସ ଶିଳାନ୍ୟାସ ଆଠଗଡ଼ ବିଧାୟକ ତଥା କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କରିଛନ୍ତି। ପ୍ରଥମେ ଆଠଗଡ଼ ରାସ୍ତା ଓ କୋଠାବାଡ଼ି ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଦିନେଶ ସାହୁ ପ୍ରକଳ୍ପର ବିବରଣୀ ପାଠ କରିବା ସଙ୍ଗେ ସଙ୍ଗେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟ ଆସନ୍ତା ଜୁନ ୨୯ ସୁଦ୍ଧା ଶେଷ ହେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ କୁଲାଇଲୋ ସରପଞ୍ଚ ସୁଜାତା ବେଉରା ଓ ସମିତିସଭ୍ୟା ଅନସୂୟା ସ୍ୱାଇଁ, ଦୋରଡ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ଭୋଇ, ଯୋରନ୍ଦା ସରପଞ୍ଚ କମଳା ନାୟକ ଓ ତରଡିଙ୍ଗ ସରପଞ୍ଚ ସିଦ୍ଧାନ୍ତ ଦଲାଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଶେଷରେ କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

# ଗୋପପୁର ବିଜୟୀ

### ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ

ମାଣିଆବନ୍ଧ, ୧୦।୧ (ଅଖିଳ କୁମାର ସାହୁ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ପଡ଼ିଆରେ ବୁଧବାର ୪ୟ କ୍ୱାର୍ଟର ଫାଇନାଲ ମ୍ୟାଚ ଗୋପପୁର ଓ ବଡ଼ମ୍ବା ଦଳ ମଧ୍ୟରେ ହୋଇଥିଲା। ପ୍ରଥମେ ଗୋପପୁର ଦଳ ବ୍ୟାଟିଂକରି ୨୦ ଓଭରରେ ୯ ଉଇକେଟ ବିନିମୟରେ ୧୬୭ ରନ ସଂଗ୍ରହ କରିଥିଲା। ଜବାବରେ ବଡ଼ମ୍ବା ଦଳ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୬୪ ରନ କରି ପରାସ୍ତ ହୋଇଥିଲା। ବିଜେତା ଦଳ ପକ୍ଷରୁ ଅଜୟ କୁମାର ସାହୁ ୪ ଓଭର ବୋଲିଂ କରି ୧୧ ରନ ଦେଇ ୪ଟି ଉଇକେଟ ନେଇ ଶ୍ରେଷ୍ଠ ଖେଳାଳି ଭାବେ ଅନୁଷ୍ଠାନ ସଭାପତି ଦେବାନନ୍ଦ ପାଳଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ବବୁଲ ପରିଡା ଓ ଲକ୍ଷ୍ମୀଧର ନାୟକ ମ୍ୟାଚ ପରିଚାଳନା କରିଥିଲେ। ଆୟୋଜକଙ୍କୁ ଦଳ ସମ୍ପାଦକ ଶିବ ନାରାୟଣ ମିଶ୍ର, କୋଷାଧ୍ୟକ୍ଷ ପବିତ୍ର ପ୍ରଧାନ ଓ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱ ଶଶିମଣୀ ବିଶୋଇ
ଆବିର୍ଭାବ- ୦୯।୧୧।୧୯୩୫
ତିରୋଧାନ- ୨୩।୧୨।୨୦୨୨

ତା୧୧।୦୧।୨୦୨୪
ବକୁଳ ଅମାବାସ୍ୟା
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।
ପରିବାର ଓ ବନ୍ଧୁବର୍ଗ

ଧ-୨୨୩୭

**୧୩ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱ ସୁବାସିନୀ ମଲ୍ଲିକ
ଗୁଆଗଡ଼ିଆ, ବାସୁଦେବପୁର, ଭଦ୍ରକ
ତିରୋଧାନ: ୧୧।୦୧।୨୦୧୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ପ୍ରାର୍ଥନା।
ପୁତ୍ର- ଅକ୍ଷୟ, ଗଙ୍ଗାଧର, ରମାକାନ୍ତ ଏବଂ ବରୁଣ ଓ ପରିବାରବର୍ଗ

ଧ-୨୧୫୯

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱ ବାଇଧର ବେହେରା
ମାଣଦ୍ରୀ (ମାଳିହାତୀ), ମୟୂରଭଞ୍ଜ
ଆବିର୍ଭାବ- ୦୨।୦୫।୧୯୫୫
ତିରୋଧାନ- ୦୧।୦୧।୨୦୨୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ। ଆପଣଙ୍କର କର୍ତ୍ତବ୍ୟନିଷ୍ଠା, ଆଦର୍ଶ, ଉପଦେଶ ଆମ୍ଭମାନଙ୍କୁ ସବୁଦିନ ପାଇଁ ପ୍ରେରଣା ଦେଉଥାଉ।
ଆପଣଙ୍କର ହତଭାଗ୍ୟ
ପୁତ୍ର-ତ୍ରିନାଥ, ପୁତ୍ରବଧୂ- ସସ୍ମିତା
ଝିଅ- କୁନି, ଗୀତା, ମାମି
ଜ୍ୱାଇଁ- ଜୟନ୍ତ, ଉମେଶ, ସରୋଜ
ନାତି- ଶ୍ରୀହାନ, ସୁମିତ୍, ଅଭିଜିତ୍, ସ୍ୱାନନ୍ଦ
ନାତୁଣୀ- ଲିପ୍ସିତା, ଆଦିତି
ସ୍ତ୍ରୀ- ଦେବକୀ ଓ ପରିବାର

ଧ-୨୨୩୧

**ଏକାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱ ସୁନ୍ଦରମଣୀ ଜେନା
ସ୍ଥାନ: କାକରପୁଟ, ବାଲିଦୋକାନ
ଆର୍ବିଭାବ ତା: ୦୫: ୦୨:୧୯୪୧
ତିରୋଧାନ ତା: ୦୧: ୦୧: ୨୦୨୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗତର ନାଥ ଜଗନ୍ନାଥଙ୍କ ଚରଣ ବିନ୍ଦୁରେ ବିନମ୍ର ପ୍ରାର୍ଥନା,
ଆପଣଙ୍କ ଶୋକସନ୍ତପ୍ତ:
ଜେନା ପରିବାର ବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ବୃନ୍ଦ।

ଧ-୨୨୩୩

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ: ....................................

ଜନ୍ମ ତାରିଖ: ..............................



ଆହାନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ନୂଆ ଜଗନ୍ନାଥ ସଡ଼କରେ ହାତୀ



ନିରାକାରପୁର,୧୦ା୧(ମାନସଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଅଧୀନ ନିରାକାରପୁର ଓ ରାମେଶ୍ୱର ପଞ୍ଚାୟତ ଅଞ୍ଚଳରେ ଗତ ୩-୪ଦିନ ଧରି ଜଙ୍ଗଲୀ ହାତୀଙ୍କ ଉପଦ୍ରବ ଲାଗି ରହିଛି। ବନ ବିଭାଗ ପକ୍ଷରୁ ଘଉଡ଼ାଇବା ଲାଗି ଚେଷ୍ଟା ସତ୍ତ୍ୱେ ଏହି ହାତୀପଲ ଅଞ୍ଚଳ ଛାଡ଼ି ଯାଉନାହାନ୍ତି। ବୁଧବାର ଦିନ ତମାମ ଏହି ହାତୀ ପଲ ସ୍ଥାନୀୟ ରାମେଶ୍ୱର

### ଗମନାଗମନ ବାଧାପ୍ରାପ୍ତ

ଜଙ୍ଗଲରେ ରହିଥିଲେ। ସଞ୍ଜ ନଇଁବା ପରେ ଗାଁ ମୁହାଁ ହୋଇଛନ୍ତି। ପଲ ପଲ ହାତୀ ରାମେଶ୍ୱର ଖେଳପଡ଼ିଆ ସନ୍ନିକଟ ନୂଆଜଗନ୍ନାଥ ସଡ଼କରେ ରାସ୍ତା ଅତିକ୍ରମ କରିଥିଲେ। ରାସ୍ତାରେ ଏହି ହାତୀ ପଲକୁ ଦେଖି ବସ୍ ଯାତ୍ରୀମାନେ ପ୍ରାଣ ବିକଳରେ କୁଆଡେ ଧାଇଁବାକୁ ଲାଗିଲେ। କିଛି ସମୟ ଧରି ଉଭୟ ପାର୍ଶ୍ୱରେ ଗମନାଗମନ ବାଧାପ୍ରାପ୍ତ ହୋଇଥିଲା। ଅଦ୍ୟାବଧି ସ୍ଥାନୀୟ ଅଞ୍ଚଳରେ ୨୩ଟି ହାତୀ ଥିବା ଜଣାପଡ଼ିଛି। ବିଭାଗ ପକ୍ଷରୁ ୩ଟି ଟିମ୍ ଉପସ୍ଥିତ ରହି ସେମାନଙ୍କ ଗତିବିଧି ଲକ୍ଷ୍ୟ ରଖିଥିବା ଭୁଷଣ୍ଡପୁର ବନପାଳ ପ୍ରଶାନ୍ତ ଦାଶ ଜଣାଇଛନ୍ତି। ତଥାପି ହାତୀ ପଲ ଅଞ୍ଚଳରେ ଥିବା ଜାଣି ଲୋକେ ଆତଙ୍କିତ ଅବସ୍ଥାରେ ଥିବା ଜଣାଯାଇଛି।

## ହିଟ୍ ଆଣ୍ଡ ରନ୍ ଆଇନ ନେଇ ଏଚ୍‌ପିସିଏଲ୍ ପକ୍ଷରୁ ସଚେତନତା

ଜଟଣୀ,୧୦ା୧(ରବିନ୍ଦ୍ରନାଥ ମହାକୁଡ଼)

ଜଟଣୀସ୍ଥିତ ହିନ୍ଦୁସ୍ତାନ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍ (ଏଚ୍‌ପିସିଏଲ୍) ପକ୍ଷରୁ ଟ୍ରକ ଚାଳକ ଏବଂ ବିଭିନ୍ନ ପରିବହନ ସଂଘର କର୍ମକର୍ତ୍ତାଙ୍କ ମଧ୍ୟରେ ହିଟ ଆଣ୍ଡ ରନ ଆଇନ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଛି। ଏଚ୍‌ପିସିଏଲ୍ ରିଜିଓନାଲ କାର୍ଯ୍ୟାଳୟ ଜଟଣୀଠାରେ ଆଭାସୀ ଜରିଆରେ ଏଚ୍‌ପିସିଏଲ୍ ଇଷ୍ଟର୍ଣ୍ଣ ରିଜିଅନ ଜିଏମ୍ ସୁଶିଲ ରାୟ ଉପସ୍ଥିତ ରହି ଟ୍ରକ ଡ୍ରାଇଭର ଏବଂ ବିଭିନ୍ନ ପରିବହନ ସଂଘର ସଦସ୍ୟଙ୍କୁ ଏହି ଆଇନ ବିଷୟରେ ବୁଝାଇଥିଲେ। ଏହି ସଂସ୍ଥାନରେ କାର୍ଯ୍ୟ କରୁଥିବା ଟ୍ରକ ଡ୍ରାଇଭର ଏବଂ ବିଭିନ୍ନ ପରିବହନ ସଂଘର ସଦସ୍ୟଙ୍କ ମଧ୍ୟରେ ହିଟ ଆଣ୍ଡ ରନ ଆଇନକୁ ନେଇ ରହିଥିବା ଭୁଲ ବୁଝାମଣାକୁ ଦୂର କରିବା ପାଇଁ ସଚେତନ କରାଯାଇଥିଲା। କ୍ଷେତ୍ରୀୟ କାର୍ଯ୍ୟାଳୟ ଜଟଣୀର ଡିଜିଏମ ତୃପ୍ତିରଞ୍ଜନ ସାହୁ ଯୋଗଦେଇ ଉକ୍ତ ଆଇନକୁ ନେଇ ଟ୍ରକ ଚାଳକ ଏବଂ ବିଭିନ୍ନ ପରିବହନ ସଂଘର ସଦସ୍ୟଙ୍କ ମଧ୍ୟରେ ରହିଥିବା ଭ୍ରାନ୍ତଧାରଣା ଦୂର କରିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ କ'ଣ ସବୁ ପଦକ୍ଷେପ ନିଆଯାଇଛି ସେ ସମ୍ପର୍କରେ ସୂଚନା ଦେବା ସହିତ ବର୍ତ୍ତମାନ ଆଇନ ଲାଗୁ କରାଯାଇନାହିଁ ବୋଲି କହିଥିଲେ। ଓଡିଶା ଡ୍ରାଇଭର ମହାସଂଘ ପୁରୀ ସଦର ପକ୍ଷରୁ ସନାତନ ମୁଦୁଲି, କଟକ ଜିଲା ମାହାଙ୍ଗା ପକ୍ଷରୁ ନଟବର ସାହୁ, ପୁରୀ ଜିଲା ପିପିଲି ପକ୍ଷରୁ ସୁଶୀଲ କୁମାର ଜେନା, ଖୋର୍ଦ୍ଧାରୁ ରାଜୁ ଖାଁ ଏବଂ ଲକ୍ଷ୍ମୀଧର ଭଞ୍ଜ, ଯାଜପୁରରୁ ରଞ୍ଜନ ବେହେରା, ରଣପୁରରୁ ବିପିନ ନାୟକ, ନୟାଗଡରୁ ବିଭୁପ୍ରସାଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଏଚ୍‌ପିସିଏଲ୍ ଅଧିକାରୀ ଏବଂ ଅନ୍ୟମାନେ।

## ବାଇକ୍ ଦୁର୍ଘଟଣାରେ ଭଣଜା ମୃତ, ମାମୁ ଗୁରୁତର

ପିପିଲି,୧୦ା୧
(ପ୍ରଭାତ ମହାପାତ୍ର/ଦୁର୍ଗାମାଧବ ମିଶ୍ର)

ପିପିଲି ପୌରାଞ୍ଚଳର ଖଣ୍ଡିଆଗିରି ଶଙ୍ଖଠାରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ବାଇକ୍ ଦୁର୍ଘଟଣାରେ ଭଣଜାଙ୍କ ମୃତ୍ୟୁ ହୋଇଥିବାବେଳେ ମାମୁ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ କଣାସ ଗଡ଼ିଶାଗଦା ଥାନା ଅଧୀନ ବସନ୍ତପୁର ଗ୍ରାମର ଅମରଜ୍ୟୋତି ନାରାୟଣ ବାରିକ୍(୨୪)। ଆହତ ନୟାଗଡ଼ ଜିଲା ଗଣିଆ ଥାନା ଅଧୀନ ପୂର୍ଣ୍ଣଚନ୍ଦ୍ରପୁର ପତଣ୍ଡ ଗ୍ରାମର ବିକ୍ରମ ସାମଲଙ୍କୁ ପିପିଲି ସରକାରୀ ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ପରେ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପୋଲିସ ପୁରୀ ପଠାଇଛି। ମୃତକଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ୧୬/୨୪ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଭଣଜା ଅମରଜ୍ୟୋତି ଓ ମାମୁ ବିକ୍ରମ ବାଇକ୍ ଯୋଗେ ବିଳମ୍ବିତ ରାତିରେ ବିକ୍ରମଙ୍କ ଶ୍ୱଶୁର ଘର ଜଟଣୀ ଅଞ୍ଚଳକୁ ଯାଉଥିଲେ। ସେମାନେ ଖଣ୍ଡିଆଗିରି ଶଙ୍ଖଠାରେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ପୋଖରୀ ମଧ୍ୟକୁ ପଶିଯାଇଥିଲେ। ଲୋକେ ବିକ୍ରମଙ୍କୁ ଉଦ୍ଧାର କରିଥିବାବେଳେ ଅମରଜ୍ୟୋତିଙ୍କ ସମ୍ପର୍କରେ ଜାଣିପାରି ନ ଥିଲେ। ବୁଧବାର ସକାଳେ ଉକ୍ତ ପୋଖରୀରେ ଅମରଜ୍ୟୋତିଙ୍କ ମୃତଦେହ ଭାସୁଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅମରଜ୍ୟୋତିଙ୍କୁ ପାଣିରୁ ଉଦ୍ଧାରକରି ମେଡିକାଲକୁ ନେଇଥିଲା।


### ୪ର୍ଥ ଜନ୍ମଦିନ ଶୁଭେଚ୍ଛା



**ଆହାନା ନାୟକ**

ବ୍ରାହ୍ମଣପାଳ, ଧୁଷୁରି, ଭଦ୍ରକ

ଆଜି ତୋର ୪ର୍ଥ ବର୍ଷ ଜନ୍ମଦିନରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୋ ଚଲାପଥ କୁସୁମିତ ହେଉ, ଏତିକି କାମନା ।

ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ଅଜା, ଆଈ, ମାମୁ, ମାଉସୀ, ବାପା, ମାଆ, ପିଉସା, ପିଉସୀ, କକା, ଖୁଡୀ, ବନ୍ଧୁ ଓ ପରିବାରବର୍ଗ ।

ଧ-୨୨୩୨


## ବେଆଇନ ଗୋ ଚାଲାଣ, ୧୬ ଗୋରୁ ଉଦ୍ଧାର

ବେଗୁନିଆ,୧୦ା୧
(ହରପ୍ରସନ୍ନ ପଣ୍ଡା)

ବେଆଇନ ଭାବେ ଟାଟା ଆଇଚରରେ ଗୋ ଚାଲାଣ କରାଯାଉଥିବାବେଳେ ବେଗୁନିଆ ପୋଲିସ ୧୬ଟି ଗୋରୁଙ୍କୁ ଉଦ୍ଧାର କରିଛି। ଏଥିସହ ଆଇଚରକୁ ଜବତ କରି ୧୧/୨୪ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ମାତ୍ର ଗୋରୁ ବ୍ୟବସାୟୀ ଓ ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ପୋଲିସ ସୂଚନା ଅନୁସାରେ, ଏହି ଥାନା ଅଧୀନ କୁଶପଲ୍ଲା ଗ୍ରାମରୁ ମଙ୍ଗଳବାର ବିଳମ୍ବିତ ରାତିରେ ଗୋଚାଲାଣ କରାଯାଉଥିବା ଖବରପାଇ ବେଗୁନିଆ ପୋଲିସ ଥାନା ଅଧିକାରୀ ଜ୍ୟୋତିପ୍ରକାଶ ପଣ୍ଡାଙ୍କ ନେତୃତ୍ୱରେ ଘଟଣାସ୍ଥଳରେ ଚଢ଼ାଉ ହୋଇଥିଲା। ଉଦ୍ଧାର ଗୋରୁଙ୍କ ରକ୍ଷଣାବେକ୍ଷଣ ପାଇଁ ବୋଲଗଡ଼ସ୍ଥିତ ଗୋଶାଳାରେ ପୋଲିସ ଛାଡ଼ିଛି।

## ଆଜିର ଯୁବସମାଜ ଭବିଷ୍ୟତର ବିଶ୍ୱକର୍ମା

କଳାପଥର,୧୦ା୧(ଗଙ୍ଗାଧର ସାହୁ)

କଳାପଥର ଧଳାପଥର ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ନୂଆ-ଓ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ପ୍ରାରମ୍ଭରେ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ଫୁଲ, ଚନ୍ଦନ, ଦୀପ ଓ ମାଲ୍ୟାର୍ପଣ କରି ସାମୂହିକ ସଙ୍ଗୀତ ଗାନ ପରେ ଅତିଥିଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରାଯାଇଥିଲା। ମୁଖ୍ୟ ଅତିଥି ଶଶୀଭୂଷଣ ମହାପାତ୍ର ତାଙ୍କ ବକ୍ତବ୍ୟରେ ଗୁରୁଶିଷ୍ୟର ଅନାବିଳ ସମ୍ପର୍କରେ ସାରଗର୍ଭକ ମତ ରଖିଥିଲେ। ମୁଖ୍ୟବକ୍ତା ବୈରାଗୀ ଚରଣ ପଟ୍ଟନାୟକ ଆଜିର ଯୁବ ସମାଜ ଭବିଷ୍ୟତର ବିଶ୍ୱକର୍ମା ବୋଲି ପ୍ରକାଶ କରିଥିଲେ। ମଞ୍ଚାସୀନ ଅତିଥିଙ୍କ ମଧ୍ୟରେ ଅଧ୍ୟକ୍ଷ ରମେଶ ଚନ୍ଦ୍ର ଜେନା, ଉପାଧ୍ୟକ୍ଷ ହେମନ୍ତ ସୁବୁଦ୍ଧି, ସମ୍ମାନିତ ଅତିଥି ମିର୍ଜା ସର୍ଦ୍ଦାର ଅଲିବେଗ୍, ସମ୍ମାନିତ ଅତିଥି ସୁନନ୍ଦ ଛାଟୋଇ, ସଂଯୋଜକ ଜୟକୃଷ୍ଣ ପ୍ରଧାନ, କିଶୋର ସାହୁ ପ୍ରମୁଖ ଅଂଶଗ୍ରହଣ କରି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। କଲେଜର ଅଧ୍ୟାପିକା ଓ ଅଧ୍ୟାପକ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ନୋଡାଲ ଅଫିସର ଅଧ୍ୟାପକ କିଶୋର ସାହୁ ମଞ୍ଚ ପରିଚାଳନ କରିଥିବାବେଳେ ଉପାଧ୍ୟକ୍ଷ ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ। ପରିଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଚଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




କାର୍ଯ୍ୟକ୍ରମକୁ ଅତିଥି ଉଦ୍‌ଘାଟନ କରୁଛନ୍ତି।

## ବ୍ରହ୍ମଗିରିରେ ପକ୍ଷୀ ଗଣନା ଶେଷ

ବ୍ରହ୍ମଗିରି,୧୦ା୧(ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରିର ରେଞ୍ଜ ଅଧୀନ ଚିଲିକା ବାହ୍ୟ ଅଞ୍ଚଳରେ ବୁଧବାର ପକ୍ଷୀ ଗଣନା ଶେଷ ହୋଇଛି। ବ୍ରହ୍ମଗିରି ବନ ବିଭାଗ ପକ୍ଷରୁ ବୁଧବାର ୪ଟି ଦଳରେ ୧୭ ଜଣ ଗଣନକାରୀ ଏହି କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ସୁନାମୁହିଁରୁ ବରକୁଦୀ, ବ୍ରହ୍ମଗିରି ଡାବା ଛକଠାରୁ ଗୋଲରା, କାଠୁଆଆରେଡ଼ି ଛକଠାରୁ ଘଟକୁଡ଼ୀ ଓ କପିଳେଶ୍ୱରକୁ ନେଇ ୪ଟି ଜୋନ୍‌ରେ ବିଭକ୍ତ କରାଯାଇ ଏହି ଗଣନକାରୀ ଦଳ ପକ୍ଷୀଗଣନା କରିଥିଲେ। ଏହି ଗଣନ କାର୍ଯ୍ୟରେ ୭୦ଟି ପ୍ରଜାତିର ପକ୍ଷୀ ଦେଖାଯାଇଥିଲେ। ଗଣଣା ସମୟରେ ଚଳିତବର୍ଷ କଟଲଟିଲ ନାମକ ଏକ ନୂଆ ପ୍ରଜାତିର ପକ୍ଷୀକୁ ଦେଖିବାକୁ ମିଳିଥିଲା। ଏହି ଗଣନ କାର୍ଯ୍ୟରେ ବନ ବିଭାଗ କର୍ମଚାରୀ, ଆକାଶ ରଥ, ଦେବୀ ପ୍ରସାଦ ରଥ, ଓ ଓୟୁଟିର ଛାତ୍ରୀ ଯୋଗଦେଇଥିଲେ।

## ଫାଇନାଲରେ ଭୁବନେଶ୍ୱର ଏମ୍‌ଏଫ୍‌ସି

ବୋଲଗଡ଼,୧୦ା୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ଅଧୀନ ହାଟବସ୍ତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ମା' ଯୋଗମାୟା ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କାଳିଆ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟର ବୁଧବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି।

କନ୍ଧମାଳ ବାଲିଗୁଡ଼ାର ବାପୁଜୀ ଫୁଟ୍‌ବଲ କ୍ଲବକୁ ୧-୦ ଗୋଲରେ ହରାଇ ଭୁବନେଶ୍ୱରର ଏମ୍‌ଏଫ୍‌ସି ଫୁଟ୍‌ବଲ ଟିମ୍ ଫାଇନାଲରେ ପ୍ରବେଶ କରିଛି। ଭୁବନେଶ୍ୱରର ଏମ୍‌ଏଫ୍‌ସି ପ୍ରଥମାର୍ଦ୍ଧରେ ଏକମାତ୍ର ଗୋଲ ସ୍କୋର କରିଥିବାବେଳେ ନିର୍ଦ୍ଧାରିତ ସମୟ ଶେଷସୁଦ୍ଧା ଆଉ କୌଣସି ଗୋଲ ହୋଇ ନ ଥିଲା। ମୁଖ୍ୟ ରେଫରି ରବିନାରାୟଣ ରଣା ଖେଳ ପରିଚାଳନା କରିଥିଲେ। ଲକ୍ଷ୍ମୀଧର ଚୌଧୁରୀ ଏବଂ ଏମ୍‌ଏସ୍ ବେଗ୍ ଲାଇନ୍‌ସରେ ସହାୟତା କରିଥିଲେ। ଅତିଥି ଭାବେ ଶିକ୍ଷକ ଗୁଣନିଧି ପାଇକରାୟ, ସାମାଜିକ କର୍ମୀ ସନ୍ତୋଷ ଦାଶ ଏବଂ ବଳଭଦ୍ର ମାର୍ଥା ପ୍ରମୁଖ ଯୋଗଦେଇଥିଲେ। ଆସୋସିଏଶନର ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ଶୁକ୍ରବାର ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଭୁବନେଶ୍ୱର ଏମ୍‌ଏଫ୍‌ସି ଫୁଟ୍‌ବଲ ଟିମ୍ ଏବଂ ଘାଟିକିଆ ବଜରଙ୍ଗୀ ସ୍ପୋର୍ଟ୍ସ କ୍ଲବ ମଧ୍ୟରେ ହେବ ଅନୁଷ୍ଠିତ ବୋଲି ଆୟୋଜକଙ୍କ ପକ୍ଷରୁ ଜଣାଯାଇଛି।



ମ୍ୟାଚ୍ ଅବସରରେ ଉପସ୍ଥିତ ଅତିଥି।


# Classified Everyday 0674-2580101, 2549949




**REAL ESTATE**

**SALE**

ପାତ୍ରପଡ଼ା NHରୁ 400 mtr. ବ୍ରହ୍ମକୁମାରୀ ଆଶ୍ରମକୁ ଲାଗି 30ft. Road, Eelctric, Water ଥାଇ Sqft. 2600/- ରେ ପ୍ଲଟ୍ କିଣନ୍ତୁ । 7788888879, 8249034529. D-75291

**Ready to move luxurious flat for sale at Acharya Vihar. Contact- 9437307086, 7978209277.** D-2190

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200 sqft. 3,60,000/-, ଛତାବର- 1200 sqft.- 6,00,000/-. 9348232008. D-75289




**HEALTH CARE**

Newly open SPA positively health benefits (expert therapist). Contact: 9124527170. D-75188

Newly open health benefits SPA special offer @ 799 Bapuji Nagar. 8018429809. D-75183

Newly open Jyoti SPA positively health benefits (expert therapist). 8458067955. D-75182

Mesmerizing, energetic body, mind qualitative relaxing massage experienced therapists. 7325907905. D-67127

**Relax, Refresh your Body, Mind at Saikrupa Spa with best therapies. 8984068077.** D-2209

Newly open SPA positively health benefits with expert therapist. 9938843929. D-75184

Newly health benefited SPA expert therapist at Mastercanteen. Contact: 7749034655. D-75185

Refreshments Rejuvenation body massage therapy with experience therapists, Ashirvad Panchakarma Herbal Spa, Keshari Mall, Bhubaneswar, 8926173473. D-2235

**AFFIDAVIT**

By virtue of an affidavit sworn before the Notary Public, Jajpur Road, dtd. 09.01.2024. I Anasuya Dasah, W/o Akshya Kumar Dash, At- Dhabalgiri, P.O.- Sobara, Dist.- Jajpur, Pin- 755019 have changed my name from Anasuya Dasah to Ahalya Sarangi. Henceforth, I shall be known as Ahalya Sarangi for all purposes. Ahalya Sarangi D-2234

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Arjan Dev Jain, S/o Late Banarsi Das Jain, resident of Bara Bazar, P.O./P.S. Khetrajpur, Dist. Sambalpur, PIN- 768003 (Odisha) declared by this affidavit No. 18 dated 10.1.24, that now onwards I shall be known as Arjun Dev Jain for all future purposes. D-2238

By virtue of an affidavit sworn before the Executive Magistrate, Bhubaneswar, dated 04.01.2024, I, Soumyaranjan Behera, S/o Bibhutananda Parida, Vill.- Panibhandar, P.O.- Roda, P.S.- Parjang, Dist.- Dhenkanal, Odisha declare that, I have changed my surname from Soumyaranjan Parida to Soumyaranjan Behera. Henceforth, I shall be known as Soumyaranjan Behera for all purpose. Soumyaranjan Behera D-2236

ଧରିତ୍ରୀ DHARITRI

**Scan & Pay**

ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।

BHIM UPI

ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ଶଶିମଣୀ ବିଶୋଇ**

ଆବିର୍ଭାବ- ୦୯ା୧୧ା୧୯୩୫
ତିରୋଧାନ- ୨୩ା୧୨ା୨୦୨୨

ତା୧୧ା୦୧ା୨୦୨୪
ବକୁଳ ଅମାବାସ୍ୟା
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।
ପରିବାର ଓ ବନ୍ଧୁବର୍ଗ

ଧ-୨୨୩୭

**୧୩ତମ ଶ୍ରାଦ୍ଧବାର୍ଷିକୀ**



**୰ ସୁବାସିନୀ ମଲ୍ଲିକ**

ଗୁଆଗଡ଼ିଆ, ବାସୁଦେବପୁର, ଭଦ୍ରକ
ତିରୋଧାନ: ୧୧ା୦୧ା୨୦୧୧

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ପ୍ରାର୍ଥନା ।

ପୁତ୍ର- ଅକ୍ଷୟ, ଗଙ୍ଗାଧର, ରମାକାନ୍ତ ଏବଂ ବରୁଣ ଓ ପରିବାରବର୍ଗ

ଧ-୨୧୫୯

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ବାଇଧର ବେହେରା**

ମାଣଦ୍ରୀ (ମାଳିହାତୀ), ମୟୂରଭଞ୍ଜ
ଆବିର୍ଭାବ- ୦୨ା୦୫ା୧୯୫୫
ତିରୋଧାନ- ୦୧ା୦୧ା୨୦୨୪

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ। ଆପଣଙ୍କର କର୍ତ୍ତବ୍ୟନିଷ୍ଠା, ଆଦର୍ଶ, ଉପଦେଶ ଆମ୍ଭମାନଙ୍କୁ ସବୁଦିନ ପାଇଁ ପ୍ରେରଣା ଦେଉଥାଉ।

ଆପଣଙ୍କର ହତଭାଗ୍ୟ
ପୁତ୍ର-ତ୍ରିନାଥ, ପୁତ୍ରବଧୂ- ସସ୍ମିତା
ଝିଅ- କୁନି, ଗୀତା, ମାମି
ଜ୍ୱାଇଁ- ଜୟନ୍ତ, ଉମେଶ, ସରୋଜ
ନାତି- ଶ୍ରୀହାନ, ସୁମିତ୍, ଅଭିଜିତ୍, ସ୍ୱାନନ୍ଦ
ନାତୁଣୀ- ଲିପ୍ସିତା, ଆଦିତି
ସ୍ତ୍ରୀ- ଦେବକୀ ଓ ପରିବାର

ଧ-୨୨୩୧

**ଏକାଦଶାହ ଉପଲକ୍ଷେ**

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ ସୁନ୍ଦରମଣୀ ଜେନା**

ସ୍ଥାନ: କାକରପୁଟ, ବାଲିଦୋକାନ
ଆବିର୍ଭାବ ତା: ୦୫: ୦୨:୧୯୪୧
ତିରୋଧାନ ତା: ୦୧: ୦୧: ୨୦୨୪

ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗତର ନାଥ ଜଗନ୍ନାଥଙ୍କ ଚରଣ ବିନ୍ଦୁରେ ବିନମ୍ର ପ୍ରାର୍ଥନା,

ଆପଣଙ୍କ ଶୋକସନ୍ତପ୍ତ:
ଜେନା ପରିବାର ବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ବୃନ୍ଦ ।

ଧ-୨୨୩୩

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ...................................


ଆହାନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ‘ସଡ଼କ ସୁରକ୍ଷା ନିୟମ ମାନିଲେ ଦୁର୍ଘଟଣା କମିବ’

**ପୁରୀ, ୧୦।୧(ଅଜିତ୍ ମହାନ୍ତି)**

ପୁରୀ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ବୁଧବାର ଟାଉନ୍ ହଲଠାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ ମୁଖ୍ୟବକ୍ତା, ଅତିରିକ୍ତ ପରିବହନ କମିଶନର (ଟେକ୍ନିକାଲ) ଧନଞ୍ଜୟ ସେନାପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷା ନିୟମ ମାନି ନିଜର ମୂଲ୍ୟବାନ ଜୀବନ ସହିତ ଅନ୍ୟର ଜୀବନ ବଞ୍ଚାଇବାକୁ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଜିଲାରେ ସଡ଼କ ଦୁର୍ଘଟଣା ହାର, ଦୁର୍ଘଟଣାଜନିତ ମୃତ୍ୟୁହାରକୁ ସର୍ବନିମ୍ନ ସ୍ତରରେ ରଖିବାକୁ ସମସ୍ତଙ୍କ ପ୍ରୟାସ ଓ ସହଯୋଗ ଜରୁରୀ ବୋଲି ଅତିଥିମାନେ କହିଥିଲେ। ସନ୍ଧ୍ୟାରେ ଶତାଧିକ ଅଟୋ ଚାଳକଙ୍କ ଦ୍ୱାରା ଷ୍ଟେଶନରୁ ଟାଉନ୍ ହଲ ପର୍ଯ୍ୟନ୍ତ ଅଟୋ ଶୋଭାଯାତ୍ରା ବାହାରିଥିଲା। ରାମହରି ନୋଡାଲ ସ୍କୁଲ୍‌ର ଛାତ୍ରୀଛାତ୍ରୀମାନେ ସଡ଼କ ସୁରକ୍ଷା ସଚେତନତା ଉପରେ ନୃତ୍ୟ ପରିବେଷଣ କରିଥିଲେ। ବିଭିନ୍ନ ହାଇସ୍କୁଲରେ ବିଭିନ୍ନ ପ୍ରତିଯୋଗିତା ଓ ସଚେତନତା କାର୍ଯ୍ୟକ୍ରମ ସହ କେତେକ ସ୍ଥାନରେ ଡ୍ରାଇଭରଙ୍କ ପାଇଁ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା। ସେହିପରି ସପ୍ତାହବ୍ୟାପୀ ଜିଲାର ସବୁ ବ୍ଲକରେ ଯାନବାହନ ଯାଞ୍ଚ ଓ ସଚେତନତା ସହିତ ଜରିମାନା ଆଦାୟ କରାଯାଇଥିଲା। ଆର୍‌ଟିଓ ରବିନ୍ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ତଥା ଜିଲାପାଳ ସମର୍ଥ ବର୍ମା, ଏସ୍‌ପି କନୱର ବିଶାଲ ସିଂଙ୍କ ପରାମର୍ଶ କ୍ରମେ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଉତ୍କୃଷ୍ଟ ସେବା ପାଇଁ କେତେଜଣ ଟ୍ରାଫିକ ଇନ୍ସପେକ୍ଟର, ସାମାଜିକ କର୍ମୀ ଓ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବାଇକ୍ ଆରୋହୀଙ୍କ ପଛରେ ବସିଥିବା ଲୋକଙ୍କ ପାଇଁ ହେଲମେଟ ପିନ୍ଧିବା ବାଧ୍ୟତାମୂଳକ ବୋଲି ସଚେତନ କରାଯାଇଥିଲା। ଅଫିସ୍‌କୁ କର୍ମଚାରୀ ହେଲମେଟ ଓ ସିଟ୍‌ବେଲ୍ଟ ପିନ୍ଧି ଆସିବା ନିୟମ ଲାଗୁ ହୋଇଥିଲା। ପରିବହନ ଓ ପୋଲିସ ବିଭାଗ ପକ୍ଷରୁ ସବୁ ଅଞ୍ଚଳରେ ଯାନବାହନ ଚେକିଙ୍ଗ କରାଯିବ ବୋଲି ଆର୍‌ଟିଓ କହିଥିଲେ। ସଭାରେ ଅଟୋ, ବସ୍ ଓ ଟ୍ରକ ସଂଘର କର୍ମକର୍ତ୍ତା, ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତା, ସ୍କୁଲ୍ କଲେଜର ଛାତ୍ରୀଛାତ୍ରଙ୍କ ସମେତ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ଏମ୍‌ଭିଆଇ ରାଜେଶ୍ କୁମାର ମହାପାତ୍ର, ଆସିଷ୍ଟାଣ୍ଟ ଏମ୍‌ଭିଆଇ ଅମିତ୍ କୁମାର୍ ରଣା, ଟିଆଇ ଶୁଶାନ୍ତ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ପୁରୀରେ ବୁଧବାର ଭୋଟର ସଚେତନତା ରଥକୁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଏବଂ ଉପଜିଲାପାଳ ତଥା ଇଲେକ୍ଟୋରାଲ ରେଜିଷ୍ଟ୍ରେଶନ ଅଫିସର ଭବତାରଣ ସାହୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

# ‘ନୂଆ-ଓ’ ଲୁକ୍କାୟିତ ପ୍ରତିଭା ବିକଶିତ କରିବ



କାର୍ଯ୍ୟକ୍ରମରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ଉଦ୍‌ବୋଧନ ଦେଉଛନ୍ତି।

**ସାକ୍ଷୀଗୋପାଳ, ୧୦।୧ (ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)**

ସତ୍ୟବାଦୀ ବ୍ଲକରେ ରାଜ୍ୟ ସରକାରଙ୍କ ନୂଆ-ଓ କ୍ରୀଡା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବିଡିଓ ଲିପ୍ସା ରାୟ ଏଥିରେ ସଭାପତିତ୍ୱ କରିଥିଲେ। ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ମୁଖ୍ୟ ଅତିଥି ଓ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ‘ନୂଆ-ଓ’ ଗ୍ରାମାଞ୍ଚଳରେ ଲୁଚି ରହିଥିବା ପ୍ରତିଭାଙ୍କ ପ୍ରତିଭାକୁ ବିକଶିତ କରିବା ନିମନ୍ତେ ଏକ ସୁନ୍ଦର ପ୍ରୟାସ। ଏଥିପାଇଁ ରାଜ୍ୟ ସରକାର ପ୍ରତ୍ୟେକ ପଞ୍ଚାୟତକୁ ୨ଲକ୍ଷ ୫୦ ହଜାର ଟଙ୍କା ଯୋଗାଇ ଦେଉଛନ୍ତି ବୋଲି ସାମନ୍ତରାୟ କହିଥିଲେ। ଶାରୀରିକ ଶିକ୍ଷକ ସୁଚିତ୍ର ଖଟେଇ, ସଂଗ୍ରାମ କେଶରୀ ମହାନ୍ତି, ପୁଷ୍ପାଞ୍ଜଳି ଜେନା ପ୍ରମୁଖ କ୍ରୀଡ଼ା ପ୍ରତିଯୋଗିତା ପରିଚାଳନା କରିଥିଲେ। ବ୍ଲକ ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଗୋଛାୟତ, ଡବ୍ଲ୍ୟୁଇଓ ରଶ୍ମିରଞ୍ଜନ ସାହୁ, ମୁଖ୍ୟ କିରାଣି ଅଶୋକ ମହାନ୍ତି, କନିଷ୍ଠ ଯନ୍ତ୍ରୀ ନିବେଦିତା କାନୁନଗୋ, ପ୍ରମଥା ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ସୌଭାଗିନୀ ସାହୁ ଓ ଦାମୋଦର ମିଶ୍ର ମଞ୍ଚ ପରିଚାଳନା କରିଥିଲେ।


## ୪ର୍ଥ ଜନ୍ମଦିନ ଶୁଭେଚ୍ଛା



**ଆହାନା ନାୟକ**

ବ୍ରାହ୍ମଣପାଳ, ଧୂଷୁରି, ଭଦ୍ରକ
ଆଜି ତୋର ୪ର୍ଥ ବର୍ଷ ଜନ୍ମଦିନରେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ତୋ ଚଲାପଥ କୁସୁମିତ ହେଉ, ଏତିକି କାମନା।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ଅଜା, ଆଈ, ମାମୁ, ମାଉସୀ, ବାପା, ମାଆ, ପିଉସା, ପିଉସୀ, କକା, ଖୁଡୀ, ବନ୍ଧୁ ଓ ପରିବାରବର୍ଗ।
ଧ-୨୨୩୨


# ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାକୁ ପ୍ରୟାସ

**ଅସ୍ତରଙ୍ଗ,୧୦।୧(ପ୍ରଦୀପ୍ତ ଦୀକ୍ଷିତ)**


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଅସ୍ତରଙ୍ଗ ବ୍ଲକ ମହାତ୍ମାଗାନ୍ଧୀ ସ୍ନାତକ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟ ଓ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ଶିକ୍ଷା ଓ ବୈଷୟିକ ବିଦ୍ୟାଳୟ ପରିସରରେ ନୂଆ-ଓ ଅବସରରେ କବାଡ଼ି, ହାଇଜମ୍ପ, ଲଙ୍ଗଜମ୍ପ ସହ ନିକଟ ଗ୍ରାମରେ ସଫେଇ କାର୍ଯ୍ୟକ୍ରମ, ପ୍ଲାଷ୍ଟିକ୍ ସଚେତନ କାର୍ଯ୍ୟକ୍ରମ କରାଯାଇ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ମହାତ୍ମାଗାନ୍ଧୀ ସ୍ନାତକ ଶିକ୍ଷା ଓ ବୈଷୟିକ ମହାବିଦ୍ୟାଳୟ ଅଧ୍ୟକ୍ଷ ନିରୋଦ ତ୍ରିପାଠୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଗୃହରାଷ୍ଟ୍ର ମନ୍ତ୍ରୀ ତଥା କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଯୋଗଦେଇଛନ୍ତି। ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ସମ୍ମାନୀତ ଅତିଥି ମଙ୍ଗଳା ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଡ. ସନ୍ତୋଷ ମିତ୍ର, ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ଗୋପୀନାଥ କର, ୧ ନଂ. ଜୋନ୍ ଜିଲା ପରିଷଦ ସଭ୍ୟା ସରସ୍ୱତୀ ସ୍ୱାଇଁ, ସାଂସଦଙ୍କ ପ୍ରତିନିଧି ଚମ୍ପକ ବାରିକ୍, କଲେଜ ପରିଚାଳନା କମିଟି ସଭାପତି ପ୍ରସନ୍ନ ବିଶ୍ୱାଳ, ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ଲୁକାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାକୁ ଏହା ଏକ ପ୍ରୟାସ ବୋଲି ଅତିଥିମାନେ କହିଥିଲେ। ନୋଡାଲ ଅଧିକାରୀ ପ୍ରଶାନ୍ତ ବିଶ୍ୱାଳ ସଭା ପରିଚାଳନା କରିଥିଲେ। ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ଟ୍ରଫି ଓ ମେଡାଲ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ କଲେଜ ଅଧ୍ୟାପିକା ଓ ଅଧ୍ୟାପକ ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଭଣଜା ମୃତ, ମାମୁ ଗୁରୁତର

**ପିପିଲି,୧୦।୧ (ପ୍ରଭାତ ମହାପାତ୍ର/ଦୁର୍ଗାମାଧବ ମିଶ୍ର)**

ପିପିଲି ପୌରାଞ୍ଚଳର ଖଣ୍ଡିଆଗିରି ଶଙ୍ଖଠାରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ବାଇକ୍ ଦୁର୍ଘଟଣାରେ ଭଣଜାଙ୍କ ମୃତ୍ୟୁ ହୋଇଥିବାବେଳେ ମାମୁ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ କଣାସ ଗଡ଼ିଶାଗଦା ଥାନା ଅଧୀନ ବସନ୍ତପୁର ଗ୍ରାମର ଅମରଜ୍ୟୋତି ନାରାୟଣ ବାରିକ୍(୨୪)। ଆହତ ନୟାଗଡ଼ ଜିଲା ଗଣିଆ ଥାନା ଅଧୀନ ପୂର୍ଣ୍ଣଚନ୍ଦ୍ରପୁର ପତଣ୍ଡ ଗ୍ରାମର ବିକ୍ରମ ସାମଲଙ୍କୁ ପିପିଲି ସରକାରୀ ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ପରେ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ପୋଲିସ ପୁରୀ ପଠାଇଛି। ମୃତକଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ୧୬/୨୪ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଭଣଜା ଅମରଜ୍ୟୋତି ଓ ମାମୁ ବିକ୍ରମ ବାଇକ୍ ଯୋଗେ ବିଳମ୍ବିତ ରାତିରେ ବିକ୍ରମଙ୍କ ଶ୍ୱଶୁର ଘର ଜଟଣୀ ଅଞ୍ଚଳକୁ ଯାଉଥିଲେ। ସେମାନେ ଖଣ୍ଡିଆଗିରି ଶଙ୍ଖଠାରେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ପୋଖରୀ ମଧ୍ୟକୁ ପଶିଯାଇଥିଲେ। ସ୍ଥାନୀୟ ଲୋକେ ବିକ୍ରମଙ୍କୁ ଉଦ୍ଧାର କରିଥିବାବେଳେ ଅମରଜ୍ୟୋତିଙ୍କ ସମ୍ପର୍କରେ ଜାଣିପାରି ନ ଥିଲେ। ବୁଧବାର ସକାଳେ ଉକ୍ତ ପୋଖରୀରେ ଅମରଜ୍ୟୋତିଙ୍କ ମୃତଦେହ ଭାସୁଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ଖବରପାଇ ପିପିଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅମରଜ୍ୟୋତିଙ୍କୁ ପାଣିରୁ ଉଦ୍ଧାରକରି ପିପିଲି ମେଡିକାଲ ଆଣିବାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।


# Classified Everyday
0674-2580101, 2549949




**SALE**

ପାତ୍ରପଡ଼ା NHରୁ 400 mtr. ବ୍ରହ୍ମକୁମାରୀ ଆଶ୍ରମକୁ ଲାଗି 30ft. Road, Eelctric, Water ଥାଇ Sqft. 2600/- ରେ ପ୍ଲଟ୍ କିଣନ୍ତୁ। 7788888879, 8249034529. D-75291

**Ready to move luxurious flat for sale at Acharya Vihar. Contact- 9437307086, 7978209277.** D-2190

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200 sqft. 3,60,000/-, ଛତାବର- 1200 sqft.- 6,00,000/-. 9348232008. D-75289




**HEALTH CARE**

Newly open SPA positively health benefits (expert therapist). Contact: 9124527170. D-75188

Newly open health benefits SPA special offer @ 799 Bapuji Nagar. 8018429809. D-75183

Newly open Jyoti SPA positively health benefits (expert therapist). 8458067955. D-75182

Mesmerizing, energetic body, mind qualitative relaxing massage experienced therapists. 7325907905. D-67127

**Relax, Refresh your Body, Mind at Saikrupa Spa with best therapies. 8984068077.** D-2209

Newly open SPA positively health benefits with expert therapist. 9938843929. D-75184

Newly health benefited SPA expert therapist at Mastercanteen. Contact: 7749034655. D-75185

Refreshments Rejuvenation body massage therapy with experience therapists, Ashirvad Panchakarma Herbal Spa, Keshari Mall, Bhubaneswar, 8926173473. D-2235

**AFFIDAVIT**

By virtue of an affidavit sworn before the Notary Public, Jajpur Road, dtd. 09.01.2024. I Anasuya Dasah, W/o Akshya Kumar Dash, At- Dhabalgiri, P.O.- Sobara, Dist.- Jajpur, Pin- 755019 have changed my name from Anasuya Dasah to Ahalya Sarangi. Henceforth, I shall be known as Ahalya Sarangi for all purposes. Ahalya Sarangi D-2234

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Arjan Dev Jain, S/o Late Banarsi Das Jain, resident of Bara Bazar, P.O./P.S. Khetrajpur, Dist. Sambalpur, PIN- 768003 (Odisha) declared by this affidavit No. 18 dated 10.1.24, that now onwards I shall be known as Arjun Dev Jain for all future purposes. D-2238

By virtue of an affidavit sworn before the Executive Magistrate, Bhubaneswar, dated 04.01.2024, I, Soumyaranjan Behera, S/o Bibhutananda Parida, Vill.- Panibhandar, P.O.- Roda, P.S.- Parjang, Dist.- Dhenkanal, Odisha declare that, I have changed my surname from Soumyaranjan Parida to Soumyaranjan Behera. Henceforth, I shall be known as Soumyaranjan Behera for all purpose. Soumyaranjan Behera D-2236

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର **Screenshot**କୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।


# ତୁଳସୀପୁର ପଞ୍ଚାୟତରେ ଜନ ସମ୍ପର୍କ ପଦଯାତ୍ରା

**ଚାରିଛକ,୧୦।୧(ଶିଶିର ସ୍ୱାଇଁ)**

ଚାରିଛକ ଥାନା ଅଧୀନ ତୁଳସୀପୁର ପଞ୍ଚାୟତରେ ବୁଧବାର ସକାଳ ସମୟରେ ତୁଳସୀପୁର ପଞ୍ଚାୟତରେ ନିମାପଡ଼ା ନିର୍ବାଚନମଣ୍ଡଳୀ ନାରୀନେତ୍ରୀ ପ୍ରଭାତୀ ପରିଡ଼ା ଏକ ଜନ ସମ୍ପର୍କ ପଦଯାତ୍ରା କରିଥିଲେ। ଏହି ଜନ ସମ୍ପର୍କ ପଦଯାତ୍ରାରେ ପଞ୍ଚାୟତର ସୁଧ ବାରିମୂଳ, ଦଣ୍ଡିକିରା, କୁସୁମାଠେଙ୍ଗ ଓ ଶ୍ରୀକୋଇଲି ଅଞ୍ଚଳ ବୁଲିବା ସହିତ ସାଧାରଣ ଲୋକଙ୍କ ସମସ୍ୟା ଉପରେ ପଚାରି ବୁଝିଥିଲେ। ଏହି ପଦଯାତ୍ରାରେ ଚାରିଛକ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ, ପୂର୍ବତନ ୨୧ ନଂ. ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ଓଝା, ଯତୀନ୍ଦ୍ର ସ୍ୱାଇଁ, ମୀନକେତନ ମହାନ୍ତି, ତୁଳସୀପୁର ପଞ୍ଚାୟତ ସଭାପତି କୈଳାସ କର, ଜ୍ୟୋତିରଞ୍ଜନ ପାତ୍ର, ଭାଜପା ମିଡିଆ ସେଲ୍ ଅଧ୍ୟକ୍ଷ ମନୋଜ ନାୟକ, ଧୁଳ ସାହୁ, ଛବି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# କଟକ ବିଶ୍ୱଭାରତୀ ସେମିରେ

**ନିମାପଡ଼ା,୧୦।୧(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)**


ଖେଳାଳିଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

ନିମାପଡ଼ା ଆଥଲେଟିକ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ୨୮ତମ ନିମାପଡ଼ା କପ୍ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ମ୍ୟାଚରେ ନିମାପଡ଼ା ଆଥଲେଟିକ ଆସୋସିଏଶନକୁ ୨୫ ରନ୍‌ରେ ପରାସ୍ତ କରି କଟକ ବିଶ୍ୱଭାରତୀ ଦଳ ସେମିରେ ପ୍ରବେଶ କରିଛି। ପ୍ରଥମେ ବ୍ୟାଟିଂ କରି କଟକ ବିଶ୍ୱଭାରତୀ ନିର୍ଦ୍ଧାରିତ ୩୦ ଓଭରରୁ ୨୮.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୫୯ରନ୍ ସଂଗ୍ରହ କରିଥିଲା। ଦଳର ପକ୍ଷରୁ ମନିଷ ରାଉତ ୩୪ ରନ୍ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ନିମାପଡ଼ା ବୋଲର ଅନିଷ ପ୍ରଧାନ ୩ ଟି ଏବଂ ପାର୍ଥସାରଥୀ ପରିଡ଼ା ଓ ପ୍ରିୟରଞ୍ଜନ ମୁଦୁଲି ପ୍ରତ୍ୟକ ୨ଟି ଲେଖାଏଁ ଉଇକେଟ୍ ନେଇଥିଲେ। ଜବାବରେ ନିମାପଡ଼ା ଆଥଲେଟିକ ଆସୋସିଏଶନ ୭ ଉଇକେଟ୍ ହରାଇ ୧୩୪ ରନ୍ କରି ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ପାର୍ଥସାରଥୀ ସର୍ବାଧିକ ୫୮ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ବୋଲର ସାକ୍ଷାତ କୁମାର ୩ଟି ଏବଂ ବିଜୟ ସାହୁ ୨ଟି ଉଇକେଟ୍ ନେଇଥିଲେ। ଅମ୍ପାୟାର ଭାବେ ନିର୍ମଳ ମିଶ୍ର ଓ ତ୍ରିଭୁବନନାଥ ଦାଶ ମ୍ୟାଚ ପରିଚାଳନା କରିଥିଲେ। ବିଶ୍ୱଭାରତୀ ଦଳର ମନିଷ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ମ୍ୟାଚ୍‌ରେ ଅତିଥି ଭାବେ ଶିଭାବିତ୍ ଅଧ୍ୟାପକ ସୁବ୍ରତ ମହାନ୍ତି, କ୍ରୀଡ଼ାବିତ୍ ନିର୍ମଳ ମିଶ୍ର, ତ୍ରିଭୁବନନାଥ ଦାଶ ସାମାଜିକ କର୍ମୀ ସନ୍ତୋଷ ସାହୁ, ଆଶୁତୋଷ ରାୟ, ବୀରେନ୍ଦ୍ର ରାୟ ପ୍ରମୁଖ ଯୋଗଦେଇ କୃତୀ ଖେଳାଳୀଙ୍କୁ ପୁରସ୍କୃତ କରିଥିଲେ। ଗୁରୁବାର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ରାଇଜିଂ କ୍ଲବ ରାଉରକେଲା ଏବଂ ୟୁ ଆଣ୍ଡ ମି ବାଲେଶ୍ୱର ମଧ୍ୟରେ ହେବ।


# ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱ ଶଶିମଣୀ ବିଶୋଇ**
ଆବିର୍ଭାବ- ୦୩।୧୧।୧୯୩୫
ତିରୋଧାନ- ୨୩।୧୨।୨୦୨୨
ତା।୧୧।୦୧।୨୦୨୪
ବକୁଳ ଅମାବାସ୍ୟା
ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।
ପରିବାର ଓ ବନ୍ଧୁବର୍ଗ
ଧ-୨୨୩୭

**୧୩ତମ ଶ୍ରାଦ୍ଧବାର୍ଷିକୀ**



**ସ୍ୱ ସୁବାସିନୀ ମଲ୍ଲିକ**
ଗୁଆଗଡ଼ିଆ, ବାସୁଦେବପୁର, ଭଦ୍ରକ
ତିରୋଧାନ: ୧୧।୦୧।୨୦୧୧
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ପ୍ରାର୍ଥନା।
ପୁତ୍ର- ଅକ୍ଷୟ, ଗଙ୍ଗାଧର, ରମାକାନ୍ତ ଏବଂ ବରୁଣ ଓ ପରିବାରବର୍ଗ
ଧ-୨୧୫୯

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱ ବାଇଧର ବେହେରା**
ମାଣଦ୍ରୀ (ମାଳିହାତୀ), ମୟୂରଭଞ୍ଜ
ଆବିର୍ଭାବ- ୦୨।୦୫।୧୯୫୫
ତିରୋଧାନ- ୦୧।୦୧।୨୦୨୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ। ଆପଣଙ୍କର କର୍ତ୍ତବ୍ୟନିଷ୍ଠା, ଆଦର୍ଶ, ଉପଦେଶ ଆମ୍ଭମାନଙ୍କୁ ସବୁଦିନ ପାଇଁ ପ୍ରେରଣା ଦେଉଥାଉ।
ଆପଣଙ୍କର ହତଭାଗ୍ୟ
ପୁତ୍ର-ତ୍ରିନାଥ, ପୁତ୍ରବଧୂ- ସସ୍ମିତା
ଝିଅ- କୁନି, ଗୀତା, ମାମି
ଜ୍ୱାଇଁ- ଜୟନ୍ତ, ଉମେଶ, ସରୋଜ
ନାତି- ଶ୍ରୀହାନ, ସୁମିତ୍, ଅଭିଜିତ୍, ସ୍ୱାନନ୍ଦ
ନାତୁଣୀ- ଲିପ୍ସିତା, ଆଦିତି
ସ୍ତ୍ରୀ- ଦେବକୀ ଓ ପରିବାର
ଧ-୨୨୩୧

**ଏକାଦଶାହ ଉପଲକ୍ଷେ**
**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱ ସୁନ୍ଦରମଣୀ ଜେନା**
ସ୍ଥାନ: କାକରପୁଟ, ବାଲିଦୋକାନ
ଆବିର୍ଭାବ ତା: ୦୫: ୦୨:୧୯୪୧
ତିରୋଧାନ ତା: ୦୧: ୦୧: ୨୦୨୪
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗତର ନାଥ ଜଗନ୍ନାଥଙ୍କ ଚରଣ ବିନ୍ଦୁରେ ବିନମ୍ର ପ୍ରାର୍ଥନା,
ଆପଣଙ୍କ ଶୋକସନ୍ତପ୍ତ:
ଜେନା ପରିବାର ବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ ବୃନ୍ଦ।
ଧ-୨୨୩୩

# ନୂଆ ଭୋଟରଙ୍କୁ ନେଇ ଚାଲିଛି ଅଙ୍କକଷା

## ମୋରଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ମୋରଡ଼ା (ସ୍ମାରକ ମାଜୀ)୧୦।୧



ମୟୂରଭଞ୍ଜ ଜିଲା ମୋରଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ। ନିର୍ବାଚନ ମୁଣ୍ଡ ଉପରେ ଥିବାରୁ ଆଶାୟୀମାନେ ନିଜ ଦଳରୁ କିଭଳି ଟିକେଟ ପାଇବେ ସେଥିଲାଗି ସବୁ ପ୍ରକାର ଚେଷ୍ଟା ଆରମ୍ଭ କରିଦେଇଛନ୍ତି। ଏଥିସହିତ ଆଶାୟୀମାନେ ଭୋଟରଙ୍କ ସହିତ ଯୋଡ଼ି ହେବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି କିମ୍ବା ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଉଥିବା ଦେଖିବାକୁ ମିଳୁଛି।

ଉପଯୁକ୍ତ ପ୍ରାର୍ଥୀ ଚୟନ ପ୍ରତି ସବୁଦଳର ନଜର କେନ୍ଦ୍ରୀଭୂତ ହୋଇଥିବା ବେଳେ ନୂଆ ଭୋଟରଙ୍କୁ ନେଇ ଅଙ୍କକଷା ଚାଲିଛି। କାରଣ ଉପଯୁକ୍ତ ପ୍ରାର୍ଥୀ ଚୟନ କରା ନ ଗଲେ ନୂତନ ତଥା ଯୁବ ମତଦାତାଙ୍କ ଭୋଟ ହାତଛଡ଼ା ହୋଇପାରେ ବୋଲି କୁହାଯାଉଛି। ଏପରି ସ୍ଥଳେ ନୂଆ ଭୋଟରଙ୍କ ନିକଟତର ହେବାକୁ ସବୁ ଦଳର କର୍ମକର୍ତ୍ତା ଜୋର ଲଗାଇଥିବା ବେଳେ କିଏ କେଉଁ ଦଳରେ ରହିବେ ତାହାକୁ ନେଇ ଚାଲିଛି କଳ୍ପନାଜଳ୍ପନା ।

ଜିଲାର ୯ ବିଧାନସଭା କ୍ଷେତ୍ର ମଧ୍ୟରୁ ମୋରଡ଼ା ନିର୍ବାଚନମଣ୍ଡଳୀ ମୋରଡ଼ା ବ୍ଲକର ୨୦, ଶୁଳିଆପଦା ବ୍ଲକର ୧୬ ଓ ରାସଗୋବିନ୍ଦପୁର ବ୍ଲକର ୧୬ ପଞ୍ଚାୟତକୁ ନେଇ ଗଠିତ। ୨୦୦୯ରୁ ଏହା ବିଜେଡିର ଦୁର୍ଗ ଭାବେ ବିବେଚିତ ହୋଇଆସିଛି। ଗତ ୩ଟି ନିର୍ବାଚନରେ ଏଠାରେ ବିଜେଡି ପ୍ରାର୍ଥୀ କ୍ରମାଗତ ବିଜୟୀ ହୋଇଛନ୍ତି। ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ୨୦୦୯ ଓ ୨୦୧୪ରେ ବିଜେଡି ଟିକେଟରେ ନିର୍ବାଚିତ ହୋଇ ମନ୍ତ୍ରୀପଦ ହାତେଇଥିଲେ। ପରବର୍ତ୍ତୀ ସମୟରେ ୨୦୧୯ ନିର୍ବାଚନରେ ବର୍ତ୍ତମାନର ବିଧାୟକ ରାଜକିଶୋର ଦାସ ଭାଜପା ଛାଡ଼ି ବିଜେଡିରୁ ପ୍ରାର୍ଥୀହୋଇ ନିର୍ବାଚିତ ହୋଇଥିଲେ। ଏବର ସ୍ଥିତି ଦେଖିଲେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା(ଜେଏମ୍ଏମ୍) ଓ କଂଗ୍ରେସର ସାଙ୍ଗଠନିକ କାର୍ଯ୍ୟକ୍ରମ ସେଭଳି ତ୍ୱରାନ୍ୱିତ ହୋଇ ନ ଥିବା ପରିଲକ୍ଷିତ ହେଉଛି। ଅନ୍ୟପକ୍ଷରେ ବିଜେଡିର ବିକଳ୍ପ ଭାବେ ଭାଜପା ସଂଗଠନ ବଢ଼ାଇ ଚାଲିଥିବା ଆଲୋଚନା ହେଉଛି।

ପ୍ରତି ନିର୍ବାଚନରେ ଏଠାରେ ଭୋଟ ବ୍ୟବଧାନ ୬ରୁ ୭ହଜାର ମଧ୍ୟରେ ରହି ଆସୁଛି। ୨୦୦୯ ନିର୍ବାଚନରେ ୧୯ଜଣ ପ୍ରାର୍ଥୀ ମଇଦାନରେ ଥିବା ବେଳେ ବିଜେଡି ପ୍ରାର୍ଥୀ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ୩୭,୬୦୯ ଓ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚାର ବିମଳ ଲୋଚନ ଦାସ ୩୧,୪୦୮ଭୋଟ ପାଇଥିଲେ। ଭୋଟ ବ୍ୟବଧାନ ୬,୨୦୧ ରହିଥିଲା । ସେହିପରି ୨୦୧୪ ନିର୍ବାଚନରେ ୧୫ଜଣ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ବିଜେଡି ପ୍ରାର୍ଥୀ ୫୨,୨୦୭ ଓ ଭାଜପାର ରାଜକିଶୋର ଦାସ ୪୫,୨୫୧ ଭୋଟ ପାଇଥିଲେ। ଭୋଟ ବ୍ୟବଧାନ ୬,୯୫୬ ରହିଥିଲା। ସେହିପରି ୨୦୧୯ ନିର୍ବାଚନରେ ୧୩ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ବିଜେଡି ପ୍ରାର୍ଥୀ ରାଜ କିଶୋର ଦାସ ୬୮,୫୫୧ ଓ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭାଜପାର ଡ.କୃଷ୍ଣଚନ୍ଦ୍ର ମହାପାତ୍ର ୬୧,୮୪୭ଖଣ୍ଡ ଭୋଟ ପାଇଥିଲେ। ଭୋଟ ବ୍ୟବଧାନ ୬,୭୦୪ ଥିଲା।

ବିଗତ ଦୁଇଟି ନିର୍ବାଚନରେ କଂଗ୍ରେସର ପ୍ରଭାସ କରମହାପାତ୍ର ଯଥାକ୍ରମେ ୨୩,୬୦୦ ଓ ୨୪,୭୯୦ ଭୋଟ ପାଇଥିଲେ। ସେହିପରି ଜେଏମ୍ଏମ୍ର ଭୋଟ ହାର ୧୫.୮୦ରୁ କମି ୬.୬୧ରେ ପହଞ୍ଚିଛି। ଅନ୍ୟପକ୍ଷରେ ଏହି ନିର୍ବାଚନମଣ୍ଡଳୀରେ ଆଶାୟୀଙ୍କ ସଂଖ୍ୟା ବୃଦ୍ଧି ଚିନ୍ତାର କାରଣ ପାଲଟିଛି। ଜିଲାର ଏହା ଏକମାତ୍ର ସାଧାରଣ ବର୍ଗ ଆସନ ହୋଇଥିବାରୁ ଆଶାୟୀଙ୍କ ସଂଖ୍ୟା ବଢ଼ିଚାଲିଛି। ଶାସକ ବିଜେଡିର ଆଶାୟୀ ସଂଖ୍ୟା ୩୦ ଅତିକ୍ରମ ହେବାକୁ ବସିଲାଣି ବୋଲି ଆଲୋଚନା ହେଉଛି।

ଏଠାରେ ୨୦୧୯ ନିର୍ବାଚନରେ ଭାଜପା ଦ୍ୱିତୀୟ ସ୍ଥାନରେ ଥିବାବେଳେ ଗତ ପଞ୍ଚାୟତ ନିର୍ବାଚନରେ ପଦ୍ମଦଳର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ଥିଲା। ତେବେ ଆସନ୍ତା ସାଧାରଣ ନିର୍ବାଚନରେ ଭୋଟରଙ୍କ ମତ ପରିବର୍ତ୍ତନ ହେବ ବୋଲି ଭାଜପା ନେତାମାନେ ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। ତେବେ ସମୟ ବଦଳିବା ସହିତ ବଦଳୁଛି ରାଜନୈତିକ ପାଣିପାଗ। ଭୋଟ ବ୍ୟବଧାନକୁ ନେଇ ଭାଜପା ଓ ବିଜେଡି କର୍ମକର୍ତ୍ତା ନୂଆ ଭୋଟରଙ୍କୁ ଆପଣେଇବା ଲାଗି ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳିଛି।

# ଅମରେନ୍ଦ୍ରଙ୍କ ସମାବେଶ

### ଜଗତ୍ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ରାଜନୀତି

ଜଗତ୍ସିଂହପୁର, ୧୦।୧ (ପ୍ରମୋଦ କୁମାର ନାୟକ)

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଜଗତ୍ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀ ବିଜେଡି ରାଜନୀତି ରୋଚକ ହେବାରେ ଲାଗିଛି। ଦଳର ପୂର୍ବତନ ଜିଲା ସଭାପତି ତଥା ପୂର୍ବତନ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ସ୍ଥାନୀୟ ଚର୍ଚ୍ଚିକା ବଜାରସ୍ଥିତ ଅନୁଷ୍ଠା ମଣ୍ଡପ ସାମ୍ନା ପଡ଼ିଆରେ ନିର୍ବାଚନମଣ୍ଡଳୀସ୍ତରୀୟ କର୍ମୀ ସମାବେଶ କରିଛନ୍ତି। ଅମରେନ୍ଦ୍ର ଗାନ୍ଧୀ ଛକରୁ ଶୋଭାଯାତ୍ରାରେ ବାହାରି ସାନବଜାରସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ଶୋଭାଯାତ୍ରାରେ ଚର୍ଚ୍ଚିକା ବଜାରସ୍ଥିତ ସଭାସ୍ଥଳକୁ ଯାଇଥିଲେ। ଏଥିରେ ୧୦ହଜାରରୁ ଅଧିକ ଦଳୀୟ କର୍ମୀ ସାମିଲ ହୋଇଥିଲେ। ସମାବେଶରେ ଅମରେନ୍ଦ୍ର ବିଜେଡିର ସୁଶାସନ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ପୂର୍ବତନ ମନ୍ତ୍ରୀ ବିଷ୍ଣୁ ଚରଣ ଦାସଙ୍କ ସ୍ତୁତିଗାନ କରିଥିଲେ। ପୂର୍ବତନ ଜିଲା ପରିଷଦ ସଭାପତି ଦେବୀଦତ୍ତ ମହାନ୍ତିଙ୍କ ପୌରୋହିତ୍ୟରେ ଏହି ସମାବେଶ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜଗତ୍ସିଂହପୁର ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ସ୍ୱାଇଁ, ବିଜେଡି ବରିଷ୍ଠ କର୍ମୀ ସୁରେଶ ନନ୍ଦ ପ୍ରମୁଖ ସାମିଲ ହୋଇଥିଲେ।

# ଜଗତ୍ସିଂହପୁର ଜିଲା ବିଧାନସଭା ପର୍ଯ୍ୟବେକ୍ଷକ ନିଯୁକ୍ତ

ଭୁବନେଶ୍ୱର,୧୦।୧ (ଅନିଲ ଦାସ)

ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଗତ୍ସିଂହପୁର ଜିଲାର ବିଭିନ୍ନ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛନ୍ତି। ବୁଧବାର ଏ ନେଇ ବିଜେଡି ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଗିରିଶ ଚନ୍ଦ୍ର ଦାସଙ୍କୁ ଜଗତସିଂହପୁର ଜିଲା କୋ-ଅବ୍ଜରଭର ଭାବେ ନିଯୁକ୍ତ କରାଯାଇଥିବା ବେଳେ ମୀନକେତନ ଅମାତଙ୍କୁ ଜଗତ୍ସିଂହପୁର ଜିଲା ବାଲିକୁଦା ବିଧାନସଭା ନିର୍ବାଚନମଣ୍ଡଳୀ, ମନୋଜ କୁମାର ନାୟକ ଜଗତ୍ସିଂହପୁର ବିଧାନସଭା ନିର୍ବଚାନମଣ୍ଡଳୀ, ସୋଲାର ମିଶ୍ରଙ୍କୁ ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଏବଂ ସନ୍ତୋଷ ବେଜ୍ ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ଦିଆଯାଇଛି।

# ବିଜେଡିରୁ ନିଲମ୍ବିତ ହେଲେ ରବୀନ୍ଦ୍ର, ହେମନ୍ତ



ରବୀନ୍ଦ୍ର ନାଥ ଅଣ୍ଡିଆ



ହେମନ୍ତ ଦାସ

ବାଲେଶ୍ୱର(ମାନସ ବିଶ୍ୱାଳ)/ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ/ଅମୂଲ୍ୟ କୁମାର ଦାସ)/ କାଳିପଦା,୧୦।୧

ବାଲେଶ୍ୱର ଜିଲାର କେତେକ ନିର୍ବାଚନମଣ୍ଡଳୀରେ ବିଜେଡିର ଗୋଷ୍ଠୀକନ୍ଦଳ ଦେଖାଦେଇଥିବା ବେଳେ ଆଗାମୀ ବିଧାନସଭା ନିର୍ବାଚନକୁ ନେଇ ଦଳ ଚିନ୍ତାରେ ଥିବା ଆଲୋଚନା ହେଉଛି। ଗତ କିଛିଦିନ ଧରି ବସ୍ତା ନିର୍ବାଚନମଣ୍ଡଳୀରେ ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଭାପତି ସୁବାସିନୀ ଜେନା ଓ ବିଧାୟକ ନିତ୍ୟାନନ୍ଦ ସାହୁଙ୍କ ମଧ୍ୟରେ ଚାଲିଥିବା କନ୍ଦଳ ତୀବ୍ର ରୂପ ଧାରଣ କରିଥିଲା। ବିଧାୟକଙ୍କ ଗୋଷ୍ଠୀର କେତେକ ନେତା ବିରୋଧୀଙ୍କ ସହ ମିଶି ଦଳ ବିରୋଧୀ ବିଭିନ୍ନ କାର୍ଯ୍ୟକ୍ରମ କରୁଥିବା ପରିଲକ୍ଷିତ ହୋଇଥିଲା। ଗତ କିଛିଦିନ ପୂର୍ବରୁ ବାଲିଆପାଳ ବିଡିଓଙ୍କ ବଦଳି ଦାବିରେ ସରପଞ୍ଚ ଓ ସମିତିସଭ୍ୟମାନେ ଆମରଣ ଅନଶନରେ ବସିଥିଲେ। ଏହି ଅନଶନରେ ବିଜେଡି ସମର୍ଥିତ ସରପଞ୍ଚ ମଧ୍ୟ ସାମିଲ ଥିଲେ। ଅନ୍ୟପକ୍ଷରେ ଦଳର ପ୍ରତ୍ୟେକ କାର୍ଯ୍ୟକ୍ରମରେ ସମାନ୍ତରାଳ ଭାବେ ଅନ୍ୟସ୍ଥାନରେ କାର୍ଯ୍ୟକ୍ରମ କରିଆସୁଥିଲେ। ଦଳର ନିର୍ଦ୍ଦେଶ ନ ମାନି ବାରମ୍ବାର ଏଭଳି କରୁଥିବାରୁ ବିଜେଡି ଜିଲା ସଭାପତି ତଥା ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଚିଠି ନଂ. ୧୦୧(୨) ଦଳ ବିରୋଧୀ କାର୍ଯ୍ୟ ପାଇଁ ପୂର୍ବତନ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ନାଥ ଅଣ୍ଡିଆ ଓ ବାଲିଆପାଳ ସରପଞ୍ଚ ବନଲତା ଦାସଙ୍କ ସ୍ୱାମୀ ହେମନ୍ତ ଦାସଙ୍କୁ ବୁଧବାର ବିଜେଡିରୁ ନିଲମ୍ବିତ କରିଛନ୍ତି। ଏହାର ଏକ ନକଲ ଦଳର ଜିଲା ପର୍ଯ୍ୟବେକ୍ଷକ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଅବଗତି ସକାଶେ ଜଣାଇଛନ୍ତି। ଏ ବାବଦରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଏବଂ ତାଙ୍କର ସହକର୍ମୀ ପୂର୍ବତନ ପୂର୍ବତନ ଜିଲା ପରିଷଦ ସଭ୍ୟ ଅଣ୍ଡିଆଙ୍କୁ ପଚାରିବାରୁ ସେମାନେ ନିଲମ୍ବନ ସମ୍ପର୍କରେ କୌଣସି ସୂଚନା ପାଇ ନ ଥିବାର ପ୍ରକାଶ କରିଛନ୍ତି।

ଅନ୍ୟପକ୍ଷରେ ଗତ ୬ ତାରିଖରେ ଅନୁଷ୍ଠିତ 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ବାଲେଶ୍ୱର ନିର୍ବାଚନମଣ୍ଡଳୀରେ ମଧ୍ୟ ବିଜେଡିର ଦୁଇଗୋଷ୍ଠୀ ମଧ୍ୟରେ କନ୍ଦଳ ଦେଖାଦେଇଥିଲା। ଏହାକୁ ନେଇ ଦଳର ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ପ୍ରତାପ ଦେବ ଦଳର ଶୃଙ୍ଖଳାଭଙ୍ଗ କଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି। ବୁଧବାର ଜିଲାରେ ଏହି ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଏନେଇ ବିଶୃଙ୍ଖଳିତ ନେତା ଓ କର୍ମୀଙ୍କ ମଧ୍ୟରେ ଭାଳେଣି ପଡ଼ିଛି।

# ଖଣି ଦୁର୍ନୀତିର ସିବିଆଇ ତଦନ୍ତ କରାଯାଉ: ଜୟନାରାୟଣ

ଭୁବନେଶ୍ୱର, ୧୦।୧(ସୁନିତ୍ ମିଶ୍ର)

ମାଟି ତଳେ ଥିବା ସମ୍ପତ୍ତିର ମନଇଚ୍ଛା ଖୋଳା ଚାଲିଛି। ରାଜ୍ୟ ସରକାର ଖଣିଜ ଖନନ ପରିମାଣ ଉପରେ କୌଣସି ଅଙ୍କୁଶ ଲଗାଉନାହାନ୍ତି। ଅନ୍ୟପକ୍ଷରେ ଖଣିଜ ଖନନକୁ ଦେଖିଲେ ରାଜ୍ୟର ବିକାଶ କିନ୍ତୁ ବହୁ ପଛରେ ପଡ଼ିଛି। ଓଡ଼ିଶାରେ ୨୦୦୨-୨୦୧୪ ଏହି ୧୨ ବର୍ଷରେ ୯ ଲକ୍ଷ କୋଟି ଟଙ୍କାର ଖଣି ଦୁର୍ନୀତି ରାଜ୍ୟ ସରକାରଙ୍କ ଜ୍ଞାତସାରରେ ହୋଇଛି। ରାଜ୍ୟ ସରକାର ଖଣି ଦୁର୍ନୀତି କରି ଓଡ଼ିଶାର ରାଜକୋଷକୁ ନଷ୍ଟ କରୁଛନ୍ତି। ତେଣୁ ଯଥାଶୀଘ୍ର ଖଣି ଦୁର୍ନୀତି ପ୍ରସଙ୍ଗର ସିବିଆଇ ତଦନ୍ତ କରାଯାଉ ବୋଲି ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ବୁଧବାର ତାଙ୍କ ବାସଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି।

# ପରାଜୟ ଭୟରେ ଜୟନାରାୟଣଙ୍କ ବାଚଲାମୀ ବଢ଼ିଯାଇଛି: ରୋହିତ ପୂଜାରୀ

ଭୁବନେଶ୍ୱର,୧୦।୧(ଅନିଲ ଦାସ)

ସଭିଏଁ ଜାଣିଛନ୍ତି ବିରୋଧୀଦଳ ନେତା ଜୟନାରାୟଣ ମିଶ୍ରଙ୍କର ସ୍ୱାସ୍ଥ୍ୟାବସ୍ଥା ଭଲ ନାହିଁ। କଲିକତାରେ ଚିକିତ୍ସିତ ହେଉଥିଲେ। ନିର୍ବାଚନ ଆସିବାରୁ,ଚିକିତ୍ସା ଅଧାରୁ ପଳାଇ ଆସିଛନ୍ତି। ଆପରାଧିକ କାର୍ଯ୍ୟକଳାପ ପାଇଁ ବଦନାମ ହୋଇଥିବା ଜୟନାରାୟଣ ବେଶ୍ ଭଲ ଭାବେ ଜାଣିଛନ୍ତି, ଆଗାମୀ ନିର୍ବାଚନରେ ହାରିଯିବେ। ସେଥିପାଇଁ ଚାନ୍ଦା ଯୋଗାଡ କରିବାକୁ ଖଣି ବ୍ୟବସାୟୀଙ୍କୁ ବ୍ଲାକ୍ମେଲ କରିବା ଭଳି ହୀନ ପ୍ରୟାସ ଆରମ୍ଭ କରି ଦେଇଛନ୍ତି ବୋଲି ବିଜେଡି ବିଧାୟକ ରୋହିତ ପୂଜାରୀ ବୁଧବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି। ପୂଜାରୀ ଆହୁରି ମଧ୍ୟ କହିଛନ୍ତି ଯେ, ଆସନ୍ନ ପରାଜୟ ଭୟରେ ଜୟ ନାରାୟଣଙ୍କର ବାଚଲାମୀ ଏବେ ପୁଣି ବଢ଼ିଯାଇଛି। ସେଥିପାଇଁ ଆକାଶରୁ ତୋଳିଆଣି ଫାଲତୁ କଥା କହିବାର ଧାରା ଆରମ୍ଭ କରିଛନ୍ତି। ସଚେତନ ସମ୍ବଲପୁରବାସୀ ସବୁ ଜାଣିଛନ୍ତି, କେହି ତାଙ୍କ ମିଛ ଜାଲରେ ପଡ଼ିବେନି ବୋଲି ପୂଜାରୀ କହିଛନ୍ତି ।

# ନିଲମ୍ବିତ ନେତାଙ୍କ ଶିବିରରେ ଅସନ୍ତୁଷ୍ଟ ଗୋଷ୍ଠୀ



ବୈଠକରେ ଯୋଗଦେଇଥିବା ଜିଲା ପରିଷଦ ସଭ୍ୟା ଓ ଅନ୍ୟମାନେ।

ପାଟଣା,୧୦।୧(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସାହାରପଡ଼ା ବ୍ଲକ୍ର ଯୁବନେତା ତଥା ଜିଲା ଯୁବ ବିଜେଡିର ଉପ ସଭାପତି ଥିବା କରୁଣାସାଗର ଖଟୁଆ(ଦୀପୁ)ଙ୍କୁ ଦଳ ବିରୋଧୀକାର୍ଯ୍ୟପାଇଁଗତଗୁରୁବାରବିଜେଡିରୁ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ନିଲମ୍ବନ କରିଛନ୍ତି। ମାତ୍ର କରୁଣାସାଗର ଏବେ ବି ବୈଠକ ଓ ସଭା କରୁଥିବା ବେଳେ ସେଥିରେ ବିଜେଡି ଅସନ୍ତୁଷ୍ଟଙ୍କ ଯୋଗଦାନ ନେଇ ଚର୍ଚ୍ଚା ଜୋର ଧରିଛି।

ସୂଚନା ଅନୁଯାୟୀ, ଗତ ମଙ୍ଗଳବାର ସାହାରପଡ଼ା ବ୍ଲକ୍ ଦାମାହୁଦା ଫୁଟ୍ବଲ ପଡ଼ିଆରେ ବିଜେଡିରୁ ନିଲମ୍ବିତ ନେତା କରୁଣାସାଗରଙ୍କ ନେତୃତ୍ୱରେ ଅଞ୍ଚଳରେ କ୍ରିକେଟ ଓ ଅନ୍ୟାନ୍ୟ ଖେଳ ଆୟୋଜନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ଓ ବ୍ଲକ୍ ସଭାପତିଙ୍କୁ ବିରୋଧ କରୁଥିବା ୩୦ ନଂ. ଜୋନ୍ ଜିଲା ପରିଷଦ ସଦସ୍ୟା ଚମ୍ପାବତୀ ଟୁଡ୍ଡୁ, ତାଙ୍କ ସ୍ୱାମୀ ରୂପେନ ଟୁଡୁ ଏବଂ ସ୍ଥାନୀୟ ସମିତି ସଭ୍ୟ ପରେଶ୍ୱର ସେଠୀ, ନାଏବ ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ଟୁଡୁ ଉପସ୍ଥିତ ରହିଥିଲେ। ଏଥିରେ ଦାମା ହୁଦା, ଖଡ଼ିକାପଦା, ଡାଲପକା ପଞ୍ଚାୟତର ୮୦ରୁ ଊର୍ଦ୍ଧ୍ୱ କ୍ରିକେଟ ଖେଳାଳି ମଧ୍ୟ ଯୋଗଦେଇଥିଲେ। ଏନେଇ ଚମ୍ପାବତୀଙ୍କୁ ପଚାରିବାରୁ ସେ ନବୀନ ପଟ୍ଟନାୟକ ଓ ବିଜେଡିକୁ ଭଲ ପାଆନ୍ତି, ବିଜେଡିରେ ରହିଛନ୍ତି। କିନ୍ତୁ ଦୀପୁଙ୍କୁ ନିଲମ୍ବନ ଅଗଣତାନ୍ତ୍ରିକ। ସେ ଲୋକଙ୍କ ସହ ଅଛନ୍ତି। ବ୍ଲକ୍ ବିଜେଡି ସଭାପତି ଆମ କ୍ରିକେଟ୍ ଟିମ୍କୁ ବାରମ୍ବାର ପ୍ରତାରଣା କରୁଛନ୍ତି। ହେଲେ ଦୀପୁ ଆମକୁ ସାହାଯ୍ୟ କରୁଛନ୍ତି। ସାହାରପଡ଼ା ବ୍ଲକ୍ ବିଜେଡି ସଭାପତି ଦିଲୀପ କୁମାର ସାହୁଙ୍କୁ ପଚାରିବାରୁ ତାଙ୍କ ପାଖରେ ଏ ନେଇ କୌଣସି ସୂଚନା ନାହିଁ। ବିଜେଡି ଏକ ଶୃଙ୍ଖଳିତ ଦଳ, ଏଠି ବିଶୃଙ୍ଖଳାଙ୍କୁ କଦାପି ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି।

## ଫୁରସତ୍

# ଲୋକଙ୍କ ସୁରକ୍ଷା ଅପରିହାର୍ଯ୍ୟ

### ଜାତୀୟ ମାନବ ଚାଲାଣ ସଚେତନତା ଦିବସ



ଦୁନିଆର ପ୍ରତ୍ୟେକ ବ୍ୟକ୍ତିଙ୍କର ନିର୍ଭୟରେ ଭଲ ଜୀବନ, ସୁସ୍ଥ ଜୀବନଶୈଳୀ ଏବଂ ଜୀବନଯାପନ କରିବାର ଅଧିକାର ରହିଛି। ମାତ୍ର ମାନବ ଚାଲାଣ ଭଳି ଘୃଣ୍ୟ କାର୍ଯ୍ୟ ଯୋଗୁଁ ଅନେକ ସମୟରେ ଲୋକମାନେ ସେମାନଙ୍କର ଜୀବନର ଆନନ୍ଦରୁ ବଞ୍ଚିତ ହୋଇଥାନ୍ତି ଏବଂ ସେମାନଙ୍କର ଜୀବନଶୈଳୀରୁ ଦୂରେଇ ଯାଇ ଅପରାଧର ଜୀବନ ଚୟନ କରିବାକୁ ବାଧ୍ୟ ହୋଇଥାନ୍ତି। ଅନେକ ସମୟରେ ଆତଙ୍କବାଦ, କିମ୍ବା ସେକ୍ସ ର୍ୟାକେଟ କିମ୍ବା ଅଙ୍ଗ କାରବାର ପାଇଁ ମାନବ ଚାଲାଣ କରାଯାଇଥାଏ। ତେବେ ଲୋକଙ୍କ ସୁରକ୍ଷା ଅପରିହାର୍ଯ୍ୟ।

ଏନେଇ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଜାନୁଆରୀ ୧୧ ରେ ଜାତୀୟ ମାନବ ଚାଲାଣ ସଚେତନତା ଦିବସ ପ୍ରତିବର୍ଷ ପାଳନ କରାଯାଇଥାଏ। ପୀଡିତଙ୍କ ଦୁଃଖ ତଥା ଜୀବନ ବଞ୍ଚାଇବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ।

ବାଧ୍ୟତାମୂଳକ ଶ୍ରମ, ବାଧ୍ୟତାମୂଳକ ଅପରାଧିକ କାର୍ଯ୍ୟକଳାପ, ଯୌନ ଶୋଷଣ, ଅଙ୍ଗ ଅପସାରଣ ଏବଂ ଚୋରା ଚାଲାଣ ହେଉଛି ମାନବ ଚାଲାଣ ହେବାର କେତେକ କାରଣ। ଦାସତ୍ୱ ମଧ୍ୟ ଏହାର ଅନ୍ୟତମ କାରଣ। ୨୦୦୭ ରେ, ଜାତୀୟ ମାନବ ଚାଲାଣ ସଚେତନତା ଦିବସକୁ ଆମେରିକା ସିନେଟ ଦ୍ୱାରା ଜାନୁଆରୀ ୧୧ ରେ ପାଳନ କରାଯିବାକୁ ଘୋଷଣା କରାଯାଇଥିଲା। ତତ୍କାଳୀନ ରାଷ୍ଟ୍ରପତି ବାରାକ ଓବାମା ମାନବ ଚାଲାଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଜାନୁଆରୀ ୨୦୧୦ ର ସମଗ୍ର ମାସକୁ ଉତ୍ସର୍ଗ କରିଥିଲେ।

ପ୍ରତିବର୍ଷ ଲକ୍ଷ ଲକ୍ଷ ଲୋକ ନିଜ ଘରୁ ଦୂର ଦେଶକୁ ବିସ୍ଥାପିତ ହୋଇ ମାନବ ଚାଲାଣ ହୋଇଥାନ୍ତି। ଏହାରର ଏକ ସାଧାରଣ ରୂପ ହେଉଛି ଯୌନ ଶୋଷଣ ଏବଂ ଏଥିରେ ମୁଖ୍ୟତଃ ମହିଳାମାନଙ୍କୁ ଟାର୍ଗେଟ କରାଯାଇଥାଏ। ସଚେତନତା ସୃଷ୍ଟି କରିବା, ସୁରକ୍ଷାକୁ କଡାକଡି କରିବା। ଏହି ଦିବସ ଆମକୁ ପୀଡିତଙ୍କର ଦୁଃଖ ବୁଝିବାରେ ସାହାଯ୍ୟ କରେ ଏବଂ ସେମାନଙ୍କ ପ୍ରତି ସହାନୁଭୂତି ଦେଖାଇଥାଏ ତଥା ସେମାନଙ୍କୁ ନିୟମିତ ଜୀବନକୁ ଫେରିବାରେ ସାହାଯ୍ୟ କରିଥାଏ।

# ସୁରକ୍ଷା, ଖାଦ୍ୟ ନିରାପତ୍ତା ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ

### ଲାଲ ବାହାଦୁର ଶାସ୍ତ୍ରୀଙ୍କ ତିରୋଧାନ ଦିବସ



**ଭା**ରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ଗୁଜରାଟ ଆନନ୍ଦର ଅମୁଲ ଦୁଗ୍ଧ ସମବାୟ ସମିତିକୁ ସମର୍ଥନ କରି ଏବଂ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ଗଠନ କରି ଦୁଗ୍ଧର ଉତ୍ପାଦନ ତଥା ଯୋଗାଣ ବୃଦ୍ଧି ପାଇଁ ଏକ ଜାତୀୟ ଅଭିଯାନ ଆରମ୍ଭ କରିଥିଲେ। ଏହା ସହିତ ସେ ଭାରତର ଖାଦ୍ୟ ଉତ୍ପାଦନକୁ ବୃଦ୍ଧି କରିବାର ଆବଶ୍ୟକତାକୁ ଦର୍ଶାଇ ଶାସ୍ତ୍ରୀ ୧୯୬୫ରେ ଭାରତରେ ସବୁଜ ବିପ୍ଳବକୁ ମଧ୍ୟ ପ୍ରୋତ୍ସାହିତ କରିଥିଲେ। ଏହି ଯୋଜନା ଦ୍ୱାରା ବିଶେଷ କରି ତାଙ୍କ ସମୟରେ ପଞ୍ଜାବ, ହରିୟାଣା ଏବଂ ଉତ୍ତରପ୍ରଦେଶରେ ଖାଦ୍ୟ ଶସ୍ୟ ଉତ୍ପାଦନରେ ବୃଦ୍ଧି ଘଟିଥିଲା। ସେ ଭଲ ଭାବେ ହୃଦୟଙ୍ଗମ କରିଥିଲେ ଯେ, ଦେଶର ସୁରକ୍ଷା ଏବଂ ଖାଦ୍ୟ ନିରାପତ୍ତା ଉଭୟ ଦେଶର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ।

୧୯୦୪ ଅକ୍ଟୋବର ୨ରେ ମୁଗଲସରାଇଠାରେ ଲାଲ ବାହାଦୂର ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଶାରଦା ପ୍ରସାଦ ଶ୍ରୀବାସ୍ତବ ଏବଂ ମାତାଙ୍କ ନାମ ରାମଦୁଲାରୀ ଦେବୀ ଥିଲା। ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧରେ ସେ ଦେଶବାସୀଙ୍କ ମନୋବଳ ବଢ଼ାଇବା ପାଇଁ "ଜୟ ଯବାନ, ଜୟ କିଷାନ" ସ୍ଲୋଗାନ ଦେଇଥିଲେ। ୧୦ ଜାନୁଆରୀ ୧୯୬୬ରେ ତାସକେଣ୍ଟ ଚୁକ୍ତିନାମା ସହିତ ଯୁଦ୍ଧ ଶେଷ ହୋଇଥିଲା। ଜାନୁୟାରୀ ୧୧ରେ ତାଙ୍କର ହୃଦଘାତରେ ପରଲୋକ ଘଟିଥିଲା।

# 'ବିଲ୍କିସ୍ ବାନୋ'ଙ୍କ ଉପରେ ସିନେମା କରିବାକୁ ଚାହାନ୍ତି କଙ୍ଗନା

ମୁମ୍ବାଇ



ଅଭିନେତ୍ରୀ କଙ୍ଗନା ରାଣାୱତ୍ ସବୁବେଳେ ତାଙ୍କ ମନ୍ତବ୍ୟ ପାଇଁ ବିବାଦରେ ରହିଥାନ୍ତି। ନିକଟରେ ସୁପ୍ରିମ୍କୋର୍ଟ 'ବିଲ୍କିସ୍ ବାନୋ' ମାମଲାରେ ରାୟ ଶୁଣାଇଛନ୍ତି। ଏବେ କଙ୍ଗନା ସେହି ରାୟ ଉପରେ ନିଜର ଇଚ୍ଛାପ୍ରକଟ କରିଛନ୍ତି। 'ଏକ୍ସ'ରେ ଜଣେ ୟୁଜରଙ୍କ ପ୍ରଶ୍ନ 'ବିଲ୍କିସ୍ ବାନୋ'ଙ୍କ କାହାଣୀ ଲୋକଙ୍କୁ ଜଣାଇବାକୁ ଆଗ୍ରହୀ ଅଚନ୍ତି କି? ଏଥିରେ କଙ୍ଗନା ପୂରା ପ୍ରସଙ୍ଗ ଉପରେ ଏକ ସିନେମା କରିବାକୁ ଚାହାନ୍ତି ବୋଲି କହିଥିଲେ। ତାଙ୍କ କହିବା ଅନୁସାରେ, ସେ ଦୀର୍ଘଦିନରୁ ଏଭଳି ଫିଲ୍ମ କରିବାକୁ ଚାହୁଁଛନ୍ତି। ଗତ ୩ ବର୍ଷ ହେବ ସେ ଏହି ବିଷୟରେ ତଦନ୍ତ କରିବା ସହ ଏହା ଉପରେ କାମ ମଧ୍ୟ କରୁଛନ୍ତି। କୌଣସି ଟପ୍ ଷ୍ଟୁଡିଓ ଓ ଭଲ ଓଟିଟି ପ୍ଲାଟ୍ଫର୍ମର ସପୋର୍ଟ ନ ମିଳିବାରୁ କଙ୍ଗନା ଏହି ଫିଲ୍ମ ତିଆରି କରିପାରୁ ନ ଥିବା କହିଛନ୍ତି। କିନ୍ତୁ ନେଟ୍ଫ୍ଲିକ୍ସ, ଆମାଜନ୍ ପ୍ରାଇମ୍ ଭିଡିଓ ଓ ଅନ୍ୟ ଷ୍ଟୁଡିଓଙ୍କ ଗାଇଡ୍ଲାଇନ ହିସାବରେ ସେମାନେ ଏଭଳି ରାଜନୀତି ସହ ଜଡ଼ିତ ଥିମ୍କୁ ନେଇ ଫିଲ୍ମ କରନ୍ତି ନାହିଁ। କଙ୍ଗନା ଭାଜପାକୁ ସମର୍ଥନ କରୁଥିବାରୁ ଜିଓ ସିନେମା ମଧ୍ୟ ତାଙ୍କ ସହ କାମ କରିବାକୁ ଚାହୁଁନାହିଁ ବୋଲି ସେ କହିଛନ୍ତି। ତେବେ କଙ୍ଗନା ୨୦୦୬ରୁ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ସେ ଅନେକ ଚଳଚ୍ଚିତ୍ରରେ କାମ କରି ନିଜ ଅଭିନୟର ଯାଦୁ ଦେଖାଇଛନ୍ତି। ଶେଷଥର ପାଇଁ ତାଙ୍କୁ ଫିଲ୍ମ 'ତେଜସ୍'ରେ ଦେଖିବାକୁ ମିଳିଥିଲା। ଆଗକୁ ତାଙ୍କ ହାତରେ ଆଉ ୨ଟି ଫିଲ୍ମ ରହିଛି।

# ଲାମିଚାନେଙ୍କୁ ୮ ବର୍ଷ ଜେଲ

କାଠମାଣ୍ଡୁ,୧୦।୧(ପି.ଟି)

ନେପାଳ ସ୍ପିନର ସନ୍ଦୀପ ଲାମିଚାନେଙ୍କୁ ବୁଧବାର କାଠମାଣ୍ଡୁର ଏକ କୋର୍ଟ ୮ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ପୂର୍ବରୁ ଏକ ବଳାତ୍କାର ମାମଲାରେ ଲାମିଚାନେ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଜଣେ ୧୮ ବର୍ଷୀୟା ମହିଳାଙ୍କୁ ଲାମିଚାନେ ବଳାତ୍କାର କରିଥିଲେ। ସିଙ୍ଗଲ ଜଜ୍ ଖଣ୍ଡପୀଠ ମାମଲାର ରାୟ ଶୁଣାଇବା ସହ ୨୩ ବର୍ଷୀୟ ଲାମିଚାନେଙ୍କୁ ୩ ଲକ୍ଷ ଟଙ୍କାର ଫାଇନ୍ ଓ ପୀଡ଼ିତାଙ୍କୁ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ନ୍ୟାୟାଳୟରେ ମାମଲାର ପୁନଃ ଆବେଦନ କରିବା ନେଇ ଲାମିଚାନେଙ୍କ ଓକିଲ ସରୋଜ ଘିମିରେ ସୂଚନା ଦେଇଛନ୍ତି। ସେପ୍ଟେମ୍ବର ୨୦୨୩ରେ ପ୍ରଥମ ଲାମିଚାନେଙ୍କ ନାମରେ ଏକ ଆରେଷ୍ଟ ୱାରେଣ୍ଟ ଜାରି ହୋଇଥିଲା। ସେ ସମୟରେ ନେପାଳର ଅଧିନାୟକ ରହିଥିବା ବେଳେ ତାଙ୍କୁ ଅଧିନାୟକ ପଦରୁ ସସ୍‌ପେଣ୍ଡ କରିଥିଲା କ୍ରିକେଟ ଆସୋସିଏଶନ୍ ଅଫ୍ ନେପାଳ। ସେ କାରିବିଆନ୍ ପ୍ରିମିୟର୍ ଲିଗ୍‌ରେ ଜାମାଇକା ତଲାୱାସ ପକ୍ଷରୁ ଖେଳୁଥିବା ବେଳେ ଫ୍ରାଞ୍ଚାଇଜ ତାଙ୍କୁ ତୁରନ୍ତ ରିଲିଜ୍ କରିଥିଲା। ସେ ନେପାଳ ଫେରିବା ପରେ ତାଙ୍କୁ ତୁରନ୍ତ ଗିରଫ କରାଯାଇଥିଲା।

ଏକ ଫେସବୁକ୍ ପୋଷ୍ଟ ଜରିଆରେ ନିଜକୁ ନିର୍ଦ୍ଦୋଷ ବୋଲି ଦାବି କରିବା ସହ ସମସ୍ତ ପ୍ରକାର ତଦନ୍ତରେ ସହଯୋଗ କରିବେ ବୋଲି ମଧ୍ୟ ସେ ଲେଖିଥିଲେ। ଏହାପରେ ନେପାଳ ପାଇଁ ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟରେ ମଧ୍ୟ ଖେଳିଥିଲେ। ସେ ନେପାଳ ପାଇଁ ୧୦୦ ଦିନିକିଆ ମ୍ୟାଚ୍ ଖେଳି ୧୦୦ ଉଇକେଟ ନେଇଛନ୍ତି। ଏହା ବାଦ୍ ସେ ଆଇପିଏଲ୍‌ରେ ଦିଲ୍ଲୀ ଡେୟାର ଡେଭିଲ୍ସ ପାଇଁ ଦୁଇଟି ସିଜନ ଖେଳିଛନ୍ତି। ୨୦୧୮–୨୦ ମଧ୍ୟରେ ସେ ୧୩ ଉଇକେଟ ଅକ୍ତିଆର କରିଛନ୍ତି।



ସନ୍ଦୀପ ଲାମିଚାନେ

# କେରଳ ବ୍ଲାଷ୍ଟର୍ସ ୩–୧ରେ ବିଜୟୀ

ଭୁବନେଶ୍ୱର, ୧୦।୧
(ତପନ ସ୍ୱାଇଁ)

**କଳିଙ୍ଗ ସୁପର କପ୍**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟରେ କେରଳ ବ୍ଲାଷ୍ଟର୍ସ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଅପରାହ୍ନ ୨ଟାରେ ପିଚ୍–୧ରେ ଅନୁଷ୍ଠିତ ମ୍ୟାଚରେ ଏହି ଦଳ ୩–୧ ଗୋଲରେ ଶିଲଂ ଲାଜଂ ଏଫ୍‌ସିକୁ ପରାସ୍ତ କରିଛି। ଫଳରେ ଦଳକୁ ପୂରା ୩ ପଏଣ୍ଟ ମିଳିଛି। ବିଜୟୀ ଦଳ ପକ୍ଷରୁ ଡବଲ ଗୋଲ ସ୍କୋର କରିଥିବା କ୍ୱାମେ ପେପ୍ରା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

ମ୍ୟାଚ୍ ଆରମ୍ଭରୁ ଆକ୍ରମଣାତ୍ମକ ଆଭିମୁଖ୍ୟରେ ଖେଳିଥିଲା କେରଳ ବ୍ଲାଷ୍ଟର୍ସ। ଏଥିରୁ ଦଳକୁ ଫାଇଦା ମଧ୍ୟ ମିଳିଥିଲା। ୧୫ତମ ମିନିଟରେ କ୍ୱାମେ ପେପ୍ରା ଏକ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ବିପଜ୍ଜନକ ଖେଳ ପାଇଁ ୨୪ତମ ମିନିଟରେ ଶିଲଂ ଲାଜଂର ହମେଦମାନଭା ୱାଲାଙ୍ଗଙ୍କୁ ରେଫରି ୟେଲୋ କାର୍ଡ ଦେଖାଇଥିଲେ। ଏହାର ୩ ମିନିଟ ପରେ ଅର୍ଥାତ୍ ୨୭ତମ ମିନିଟରେ ପେପ୍ରା ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ଦଳକୁ ୨–୦ରେ ଅଗ୍ରଣୀ କରିଥିଲେ। ମାତ୍ର ୩୦ତମ ମିନିଟରେ ଶିଲଂ ଲାଜଂର ରେନାନ ପାଲୁଲିନୋ ଡି'ସୁଜା ଗୋଟିଏ ଗୋଲ ପରିଶୋଧ କରିବାରେ ସକ୍ଷମ ହୋଇଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷ ବେଳକୁ କେରଳ ଦଳ ୨–୧ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରେ ଅର୍ଥାତ୍ ୪୬ତମ ମିନିଟରେ ମହମ୍ମଦ ଅମିନ ଏକ ଗୋଲ ଦେଇ କେରଳ ବ୍ଲାଷ୍ଟର୍ସ ଅଗ୍ରଣୀ ବ୍ୟବଧାନକୁ ୩–୧ରେ ପହଞ୍ଚାଇଥିଲେ। ମ୍ୟାଚ ଶେଷ ପର୍ଯ୍ୟନ୍ତ ଏହି ସ୍କୋର ବଳବତ୍ତର ରହିଥିଲା। ଗୋଲ ପରିଶୋଧ ପାଇଁ ଲାଜଂ ଦଳ ଉଦ୍ୟମ କରିଥିଲେ ହେଁ ସଫଳ ହୋଇପାରି ନ ଥିଲା। ଇଞ୍ଜୁରି ଟାଇମ୍ ଅର୍ଥାତ୍ ୯୦+୨ ମିନିଟ୍‌ରେ ବ୍ଲାଷ୍ଟର୍ସର ସନ୍ଦୀପ ସିଂ ସୋରାଇଶାମଙ୍କୁ ହଳଦିଆ କାର୍ଡ ମିଳିଥିଲା।



କଳିଙ୍ଗ ଷ୍ଟାଡିୟମରେ ବୁଧବାର କେରଳ ବ୍ଲାଷ୍ଟର୍ସ ଓ ଶିଲଂ ଲାଜଂ ମଧ୍ୟରେ ଅନୁଷ୍ଠିତ ମ୍ୟାଚ। (ଫଟୋ: ବିକାଶ ନାୟକ)

## ଦର୍ଶକଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ଅଧିକାଂଶ ମ୍ୟାଚକୁ ଦର୍ଶକମାନେ ଯେପରି ମାଗଣାରେ ଦେଖି ପାରିବେ ସେଥିପାଇଁ ବ୍ୟବସ୍ଥା କରାଯାଇଛି। ଓଡ଼ିଶା ଏଫ୍‌ସିର ୩ଟି ମ୍ୟାଚ, ଡର୍ବି ମ୍ୟାଚ (ମୋହନ ବାଗାନ ସୁପର ଜାଏଣ୍ଟ ବନାମ ଇଷ୍ଟ ବେଙ୍ଗଲ) ଏବଂ ୨ଟି ସେମିଫାଇନାଲ ଓ ଫାଇନାଲକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ମ୍ୟାଚ ଦର୍ଶକମାନେ ମାଗଣାରେ ଦେଖି ପାରିବେ ବୋଲି ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ଆଶୀର୍ବାଦ ବେହେରା ପ୍ରକାଶ କରିଛନ୍ତି।

## ଓଡ଼ିଶା ରଣଜୀ ଦଳରେ ରାଠୋଡ ସାମିଲ

**ଭୁବନେଶ୍ୱର, ୧୦।୧ (ତପନ ସ୍ୱାଇଁ):** ଚଳିତ ରଣଜୀ ଟ୍ରଫି ସିଜନରେ ଓଡ଼ିଶା ଏହାର ଦ୍ୱିତୀୟ ମ୍ୟାଚ୍ ମଧ୍ୟପ୍ରଦେଶ ବିପକ୍ଷରେ ଖେଳିବ। ଏଲିଟ୍ ଗ୍ରୁପ୍ 'ଡି'ର ଏହି ମ୍ୟାଚ୍ ଇନ୍ଦୋରରେ ଆସନ୍ତା ୧୨ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ମ୍ୟାଚ୍ ପାଇଁ ଓଡ଼ିଶା ଦଳରେ ହର୍ଷିତ୍ ରାଠୋଡଙ୍କୁ ସାମିଲ କରାଯାଇଛି। ଓଡ଼ିଶା ଏହାର ପ୍ରଥମ ମ୍ୟାଚ୍‌ରେ ୧୪୭ ରନ୍‌ରେ ବରୋଦାଠାରୁ ପରାଜିତ ହୋଇଥିଲା। ବୟସ ଜାଲିଆତି ଯୋଗୁ ଏହି ମ୍ୟାଚ୍ ପୂର୍ବରୁ ସୁମିତ ଶର୍ମାଙ୍କୁ ବାଦ୍ ଦିଆଯାଇ ତାରିଣୀ ସ'ଙ୍କୁ ଓଡ଼ିଶା ଦଳରେ ସାମିଲ କରାଯାଇଥିଲା।



ଇଣ୍ଡିଆନ୍ ଓମେନ୍ସ ଲିଗ୍‌ରେ ବୁଧବାର ଓଡ଼ିଶା ଏଫ୍‌ସି–ହୋପ୍ସ ଏଫ୍‌ସି ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଜାମଶେଦପୁର ଏଫ୍‌ସିର ବିଜୟ ଅଭିଯାନ

ଭୁବନେଶ୍ୱର, ୧୦।୧
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟରେ ବିଜୟ ସହ ଅଭିଯାନ ଆରମ୍ଭ କରିଛି ଜାମଶେଦପୁର ଏଫ୍‌ସି। ସନ୍ଧ୍ୟା ୭ଟା ୩୦ରେ ଅନୁଷ୍ଠିତ ମ୍ୟାଚରେ ଏହି ଦଳ ୨–୧ ଗୋଲରେ ନର୍ଥ ଇଷ୍ଟ ୟୁନାଇଟେଡ୍‌କୁ ପରାସ୍ତ କରିଛି। ଫଳରେ ଗ୍ରୁପ୍ 'ବି'ରେ ଦଳ ପୂରା ୩ ପଏଣ୍ଟ ହାସଲ କରିଛି। ଜାମଶେଦପୁର ଏଫ୍‌ସିର ଜେରେମି ଫିଲିପେ ବେର୍ନାର୍ଡ ମାଞ୍ଜୋରୋ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

ମ୍ୟାଚ୍ ଆରମ୍ଭରୁ ଅର୍ଥାତ୍ ୧୧ତମ ମିନିଟରେ ୟେଲୋ କାର୍ଡ ପାଇଥିଲେ ଜାମଶେଦପୁର ଏଫ୍‌ସିର ଡାନିଏଲ ଚିମା ଚୁକ୍ୱୁ। ୧୭ତମ ମିନିଟରେ ଏକ ଗୋଲ ଦେଇ ନେଷ୍ଟର ଅଲ୍‌ବାକ୍ ରୋଜର ନର୍ଥ ଇଷ୍ଟକୁ ଅଗ୍ରଣୀ କରିଥିଲେ। ୨୫ତମ ମିନିଟରେ ଏହି ଦଳର ସୋରାଇଶାମ ଦୀନେଶ ସିଂ ୟେଲୋ କାର୍ଡ ପାଇଥିଲେ ହେଁ ପ୍ରଥମାର୍ଦ୍ଧ ଶେଷ ବେଳକୁ ନର୍ଥଇଷ୍ଟ ଅଗ୍ରଣୀ ବଜାୟ ରଖିଥିଲା। ବିପଜ୍ଜନକ ଖେଳ ପାଇଁ ଏହି ଦଳର ନଗାସେପାମ୍ ଟୋଣ୍ଡୋନବା ସିଂ ୟେଲୋ କାର୍ଡ ପାଇଥିବାବେଳେ ୬୮ତମ ମିନିଟରେ ଜାମଶେଦପୁରର ଡାନିଏଲ ଚିମା ଚୁକ୍ୱୁ ଗୋଲ ପରିଶୋଧ କରି ମ୍ୟାଚରେ ରୋମାଞ୍ଚ ଖେଳାଇ ଦେଇଥିଲେ। ୭୬ ଓ ୮୨ତମ ମିନିଟରେ ଜାମଶେଦପୁର ଏଫ୍‌ସିର ଓ ୮୩ତମ ମିନିଟରେ ନର୍ଥଇଷ୍ଟ ଖେଳାଳିଙ୍କୁ ରେଫରି ଚେତାବନୀ ଦେଇଥିଲେ। ମ୍ୟାଚ ଡ୍ର ଆଡ଼କୁ ଗତି କରୁଥିବାବେଳେ ୮୮ତମ ମିନିଟରେ ଜାମଶେଦପୁର ଏଫ୍‌ସିର ଷ୍ଟିଭ୍ ଆମ୍ବ୍ରି ଦେଇଥିବା ଗୋଲଟି ନିର୍ଣ୍ଣାୟକ ହୋଇଯାଇଥିଲା। ନର୍ଥଇଷ୍ଟ ନିକଟରେ ପ୍ରତ୍ୟାବର୍ତ୍ତନ ପାଇଁ ଆଉ ବିଶେଷ ସୁଯୋଗ ନ ଥିଲା।

## କିଟ୍‌ର ଦ୍ୱିତୀୟ ବିଜୟ

**ଭୁବନେଶ୍ୱର, ୧୦।୧ (ତପନ ସ୍ୱାଇଁ):** କିଟ୍ ବିଶ୍ୱବିଦ୍ୟାଳୟର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ମହିଳା ଭଲିବଲ ଚାମ୍ପିୟନଶିପ୍‌ରେ ବୁଧବାର ୮ଟି ଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ପୁଣେର ଏଲ୍‌ପିୟୁ ଫଗୱାରାକୁ ୩–୨ ସେଟ୍‌ରେ ହରାଇ କିଟ୍ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ କେରଳର କାଲିକଟ, ତାମିଲନାଡୁର ଏସ୍‌ଆର୍‌ଏମ୍ ଆଇଏସ୍‌ଟି, ରାଜସ୍ଥାନର ଶ୍ରୀ କୃଷ୍ଣ ଦାସ ବିଶ୍ୱବିଦ୍ୟାଳୟ, ପଶ୍ଚିମବଙ୍ଗର ଆଦାମାସ, ଛତିଶଗଡ଼ର ପଣ୍ଡିତ ରବିଶଙ୍କର ଶୁକ୍ଳା ବିଶ୍ୱବିଦ୍ୟାଳୟ ବିଜୟୀ ହୋଇଛନ୍ତି।

# ପାରାମାଉଣ୍ଟ 'ଏ' ଚାମ୍ପିୟନ

ଭୁବନେଶ୍ୱର, ୧୦।୧
(ତପନ ସ୍ୱାଇଁ)

ପାରାମାଉଣ୍ଟ 'ଏ' ଟିମ୍ ୧୪ ବର୍ଷରୁ କମ୍ କ୍ରିକେଟ ଲିଗ୍‌ରେ ଚାମ୍ପିୟନ ହୋଇଛି। ବୁଧବାର ଅନୁଷ୍ଠିତ ଫାଇନାଲରେ ଏହି ଦଳ ଏଲ୍‌ଏଲ୍‌ସିସି (ଲାଇଭ୍ ଲିଜେଣ୍ଡ କ୍ରିକେଟ କ୍ଲବ)କୁ ପରାସ୍ତ କରିଛି। ୪୦ ଓଭର ବିଶିଷ୍ଟ ଫାଇନାଲରେ ଟସ୍ ଜିତି ବ୍ୟାଟିଂ କରିଥିବା ପାରାମାଉଣ୍ଟ 'ଏ' ୨୬୫ ରନ୍‌କରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ପ୍ରତୀକ ପ୍ରିୟାଂଶୁ ନାୟକ ୧୨୭ ବଲ୍‌ରୁ ଦ୍ରୁତ ୧୭୯ ରନ ସ୍କୋର କରିଥିଲେ। ଏହା ମଧ୍ୟରେ ୧୮ ଚୌକା ଓ ୮ ଛକା ସାମିଲ ଥିଲା। ବିପକ୍ଷ ଦଳର ଦୀପକ ଓ ଜୟପ୍ରକାଶ ନାୟକ ୨ଟି ଲେଖାଏ ଉଇକେଟ ନେଇଥିଲେ। ୨୬୬ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଏଲ୍‌ଏଲ୍‌ସିସି ୨୨.୨ ଓଭରରେ ୮୯ ରନ୍‌କରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ଅମ୍ରାନ ନାୟକ ସର୍ବାଧିକ ୪୦ ରନ କରିଥିଲେ। ବିଜୟୀ ଦଳର ବୋଲରଙ୍କ ମଧ୍ୟରେ ବିଜୟ ସିଂ ୩୧ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ। ଆୟୁଷ ରାଉତଙ୍କୁ ୩ ଉଇକେଟ ମିଳିଥିଲା। ପ୍ଲେୟର ଅଫ୍ ଦି ଫାଇନାଲ ଓ ସିରିଜ ପୁରସ୍କାର ପାଇଥିଲେ ପ୍ରତୀକ ପ୍ରିୟାଂଶୁ ନାୟକ। ଚାମ୍ପିୟନ ଦଳର ବିଜୟ ସିଂ ଶ୍ରେଷ୍ଠ ବୋଲର, ସମରଜିତ ସାହୁ ଶ୍ରେଷ୍ଠ ଉଇକେଟ୍ କିପର, ଏମ.ଏସ. ସ୍ୱାଧୀନ ଶ୍ରେଷ୍ଠ ଫିଲ୍ଡର, ଏଲ୍‌ଏଲ୍‌ସିସିର ମିଧାଂଶୁ ଦାସ ଶ୍ରେଷ୍ଠ ବ୍ୟାଟର ଓ ଅମିତେଶ ସାହୁ ଇମର୍ଜିଂ ଖେଳାଳି ପୁରସ୍କାର ପାଇଛନ୍ତି। ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଡା ଫାଇନାଲ ମ୍ୟାଚ ଆରମ୍ଭ ଅବସରରେ ଅତିଥିଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ରଘୁନାଥ ମିଶ୍ର ମୁଖ୍ୟ ଅତିଥି ଓ କେ.ସି. ପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ପାରାମାଉଣ୍ଟ ସ୍ପୋର୍ଟିଂ ସଭାପତି ପ୍ରତାପ ଜେନା, ସମ୍ପାଦକ ଅଶୋକ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତୀୟ ହକି ଦଳ ଘୋଷିତ

**ନୂଆଦିଲ୍ଲୀ,୧୦।୧(ପି.ଟି):** ଦକ୍ଷିଣ ଆଫ୍ରିକାରେ ଖେଳାଯିବାକୁ ଥିବା ଚତୁଃରାଷ୍ଟ୍ରୀୟ ହକି ଟୁର୍ନାମେଣ୍ଟ ପାଇଁ ୨୬ ଜଣିଆ ପୁରୁଷ ଦଳ ଘୋଷଣା କରିଛନ୍ତି ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ୍। ଅଲିମ୍ପିକ୍ ବର୍ଷକୁ ଦୃଷ୍ଟିରେ ରଖି ହକି ଇଣ୍ଡିଆ ପକ୍ଷରୁ ସମସ୍ତ ଖେଳାଳିଙ୍କୁ ସୁଯୋଗ ମିଳିଛି। ପୂର୍ବତନ ଅଧିନାୟକ ମନ୍‌ପ୍ରୀତ୍ ସିଂ ବିରତି ପରେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଜାନୁୟାରୀ ୨୨ରୁ ଆରମ୍ଭ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ଆୟୋଜକ ଦକ୍ଷିଣ ଆଫ୍ରିକା ସମେତ ଫ୍ରାନ୍ସ ଓ ନେଦରଲାଣ୍ଡ୍ସ ଅଂଶଗ୍ରହଣ କରିବେ। ହରମନ୍‌ପ୍ରୀତ୍ ସିଂଙ୍କୁ ଦଳର ଅଧିନାୟକ ରଖାଯାଇଥିବା ବେଳେ ହାର୍ଦ୍ଦିକ୍ ସିଂ ତାଙ୍କର ଡେପୁଟୀ ରହିଛନ୍ତି। ଅଲିମ୍ପିକ୍ସ ବର୍ଷରେ ଅଧିକ ପ୍ରସ୍ତୁତି ପାଇଁ ଏଭଳି ଏକ ଟୁର୍ନାମେଣ୍ଟ ମିଳିଥିବାରୁ ଆମେ ଅତ୍ୟନ୍ତ ଖୁସି ବୋଲି କହିଛନ୍ତି ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ୍। ଅଧିକ ଖେଳାଳିଙ୍କୁ ସୁଯୋଗ ଦେବା ନିମନ୍ତେ ଆମେ ୨୬ ଜଣିଆ ଦଳ ଘୋଷଣା କରିଛୁ ବୋଲି ସେ କହିଛନ୍ତି। ଯୁବ ଖେଳାଳି ଅରାଇଜିତ ସିଂ ହୁଣ୍ଡାଲ ଓ ବବି ସିଂ ଧାମିଙ୍କୁ ଏହି ଦଳରେ ସାମିଲ କରାଯାଇଛି। ଟୁର୍ନାମେଣ୍ଟ ପୂର୍ବରୁ ବେଙ୍ଗାଲୁରୁସ୍ଥିତ ସାଇରେ ଏକ ଛୋଟ କ୍ୟାମ୍ପ କରାଯାଇଥିବା ଫୁଲଟନ୍ କହିଛନ୍ତି।

**ଭାରତୀୟ ଦଳ**

ଗୋଲକିପର୍ସ: ପି.ଆର. ଶ୍ରୀଜେସ, କ୍ରିଷନ ବାହାଦୁର ପାଠକ, ପଓ୍ୱନ। ଡିଫେଣ୍ଡର୍ସ: ଜରମନପ୍ରୀତ୍ ସିଂ, ଯୁଗରାଜ ସିଂ, ଅମିତ ରୋହିଦାସ, ହରମନ୍‌ପ୍ରୀତ୍ ସିଂ, ବରୁଣ କୁମାର, ସୁମିତ, ସଞ୍ଜୟ, ରବିଚନ୍ଦ୍ର ସିଂ ମୋଇରାଙ୍ଗଥେମ୍। ମିଡଫିଲ୍ଡର୍ସ: ବିବେକ ସାଗର ପ୍ରସାଦ, ନୀଳକାନ୍ତ ଶର୍ମା, ରାଜକୁମାର ପାଲ, ଶମସେର ସିଂ, ବିଷ୍ଣୁକାନ୍ତ ସିଂ, ହାର୍ଦ୍ଦିକ୍ ସିଂ, ମନ୍‌ପ୍ରୀତ୍ ସିଂ। ଫରୱାର୍ଡ୍ସ: ମନଦୀପ୍ ସିଂ, ଅଭିଷେକ, ସୁଖଜିତ ସିଂ, ଗୁରଜନ୍ତ ସିଂ, ଲଳିତ କୁମାର ଉପାଧ୍ୟାୟ, ଆକାଶଦୀପ ସିଂ, ଅରାଇଜିତ ସିଂ ହୁଣ୍ଡାଲ ଓ ବବି ସିଂ ଧାମି।

# ଓଏଫ୍‌ସିର ବିଜୟଧାରା ଜାରି

ଭୁବନେଶ୍ୱର,୧୦।୧
(ସରୋଜ ଜେନା)

**ଇଣ୍ଡିଆନ୍ ଓମେନ୍ସ ଲିଗ୍**

ଇଣ୍ଡିଆନ୍ ଓମେନ୍ସ ଲିଗ୍‌ରେ ଅପରାଜେୟ ଧାରା ବଜାୟ ରଖିଛି ଓଡ଼ିଶା ଏଫ୍‌ସି(ଓଏଫ୍‌ସି)। ବୁଧବାର ଅନୁଷ୍ଠିତ ମ୍ୟାଚ୍‌ରେ ଦଳ ୧–୦ରେ ହୋପ୍ସ ଏଫ୍‌ସିକୁ ପରାସ୍ତ କରିଛି। ୪୪ତମ ମିନିଟରେ ପ୍ୟାରୀ ଖାଖା ଏକମାତ୍ର ଗୋଲଟି ସ୍କୋର କରିଥିଲେ।

ଉଭୟ ଦଳ ଆକ୍ରମଣାତ୍ମକ ଢଙ୍ଗରେ ମ୍ୟାଚ୍ ଆରମ୍ଭ କରିଥିଲେ। ଷଷ୍ଠ ମିନିଟରେ ଓଏଫ୍‌ସି ପକ୍ଷରୁ ସଞ୍ଜୁ ସ୍କୋରିଂ ସୁଯୋଗ ସୃଷ୍ଟି କରିଥିଲେ। ଲେଫ୍ଟ ଫ୍ଲାଙ୍କରୁ ସଞ୍ଜୁଙ୍କ ପାଖକୁ ୱିନ୍ ହେଡ କରିଥିଲେ ମଧ୍ୟ ସ୍କୋର କରିବାରେ ବିଫଳ ହୋଇଥିଲେ। ଏହାର ଦୁଇ ମିନିଟ୍ ପରେ ଆଉ ଏକ ସ୍କୋରିଂ ସୁଯୋଗ ଥିଲେ ମଧ୍ୟ ହୋପ୍ସ ଏଫ୍‌ସି ଡିଫେଣ୍ଡର ଏହାକୁ ରୋକି ଦେଇଥିଲେ। ୨୫ତମ ମିନିଟରେ ଲିଣ୍ଡା କମ୍ ଓ ୨୯ତମ ମିନିଟରେ ସଞ୍ଜୁଙ୍କ ଶଟ୍ ରୋକିବାରେ ସଫଳ ହୋଇଥିଲେ ହୋପ୍ସ ଗୋଲକିପର। ୩୬ତମ ମିନିଟ୍‌ରେ ଇନ୍ଦୁମତୀ କାଥିରସେନ ଓ ୱିନ୍‌ଙ୍କ ମିଳିତ ପ୍ରୟାସକୁ ହୋପ୍ସ ଡିଫେଣ୍ଡର ରୋକି ଦେଇଥିଲେ। ତେବେ ୪୪ତମ ମିନିଟ୍‌ରେ ଓଏଫ୍‌ସି ପକ୍ଷରୁ ନିର୍ଣ୍ଣାୟକ ଗୋଲ ସ୍କୋର କରିଥିଲେ ପ୍ୟାରୀ ଖାଖା। ରାଇଟ୍ ଫ୍ଲାଙ୍କରୁ ୱିନଙ୍କ କ୍ରସ୍‌କୁ ଗୋଲରେ ପରିଣତ କରି ସେ ଓଏଫ୍‌ସିକୁ ଆଗୁଆ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଗୋଲ ପରିଶୋଧ ପାଇଁ ଉଦ୍ୟମ କରିଥିଲେ ମଧ୍ୟ ହୋପ୍ସ ସଫଳ ହୋଇ ନ ଥିଲା। ଓଏଫ୍‌ସି ଏହାର ପରବର୍ତ୍ତୀ ମ୍ୟାଚ୍ ୧୮ ଜାନୁଆରୀରେ ଇଷ୍ଟବେଙ୍ଗଲ ବିପକ୍ଷରେ ଖେଳିବ।

# ରୋହିତଙ୍କ ଉପରେ ନଜର

ମୋହାଲି,୧୦।୧(ପି.ଟି)

**ଆଜି ପ୍ରଥମ ଟି୨୦**

ଗୁରୁବାର ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜର ପ୍ରଥମ ମ୍ୟାଚ ପଞ୍ଜାବର ମୋହାଲିରେ ଖେଳାଯିବ। ଟି୨୦ ବିଶ୍ୱକପ ପୂର୍ବରୁ ଏହା ଭାରତର ଅନ୍ତିମ ପ୍ରସ୍ତୁତି ସିରିଜ୍ ହୋଇଥିବା ବେଳେ ଅଧିନାୟକ ରୋହିତ ଶର୍ମା ଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଦୀର୍ଘ ୧୪ ମାସ ପରେ ଉଭୟ ରୋହିତ ଓ କୋହଲିଏକ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ଖେଳିବାକୁ ଯାଉଛନ୍ତି। ତେବେ ବ୍ୟକ୍ତିଗତ କାରଣରୁ ବିରାଟ କୋହଲି ପ୍ରଥମ ଟି୨୦ ଖେଳିବେ ନାହିଁ ବୋଲି ଭାରତୀୟ ଦଳର ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ ଘୋଷଣା କରିଛନ୍ତି। ଯଦିଓ ଆଇପିଏଲ ପ୍ରଦର୍ଶନ ପରେ ହିଁ ବିଶ୍ୱକପ୍‌ର ଚୂଡାନ୍ତ ୧୫ ଚୟନ କରାଯିବ ତେବେ ଏହି ସିରିଜ୍ ଅନେକ ଗୁରୁତ୍ୱ ବହନ କରେ। ଅଧିନାୟକ ଭାବେ ରୋହିତ ପ୍ରଥମ ମ୍ୟାଚ୍‌ରେ ଖେଳିବା ନିଶ୍ଚିତ। ଅଧିନାୟକ ରହିଥିବା ରୋହିତ ଶର୍ମା ନିଜର ଆକ୍ରମଣାତ୍ମକ ଆଭିମୁଖ୍ୟ ବଜାୟ ରଖିବା ନେଇ ଆଶା କରାଯାଏ। ଦିନିକିଆ ବିଶ୍ୱକପ୍‌ରେ ରୋହିତ ଯେଉଁ ଅନ୍ଦାଜରେ ବ୍ୟାଟିଂ କରୁଥିଲେ ସମାନ ଢଙ୍ଗରେ ବ୍ୟାଟିଂ କରିବା ନେଇ ଫ୍ୟାନ୍‌ମାନେ ଆଶା କରିବେ। ଦକ୍ଷିଣ ଆଫ୍ରିକା ଗସ୍ତରୁ ଫେରିବା ପରେ ବୁଧବାର ଭାରତୀୟ ଦଳ ଏକତ୍ରିତ ହୋଇଛି। ଯଶସ୍ୱୀ ଜୟସ୍ୱାଲ ଓ ତିଲକ ବର୍ମା ଦକ୍ଷିଣ ଆଫ୍ରିକା ଗସ୍ତରେ ଭଲ ପ୍ରଦର୍ଶନ କରିଥିଲେ ମଧ୍ୟ ଏହି ସିରିଜରେ ଉଭୟଙ୍କ ମଧ୍ୟରୁ ଜଣଙ୍କୁ ହିଁ ସୁଯୋଗ ମିଳିପାରିବ। ରୋହିତ ଶର୍ମାଙ୍କ ସହିତ ଶୁବମନ୍ ଗିଲ୍ ଓପନ କରିବା ସ୍ପଷ୍ଟ ହୋଇଥିବା ବେଳେ କୋହଲିଙ୍କ ଅନୁପସ୍ଥିତିରେ ଜୟସ୍ୱାଲ ତାଙ୍କ ସ୍ଥାନରେ ଖେଳି ପାରନ୍ତି। ଶୁବମନ୍ ଗିଲ୍ ଦକ୍ଷିଣ ଆଫ୍ରିକାରେ ଭଲ ପ୍ରଦର୍ଶନ କରି ନ ଥିବା ବେଳେ ଆଫଗାନିସ୍ତାନ ବିପକ୍ଷରେ ଫର୍ମ ଫେରି ପାଇବାକୁ ଚେଷ୍ଟା କରିବେ।

ହାର୍ଦ୍ଦିକ ପାଣ୍ଡ୍ୟା ଓ ସୂର୍ଯ୍ୟକୁମାର ଯାଦବଙ୍କ ଅନୁପସ୍ଥିତିରେ ରିଙ୍କୁ ସିଂଙ୍କ କାନ୍ଧରେ ମଧ୍ୟକ୍ରମ ବ୍ୟାଟିଂ ଭାର ରହିବ। ଦକ୍ଷିଣ ଆଫ୍ରିକା ପରିସ୍ଥିତିରେ ଚମତ୍କାର ବ୍ୟାଟିଂ କରିଥିବା ବେଳେ ତାଙ୍କଠାରୁ ସମାନ ଫର୍ମ ଆଶା କରିବ ଭାରତୀୟ ମ୍ୟାନେଜ୍‌ମେଣ୍ଟ। ଇଶାନ କିଶନଙ୍କ ସ୍ଥାନରେ ସଞ୍ଜୁ ସାମସନ୍‌ଙ୍କୁ ସୁଯୋଗ ମିଳିଥିଲେ ହେଁ ଚୂଡାନ୍ତ ଏକାଦଶରେ ସୁଯୋଗ ମିଳିବା ସମ୍ଭାବନା କମ୍। ଆୟର୍ଲାଣ୍ଡ ବିପକ୍ଷ ସିରିଜ୍‌ରେ ଜୀତେଶ ଶର୍ମା ଉଇକେଟ କିପିଂ କରିଥିବା ବେଳେ ପ୍ରଥମ ମ୍ୟାଚ୍‌ରେ ମଧ୍ୟ ସମାନ ଘଟଣା ଦେଖିବାକୁ ମିଳିପାରେ। ଶିବମ ଦୁବେ ଭାରତୀୟ ଦଳକୁ ଫେରିଥିବା ବେଳେ ଚତୁର୍ଥ ସିମର ଭାବେ ତାଙ୍କୁ ଖେଳାଇପାରେ ମ୍ୟାନେଜ୍‌ମେଣ୍ଟ। ମୁକେଶ କୁମାର, ଆଭେଶ୍ ଖାନ୍ ଓ ଅର୍ଶଦୀପ ସିଂ ଦଳର ମୁଖ୍ୟ ପେସର ରହିବେ। କୁଲଦୀପ ଯାଦବ ମୁଖ୍ୟ ସ୍ପିନର ରହିବାକୁ ଥିବାବେଳେ ଅକ୍ଷର ପଟେଲ, ୱାଶିଂଟନ୍ ସୁନ୍ଦର ଓ ରବି ବିଷ୍ଣୋଇଙ୍କ ମଧ୍ୟରୁ ଜଣଙ୍କୁ ଖେଳାଇବ ଭାରତ।

ଭାରତୀୟ ପରିବେଶରେ ଦିନିକିଆ ବିଶ୍ୱକପ୍‌ରେ ଚମତ୍କାର ପ୍ରଦର୍ଶନ କରିଥିବା ଆଫଗାନିସ୍ତାନ ମଧ୍ୟ ସମାନ ପ୍ରଦର୍ଶନ ଦୋହରାଇବାକୁ ପ୍ରୟାସ କରିବ।

**ମ୍ୟାଚ୍ ସ୍ଥାନ: ମୋହାଲି**
**ସମୟ: ସନ୍ଧ୍ୟା ୭.୦୦**
**ପ୍ରସାରଣ: ସ୍ପୋର୍ଟ୍ସ ୧୮**




# ଭାରତୀୟ ଅଡିଟ୍ ଓ ଆକାଉଣ୍ଟ୍ସ ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନ ଉଦ୍‌ଘାଟିତ



ଉଦ୍‌ଘାଟନୀ ଅବସରରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟ ଅତିଥିମାନେ ଖେଳାଳିଙ୍କ ସହ ପରିଚିତ ହେଉଛନ୍ତି।

ଭୁବନେଶ୍ୱର, ୧୦।୧(ତପନ ସ୍ୱାଇଁ)

ସ୍ଥାନୀୟ ମହାଲେଖାକାର ଅଡିଟ୍–୨ ଆନୁକୂଲ୍ୟରେ ଏବଂ ଏଜି ରିକ୍ରିଏଶନ କ୍ଲବ ସହଯୋଗରେ ଅଡିଟ୍ ଓ ଆକାଉଣ୍ଟ୍ସ ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ବୁଧବାର ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ଟୁର୍ନାମେଣ୍ଟ କମିଟି ଅଧ୍ୟକ୍ଷ ମହାଲେଖାକାର ବିଶ୍ୱନାଥ ସିଂ ଜାଦୋନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଶାର କ୍ରୀଡ଼ା ଓ ଯୁବ ସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିବା ସହ ଆଗାମୀ ଦିନରେ କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶା ବିଶ୍ୱରେ ଏକ ପ୍ରମୁଖ ସ୍ଥାନ ଅଧିକାର କରିବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ପ୍ରଧାନ ମହାଲେଖାକାର ଅଡିଟ୍–୧ କାର୍ଯ୍ୟାଳୟର ପ୍ରଧାନ ମହାଲେଖାକାର ରାଜକୁମାର, ପୂର୍ବତଟ ରେଲୱେ ଅଡିଟର ମହାନିର୍ଦ୍ଦେଶକ କୁଲୱନ୍ତ ସିଂ, ବରିଷ୍ଠ ଉପ ମହାଲେଖାକାର ଦୀପକ ରଘୁ, ଶ୍ରୀରାଜ ଅଶୋକ ସମ୍ମାନନୀୟ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଏଜି କାର୍ଯ୍ୟାଳୟର କଲ୍ୟାଣ ଅଧିକାରୀ ଅଶୋକ କୁମାର ପଣ୍ଡା ଟୁର୍ନାମେଣ୍ଟ ଆୟୋଜନ ସମ୍ପର୍କରେ ସମ୍ୟକ୍ ସୂଚନା ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପ ମହାଲେଖାକାର ଏକତା ସିଂହ, ତାନ୍ୟା ଅମ୍ବସ୍ତା, ସଚିନ କ୍ରିଷ୍ଣା କୌଶିକ, ରାଧିକା ସୁରେଶ, ଏସ. ଅରୁଣା, ପି. ଅଶୋକନ, ସ୍ୱାମୀ ଶୁଭମ ବୈଦ୍ୟନାଥ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟରେ ପୂର୍ବାଞ୍ଚଳ ରାଜ୍ୟ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର, ଅରୁଣାଚଳ ପ୍ରଦେଶ, ନାଗାଲାଣ୍ଡ, ଆସାମ, ତ୍ରିପୁରା, ମେଘାଳୟ, ମଣିପୁର, ସିକ୍କିମ, ମିଜୋରାମ ଏଜି ଏବଂ ରେଲୱେ ଅଡିଟ୍ କାର୍ଯ୍ୟାଳୟର ଭୁବନେଶ୍ୱର, କୋଲକାତା ଏବଂ ଗୋରଖପୁରର ୧୫ଟି ମହିଳା ଓ ପୁରୁଷ ବ୍ୟାଡ୍‌ମିଣ୍ଟନ ଦଳର ୯୦ ଖେଳାଳି ଯୋଗ ଦେଇଛନ୍ତି।

# ୨ଲକ୍ଷ କୋଟିରୁ ଅଧିକ କ୍ରେଡିଟ୍ ପ୍ଲାନ୍ କଲା ନାବାର୍ଡ




ଭୁବନେଶ୍ୱର,୧୦।୧(ଅନୁରାଧା ମହାରଣା)

୨୦୨୪-୨୫ ଆର୍ଥିକବର୍ଷ ପାଇଁ ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ପକ୍ଷରୁ ରାଜ୍ୟ ସରକାରଙ୍କ ନୂଆ କ୍ରେଡିଟ୍ ପ୍ଲାନ୍ ପ୍ରସ୍ତୁତ କରାଯାଇଛି। ୨ଲକ୍ଷ ୬୦୮ କୋଟି ଟଙ୍କାରୁ ଅଧିକ ଟଙ୍କାର ଋଣ ପ୍ରଦାନ ପାଇଁ ବିଭିନ୍ନ ବ୍ୟାଙ୍କ ସମ୍ମତି ପ୍ରଦାନ କରିଛନ୍ତି। ନାବାର୍ଡ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଷ୍ଟେଟ୍ କ୍ରେଡିଟ୍ ସେମିନାରରେ ଏପରି ସୂଚନା ଦିଆଯାଇଛି। ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅର୍ଥ ସଚିବ ବିଶାଲ କୁମାର ଦେବ, କୃଷି ସଚିବ ଡ. ଅରବିନ୍ଦ ପାଢ଼ୀ, ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ)ର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଏସ୍.ପି. ମହାନ୍ତି, ଏସ୍ଏଲ୍ବିସି ଆବାହକ ଗୌତମ ପାତ୍ର ପ୍ରମୁଖ ଯୋଗଦେଇ ସମସ୍ତ ଷ୍ଟେକ୍ ହୋଲ୍ଡରଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ନାବାର୍ଡର ସିଜିଏମ୍ ଡ. ସୁଧାଂଶୁ କେକେ ମିଶ୍ର ସ୍ୱାଗତ ଅଭିଭାଷଣ ରଖିବା ସହ ଉତ୍ପାଦନ ଓ ଉତ୍ପାଦ ବିକ୍ରି କୁ ନେଇ ମତ ରଖିଥିଲେ। ପୂର୍ବ ବର୍ଷ କେବଳ କୃଷିକ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯାଇଥିବାବେଳେ ଚଳିତ ବର୍ଷ ଉତ୍ପାଦ ବିକ୍ରି ନେଇ ବିଭିନ୍ନ ଯୋଜନା ହାତକୁ ନିଆଯାଇଛି। ଚଳିତଥର କୃଷି ସମେତ କ୍ଷୁଦ୍ର, ଅଣୁ, ମଧ୍ୟମ ଶିଳ୍ପ ଓ ମିଶନ ଶକ୍ତି ମହିଳାଙ୍କୁ ଗୁରୁତ୍ୱ ଦିଆଯାଇଛି। ଗତବର୍ଷ ଶତ ପ୍ରତିଶତ ସଫଳତା ହାସଲ ହୋଇଥିବାବେଳେ ବିଭିନ୍ନ ଜିଲାର ସମ୍ବଳ ଦେଖି ଚଳିତବର୍ଷର ପ୍ଲାନ ପ୍ରସ୍ତୁତ କରାଯାଇଛି। ଏନେଇ ଉନ୍ନୟନ କମିଶନର ଅନୁଗର୍ଗ କହିଛନ୍ତି, ଚଳିତ ବର୍ଷ ୧.୬ ଲକ୍ଷ ଟାର୍ଗେଟ୍ ହାସଲ କରିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ତେବେ ନାବାର୍ଡ ପକ୍ଷରୁ ମିଳିଥିବା ସୂଚନାନୁସାରେ ମିଶନ ଶକ୍ତି ମାଧ୍ୟମରେ ରାଜ୍ୟର ୭୦ ଲକ୍ଷ ମହିଳା ସ୍ୱାବଲମ୍ବୀ ହୋଇଛନ୍ତି। ମହିଳାଙ୍କ ଦକ୍ଷତା ବୃଦ୍ଧି ସହ ସେମାନଙ୍କ ଉତ୍ପାଦ ବିକ୍ରି ନେଇ ବଜାର ସୃଷ୍ଟି କରିବା ନାବାର୍ଡର ଲକ୍ଷ୍ୟ ବୋଲି କୁହାଯାଇଛି। ଭୁବନେଶ୍ୱର ଓ ଖୋର୍ଦ୍ଧାର ୨ଟି ମିଶନ ଶକ୍ତି ଷ୍ଟଲ ଥିବାବେଳେ ବାକି ରାଜ୍ୟର ୧୭ଟି ଷ୍ଟେସନ ଏବଂ ରାଜ୍ୟ ବାହାରର ସବୁ ଷ୍ଟେସନରେ ଷ୍ଟଲ ଖୋଲିବାକୁ ଉଦ୍ୟମ କରାଯାଉଛି। ଦେଶର ଚିଚ୍ଛି ରାଜ୍ୟ ମଧ୍ୟରୁ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଯାହାକି ଶତ ପ୍ରତିଶତ କ୍ରେଡିଟ୍ ପ୍ଲାନ୍ ହାସଲ କରିଛି ବୋଲି ଅର୍ଥ ସଚିବ କହିଛନ୍ତି। ଗତବର୍ଷ ଭଲ ପ୍ରଦର୍ଶନ କରିଥିବା ବ୍ୟାଙ୍କଗୁଡ଼ିକୁ ଏ ଅବସରରେ ସମ୍ମାନିତ କରାଯାଇଛି। ଗ୍ରାମାଞ୍ଚଳରେ ଦୁଗ୍ଧଜାତ ଦ୍ରବ୍ୟର ବିକ୍ରି ବୃଦ୍ଧି ସହ ଗୋପାଳକଙ୍କ ସଶକ୍ତୀକରଣ କରାଯାଇପାରିବ । ସେହିପରି ଫୁଲ ଚାଷୀ ହୁଅନ୍ତୁ ବା ଅନ୍ୟ କୌଣସି ଅଣୁ, କ୍ଷୁଦ୍ର, ମଧ୍ୟମ ଶିଳ୍ପ ଉଦ୍ୟୋଗୀଙ୍କ ସହାୟତା ଦିଗରେ ନାବାର୍ଡ କାର୍ଯ୍ୟ କରିବ ବୋଲି ମତ ପ୍ରକାଶ ପାଇଛି।



ଜୟଆଲୁକ୍କାସ୍ ଜୁଏଲେରିକୁ ନିକଟରେ 'ବର୍ଷର ଶ୍ରେଷ୍ଠ ଡିଜିଟାଲ-ସୋସିଆଲ ମିଡିଆ ମାର୍କେଟିଂ ପାଇଁ ଏମ୍‌ଡି ଆଣ୍ଡ ସିଇଓ ପୁରସ୍କାର-୨୦୨୪ ଏବଂ ନ୍ୟାଶନାଲ ରିଟେଲ ଚେନ୍ ଅଫ୍ ଦି ଇୟର' ପୁରସ୍କାର ପ୍ରଦାନ କରାଯାଇଛି। ଏପରିକି ମୁମ୍ବାଇଠାରେ ରିଟେଲ ଜୁଏଲେରି ଗ୍ରୁପ୍ ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜୟଆଲୁକ୍କାସ୍ ଜୁଏଲେରିକୁ ଉକ୍ତ ସମ୍ମାନ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଭାରତୀୟ ଚଳଚ୍ଚିତ୍ର ଅଭିନେତ୍ରୀ ଜୋୟା ଆଫ୍ରୋଜଙ୍କଠାରୁ ଜୟଆଲୁକ୍କାସ୍ ଇଣ୍ଡିଆ ଲିମିଟେଡ୍‌ର ସିଏମ୍‌ଡି ଜୟ ଆଲୁକ୍କାସ୍ ଉପରୋକ୍ତ ସମ୍ମାନ ଗ୍ରହଣ କରୁଛନ୍ତି। ଏହି ଅବସରରେ ଭାରତୀୟ ଚଳଚ୍ଚିତ୍ର ଅଭିନେତ୍ରୀ ସାନିଆ ମାଲହୋତ୍ରା ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ପୂର୍ବାଞ୍ଚଳ ବଜାରରେ ଲୁମିନସ୍ ଶ୍ରେଷ୍ଠ

## ସିଓ୍ୱାଇ-୨୦୨୩ରେ ଓଡ଼ିଶା ୧ ନଂ.




ଭୁବନେଶ୍ୱର,୧୦।୧ (ଅଭୟ ଦାଶ)

ଲୁମିନସ୍ ଇଣ୍ଡିଆ ପୁଣି ଥରେ ଘରୋଇ ବଜାରରେ ଶ୍ରେଷ୍ଠ ବ୍ରାଣ୍ଡ୍ ଓ ସେଲ୍‌ସର ମାନ୍ୟତା ହାସଲ କରିଛି। ଦେଶର ପୂର୍ବାଞ୍ଚଳ ରାଜ୍ୟରେ ଲୁମିନସ୍ ଉତ୍ପାଦ ରେଞ୍ଜ ଏକ ନମ୍ବର ସହ ଉଲ୍ଲେଖନୀୟ ସଫଳତା ପାଇଛି। ଏପରିକି କ୍ରମାଗତ ଭାବେ ପୂର୍ବାଞ୍ଚଳର ଓଡ଼ିଶା ବଜାର ୧ନଂ. ସ୍ଥାନରେ ରହିଛି। କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଷ୍ଟ୍ରିବ୍ୟୁଟର ପାୟୋନିଅର କମ୍ପ୍ୟୁଟର ଆଣ୍ଡ କମ୍ୟୁନିକେଶନର କଟକରୋଡ୍ ଶାଖା ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଶାଖା ପରିଚାଳକ ଅଭିଷେକ ସିଂହ, ବିଆଇ ଗଦାଧର ରଥ ଏବଂ ଅରୁଣ କୁମାରଙ୍କ ସମେତ ପାୟୋନିଅର କମ୍ପ୍ୟୁଟର ଆଣ୍ଡ କମ୍ୟୁନିକେଶନର ସ୍ୱତ୍ୱାଧିକାରୀ ଜ୍ଞାନରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ପାୟୋନିଅର କମ୍ପ୍ୟୁଟର ଆଣ୍ଡ କମ୍ୟୁନିକେଶନର ମୁଖ୍ୟ ଜ୍ଞାନରଞ୍ଜନ ସାହୁ କହିଥିଲେ, ଚଳିତ କ୍ୟାଲେଣ୍ଡର ଇୟର (ସିଓ୍ୱାଇ-୨୦୨୩)ରେ ଆମେ ପୂର୍ବାଞ୍ଚଳ ରାଜ୍ୟ ଓ ଓଡ଼ିଶା ବଜାରରେ ୧ନଂ. ସ୍ଥାନରେ ରହିଥିବାବେଳେ ଇଏସ୍‌ବି ଆଣ୍ଡ ସୋଲାର ସେଲ୍‌ସରେ ମଧ୍ୟ ଆମେ ପ୍ରଥମ ସ୍ଥାନ ଅଧିକାର କରି ବେଶ୍ ଉତ୍ସାହିତ ଅଛୁ। ଉଲ୍ଲେଖଯୋଗ୍ୟ, ପାୟୋନିଅର କମ୍ପ୍ୟୁଟର ଆଣ୍ଡ କମ୍ୟୁନିକେଶନର ଶାଖା ପଟିଆ, ଲକ୍ଷ୍ମୀସାଗର, କଟକରୋଡ୍, ଖଣ୍ଡଗିରି ଏବଂ ପୁରୀରେ ଉପଲବ୍ଧ।

# ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୧୦।୧: ୨ୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଚଳିତ ସପ୍ତାହର ୩ୟ ଦିନର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୨୭୧.୫୦ ପଏଣ୍ଟ ବଢି ୭୨,୬୫୭.୭୧ ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ ରେ ମଧ ୭୩.୮୫ ପଏଣ୍ଟ ବୃଦ୍ଧି ଘଟି ୨୧,୬୧୮.୭୦ ଅଙ୍କରେ କାରବାର ବନ୍ଦ କରିଥିଲା।

# ପଟିଆରେ ଶୋ'ରୁମ୍ କାଟିନାପି ଖୋଲିଲା



ଭୁବନେଶ୍ୱର,୧୦।୧

ପଟିଆସ୍ଥିତ ପ୍ରମିଳା ଟାୱାରରେ ଫର୍ନିଚର ଓ ଇଣ୍ଟେରିଅର ଡିଜାଇନ୍ ଶୋ'ରୁମ୍ କାଟିନାପି ଖୋଲିଛି। ଓଲିଉଡ୍ ଅଭିନେତ୍ରୀ ଏଲିନା ସାମନ୍ତରାୟ, ଫ୍ୟାଶନ ଡିଜାଇନର ସବ୍ୟସାଚୀ ଶତପଥୀ , ଇଣ୍ଡିଆ ଫେମ ମାଷ୍ଟର ସେଫ୍ ସ୍ମୃତିଶ୍ରୀ ସିଂ ଅତିଥି ଭାବେ ଯୋଗଦେଇ ବୁଧବାର ଶୋ'ରୁମ୍‌ର ଉଦ୍‌ଘାଟନ କରିଛନ୍ତି। ତେବେ ଲୋପାମୁଦ୍ରା ସାମଲ, ତପସ୍ୟା ପ୍ରସୂଜେନା , କବିତା ରଣା ଓ ଚନ୍ଦ୍ରଶେଖର ସାହୁଙ୍କ ସହଭାଗିତାରେ ଆରମ୍ଭ ହୋଇଥିବା ଏହି ଶୋ'ରୁମ୍‌ର ଅନେକ ବୈଶିଷ୍ଟ୍ୟ ରହିଛି। ଏଠାରେ ଘର ସାଜସଜ୍ଜାର ସମସ୍ତ ପ୍ରକାର ବିଳାସପୂର୍ଣ୍ଣ ଆସବାପତ୍ର ଉପଲବ୍ଧ ହେବ ବୋଲି ଲୋପାମୁଦ୍ରା ସୂଚନା ଦେଇଛନ୍ତି। ଅଞ୍ଚଳବାସୀଙ୍କ ଚାହିଦାକୁ ଦୃଷ୍ଟିରେ ଆକର୍ଷଣୀୟ ଫର୍ନିଚର ଏଠାରେ ମିଳିବ। ଭୁବନେଶ୍ୱରବାସୀ ଯେଉଁ ପ୍ରକାର ଆସବାବପତ୍ର ପାଇଁ ବାହାର ରାଜ୍ୟ ଉପରେ ନିର୍ଭରଶୀଳ ହେଉଛନ୍ତି ତାହା ସୁଲଭ ମୂଲ୍ୟରେ ଏଠାରେ ମିଳିବ ବୋଲି ସୂଚନା ଦିଆଯାଇଛି। ତେବେ ଘରସଜ୍ଜା ଉପକରଣ ନୁହେଁ ବରଂ ଅଫିସ୍ ଓ ରେଷ୍ଟୁରାଣ୍ଟ ଆଦିକୁ ନୂଆ ଲୁକ୍ ଦେବା ପାଇଁ ଏହି ଶୋ'ରୁମ୍ ପ୍ରୟାସ କରୁଥିବା କୁହଯାଇଛି। ଘର ଓ ଅଫିସ ଇଣ୍ଟେରିଆର ଡିଜାଇନ, ମୋଡ୍ୟୁଲାର କିଚେନ ପ୍ରସ୍ତୁତ କରିବାରେ ଏହାର ସ୍ୱତନ୍ତ୍ରତା ବଜାୟ ରଖିବାକୁ ଉଦ୍ୟମ କରାଯିବ। ଆଧୁନିକ ଶୈଳୀରେ ଘର ବା ଅଫସର ରୂପରେଖ ବଦଳାଇବା ସହ ଉନ୍ନତ ମାନର ଉପକରଣ ଯୋଗାଇଦିଆଯିବ । ସବୁବର୍ଗର ଲୋକଙ୍କ ପକେଟକୁ ସୁହାଇଲା ଭଳି ଦାମ ରଖାଯାଇଛି। କାଟିନାପି ଓଡ଼ିଶାର ନିଜସ୍ୱ ବ୍ରାଣ୍ଡ ହୋଇଥିବା ବେଳେ ଏଠାରେ ଭାରତର ବିଭିନ୍ନ ସ୍ଥାନର ଆସବାବପତ୍ର ସହ ବିଭିନ୍ନ ନାମୀଦାମୀ ଗୁଣବତ୍ତା ବ୍ରାଣ୍ଡର ମିଳିଥାଏ।

# ଓଜିବିର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧୦।୧



ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ (ଓଜିବି)ର ଦ୍ୱାଦଶ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରସ୍ଥିତ ଓଜିବିର ମୁଖ୍ୟ କାର୍ଯ୍ୟାଳୟ ଠାରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ବ୍ୟାଙ୍କର ସମସ୍ତ ଅଧିକାରୀ, କର୍ମଚାରୀ ଏବଂ ପରିବାର ସଦସ୍ୟମାନଙ୍କ ନିମନ୍ତେ ଆୟୋଜନ କରିଥିଲା। ଏଥିସହ ବ୍ୟାଙ୍କର ବିଭିନ୍ନ କ୍ଷେତ୍ରରେ ଯଥା ଲୋକ ଅଦାଲତ, ମିଶନ ଜନସୁରକ୍ଷା, ଅଟଳ ପେନ୍‌ସନ ଯୋଜନା ଇତ୍ୟାଦିରେ ଉଚ୍ଚ ପ୍ରଦର୍ଶନ କରିଥିବା ବ୍ୟାଙ୍କ ଶାଖା ଏବଂ ଆଞ୍ଚଳିକ କାର୍ଯ୍ୟାଳୟଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କର ଅଧ୍ୟକ୍ଷ ଋଷି ସିଂହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଋଣ ପ୍ରଦାନରେ ଶ୍ରେଷ୍ଠ ବ୍ୟାଙ୍କ ଭାବେ ବିବେଚିତ ହେବା ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କଠାରୁ ପୁରସ୍କାର ପାଇବା ପାଇଁ ବ୍ୟାଙ୍କର କର୍ମଚାରୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ ଏବଂ ଏଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିବା ପାଇଁ କର୍ମଚାରୀମାନଙ୍କୁ ସେ ଉତ୍ସାହିତ କରିଥିଲେ। ପରିଶେଷରେ ବ୍ୟାଙ୍କ ପକ୍ଷରୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲାବେଳେ ସ୍ଥାନୀୟ ଅଞ୍ଚଳର ଅନାଥ ଆଶ୍ରମଗୁଡିକ ପାଇଁ ଅତ୍ୟାବଶ୍ୟକ ସାମଗ୍ରୀ ଯଥା ଆଲମିରା, ବହି, ଖାତା, ପେନ୍, ରାସନ ସାମଗ୍ରୀ ପ୍ରଦାନ କରାଯାଇଥିଲା।

# ଏଇଏସ୍ଏଲ୍‌କୁ ବଳ ଯୋଗାଇବ ସ୍ମାର୍ଟ ମିଟର

ଭୁବନେଶ୍ୱର,୧୦।୧

ଆଦାନୀ ଗ୍ରୁପ୍‌ର ଅଗ୍ରଣୀ କମ୍ପାନୀ ଆଦାନୀ ଏନର୍ଜି ସଲ୍ୟୁଶନ ଲିମିଟେଡ୍ (ଏଇଏସ୍ଏଲ୍)କୁ ଭାରତୀ ଏୟାରଟେଲର ବିଟୁବି ଶାଖା ଏୟାରଟେଲ ବିଜ୍‌ନେସ୍ ୨୦ମିଲିୟନରୁ ଅଧିକ ସ୍ମାର୍ଟ ମିଟର ଯୋଗାଇବ। ଏପରିକି ଦେଶବ୍ୟାପୀ ଦୃଢ ଯୋଗାଯୋଗ ନେଟ୍‌ୱର୍କ ମାଧ୍ୟମରେ ଏୟାରଟେଲ ସମସ୍ତ ଏଇଏସ୍ଏଲ୍‌ରେ ସ୍ମାର୍ଟ ମିଟର ନିୟୋଜନ ପାଇଁ ନିର୍ଭରଯୋଗ୍ୟ ଏବଂ ସୁରକ୍ଷିତ ସଂଯୋଗ ଯୋଗାଇଦେବ। ଏଥିସହ ଏନ୍‌ବି-ଆଇଓଟି, ୪ଜି ଏବଂ ୨ଜି ଦ୍ୱାରା ପରିଚାଳିତ ଏୟାରଟେଲର ପରିବର୍ତ୍ତନକାରୀ ସ୍ମାର୍ଟ ମିଟରିଂ ସମାଧାନ ସ୍ମାର୍ଟ ମିଟର ଏବଂ ହେଡ୍‌ଏଣ୍ଡ ପ୍ରୟୋଗ ମଧ୍ୟରେ ରିଅଲ-ଟାଇମ ସଂଯୋଗ ଏବଂ ଗୁରୁତ୍ୱପୂର୍ଣ୍ଣ ଡାଟାର ନିରବଚ୍ଛିନ୍ନ ସ୍ଥାନାନ୍ତର ନିଶ୍ଚିତ କରିବାକୁ ଏଇଏସ୍ଏଲ୍‌କୁ ସାହାଯ୍ୟ କରିବ। ବିଶେଷକରି ଏୟାରଟେଲର ଆଇଓଟି ପ୍ଲାଟ୍‌ଫର୍ମ 'ଏୟାରଟେଲ ଆଇଓଟି ହବ୍' ଦ୍ୱାରା ଏହା ପରିଚାଳିତ ହେବ, ଯାହା ସ୍ମାର୍ଟମିଟର ଟ୍ରାକିଂ ଏବଂ ଉନ୍ନତ ଏନାଲିଟିକ୍ସ ଏବଂ ଡାଇଗ୍ନୋଷ୍ଟିକ କ୍ଷମତା ସହିତ ରିଅଲ-ଟାଇମ ଇନ୍‌ସାଇଟ ଏବଂ ସେବା ସହିତ ଗ୍ରାହକଙ୍କୁ ଶକ୍ତି ବ୍ୟବହାର ଉପରେ ବର୍ଦ୍ଧିତ ନିୟନ୍ତ୍ରଣ ସହିତ ସଶକ୍ତ କରିଥାଏ। ଏୟାରଟେଲ ବିଜ୍‌ନେସ୍ (ଭାରତ)ର ସିଇଓ ଗଣେଶ ଲକ୍ଷ୍ମୀନାରାୟଣନ କହିଥିଲେ, ସରକାରଙ୍କ ଦ୍ୱାରା ନିଆଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ନୀତିସଂସ୍କାର ପଦକ୍ଷେପ ମଧ୍ୟରୁ ଭାରତର ସ୍ମାର୍ଟ ମିଟରିଂ କାର୍ଯ୍ୟକ୍ରମ ଅନ୍ୟତମ। ଏହି ସମସ୍ତ ମିଟର ସ୍ମାର୍ଟ ଗ୍ରୀଡ୍ ଏବଂ ବିଦ୍ୟୁତ୍ କ୍ଷେତ୍ରର ଡିଜିଟାଲାଇଜେଶନ ପାଇଁ ମୌଳିକ ସକ୍ଷମକାରୀ ପାଇଁ ଗୁରୁତ୍ୱପୂର୍ଣ୍ଣ ବିଲ୍ଡିଂ ବ୍ଲକ ହୋଇଥିବାବେଳେ ବର୍ଦ୍ଧିତ ଡାଙ୍କିବା, ଉଚ୍ଚ ବିଶ୍ୱସନୀୟତା ଏବଂ ନିରାପତ୍ତା ସହିତ ସ୍ମାର୍ଟ ମିଟରକୁ ସ୍କେଲରେ ସଂଯୋଗ ଏବଂ ପରିଚାଳନା ପାଇଁ ୟୁଟିଲିଟି ସ୍ପେସ୍‌ରେ ଏହାର ଏନ୍‌ବି-ଆଇଓଟି ଟେକ୍ନୋଲୋଜି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଏୟାରଟେଲ ଆଶା କରିଛି। ଏଇଏସ୍ଏଲ୍‌ର ସିଇଓ କନ୍ଦର୍ପ ପଟେଲ କହିଥିଲେ, ଭାରତର ଉଚ୍ଚାଭିଳାଷୀ ପୁନର୍ନିର୍ମିତ ବିତରଣ ସେକ୍ଟର ସ୍କିମ୍‌ରେ ଆମେ କରୁଥିବା ଶକ୍ତି ଯୋଗାଣ ପଦ୍ଧତିର ପରିବର୍ତ୍ତନ କରୁଛି ଏବଂ ଉକ୍ତ ବିପ୍ଳବର ଅଗ୍ରଭାଗରେ ଥିବାରୁ ଏଇଏସ୍ଏଲ ଗର୍ବିତ ମନେକରୁଛି। ଏୟାରଟେଲ ସହିତ ଆମର ସହଭାଗିତା ସମସ୍ତଙ୍କ ପାଇଁ ଏକ ଅଧିକ ସ୍ମାର୍ଟ ଓ ଦକ୍ଷ ଗ୍ରୀଡ୍‌ର ଦୃଷ୍ଟିକୋଣକୁ ହୃଦୟଙ୍ଗମ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଚିହ୍ନିତ କରିବ।

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION-II, SUNDARGARH
E-Mail: rw_rourkela@yahoo.co.in
Letter No. 150 Date: 09.01.2024
CANCELLATION OF TENDER
No. O-2175: Due to Unavoidable Circumstance the tender invited by this office Bid Identification No. SERKL-25 of 2023-24 is herby cancelled.
Sd./- Superintending Engineer
RW Division-II, Sundargarh
OIPR-25193/11/0004/2324

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
CENTRAL (R&B) CIRCLE, BHUBANESWAR
Mail I.d. seccbbsr@gmail.com
E-procurement Tender Call Notice No.26 of 2023-24
No.89 (Estg.) Bhubaneswar the 6th January 2024
No.B-1588:The Chief Construction Engineer, Central (R&B) Circle, Bhubaneswar on behalf of the Governor of Odisha invites percentage rate bids for and five numbers road works and two numbers building work to be received in online bidding, double cover system for construction work as detailed in: https://tendersodisha.gov.in. The details of bid documents will be available in the above website from 5:00 P.M of 11.01.2024 to 3.00 P.M. of 25.01.2024. The bidders must possess compatible Digital Signature Certificate of Class II or III. Bids received online shall be opened at 5.00 A.M. of 25.01.2024 in the Office of the Chief Construction Engineer, Central (R&B) Circle, Bhubaneswar. Further details can be seen from the e-procurement portal www.tendersodisha.gov.in. Addendum/Corrigendum, if required, will be available only in the Website.
Sd./-Er. P.K.Mohanty
Chief Construction Engineer
Central (R&B) Circle, Bhubaneswar
OIPR-34005/11/0010/2324

OFFICE OF THE SUPERINTENDING ENGINEER
RURAL WORKS DIVISION-II, GANJAM, BERHAMPUR
Phone:0680-2404096, Email:eerwgmt@yahoo.co.in
Government of Odisha e-Procurement Notice
Bid Identification No.Online Tender/33/SERWD-II/2023-24
No.O-2174: Memo No.219/RWD-IIGB, Dt.09.01.24

| | | | |
|---|---|---|---|
| 1 | Name of the Work | :: | Road Works |
| 2 | Estimated Cost | :: | Rs.9.20 to 42.02 Lakhs |
| 3 | Period of Completion | :: | 1 (One) Month as per Annexure |
| 4 | Date & Time of availability of Bid documents in the Portal | :: | 16.01.2024 at 10.00 AM to 30.01.2024 upto 3.00 PM |
| 5 | Last Date/ Time for receipt of Bids in the Portal | :: | 30.01.2024 upto 3.00 PM |
| 6 | Name and address of the Officer Inviting Bid | :: | Superintending Engineer, Rural Works Division-II, Ganjam, Berhampur |

Further details can be seen from the e-Procurement portal tendersodisha.gov.in./nicgep/app.
Sd./- Superintending Engineer
R.W.Division-II, Ganjam, Berhampur
OIPR-25073/11/0030/2324

BHUBANESWAR DEVELOPMENT AUTHORITY
Akash Shova Building, Sachivalaya Marg
Bhubaneswar, Odisha - 751001, Ph.: +91-0674-2392801
RFP No. 208/BDA Dated: 03.01.2024
BDA/Planning (General Branch) MP/2023/34
SELECTION OF CONSULTANT FOR PREPARATION OF DRAINAGE AND ROAD MASTER PLAN FOR THE ENVIRONMENTALLY SENSITIVE ZONES OF CDP-2010 AND GANGUA NALAH IN BDA AREA CALL - 2
No. CAD-3650: Bhubaneswar Development Authority (BDA) intends to select an agency for "Selection of Consultant for preparation of Drainage and Road Master Plan for the Environmentally Sensitive Zones of CDP-2010 and Gangua Nalah in BDA Area".
Interested agencies may participate in this tender and submit their proposal. The RFP documents will be available from 02.01.2024 to 25.01.2024 and can be downloaded from Odisha e-procurement portal i.e. https://tendersodisha.gov.in. The completed proposal, as per instruction in the RFP document, should reach the BDA office latest by 25.01.2024 upto 17.00 Hrs. Please refer to the RFP document for further details.
BDA reserves the right to cancel this invitation and/or invite fresh Bid/RFP with or without amendments to this invitation, without liability or any obligation for such invitation and without assigning any reason. BDA also reserves the right to accept or reject any or all proposals without assigning any reason whatsoever.
Sd./- Planning Member
OIPR-13033/11/0558/2324 Bhubaneswar Development Authority

ODISHA HYDRO POWER CORPORATION LTD.
O/O. Sr. GENERAL MANAGER, HIRAKUD HYDRO ELECTRIC PROJECT
POST BOX NO.5, BURLA-768017, DISTRICT:SAMBALPUR (ODISHA), INDIA,
PHONE:0663-2950721(O), 2950765(R), E-Mail:srgmhps_burla@yahoo.co.in, CIN:U40101OR1995SGC003963
No.HHEP/Tech-WK-46/2 (Vol-II) Date:
NOTICE INVITING TENDER No.02/2024, DATE: 09.01.2024
No.CAD-3645:Sealed tenders are invited in two part i.e. (i) Techno Commercial bid & (ii) Price Bid in separate sealed envelopes from eligible bidders meeting eligibility criteria only for execution of the following work.

| Description of Work | Cost of tender paper (Non-refundable) in Rs. | EMD in shape of DD/Banker's Cheque (Refundable) in Rs. | Period of Sale/ download of tender document | Last date & time of receipt of tender | Date & Time of opening of Techno Commercial bid |
|---|---|---|---|---|---|
| Annual Maintenance Contract for Hydro Generating Units, their auxilaries and other equipment of Burla Power House for a period of one year. | 11,800/- (inclusive of GST) | 74,430/- | From 11.01.2024 to 29.01.2024 upto 17.00 Hrs. | 30.01.2024 (upto 13.00 Hrs.) | 30.01.2024 at 16.30 Hrs. |

For details of the tender documents, terms and conditions please visit our website www.ohpcltd.com. If any of the above dates fall on holiday (s) or the office is closed due to any other reason the next working day will be treated as the effective date.
OIPR-04007/11/0031/2324 Sd./- C & P Head, HHEP, Burla

ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness
NOTICE
No.743/OMC/2024
Date:10.01.2024
No.CAD-3661:Pursuant to the Notice No. 381/OMC/2024 dated 05.01.2024 regarding conduct of Computer Based Test (CBT) on 22.01.2024 & 23.01.2024 for the posts of Jr. Engineer (Mech.), Jr. Engineer (Elect.), Jr. Engineer (Civil), Jr. Pharmacist, Jr. Nurse & Electrician- III against Advertisement No. 82 dated 15.11.2023, the candidates are advised to note the following:
1. A "Mock Test" questionnaire shall be made available in OMC website (https://omcltd.in) on 11.01.2024 from 11:00 AM onwards to make the candidates familiar with the interface of Computer Based Test (CBT) to be conducted on 22.01.2024 (Monday) & 23.01.2024 (Tuesday).
2. The Facilitation Counters, to facilitate the candidates for addressing the issues related to non-receipt of e-Admit Card or any error/ discrepancy related to e-Admit Card, if any, will be functional on 21.01.2024 (Sunday) from 10:00AM to 1:00PM in the following cities:
• Bhubaneswar • Cuttack • Dhenkanal
• Sambalpur • Berhampur • Balasore
• Rourkela • Baripada
For address details of Facilitation Counters & other information related to CBT, candidates are advised to visit OMC website (http://omcltd.in).
OIPR-30005/11/0235/2324 Sd./- GENERAL MANAGER (PERSNL.)

OPHWC
THE ODISHA STATE POLICE HOUSING & WELFARE CORPORATION LTD.
(A Government of Odisha Undertaking)
JANAPATH, BHOINAGAR, BHUBANESWAR-22, Ph.0674-2541545, 2542921,Fax:0674-2541543
Email:ophwc.od@nic.in, Website:www.ophwc.nic.in
No.CAD-3653: e-Procurement Notice No.- 29/OPHWC/2023-24
INVITATION FOR BIDS (IFB)
The Chief Engineer (OSPH&WC), Odisha, Bhubaneswar invites Percentage Rate Bid in Double Cover System in ONLINE MODE only, for the works as detailed below:

| Sl. No. | Name of the Work | Approx. Estimated Cost | EMD (to be paid online) | Class of Contractor |
|---|---|---|---|---|
| 1. | Cluster of 1. Const. of Academic Bldg. with 15 Class Room for 128 student, 2. Constn. of 50 Seated Boys Hostel, 3. Constn. of Entrance Gate, 4. Repair & Renovation work of existing bldg. at Kantabanji Vocational College, Kantabanji, Bolangir | Rs.8,82,02,872.00 | Rs.8,82,000.00 | A Class & Spl. Class |
| 2. | Constn. of Court Bldg. for JMFC & Gram Nayalaya at Semiliguda in the Judgeship of Koraput | Rs.6,44,66,579.00 | Rs.6,44,700.00 | A Class & Spl. Class |
| 3. | Constn. of Infrastructure Works at ATS of RTO Balasore | Rs.4,10,38,253.00 | Rs.4,10,400.00 | A Class |
| 4. | Constn. of Addl. Revisional Court Bldg. Board of Revenue at Nayagarh | Rs.3,51,05,874.00 | Rs.3,51,100.00 | A Class |
| 5. | Constn. of Dog Kennel at Rourkela | Rs.56,42,847.00 | Rs.56,400.00 | B Class |
| 6. | Cost of Bid Document | Rs.11,800.00 (To be paid online) | | |
| 7. | Availability of Bid documents in the website | Dt.12.01.2024 to Dt.30.01.2024 upto 5.00 P.M. | | |
| 8. | Last date/time of receipt of bids in the Portal | Dt.30.01.2024 upto 5.00 PM | | |
| 9. | Date of Opening of Bid | Dt.31.01.2024 at 11.00 AM | | |
| 10. | The Bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/ corrigendum/cancellation of tender can also be seen in the said website. | | | |
| | Sd./- Chief Engineer, OSPH&WC | | | |
| N.B. | The quoted rate should be all inclusive but excluding G.S.T. as applicable Under works contract. | | | |

OIPR-12025/11/0029/2324

Government of Odisha
Office of the Chief Construction Engineer
Rural Works Circle, Sambalpur
E-mail Id:serwcirclesbp@yahoo.com
Bid Identification No. Bridge Tender Online RWCSBP-52/2023-24, No:111 Dated: 09.01.24
No.O-2178:The Chief Construction Engineer, Rural Works Circle, Sambalpur on behalf of Governor of Odisha invites online percentage rate Bid from experienced & eligible bidders for 02 (Two) nos of Bridge work under Biju Setu Yojana for the year 2023-24. 1.Name of work : Bridge works under BSY for the year 2023-24. 2. No. of Work: 02 (Two) nos of bridge works details as per DTCN. 3. Estimated Cost: Approximately cost Rs. 303.82 lakhs to Rs.387.82 lakhs. 4. Class of Contractor: 'A' Class. 5. Cost of tender paper and mode of deposit: Rs.10,000/- per set. (to be deposited Online) in favour concerned Superintending Engineer/ Executive Engineer. 6. Mode of submission of tender: Tender should be submitted only online in website www.tendersorissa.gov.in. (https//tendersodisha.gov.in). 7. EMD and mode of deposit: 1% of estimated cost of the work to be remitted online as mentioned in DTCN.
8. Summary of key dates are provided below:

| Procurement Officer | Bid Identification No. | Availability of Tender online for bidding | | Last date & time of seeking clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Bridge Tender Online RWCSBP-52/2023-24 | 16.01.2024 at 11.00 AM | 30.01.2024 upto 5.00 PM | 29.01.2024 upto 5.00 PM | 31.01.2024 at 11.00 AM | To be intimated later |

* Further details can be seen from the e-procurement portal www.tendersorissa.gov.in. (https//tendersodisha.gov.in)
* Subsequent modification/ corrigendum/Addendum if required shall appear in website only.
* The amount put to bid is exclusive of GST.
* Bidder should inspect the road before bidding and quote his rate accordingly.
OIPR-25091/11/0078/2324 Sd./- Chief Construction Engineer, Rural Works Circle, Sambalpur



# ଭୁଲନ୍ତି ନାହିଁ ଶିଳ୍ପା

ଥରେ ମନେପକାନ୍ତୁ ନା ସୁପରହିଟ୍ ଫିଲ୍ମ 'ଧଡକନ୍'ର ଅଞ୍ଜଳି ଚରିତ୍ରକୁ। ଏଥିଲାଗି ଶିଳ୍ପା ସେଟ୍ଟିଙ୍କୁ ଯେତେ ପ୍ରଶଂସା କରାଯିବ ତାହା ସେତେ କମ୍ ହେବ। ଘର ସଂସାର କରିଥିଲେ ମଧ୍ୟ ସେ ଅଭିନୟ ସହ ଜଡିତ ଅଛନ୍ତି। ଗତ ବର୍ଷ ତାଙ୍କ ଅଭିନୀତ ତଥା କମେଡି ଫିଲ୍ମ 'ସୁଖୀ' ରିଲିଜ ହୋଇଥିଲା। ଏବେ ସେ ଏକ କନ୍ନଡ ଫିଲ୍ମ 'କେଡି-ଦ ଡେଭିଲ୍'ରେ ଅଭିନୟ କରୁଛନ୍ତି। ଏହାର ଶୁଟିଂ ସହ ପୋଷ୍ଟ ପ୍ରଡକ୍ସନ କାମ ମଧ୍ୟ ଚାଲୁ ରହିଛି। ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ଶିଳ୍ପା ଗୋଟିଏ ଜିନିଷକୁ କଦାପି ଭୁଲି ନ ଥାନ୍ତି। ତାହା କ'ଣ ଜାଣନ୍ତି ? ଯୋଗ। ଅର୍ଥାତ୍, ସେ ପ୍ରତିଦିନ ଯେମିତି ହେଲେ ଘଣ୍ଟାଏ ଯୋଗ କରନ୍ତି। ନିଜକୁ ଫିଟ୍ ରଖିବାର ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହନ୍ତି ସେ। ସକାଳୁ ଉଠିବା ପରେ ନିତ୍ୟକର୍ମ ଶେଷ କରି ପ୍ରଥମେ ଯୋଗ କରନ୍ତି, ଆଉ ତା'ପରେ ନିଜର ଅନ୍ୟାନ୍ୟ କାମ ସମ୍ପନ୍ନ କରନ୍ତି। ଶିଳ୍ପାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'ବାଜିଗର'ରୁ। ତା'ପରେ ସେ 'ମେଁ ଖିଲାଡି ତୁ ଅନାଡି', 'ହାତକଡି', 'ଗ୍ୟାମ୍ବଲର', 'ଇନ୍‌ସାଫ', 'ହିମ୍ମତ', 'ସୁଲ୍', 'ଧଡକନ୍' ଆଦି ଫିଲ୍ମରେ ଅଭିନୟ କରିଛନ୍ତି।

# ସିଲ୍‌ଭର ଜୁବିଲି ଅପେକ୍ଷାରେ...

ହୋମ୍ ବ୍ୟାନରରୁ ନିଜର ବଲିଉଡ୍ କ୍ୟାରିୟର ଆରମ୍ଭ କରିଥିଲେ ହ୍ରିତିକ ରୋଶନ। ତାଙ୍କ ପିତା ତଥା ହିନ୍ଦୀ ସିନେମାର ଅନ୍ୟତମ ଆଗଧାଡିର ପ୍ରଯୋଜକ ଏବଂ ନିର୍ଦ୍ଦେଶକ ରାକେଶ ରୋଶନଙ୍କ 'କହୋନା ପ୍ୟାର୍ ହେ'ରେ ସେ ନାୟକ ଭୂମିକାରେ ଅଭିନୟ କରି ରାତାରାତି ସଫଳତା ଅର୍ଜନ କରିଥିଲେ। ପ୍ରଥମ ସିନେମାରୁ ତାଙ୍କ ଭିତରେ ଥିବା ଅଭିନୟ ଦକ୍ଷତା ପ୍ରମାଣ ମଧ୍ୟ ଦେଇଥିଲେ। ଇତିମଧ୍ୟରେ ସେ ବଲିଉଡ୍‌ରେ ୨୪ ବର୍ଷ ପୂରଣ କରିଛନ୍ତି। ଆଉ ବର୍ଷକ ପରେ ସେ ପାଳନ କରିବେ ତାଙ୍କ ଆକ୍ଟିଂ କ୍ୟାରିୟରର ସିଲ୍‌ଭର ଜୁବିଲି। ଏ ନେଇ ହ୍ରିତିକ କହନ୍ତି, ''ଏସବୁ ସମ୍ଭବ ହୋଇଛି ଦର୍ଶକଙ୍କ ପାଇଁ। ସେମାନେ ଯଦି ମୋତେ ଆରମ୍ଭରୁ ଭଲ ପାଇବା ଦେଇ ନ ଥାନ୍ତେ ତେବେ ମୁଁ ଏପର୍ଯ୍ୟନ୍ତ ଇଣ୍ଡଷ୍ଟ୍ରିରେ ତିଷ୍ଠି ନ ଥାନ୍ତି। ମୁଁ ସବୁବେଳେ ଭେରାଇଟି ଭୂମିକାରେ ଅଭିନୟ କରିବାକୁ ପସନ୍ଦ କରେ। ସେଗୁଡିକ ମଧ୍ୟ ଦର୍ଶକାଦୃତ ହୋଇସାରିଛି। ତେଣୁ ମୋ ପରିଶ୍ରମର ପ୍ରକୃତ ମୂଲ୍ୟ ମୁଁ ପାଇଛି ବୋଲି କହିବି।'' ଅବସର ସମୟରେ ହ୍ରିତିକ ଚିତ୍ର ଆଙ୍କିବାକୁ ପସନ୍ଦ କରନ୍ତି। କେବଳ ହିନ୍ଦୀ ନୁହେଁ, ଇଂରାଜୀ, ବଙ୍ଗଳା ଏବଂ ସ୍ପାନିସ ଭାଷାରେ ତାଙ୍କର ଦକ୍ଷତା ରହିଛି।



ହ୍ରିତିକ

# ଓଡ଼ିଆ ଚଳଚ୍ଚିତ୍ରର ଗତି-ପ୍ରଗତି

ଓଡ଼ିଆ ଚଳଚ୍ଚିତ୍ରକୁ ନେଇ ଏବେ ଆଲୋଚନା ବେଶ୍ ସରଗରମ ହୋଇଛି। ତା' ସାଙ୍ଗକୁ ପରସ୍ପର ଭିତରେ ଆରୋପ ପ୍ରତ୍ୟାରୋପ ଏହି ଶିଳ୍ପକୁ ପଛକୁ ଟାଣିନେଉଛି କହିଲେ ଆଦୌ ଭୁଲ ହେବ ନାହିଁ। ମୋର ଅନୁଭୂତି କଥା କହୁଛି। ବହୁ ବର୍ଷ ପୂର୍ବେ ଓଡ଼ିଆ ସିନେମାଟିଏ ଦେଖିବାକୁ ଲୋକମାନେ ଗାଁ ଗହଳିରୁ ଶଗଡରେ ଆସୁଥିଲେ। କିନ୍ତୁ ସେତେବେଳେ ସିନେମା ଟିକେଟର ମୂଲ୍ୟ କମ୍ ଥିଲା। ହେଲେ ଏବେ ଆଗ ତୁଳନାରେ ବାଣିଜ୍ୟ କର ବହୁତ କମ୍, ଏହାଦ୍ୱାରା ପ୍ରଯୋଜକମାନଙ୍କର ଆୟ ଅଧିକ ହେବା କଥା। କିନ୍ତୁ ଦୁର୍ଭାଗ୍ୟବଶତଃ ଓଡ଼ିଆ ଚଳଚ୍ଚିତ୍ରର ଦର୍ଶକ ସଂଖ୍ୟା ପୂର୍ବାପେକ୍ଷା ବହୁତ କମିଯାଇଛି। ବର୍ତ୍ତମାନ ଓଡ଼ିଆ ସିନେମା କାହିଁକି କମ୍ ବିଜ୍‌ନେସ କରୁଛି ତାହା ବଡ ଚିନ୍ତାର ବିଷୟ। ଏବେ ଓଡ଼ିଆ ସିନେମା ନିର୍ମାଣ ସଂଖ୍ୟା ଏବଂ ରିଲିଜ ସଂଖ୍ୟା ବଢ଼ିଛି। ଚଳିତବର୍ଷ ଏହା ୪୦ ଟପିଛି। କିନ୍ତୁ ସେଗୁଡିକ ମଧ୍ୟରୁ ହାତଗଣତି କେତୋଟି ସିନେମାକୁ ବ୍ୟବସାୟିକ ସଫଳତା ମିଳୁଛି।

ଗୋଟିଏ ଚଳଚ୍ଚିତ୍ରର ସଫଳତା ପଛରେ ଏହା ସହ ସଂଶ୍ଳିଷ୍ଟ ବ୍ୟକ୍ତିମାନଙ୍କର ବିଶେଷଭାବରେ ପ୍ରଯୋଜକଙ୍କର ବିଶେଷ ଭୂମିକା ରହିଥାଏ। ଯେକୌଣସି ଚଳଚ୍ଚିତ୍ରଟିଏ ତିଆରି କରିବାକୁ ହେଲେ ଚିତ୍ରନାଟ୍ୟ ଭଲ ଲେଖାହେବା ନିହାତି ଆବଶ୍ୟକ। କାରଣ ଚିତ୍ରନାଟ୍ୟ ହେଉଛି ଚଳଚ୍ଚିତ୍ରର ମେରୁଦଣ୍ଡ। ତା'ସହ ଦର୍ଶକଙ୍କ ମନକୁ ଛୁଇଁଲା ଭଳି କାହାଣୀଟିଏ ସଂଳାପରେ ରୂପାନ୍ତରିତ ହେବା ଦରକାର। ଏହା ସହ ବେଶପୋଷାକ, ପ୍ରସାଧନ ସାମଗ୍ରୀ, ଶୁଟିଂ ସ୍ଥାନ ପ୍ରତି ଗୁରୁତ୍ୱ ଦେବା ଦରକାର।

ଏବେ ଅନ୍ୟ ଆଞ୍ଚଳିକ ସିନେମାରୁ କେତେକ ଓଡ଼ିଆ ଚଳଚ୍ଚିତ୍ର ଫ୍ରେମ୍-ଟୁ-ଫ୍ରେମ୍ କପି ହେଉଛି। ଏଭଳି କପି ପେଷ୍ଟ ଫିଲ୍ମରେ ଆମ ଓଡ଼ିଆ ସଂସ୍କୃତି, ପରମ୍ପରାର ଝଲକ ଦେଖିବାକୁ ମିଳୁନାହିଁ। ଫଳରେ ସିନେମାଟି ଦର୍ଶକାଦୃତ ହୋଇପାରୁନାହିଁ। ତେଣୁ ନିଛକ ଓଡ଼ିଆ ସିନେମାଟିଏ ଦେଖିବାକୁ ମିଳୁ ନ ଥିବାରୁ ଅଧିକାଂଶ ଦର୍ଶକ ମୁହଁ ଫେରାଇ ନେଉଛନ୍ତି।

ଓଡ଼ିଆ ଚଳଚ୍ଚିତ୍ରର ବିତରଣ ଦାୟିତ୍ୱ ନେବା ପୂର୍ବରୁ ବିତରକ ଚଳଚ୍ଚିତ୍ରଟିକୁ ଭଲ ଭାବରେ ଦେଖି ମୂଲ୍ୟାଙ୍କନ କରିବାର ଆବଶ୍ୟକତା ରହିଛି। ତା'ସହ ଚଳଚ୍ଚିତ୍ରଟିର ପ୍ରଚାର, ପ୍ରସାର ପାଇଁ ପ୍ରଯୋଜନା ସଂସ୍ଥା ନିର୍ଦ୍ଧାରିତ ବଜେଟ ରଖିବା ଆବଶ୍ୟକ। କେବଳ ଭିତ୍ତିଭୂମି ସୁଦୃଢ଼ ହୋଇଗଲେ ଯେ ଚଳଚ୍ଚିତ୍ର ସାର୍ବଜନୀନ ଭାବରେ ଉନ୍ନତ ହୋଇଯିବ, ତାହା ଭାବିବା ଭୁଲ। ବର୍ତ୍ତମାନ ଅଧିକାଂଶ ପ୍ରେକ୍ଷାଳୟର ଅବସ୍ଥା ନ କହିବା ଭଲ। ସେଗୁଡିକର ପୁନରୁଦ୍ଧାର ଆବଶ୍ୟକତା ରହିଛି। ସରକାରଙ୍କ ସହାୟତା ଏଥିପାଇଁ ନିହାତି ଦରକାର। ତା'ସହ ପିପିପି ମୋଡ୍‌ରେ ସିନେମା ହଲ୍ ନିର୍ମାଣ କରାଗଲେ ତାହା ଚଳଚ୍ଚିତ୍ର ଶିଳ୍ପ ପାଇଁ ଶୁଭପ୍ରଦ ସାବ୍ୟସ୍ତ ହୁଅନ୍ତା।

ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପର ସାମଗ୍ରିକ ଉନ୍ନତି ପାଇଁ ଏଥିସହ ସଂଶ୍ଳିଷ୍ଟ ସବୁ ବିଭାଗ ଉଚିତ ସମନ୍ୱୟ ରକ୍ଷା କରି କାନ୍ଧରେ କାନ୍ଧ ମିଳାଇ ଆଗେଇବାର ସମୟ ଆସିଛି। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ପ୍ରତି ନଜର ଦେବା ନିହାତି ଦରକାର। କେଉଁ ମାର୍ଗ ଅବଲମ୍ବନ କଲେ ପ୍ରଯୋଜକ, ବିତରକ, ପ୍ରେକ୍ଷାଳୟ ମାଲିକ, କଳାକାର, ଟେକ୍ନିସିଆନ- ସମସ୍ତେ ସ୍ୱାବଲମ୍ବୀ ହୋଇପାରିବେ ତାହାର ଏକ ଖସଡା ପ୍ରସ୍ତୁତ ହେବା ନିହାତି ଆବଶ୍ୟକ। ମୋର ଅଭିଜ୍ଞତାକୁ ପାଥେୟ କରି ମୁଁ ମଧ୍ୟ ଏକ ଖସଡା ପ୍ରସ୍ତୁତ କରିଛି। ଏଥିପାଇଁ ଦରକାର ଦୃଢ଼ ମନୋବଳ, ସରକାରଙ୍କ ତରଫରୁ ସକାରାତ୍ମକ ପ୍ରୋତ୍ସାହନ ଓ ଉଚ୍ଚସ୍ତରୀୟ ସମନ୍ୱୟ। ସରକାରଙ୍କ ପକ୍ଷରୁ ଉଚିତ ସହଯୋଗ ମିଳିଲେ ଏବଂ ଚଳଚ୍ଚିତ୍ର ସହ ଜଡିତ ସମସ୍ତ ବ୍ୟକ୍ତିବିଶେଷ ଏକାଠି ଆଗେଇଲେ ଏହି ଶିଳ୍ପର ଭବିଷ୍ୟତ ଆହୁରି ଉଜ୍ଜ୍ୱଳମୟ ହେବ। ଚଳଚ୍ଚିତ୍ର ଶିଳ୍ପର ରାଜସ୍ୱ ବୃଦ୍ଧି ହେବ। ସମୟ ଆସିବ ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପ ସରକାରଙ୍କ ଏକ ଅଗ୍ରଣୀ ଲାଭଦାୟକ ସଂସ୍ଥା ଭାବରେ ପରିଗଣିତ ହେବ- ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

*-ଦିଲୀପ କୁମାର ମିଶ୍ର*
*ନିର୍ଦ୍ଦେଶକ, ଓଡ଼ିଶା ଫିଲ୍ମ ଡେଭଲପମେଣ୍ଟ କର୍ପୋରେଶନ (ଓଏଫ୍‌ଡିସି)*
*ମୋ : ୯୯୩୭୬୮୯୧୫୨*

# ମଡେଲରୁ ଅଭିନେତ୍ରୀ

ଚର୍ଚ୍ଚିତ ଫିଲ୍ମ 'ଏମ୍.ଏସ୍.ଧୋନି: ଦ ଅନଟୋଲ୍ଡ ଷ୍ଟୋରି'ରୁ ତାଙ୍କର ବଲିଉଡ୍ ଯାତ୍ରା ଆରମ୍ଭ ହୋଇଥିଲା। ଆଉ ତା'ପରେ ବେଶ୍ କେତୋଟି ସିନେମାର ନାୟିକା ସାଜିସାରିଛନ୍ତି ସେ। ଏହି ଅଭିନେତ୍ରୀ ଜଣଙ୍କ ହେଉଛନ୍ତି ଦିଶା ପଟାନି। ପ୍ରଥମେ ମଡେଲିଂ କରୁଥିଲେ ସେ। ୨୦୧୫ରେ ତାଙ୍କୁ ପ୍ରଥମେ ବଡ ପରଦାରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ଆଉ ତାହା ଥିଲା ନାମୀ ନିର୍ଦ୍ଦେଶକ ପୁରୀ ଜଗନ୍ନାଥଙ୍କ ନିର୍ଦ୍ଦେଶିତ ଏକ ତେଲୁଗୁ ଫିଲ୍ମ, ଯାହାର ଟାଇଟଲ ହେଉଛି 'ଲୋଫର'। ଠିକ୍ ଏହାର ବର୍ଷେ ପରେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ ଦିଶା। ଲୋକପ୍ରିୟ କ୍ରିକେଟ ଖେଳାଳି ମହେନ୍ଦ୍ର ସିଂ ଧୋନିଙ୍କ ଜୀବନୀକୁ ନେଇ ପ୍ରସ୍ତୁତ 'ଏମ୍.ଏସ୍. ଧୋନି : ଦ ଅନଟୋଲ୍ଡ ଷ୍ଟୋରି'ରେ ତାଙ୍କୁ ବ୍ରେକ୍ ମିଳିଥିଲା। ଏହାପରେ ସେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ତା'ସହ ଆକ୍ଟିଂ କ୍ୟାରିୟର ପ୍ରାରମ୍ଭରେ ସେ ଏକ ଚାଇନା ଫିଲ୍ମ 'କୁଙ୍ଗ ଫୁ ୟୋଗା'ରେ ଜ୍ୟାକି ଚାନ୍‌ଙ୍କ ନାୟିକା ସାଜିଥିଲେ। ଅଭିନୟ ବ୍ୟତୀତ ନିଜର ଫିଟ୍‌ନେସ୍‌କୁ ନେଇ ସବୁବେଳେ ସଚେତନ ଥାଆନ୍ତି ସେ। ମାର୍ଶଲ ଆର୍ଟରେ ସେ ସିଦ୍ଧହସ୍ତା। ତା' ସହ କିକ୍ ବକ୍ସିଂ ମଧ୍ୟ ଶିଖିଛନ୍ତି। ତାଙ୍କ ଅଭିନୀତ ପ୍ରମୁଖ ସିନେମାଗୁଡିକ ମଧ୍ୟରେ ରହିଛି 'ୱେଲକମ୍ ଟୁ ନ୍ୟୁୟର୍କ', 'ବାଗୀ-୨', 'ଭାରତ', 'ମଲଙ୍ଗ', 'ବାଗୀ-୩', 'ରାଧେ' ଏବଂ 'ଏକ ଭିଲେନ୍ ରିଟର୍ନସ'। ରିଲିଜ ଅପେକ୍ଷାରେ ରହିଛି ତେଲୁଗୁ-ହିନ୍ଦୀ ଫିଲ୍ମ 'କଲ୍‌କି ୨୮୯୮ ଏଡି', 'ୟୋଦ୍ଧା', 'କଙ୍ଗୁଭା' ଏବଂ 'ୱେଲକମ୍ ଟୁ ଜଙ୍ଗଲ'।



ଦିଶା

# ଅପେକ୍ଷାର ଫଳ ମିଠା

କଥାରେ ଅଛି-ଅପେକ୍ଷାର ଫଳ ମିଠା। କିନ୍ତୁ ସେ ପର୍ଯ୍ୟନ୍ତ ଧୈର୍ଯ୍ୟର ଆବଶ୍ୟକତା ରହିଛି। ଦେଖୁନାହାନ୍ତି, ନିଜର ଆମାଗୀ ଫିଲ୍ମ 'ମିଶନ ଲାୟନ'ର ପ୍ରମୋରେ ସେ ଏବେଠାରୁ ଲାଗି ପଡିଲେଣି। ସେ ହେଲେ ସାରା ଅଲ୍ଲୀ ଖାଁ। ଏକ ରୋମାଞ୍ଚକର ତଥା ଆକ୍ସନଭିତ୍ତିକ କାହାଣୀକୁ ଆଧାର କରି ଫିଲ୍ମଟି ନିର୍ମିତ ହୋଇଛି। ଏଥିରେ ନିଜ ଭୂମିକା ସମ୍ପର୍କରେ ସାରା କହନ୍ତି, 'ଏଥିରେ ମୋ ଭୂମିକା ବିଷୟରେ ଏବେଠାରୁ କହିବା ଆଦୌ ଠିକ୍ ହେବ ନାହିଁ। ହେଲେ ଏତିକି କହିବି, ଯେଉଁଭଳି ଭୂମିକାଟିଏ ଖୋଜୁଥିଲି ତାହା ମୋତେ ମିଳିଯାଇଛି। ଫିଲ୍ମଟି ରିଲିଜ ହେବା ପରେ ଦର୍ଶକ ଏହାକୁ ପସନ୍ଦ କରିବେ ବୋଲି ଆଶା ରଖିଛି।' ଏହି ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଜ୍ୟାକି ଭଗନାନି ଏବଂ ଜଗନ ଶକ୍ତି। କେବଳ ସେତିକି ନୁହେଁ ଏହାର ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି ଜଗନ। ଏକ ଦୃଢ଼ ପ୍ରତିପକ୍ଷ ବିରୋଧରେ ଜଣେ ଯୁବକ କିପରି ଲଢୁଛି ଏବଂ ଶେଷରେ ଏହାର ପରିଣତି କ'ଣ ହେଉଛି, ତାହା ଏହି ସିନେମାରେ ଦେଖିବାକୁ ମିଳିବ। ଉକ୍ତ ଫିଲ୍ମରେ ଟାଇଗର ଶ୍ରଫ ମୁଖ୍ୟ ଭୂମିକାରେ ଅଭିନୟ କରୁଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ସାରା। ଏହି ଯୋଡି ବ୍ୟତୀତ ଡାନିଏଲ ଏଥନ୍, ଅତୁଲ ଶର୍ମା ଏବଂ ହିତେନ୍ ପଟେଲ ପ୍ରମୁଖ କଳାକାରଙ୍କୁ ଏଥିରେ ଦେଖିବାକୁ ମିଳିବ। ଫିଲ୍ମଟି ଫେବୃୟାରୀ ୨୮ରେ ରିଲିଜ ହେବାର ଯୋଜନା ରହିଛି।

# ଆଶାରେ ଆକାଶ

ଆକାଶ ଦାସ ନାୟକ ଇତିମଧ୍ୟରେ ବେଶ୍ କେତୋଟି ଓଡ଼ିଆ ସିନେମାରେ ଅଭିନୟ କରିସାରିଛନ୍ତି। ଯଦିଓ ସେ ରାଜନୀତି ସହ ଏବେ ଜଡିତ ଅଛନ୍ତି, ତଥାପି ଅଭିନୟର ମାୟାରୁ ମୁକୁଳିପାରି ନାହାନ୍ତି। ତାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'କଳିଙ୍ଗପୁତ୍ର'। ଏହି ଫିଲ୍ମ ପାଇଁ ତାଙ୍କୁ ସେହି ବର୍ଷ ଶ୍ରେଷ୍ଠ ଅଭିନେତା ଭାବରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମିଳିଥିଲା। ଏବେ ତାଙ୍କୁ ନେଇ ନିର୍ମିତ 'କେମିତି ଏ ସମ୍ପର୍କ' ରିଲିଜ ଅପେକ୍ଷାରେ ରହିଛି। ଆଉ ଏଥିରେ ନିଜ ଭୂମିକାର ସଫଳତାକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି ଆକାଶ। ସମ୍ପର୍କ ଯେତେବେଳେ ମଧୁର ଥାଏ ତାହା ମନକୁ ବେଶ୍ ପୁଲ୍‌କିତ କରି ରଖେ। ହେଲେ ଯେତେବେଳେ ଏଥିରେ ସନ୍ଦେହର ଭାଇରସ୍ ପ୍ରବେଶ କରେ ସେତେବେଳେ ତାହା ଭିନ୍ନ ରୂପ ନିଏ। ଠିକ୍ ସେହିଭଳି ସମ୍ପର୍କକୁ ନେଇ ରଚିତ ହୋଇଛି ଏକ ଭିନ୍ନ ଧରଣର କାହାଣୀ। ଆଉ ତାକୁ ଆଧାର କରି ନିର୍ମିତ ହୋଇଛି ଏହି ନୂଆ ଓଡ଼ିଆ ସିନେମା। ରୂପେଶ କୁମାର ଏହି ଫିଲ୍ମରୁ ନିଜର ପ୍ରଯୋଜନା କ୍ୟାରିୟର ଆରମ୍ଭ କରୁଛନ୍ତି। ତା' ସହ ଏହାର କାହାଣୀ ମଧ୍ୟ ସେ ରଚନା କରିଛନ୍ତି। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି ବରିଷ୍ଠ ନିର୍ଦ୍ଦେଶକ ହିମାଂଶୁ ପରିଜା(ଚଣ୍ଡୀ)। ଡା. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ୍ ମଜୁମ୍‌ଦାର। ଜେଜେଏନ୍‌ଜେ ବ୍ୟାନରରେ ପ୍ରସ୍ତୁତ ଏହି ଚିତ୍ରର ସଂଳାପ ରଚନା କରିଛନ୍ତି ଚିନ୍ମୟ ଦାସପଟ୍ଟନାୟକ। ଖାସ୍ କଥା ହେଲା, ଏହାର ଲିଡ୍ ରୋଲ୍‌ରେ ଅଭିନୟ କରିଛନ୍ତି ଆକାଶ ଦାସନାୟକ। ତାଙ୍କ ଅପୋଜିଟ୍‌ରେ ଦୁଇଜଣ ନାୟିକା- ଏଲିନା ସାମନ୍ତରାୟ ଏବଂ ଲିପ୍ସା ମିଶ୍ରଙ୍କୁ ଦେଖିବାକୁ ମିଳିବ। ଏମାନଙ୍କ ବ୍ୟତୀତ ପ୍ରଦ୍ୟୁମ୍ନ ଲେଙ୍କା, ଅସିତ୍ ପତି, ଜୀବନ ପଣ୍ଡା, ଉଷଶୀ ମିଶ୍ର, ନମିତା ଦାସ, ଗୁଲ୍ଟୁ, ସନ୍ଟୁ, ମିଳନ ଏବଂ ଶିଶୁ କଳାକାର ଲତାଶା ଖୁରାନା ପ୍ରମୁଖ ଅଭିନୟ କରିଛନ୍ତି। ଫିଲ୍ମଟିର କ୍ରିଏଟିଭ ହେଡ୍ ଅଛନ୍ତି ପ୍ରଣୟ ଜେଠୀ।

# ଇସ୍କ ସରେଣ୍ଡର ହେଲା

ପ୍ରେମ ହେଉଛି ଶାଶ୍ୱତ, ନିର୍ମଳ। ଯଦି ଜଣେ ସଚ୍ଚା ହୃଦୟରେ ପ୍ରେମ କରେ ତେବେ ସେ ଏଥିରେ ସଫଳ ହେବାର ଯଥେଷ୍ଟ ଚାନ୍ସ ରହିଛି। ଏକ ଭିନ୍ନ ଧରଣର ପ୍ରେମ କାହାଣୀକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଇସ୍କ ସରେଣ୍ଡର ହେଲା'। ବିଶ୍ୱାସ ପ୍ରଡକସନ୍ସ ବ୍ୟାନରରେ ପ୍ରସ୍ତୁତ ଫିଲ୍ମଟି ଚଳିତ ବର୍ଷ ଭାଲେଣ୍ଟାଇନ୍ ଡେ' ଅବସରରେ ମୁକ୍ତିଲାଭ କରିବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଏହାର ପ୍ରଯୋଜନା କରିଛନ୍ତି ବିଶ୍ୱାସ ଏଣ୍ଟରଟେନ୍‌ମେଣ୍ଟ। ଅନ୍ୟପକ୍ଷରେ ଚିତ୍ରନାଟ୍ୟ ରଚନା ସହ ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି ରାଜା ଡି। ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ବିଶ୍ୱଭୂଷଣ ମହାପାତ୍ର। ଖାସ୍ କଥା ହେଲା ଏଥିରେ ସଂଯୋଜିତ ଗୀତଗୁଡିକ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆଶା ରଖିଛନ୍ତି ଓଲିଉଡ୍‌ର ଅନ୍ୟତମ ଆଗଧାଡିର ସ୍ୱର ସଂଯୋଜକ ପ୍ରେମାନନ୍ଦ। ଗୀତଗୁଡିକ ପାଇଁ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅନନ୍ୟା ଶ୍ରୀତମ ନନ୍ଦ, ଦୀପ୍ତିରେଖା ପାଢ଼ୀ, ସବିଶେଷ, ଆଶୁତୋଷ ଏବଂ ସତ୍ୟଜିତ। ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ସମ୍ଭବ ମାନସିଂ, ଜୟା ବିଶ୍ୱାସ, ପିୟାଲି, ମନୋଜ ମିଶ୍ର, ମିହିର ଦାସ, ବଣ୍ଟି ଅନୁଗୁଳିଆ, ଅଶୋକ ଦାସ ଏବଂ ପ୍ରତିଭା ପଣ୍ଡା ପ୍ରମୁଖ କଳାକାର।

'କେମିତି ଏ ସମ୍ପର୍କ' ଫିଲ୍ମରେ ଏଲିନା-ଆକାଶ





ସମ୍ଭବ-ଜୟା

ସାରା



# ଆଜି ସେମିଫାଇନାଲ

## ଅଲ୍‌ଟିମେଟ ଖୋ ଖୋ ସିଜନ-୨

■ ଗୁଜରାଟ ଜାଏଣ୍ଟସ୍‌କୁ ଭେଟିବ ଡିଫେଣ୍ଡିଂ ଚାମ୍ପିୟନ ଓଡ଼ିଶା ଜଗରନଟ୍ସ

■ ଚେନ୍ନାଇ କୁଇକ୍ ଗନ୍ସ ସହ ତେଲୁଗୁ ଯୋଦ୍ଧାସ ମୁକାବିଲା

ଭୁବନେଶ୍ୱର, ୧୦।୧

(ତପନ ସ୍ୱାଇଁ)

କଟକର ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଅଲ୍‌ଟିମେଟ ଖୋ ଖୋ ସିଜନ-୨ର ୨ଟି ଯାକ ସେମିଫାଇନାଲ ଗୁରୁବାର ଅନୁଷ୍ଠିତ ହେବ। ସନ୍ଧ୍ୟା ୭ଟା ୩୦ରେ ହେବାକୁଥିବା ପ୍ରଥମ ସେମିଫାଇନାଲରେ ଗୁଜରାଟ ଜାଏଣ୍ଟସ୍‌କୁ ଭେଟିବ ଡିଫେଣ୍ଡିଂ ଚାମ୍ପିୟନ ଓଡ଼ିଶା ଜଗରନଟ୍ସ। ରାତି ୮ଟା ୩୦ରେ ଦ୍ୱିତୀୟ ସେମିଫାଇନାଲରେ ଚେନ୍ନାଇ କୁଇକ୍ ଗନ୍ସ ଓ ତେଲୁଗୁ ଯୋଦ୍ଧାସ ମଧ୍ୟରେ ମୁକାବିଲା ହେବ। ତୃତୀୟ ସ୍ଥାନ ପାଇଁ ପ୍ଲେ-ଅଫ୍ ଓ ଫାଇନାଲ ୧୩ ତାରିଖରେ ଖେଳାଯିବ।

ଓଡ଼ିଶା ଜଗରନଟ୍ସ ଏଥର ଦ୍ୱିତୀୟ ସ୍ଥାନରେ ରହି ଲିଗ୍ ପର୍ଯ୍ୟାୟ ଶେଷ କରିଥିଲା। ଏହି ଦଳ ଖେଳିଥିବା ୧୦ ମ୍ୟାଚରୁ ୬ ବିଜୟ, ୨ ପରାଜୟ ଓ ୨ ଡ୍ର ସହ ୨୩ ପଏଣ୍ଟ ପାଇଥିଲା। ସବୁଠାରୁ ଉଲ୍ଲେଖନୀୟ ହେଲା ଶେଷ ୫ ମ୍ୟାଚରେ ଅପରାଜେୟ ରହିଛି ଘରୋଇ ଦଳ। ଏହା ମଧ୍ୟରେ ୪ ବିଜୟ ଅନ୍ତର୍ଭୁକ୍ତ। ନିଜର ଶେଷ ଲିଗ୍ ମ୍ୟାଚରେ ଏହି ଦଳ ମୁମ୍ବାଇ ଖିଲାଡିଜ୍‌କୁ ୩୪-୨୪ ପଏଣ୍ଟରେ ହରାଇ ଦେଇଥିଲା। ଚଳିତ ସିଜନର ଅନ୍ୟତମ ଶ୍ରେଷ୍ଠ ବଜିର ଦୀପକ ସାହୁ, ଗୌତମ ଏମ.କେ. ଓ ଦିଲୀପ ଖାଣ୍ଡଭିଙ୍କ ଭଳି ଖେଳାଳିମାନେ ଗୁରୁତ୍ୱପୂର୍ଣ୍ଣ ସମୟରେ ଦଳ ପାଇଁ ଉନ୍ନତ ପ୍ରଦର୍ଶନ କରିବାରେ ସକ୍ଷମ ହୋଇଛନ୍ତି। ଘରୋଇ ଦର୍ଶକଙ୍କ ସମ୍ମୁଖରେ ସେମିଫାଇନାଲରେ ଏମାନଙ୍କ ପ୍ରଦର୍ଶନ ଆହୁରି ଉତ୍ସାହଜନକ ରହିବା ଆଶା କରାଯାଉଛି। ଗୁଜରାଟ ଜାଏଣ୍ଟସ୍ ୧୦ ମ୍ୟାଚ ଖେଳିଥିବାବେଳେ ୬ ବିଜୟ, ୩ ପରାଜୟ ଓ ୧ ଡ୍ର ସହ ୨୧ ପଏଣ୍ଟରେ ରହି ଲିଗ୍ ପର୍ଯ୍ୟାୟ ଶେଷ କରିଛି। ଏହି ଦଳ ଯେଉଁ ଦଳଠାରୁ ପରାଜିତ ହୋଇଥିଲା ପରିବର୍ତ୍ତୀ ରିଭର୍ସ ମ୍ୟାଚରେ ତାକୁ ହରାଇ ପ୍ରତିଶୋଧ ନେବାରେ ସକ୍ଷମ ହୋଇଛି। ତେଣୁ ଓଡ଼ିଶା ଜଗରନଟ୍ସ ନିଜ ଗୁଜରାଟ ପ୍ରତିଦ୍ୱନ୍ଦ୍ୱୀକୁ ଗୁରୁତ୍ୱର ସହ ନେଉଛି। ଡିସେମ୍ବର ୩୦ରେ ଅନୁଷ୍ଠିତ ଲିଗ୍ ମ୍ୟାଚରେ ଓଡ଼ିଶା ଦଳ ୨୯-୩୪ରେ ଗୁଜରାଟଠାରୁ ହାରି ଯାଇଥିଲା। ଦୁଇ ଦଳ ମଧ୍ୟରେ ଜାନୁୟାରୀ ୬ରେ ଅନୁଷ୍ଠିତ ଦ୍ୱିତୀୟ ମୁକାବିଲାରେ କିନ୍ତୁ ଓଡ଼ିଶା ଜଗରନଟ୍ସ ୩୦-୨୭ରେ ଗୁଜରାଟକୁ ହରାଇବାରେ ସକ୍ଷମ ହୋଇଥିଲା। ତେଣୁ ଦୁଇ ସମକକ୍ଷ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଆଗାମୀ ମୁକାବିଲା ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି।

ଏ ସମ୍ପର୍କରେ ଓଡ଼ିଶା ଜଗରନଟ୍ସ ଅଧିନାୟକ ଦୀପେଶ ମୋରେ କହିଛନ୍ତି, ‘‘ଓଡିଶା ଜଗରନଟ୍ସ ଏକ ଉତ୍ତମ ଦଳ। ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଆମେ ବିଜୟୀ ହୋଇଥିବାରୁ ଆତ୍ମବିଶ୍ୱାସରେ ରହିଛୁ। ଆଗାମୀ ମ୍ୟାଚକୁ ଆମେ ଉତ୍କଣ୍ଠାର ସହ ଅପେକ୍ଷା କରିଛୁ। ଦର୍ଶକଙ୍କ ସମର୍ଥନ ଆମକୁ ଉଲ୍ଲସିତ କରିଛି। ଘରୋଇ ପରିବେଶରେ ଖେଳୁଥିଲେ ହେଁ ଆମେ କୌଣସି ଚାପରେ ନାହୁଁ। ସେମିଫାଇନାଲ ଜିତିବା ଆମର ଏକମାତ୍ର ଲକ୍ଷ୍ୟ। ଏହାପରେ ଆମେ ଫାଇନାଲ ସମ୍ପର୍କରେ ଚିନ୍ତା କରିବୁ’’। ଗୁଜରାଟ ଶେଷ ୫ ମ୍ୟାଚରୁ କେବଳ ୨ଟିରେ ବିଜୟୀ ହେବାରେ ସକ୍ଷମ ହୋଇଛି। ଦଳର ପ୍ରଦର୍ଶନରେ ସ୍ଥିରତା ରହିନାହିଁ। ସଙ୍କେତ କଦମ, ପି. ନରସାୟ ଓ ରାଜବର୍ଦ୍ଧନ ପାଟିଲଙ୍କ ଭଳି ଖେଳାଳି ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ‘‘ଓଡ଼ିଶା ଜଗରନଟ୍ସ ଏକ ଶକ୍ତିଶାଳୀ ଦଳ। ଜଗରନଟ୍ସ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳିବାକୁ ଯାଉଥିବାରୁ ଆମେ ସେହି ଅନୁସାରେ ରଣନୀତି ପ୍ରସ୍ତୁତ କରିଛୁ। ଦର୍ଶକଙ୍କ ସମର୍ଥନ ଆମ ବିପକ୍ଷରେ ରହିବ, ତେଣୁ କେବଳ ଶ୍ରେଷ୍ଠ ପ୍ରଦର୍ଶନ ଦେଇପାରିଲେ ଯାଇ ଆମେ ମ୍ୟାଚ ଜିତିପାରିବୁ। ପୂର୍ବ ମ୍ୟାଚଗୁଡ଼ିକରେ କରିଥିବା ତ୍ରୁଟିକୁ ସୁଧାରିବାକୁ ଉଦ୍ୟମ କରିବା ସହ ପ୍ରତିଦ୍ୱନ୍ଦ୍ୱୀ ଦଳର ଖେଳକୁ ଭିଡିଓ ବିଶ୍ଲେଷଣ ମାଧ୍ୟମରେ ଅନୁଧ୍ୟାନ କରୁଛୁ’’ ବୋଲି ଗୁଜରାଟ ଜାଏଣ୍ଟସ୍ ଅଧିନାୟକ ଅକ୍ଷୟ ପ୍ରକାଶ କରିଛନ୍ତି। ଅଲ୍‌ଟିମେଟ ଖୋ ଖୋ ସୋନି ସ୍ପୋର୍ଟ୍ସ ନେଟୱାର୍କ ଓ ସୋନି ଲିଭ୍‌ରେ ପ୍ରସାରିତ ହେଉଛି।


ଲିଗ୍ ମ୍ୟାଚ ଶେଷରେ ଉଲ୍ଲସିତ କୋଚ୍ ଓ ଖେଳାଳିମାନେ।

## ସିରିଜ୍‌ରୁ ବାଦ୍ ପଡ଼ିଲେ ରଶିଦ

ମୋହାଲି, ୧୦।୧ (ପି.ଟି): ଭାରତ ବିପକ୍ଷ ଟି୨୦ ସିରିଜ୍ ପୂର୍ବରୁ ଆଫଗାନିସ୍ତାନ ଦଳକୁ ବଡ଼ ଝଟ୍‌କା। ଷ୍ଟାର ସ୍ପିନର ରଶିଦ୍ ଖାନ ସମ୍ପୂର୍ଣ୍ଣ ସିରିଜରୁ ବାଦ୍ ପଡ଼ିଛନ୍ତି। ନଭେମ୍ବର ମାସରେ ରଶିଦଙ୍କ ବ୍ୟାକ୍ ସର୍ଜରି ହୋଇଥିଲା। ସିରିଜ୍ ପୂର୍ବରୁ ସେ ସୁସ୍ଥ ହୋଇଯିବା ନେଇ ଆଶା କରାଯାଉଥିଲା। ତେବେ ରଶିଦ ଫିଟ୍ ନ ହେବା କାରଣରୁ ତାଙ୍କୁ ବାଦ୍ ଦିଆଯାଇଥିବା ନେଇ ସୂଚନା ଦେଇଛନ୍ତି ଆଫଗାନିସ୍ତାନ ଅଧିନାୟକ ଇବ୍ରାହିମ୍ ଜାଦ୍ରାନ। ଆଫଗାନିସ୍ତାନର ଟ୍ରମ୍ପ କାର୍ଡ ରଶିଦ ଭାରତରେ ଦିନିକିଆ ବିଶ୍ୱକପ ପରେ ପିଠି ଅସ୍ତ୍ରୋପଚାର କରାଇଥିଲେ। ରଶିଦ ବର୍ତ୍ତମାନ ନିଜ ରିହାବ୍ କରୁଥିଲେ ମଧ୍ୟ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନାହାନ୍ତି। ତେବେ ତାଙ୍କ ଅନୁପସ୍ଥିତିରେ ଅନ୍ୟ ଯୁବ ଖେଳାଳିଙ୍କୁ ସୁଯୋଗ ମିଳିବ ବୋଲି ସେ କହିଛନ୍ତି। ଦଳରେ ମୁଜିବ୍ ଉର ରେହମାନ ଓ ନୁର ଅହମଦଙ୍କ ଭଳି ସ୍ପିନର ରହିଛନ୍ତି। ଉଭୟ ସ୍ପିନର ଭାରତୀୟ ପରିବେଶରେ ଅଧିକ ଖେଳିଥିବାରୁ ଏହା ଲାଭଦାୟକ ରହିବ ବୋଲି ସେ କହିଛନ୍ତି।

## ସାଇନାଙ୍କ ଆଉ ଏକ କୃତିତ୍ୱ

### ନର୍ଥ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଚେସ୍‌ରେ ଜିତିଲେ ଡବଲ ସ୍ୱର୍ଣ୍ଣ

ଭୁବନେଶ୍ୱର, ୧୦।୧ (ତପନ ସ୍ୱାଇଁ)

ଓଡ଼ିଶାର ମହିଳା ଅନ୍ତର୍ଜାତୀୟ ମାଷ୍ଟର ଚେସ୍ ତାରକା ସାଇନା ସାଲୋନିକା କ୍ୟାରିୟରରେ ଆଉ ଏକ କୃତିତ୍ୱର ଅଧିକାରିଣୀ ହୋଇଛନ୍ତି। ନିଜ ନେତୃତ୍ୱରେ ସେ ନର୍ଥ ଜୋନ୍ ଆନ୍ତଃ ବିଶ୍ୱବିଦ୍ୟାଳୟ ଚେସ୍ ଟୁର୍ନାମେଣ୍ଟରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟକୁ ଚାମ୍ପିୟନ କରାଇଛନ୍ତି। ଝାନ୍‌ସୀର ବୁନ୍ଦେଲଖଣ୍ଡ ବିଶ୍ୱବିଦ୍ୟାଳୟ ପରିସରରେ ଚଳିତ ମାସ ୮ରୁ ୧୦ ପର୍ଯ୍ୟନ୍ତ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଛି। ଏଥିରେ ପଟିଆଲାର ପଞ୍ଜାବୀ ବିଶ୍ୱବିଦ୍ୟାଳୟ ରୌପ୍ୟ ଓ ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟ ଶିମ୍‌ଲା ବ୍ରୋଞ୍ଜ ପଦକ ହାସଲ କରିଛି। ସାଇନା ସମ୍ପ୍ରତି ଦିଲ୍ଲୀର ମିରାଣ୍ଡା ହାଉସ୍ କଲେଜରେ ଅଧ୍ୟୟନ କରୁଛନ୍ତି। ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଦଳରେ ସାଇନାଙ୍କ ବ୍ୟତୀତ ଆରୁଶୀ କୋଟୱାଲ, ତନିସ୍କା କୋଟିଆ, ଅଞ୍ଜିଆ କ୍ରିଷ୍ଣା କୁମାର ଓ ପୂର୍ଣ୍ଣିମା ଗୁପ୍ତା ସାମିଲ ଥିଲେ। ପ୍ରତିଯୋଗିତାରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଏହାର ୫ ପ୍ରତିଦ୍ୱନ୍ଦ୍ୱୀ ଦଳ ଶ୍ରୀନଗରର ଗେରୱାଲ ବିଶ୍ୱବିଦ୍ୟାଳୟ, ସିମ୍‌ଲାର ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟ, ପଟିଆଲାର ପଞ୍ଜାବୀ ବିଶ୍ୱବିଦ୍ୟାଳୟ, ଚଣ୍ଡିଗଡ଼ର ପଞ୍ଜାବ ବିଶ୍ୱବିଦ୍ୟାଳୟ ଓ ଦିଲ୍ଲୀର ଏନ୍‌ଏସ୍‌ୟୁଟିକୁ ହରାଇ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା। ସମସ୍ତ ୫ଟି ଯାକ ଗେମ୍ ଜିତିଥିବାରୁ ସାଇନା ବୋର୍ଡ-୧ରେ ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ମଧ୍ୟ ହାସଲ କରିଛନ୍ତି। ଗତବର୍ଷ ମଧ୍ୟ ସାଇନାଙ୍କ ନେତୃତ୍ୱରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା। ବ୍ୟକ୍ତିଗତ ଓ ଦଳଗତ ସଫଳତା ପାଇଁ ସାଇନା ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଦଳକୁ ମିରାଣ୍ଡା ହାଉସ କଲେଜ ପ୍ରଫେସର ବିଜୟଲକ୍ଷ୍ମୀ ନନ୍ଦ, କ୍ରୀଡ଼ା ନିର୍ଦ୍ଦେଶକ ଅମ୍ରିତା ରାଣା, କ୍ରୀଡ଼ା ସଂଯୋଜକ ନୀରୁ ଯାଦବ ଅଭିନନ୍ଦନ ଜଣାଇଛନ୍ତି।



ଟ୍ରଫି ସହ ସାଇନା ସାଲୋନିକା।

## ଦୃଷ୍ଟିବାଧିତ ମହିଳା କ୍ରିକେଟ: ଓଡ଼ିଶା ସେମିରେ

ଭୁବନେଶ୍ୱର, ୧୦।୧

(ସରୋଜ ଜେନା)

କର୍ଣ୍ଣାଟକର ହୁବାଲିସ୍ଥିତ ରେଲୱେ କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ୪ର୍ଥ ଜାତୀୟ ଦୃଷ୍ଟିବାଧିତ ମହିଳା କ୍ରିକେଟ ଟୁର୍ନାମେଣ୍ଟର ସେମି ଫାଇନାଲରେ ପ୍ରବେଶ କରିଛି ଓଡ଼ିଶା। ବୁଧବାର ମଧ୍ୟପ୍ରଦେଶକୁ ୧୦ ଉଇକେଟରେ ପରାସ୍ତ କରିବା ସହିତ ଓଡ଼ିଶା କ୍ରମାଗତ ତୃତୀୟ ବିଜୟ ସହିତ ସେମିରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ମଧ୍ୟପ୍ରଦେଶ ୧୫ ଓଭରରେ ସମସ୍ତ ଉଇକେଟ ହରାଇ ୧୦୪ ରନ୍ କରିଥିଲା। ଓଡ଼ିଶା ପକ୍ଷରୁ ରଚନା ଜେନା ୨ ଉଇକେଟ ନେଇଥିଲେ। ଜବାବରେ ଝିଲି ବିରୁଆଙ୍କ ୫୬ ଓ ରଚନା ଜେନାଙ୍କ ୩୯ ରନ୍ ବଳରେ ଓଡ଼ିଶା ୧୨.୩ ଓଭରରେ ବିନା କ୍ଷତିରେ ୧୦୫ ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ଝିଲିଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଗୁରୁବାର ପ୍ରଥମ ସେମି ଫାଇନାଲ ଓଡ଼ିଶା ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ଖେଳାଯିବ।


ପୁରସ୍କାର ସହ ଝିଲି ବିରୁଆ।




4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ







E-BOOK TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI DEALERSHIP.

**JYOTE MOTORS**
BHUBANESWAR: LEWIS ROAD: 9798190190. NAYAPALLI: 9798190190. TAMANDO: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.

**SKY AUTOMOBILES**
BHUBANESWAR: PATIA : 7381045356. CUTTACK: 9776677771, 7381873818. DHENKANAL: 7381045357. NARSHINGPUR: 7381045357. KAMAKHYANAGAR: 7381045357. JAJPUR: 9776900777, SALEPUR: 9583544555, CHANDIKHOL: 9583544555, TANGI: 7381045356.

**NARAYANI MOTORS**
BHUBANESHWAR: RASULGARH: 9583022019,7440019592,9583022013. JAGATSINGHPUR: 9583022090. PURI: 9583022035. NIMAPARA: 7381094851. PARADEEP: 9583022034/48. PURI HIGHWAY PIPLI: 9583022013. TIRTOL: 7381000159.

**ODYSSEY MOTORS**
ANGUL: 7752076136, 9776901481, PALLAHARA: 7873565435, 9437831123.

**TUSHI MOTORS**
CUTTACK: 9078076450. PANIKOILI: 9078076450. ATHAGARH: 9078076450.

*Offer includes consumer offer, exchange bonus and corporate offer (wherever applicable). Above mentioned savings amount is the value of maximum savings on selected models. Terms and conditions apply. ^100% on-road funding is provided by select financiers only. #Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. For more details, please contact your nearest ARENA dealership. Features and accessories shown may not be part of standard fitment. Black glass shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above shown offers are valid for limited period on selected models and in select states only. Offer valid till 31st January 2024 or till stocks last, whichever is earlier.